# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଅକ୍ଟୋବର ୨/୨୦୧୯ (୨୦ ପୃଷ୍ଠା+ ସାହିତ୍ୟାୟନ) | Berhampur, Wednesday, October 2/2019 | ★★★

୧୫ଶ ଭାଗ ୨୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ରିଲିଜ୍ ହେଲା 'ଦବଙ୍ଗ-୩'ର ପ୍ରମୋ

ସଲମାନ୍ ଖାନ୍‌ଙ୍କ ମୋଷ୍ଟ ଆୱେଟେଡ୍ ଫିଲ୍ମ 'ଦବଙ୍ଗ-୩'ର ପ୍ରମୋ ରିଲିଜ୍ ହୋଇଛି। ନିଜେ ଚୁଲବୁଲ୍ ପାଣ୍ଡେ ଫିଲ୍ମର ପ୍ରମୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

୧୪

୧୮

## ଅମିତଙ୍କ ଗୋଲରେ ଭାରତ ବିଜୟୀ

ଆଣ୍ଟ୍ୱେର୍ପଠାରେ ଅନୁଷ୍ଠିତ ହକି ମ୍ୟାଚରେ ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ ଗୋଲ ଦେଇ ବେଲଜିୟମ ବିପକ୍ଷରେ ଭାରତକୁ ବିଜୟୀ କରାଇଛନ୍ତି।



# ଆଜିଠୁ 'ମୋ ସରକାର'

## ପ୍ରତିଦିନ ୧୦ ଲୋକଙ୍କ ମତାମତ ନେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

**ପ୍ରଥମେ ଥାନା, ହସ୍ପିଟାଲ**

- ଶହୀଦନଗର ଥାନା, କ୍ୟାପିଟାଲ ହସ୍ପିଟାଲରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ
- ଭଲ ସେବା ଦେଲେ ଅଧିକାରୀଙ୍କୁ ମିଳିବ ପୁରସ୍କାର, ଖରାପ ସେବା ପାଇଁ ତିରସ୍କାର

ଏକ ମାସର ପ୍ରସ୍ତୁତି ପରେ ବୁଧବାରଠାରୁ ରାଜ୍ୟରେ ଆରମ୍ଭ ହେବ 'ମୋ ସରକାର' କାର୍ଯ୍ୟକ୍ରମ। ସରକାରୀ ସେବାକୁ ନେଇ ଜନତା ଦେବେ ମତ। ଭଲ ସେବା ଦେଲେ ଅଧିକାରୀ ଓ କର୍ମଚାରୀଙ୍କୁ ମିଳିବ ପୁରସ୍କାର, ଖରାପ ସେବା ପାଇଁ ହେବେ ତିରସ୍କାର। ପ୍ରାଥମିକ ପର୍ଯ୍ୟାୟରେ ଥାନା ଓ ହସ୍ପିଟାଲକୁ ଏଥିରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରର ଶହୀଦନଗର ଥାନା ଓ କ୍ୟାପିଟାଲ ହସ୍ପିଟାଲରୁ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସେଠାରେ ମୁଖ୍ୟମନ୍ତ୍ରୀ ଅଭିଯୋଗକାରୀଙ୍କ ସହ ସିଧା ଫୋନ୍‌ରେ କଥାହେବେ। ଥାନାକୁ ଗଲେ କିଭଳି ବ୍ୟବହାର କରାଯାଉଛି, ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଲୋକଙ୍କୁ ପଚାରିବୁଝିବେ। ସେହିଭଳି ହସ୍ପିଟାଲରେ ଚିକିତ୍ସା ସେବାକୁ ଆହୁରି ବ୍ୟାପକ କରିବାକୁ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ରହିଛି। ଆଡ୍‌ମିଶନଠାରୁ ଡିସ୍‌ଚାର୍ଜ ପର୍ଯ୍ୟନ୍ତ ଟିକିନିଖି ସେବା ସଂକ୍ରାନ୍ତରେ ରୋଗୀଙ୍କଠାରୁ ମଧ୍ୟ ଫିଡ୍‌ବ୍ୟାକ୍ ନିଆଯିବ। ଲୋକେ ଭଲ କହିଲେ ଅଧିକାରୀଙ୍କୁ ପ୍ରଶଂସା ସାଙ୍ଗକୁ ପଦୋନ୍ନତି ମିଳିବ। କର୍ତ୍ତବ୍ୟରେ ଅବହେଳା ଜଣାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ '୫-ଟି'କୁ ଆଧାର କରି 'ମୋ ସରକାର' କାର୍ଯ୍ୟକ୍ରମ ବାସ୍ତବ ରୂପ ନେବ। ଏଥିପାଇଁ ପ୍ରତିଦିନ ଥାନା ଓ ହସ୍ପିଟାଲକୁ ଆସୁଥିବା ୧୦ଜଣ ଲୋକଙ୍କର ମତାମତ ନେବେ ମୁଖ୍ୟମନ୍ତ୍ରୀ। ହସ୍ପିଟାଲ ଓ ଥାନାର ସ୍ୱଚ୍ଛତା ସହ ବିଭିନ୍ନ ସେବା ସଂକ୍ରାନ୍ତରେ ଉଚ୍ଚପଦସ୍ଥ ଅଧିକାରୀ ଓ ବିଭାଗୀୟ ମନ୍ତ୍ରୀ ମଧ୍ୟ ଲୋକଙ୍କୁ ଫୋନ୍ କରି ପଚାରିବୁଝିବେ। ସେବାକୁ ନେଇ ଲୋକେ ମାର୍କ ନେବେ। ଏଥିପାଇଁ 'ମୋ ସରକାର' ନାମରେ ସ୍ୱତନ୍ତ୍ର ପୋର୍ଟାଲ କାର୍ଯ୍ୟ କରିବ। ଏଥିରେ ଅଭିଯୋଗକାରୀଙ୍କ ଫୋନ୍ ନମ୍ବର ପଞ୍ଜୀକରଣ କରାଯିବ। ଏଥିରେ ସଫଳତା ମିଳିଲେ ଅନ୍ୟ ବିଭାଗରେ ମଧ୍ୟ ଆରମ୍ଭ ହେବ।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ବିରୋଧୀମାନେ ସମାଲୋଚନା କରିଛନ୍ତି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ଉପଯୁକ୍ତ ଭିତ୍ତିଭୂମି ନ ଥିବାବେଳେ ସରକାର ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ଏହା କେବଳ ଲୋକଦେଖାଣିଆ। କିଛି ସୁଫଳ ମିଳିପାରିବ ନାହିଁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଯାହା ହୋଇନାହିଁ ବାଲୁତ କାଳେ ତାହା କି ହେବ କାଳେ କାଳେ। ସରକାର ୨୦ ବର୍ଷରେ ଯାହା କରିପାରିଲେ ନାହିଁ, ଏବେ ବାହାରିଛନ୍ତି ତାହା କରିବା ପାଇଁ। ଏହା ମୋ ସରକାର କାର୍ଯ୍ୟକ୍ରମ ନୁହେଁ, ଆମ ସରକାର କାର୍ଯ୍ୟକ୍ରମ କରିଲେ ଭଲ ହେବ। ଯଦି ଲୋକେ ସୁବିଧା ପାଇବେ, ତାହାକୁ ଆମେ ସ୍ୱାଗତ କରିବୁ।



ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।

**ଆଜିଠୁ ସବୁ ସହରରେ ପଲିଥିନ ନିଷେଧ**

........୪........

**ଏନ୍‌ଆର୍‌ଆର୍‌ଆଇର ୩ ଧାନ କିସମ**

........୧୬........

**ଆଜିର ସମ୍ପାଦକୀୟ**

ଖାତିର ନା ବେଖାତିର

**ଆଜିର ମନ୍ତବ୍ୟ**

"ଚାଇନାର ଅଗ୍ରଗତିକୁ କୌଣସି ଶକ୍ତି ରୋକିପାରିବ ନାହିଁ।

–ଜି ଜିନ୍‌ପିଙ୍ଗ୍, ଚାଇନା ରାଷ୍ଟ୍ରପତି


NECC NATIONAL EGG CO-ORDINATION COMMITTEE 01.10.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 68 | 109 | 129 |
| DKL | 65 | 103 | 123 |
| BDK | 60 | 106 | 126 |
| BLS | 60 | 106 | 126 |
| ANG | 68 | 109 | 129 |
| BHM | 60 | 106 | 116 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers






## ସଂକ୍ଷେପରେ

### ଚୋରା କିରୋସିନ, ବାଇକ୍ ଜବତ: ୨ ଗିରଫ

ଭଞ୍ଜନଗର,୧।୧୦(ଡି.ଏନ.ଏ.): ବେଲଗୁଣ୍ଠା ଫାଣ୍ଡି ପୋଲିସ ମଙ୍ଗଳବାର ଅପରାହ୍ଣରେ ଚୋରା କିରୋସିନ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସରୋଜ ସାହୁ, ହର୍ଷ ଭୋଳ। ସେମାନଙ୍କ ଠାରୁ ୪୦ ଲିଟର କିରୋସିନ ଓ ଏକ ବାଇକ ଜବତ କରାଯାଇଛି। ପ୍ରକାଶ ଯେ, କେନ୍ଦ୍ର ସରକାର କିରୋସିନ ଉପରୁ ସବ୍‌ସିଡ଼ି ଧୀରେଧୀରେ ପ୍ରତ୍ୟାହାର କରୁଛନ୍ତି। ଫଳରେ ପ୍ରତ୍ୟେକ ମାସରେ କିରୋସିନ ଲିଟର ପିଛା ୫୦ ପଇସା ବୃଦ୍ଧି ପାଉଛି। ବର୍ତ୍ତମାନ କିରୋସିନ ଲିଟର ୩୫ ଟଙ୍କାରୁ ଊର୍ଦ୍ଧ୍ୱ ଅଛି। ଲୋକେ ଏବେ ବିଭିନ୍ନ ଯୋଜନାରେ ବିଜୁଳି ଓ ଗ୍ୟାସ ପାଇ ଯାଉଛନ୍ତି। ତେଣୁ କିରୋସିନ ବ୍ୟବହାର ପୂର୍ବ ଅପେକ୍ଷା କମିଛି। ପୂର୍ବରୁ ସରକାର ପରିବାର ପିଛା ୫ଲିଟର କିରୋସିନ ଦେଉଥିଲେ। କିନ୍ତୁ ବର୍ତ୍ତମାନ ୩ ଲିଟର ଦେଉଛନ୍ତି। ତଥାପି ଉପଭୋକ୍ତାମାନେ ନେଉନାହାନ୍ତି। ଫଳରେ ପଞ୍ଚାୟତ ଗୁଡ଼ିକରେ କିରୋସିନ ବଳକା ରହୁଛି। ଏହାର ସୁଯୋଗ ନେଇ କିଛି କର୍ମଚାରୀ ଚୋରାରେ ବିକୁଛନ୍ତି। ଉକ୍ତ କିରୋସିନ ଯାନବାହାନରେ ବ୍ୟବହାର ହେଉଛି। ଏହିଭଳି ଉକ୍ତ ୨ ଯୁବକ ଚୋରାରେ କିରୋସିନ ନେଉଥିବା ବେଲଗୁଣ୍ଠା ପୋଲିସ ଖବର ପାଇ ଗିରଫ କରିଥିଲା। କେଉଁଠୁ ସେମାନେ କିରୋସିନ ନେଉଥିଲେ ତଦନ୍ତ ଚାଲିଛି।

### ଫାଇନାନ୍ସ କର୍ମଚାରୀଙ୍କଠାରୁ ୮୦ ହଜାର ଟଙ୍କା ଲୁଟ୍

ଆସିକା,୧।୧୦(ଡି.ଏନ୍.ଏ.): ଆସିକା ଥାନା କୋଦିନ୍ଦା ଫାଣ୍ଡି ଭେଙ୍କଟରାଇପଲ୍ଲୀ ମାଗୁରା ରାସ୍ତାରେ ସୋମବାର ମଧ୍ୟାହ୍ନରେ ଜଣେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଏଜେଣ୍ଟଙ୍କ ଠାରୁ ୮୦ ହଜାର ଟଙ୍କା ଲୁଟ୍ ହୋଇଛି। ଏନେଇ ସମ୍ପୃକ୍ତ ଏଜେଣ୍ଟ କୃଷ୍ଣଚନ୍ଦ୍ର ସାହୁ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ନଂ.୩୩୮/୧୯ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭାରତ ଫାଇନାନ୍ସ ସଂସ୍ଥାର ଏଜେଣ୍ଟ କୃଷ୍ଣଚନ୍ଦ୍ର ଜମା ଟଙ୍କା ସଂଗ୍ରହ କରି ସେହି ରାସ୍ତାରେ ଆସିକା ଫେରୁଥିଲେ। ଏକ ବାଇକରେ ୩ଜଣ ଯୁବକ ଆସି ତାଙ୍କୁ ରାସ୍ତାରେ ଅଟକାଇ ଟଙ୍କା ଛଡାଇ ନେଇ ଚମ୍ପଟ ମାରିଥିଲେ।

### ଦୁର୍ଘଟଣାରେ ୨ ଗୁରୁତର

ଦାରିଙ୍ଗବାଡ଼ି,୧।୧୦(ଡି.ଏନ.ଏ): ଦାରିଙ୍ଗବାଡ଼ି ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ବାଇକ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବ୍ରାହ୍ମଣୀଗାଁ ଥାନା ହାତିମୁଣ୍ଡା ପଞ୍ଚାୟତ ତାମାଙ୍ଗି ଗ୍ରାମର ବିକ୍ରମ ସିଂ ଏବଂ ଦିପ୍ତୀ କୁମାର ସିଂ। ଦାରିଙ୍ଗବାଡ଼ି ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଦାରିଙ୍ଗବାଡ଼ି ମେଡିକାଲକୁ ନେଇଥିଲେ। ପ୍ରକାଶ ଯେ, ଦୁହେଁ ନିଜ ଗ୍ରାମରୁ ବାଇକ (ନଂ.ଓଆର୦୨- ବିକେ-୪୫୯୬)ରେ ବାହାରି ବାଲିଗୁଡ଼ା ଅଭିମୁଖେ ଯାଉଥିଲେ। ୫୯ ନଂ ଜାତୀୟ ରାଜପଥର ବୁଡାଗୁଡ଼ା ଛକଠାରେ ରାତି ପ୍ରାୟ ସାଢ଼େ ୭ଟାରେ ଦୁର୍ଘଟଣା ଘଟିଥିଲା। ରାଜପଥ ସମ୍ପ୍ରସାରଣ କାମ ଚାଲିଥିବାରୁ ରାସ୍ତା ଜଣାନପଡିବାରୁ ଦୁର୍ଘଟଣା ଘଟିଥିଲା।

### ମଦ ଜବତ, ୨ ଗିରଫ

ଦାରିଙ୍ଗବାଡ଼ି,୧।୧୦(ଡି.ଏନ.ଏ): ଦାରିଙ୍ଗବାଡ଼ି ଥାନା ପକ୍ଷରୁ ମଙ୍ଗଳବାର ବସ୍ଥଣ୍ଡ ଅଞ୍ଚଳରେ ଚଢ଼ାଉ କରାଯାଇ ୨୧ ଲିଟର ଦେଶୀ ମଦ ଜବତ କରାଯିବାସହ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମନୋରଞ୍ଜନ ନାୟକ ଏବଂ ସୁନାମ ଚନ୍ଦ୍ର ନାୟକ। ନଂ.୯୮/୧୯ ଓ ୯୯/୧୯ରେ ମାମଲା ରୁଜୁ କରାଯାଇଛି। ଆଇଆଇସି କୌଶିକ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଗୋପାଳକୃଷ୍ଣ ଆଗୁପାତ୍ର, ଅନିଲ କୁମାର ଦେବତ୍ତା, ସୌମ୍ୟରଞ୍ଜନ ଜେନା, ଆର. ଭିମୋରାଓ ରେଡ୍ଡୀ ପ୍ରମୁଖ ଏହି ଚଢ଼ାଉ କରିଥିଲେ।

# ଉଗ୍ରରୂପ ନେଲା ମାଛଧରା ବିବାଦ

- ଚନ୍ଦନବାଡ଼-ରାମେୟାପାଟଣା ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ
- ଉଭୟ ପକ୍ଷରୁ ୧୧ ଆହତ, ୫ ପ୍ଲାଟୁନ ଫୋର୍ସ ମୁତୟନ

ଗୋପାଳପୁର/କନିଷି,୧।୧୦(ଡି.ଏନ୍.ଏ.)


ଚନ୍ଦନବାଡ଼ର କେ. ଜାନକୀ ଗୁରୁତର ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ନିଆଯାଉଛି।

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ରାମେୟାପାଟଣା ଓ ଚନ୍ଦନବାଡ଼ ଗ୍ରାମବାସୀଙ୍କ ମଧ୍ୟରେ ମାଛଧରାକୁ ନେଇ ବିବାଦ ଲାଗି ରହିଥିଲା। ଏହି ବିବାଦ ସୋମବାର ରାତିରେ ଉଗ୍ରରୂପ ନେଇଥିଲା। ଦୁଇ ଗ୍ରାମବାସୀଙ୍କ ଆକ୍ରମଣ ଓ ପ୍ରତିଆକ୍ରମଣରେ ଉଭୟ ପକ୍ଷରୁ ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଛି। ଉଭୟ ଗ୍ରାମରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଗୋଳନ୍ଥରା ଥାନାରେ ସ୍ଥାନୀୟ ପ୍ରଶାସନ, ପୋଲିସ ଓ ଉଭୟ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ବୈଠକ ହୋଇଥିଲା। ଆଗକୁ ଆଉ ଏପରି ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିବେ ନାହିଁ ବୋଲି ଉଭୟ ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି।

ପୂର୍ବପୁରୁଷରୁ ଚନ୍ଦନବାଡ଼ର ମତ୍ସ୍ୟଜୀବୀମାନେ ବାହୁଦା ନଦୀରୁ ମାଛମାରି ଜୀବିକା ନିର୍ବାହ କରି ଆସୁଥିଲେ। ତେବେ ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ନଦୀର ଅପରପାର୍ଶ୍ୱରେ ଥିବା ରାମେୟାପାଟଣା ଗ୍ରାମବାସୀ ମଧ ସେଠାରୁ ମାଛ ଧରିବା ଆରମ୍ଭ କରିବାରୁ ଚନ୍ଦନବାଡ଼ର ମତ୍ସ୍ୟଜୀବୀମାନେ ବିରୋଧ କରିଥିଲେ। ଏହାକୁ ନେଇ ୨ ଗ୍ରାମବାସୀଙ୍କ ମଧ୍ୟରେ ବାଦ ବିବାଦ ଲାଗି ରହିଥିଲା। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ନଦୀର ଉକ୍ତ ଅଞ୍ଚଳରେ ଗତବର୍ଷଠାରୁ ୧୪୪ ଧାରା ଜାରି କରିଥିଲା। ତଥାପି ରାମେୟାପାଟଣାବାସୀ ସେଠାରୁ ମାଛ ଧରୁଥିଲେ। ସୋମବାର ରାତିରେ ମାଛ ମାରିବା ପାଇଁ ଉଦ୍ୟମ ଚାଲିଥିବା ବେଳେ ଚନ୍ଦନବାଡ଼ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପରେ ଏହାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଖବରପାଇ ରାତିରେ ବ୍ରହ୍ମପୁର ସଦର ଏସଡିପିଓ ଜୟନ୍ତ ମହାପାତ୍ର, ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ୨ ଗ୍ରାମବାସୀଙ୍କୁ ଏସଡିପିଓ ମହାପାତ୍ର ବୁଝାଶୁଝା କରିଥିଲେ। ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ପ୍ରତିଶୋଧପରାୟଣ ହୋଇ ରାମେୟାପାଟଣାବାସ ପୁଣି ଠେଙ୍ଗା, କାତି ଧରି ଚନ୍ଦନବାଡ଼ ଗ୍ରାମରେ ପଶି ଢ଼େଲା, ପଥର, ଲଙ୍କାଗୁଣ୍ଡ ଓ କାଚ ଫିଙ୍ଗିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିଲା। ଖବରପାଇ ପୁଣି ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବ୍ରହ୍ମପୁର ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ମିଶ୍ର, ସଦର ଏସଡିପିଓ ମହାପାତ୍ର, ମେରାଇନ ଥାନାଧିକାରୀ ଗୌରାଙ୍ଗ ଚରଣ ସାହୁ, ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ଗ୍ରାମର ୧୧ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ରାମେୟାପଟଣାର ପି. ରାମେୟା ଓ ଚନ୍ଦନବାଡ଼ର କେ. ଜାନକୀଙ୍କ ଅବସ୍ଥା ଗୁରୁତର ରହିଥିଲା। ଉଭୟେ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ରାମେୟାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଛି। ମଧ୍ୟାହ୍ନରେ ଗୋଳନ୍ଥରା ଥାନା ପରିସରରେ ଚିକିଟି ତହସିଲଦାର, ଅତିରିକ୍ତ ତହସିଲଦାର, ଚିକିଟି ବ୍ଲକ ଚେୟାରମ୍ୟାନ ଓ ଦୁଇ ଗ୍ରାମର ୧୦ ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ବୈଠକ ହୋଇଥିଲା। ଆଗାମୀ ଦିନରେ ଆଉ କେହି ବିଶୃଙ୍ଖଳା ସୃଷ୍ଟି କରିବେନି ବୋଲି ଉଭୟ ଗ୍ରାମବାସୀ ଲିଖିତ ଭାବେ ଥାନାରେ ଜଣାଇଛନ୍ତି। ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ଓ ଉଭୟ ଗ୍ରାମରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ପୋଲିସ ସୂଚନା ଦେଇଛି।

### ଅସୁସ୍ଥ ଛାତ୍ରୀଙ୍କ ମୃତ୍ୟୁ, ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

ଫିରିଙ୍ଗିଆ, ୧।୧୦

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ହାଇସ୍କୁଲର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ଗତ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗୋଚ୍ଛାପଡା ପଞ୍ଚାୟତ ଖଜୁରିଗାଁ ଗ୍ରାମର ଜସ୍ମିନ ଦିଗାଲ। ଏହି ଘଟଣାରେ ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କୁ ଜିଲାପାଳ ଡା.ବୃନ୍ଦା ଡି. କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏଥିସହ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ସରକାରଙ୍କ ନିକଟକୁ ଚିଠି ପଠାଯାଇଛି। ଗୋଚ୍ଛାପଡା ହାଇସ୍କୁଲ ହଷ୍ଟେଲରେ ରହୁଥିବା ଜସ୍ମିନଙ୍କୁ ଜ୍ୱର ହେଉଥିଲା। ପ୍ରଧାନଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ତାଙ୍କୁ ଚିକିତ୍ସା ପାଇଁ ନ ନେଇ ଅବହେଳା କରିଥିଲେ। ଖବରପାଇ ଜସ୍ମିନଙ୍କ ମା' ବାପା ୨୬ ତାରିଖରେ ତାଙ୍କୁ ଫୁଲବାଣୀ ମେଡିକାଲକୁ ଆଣିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଜସ୍ମିନଙ୍କର ସିକଲ୍‌ସେଲ ରୋଗ ଥିବା ପରିବାର ଲୋକେ କହିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅରବିନ୍ଦ ରାଏ ପ୍ରମୁଖ ଯାଇ ମୃତା ଛାତ୍ରୀଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

## ହିଞ୍ଜିଳିକାଟୁ କୋର୍ଟରେ ସି-ଶୋର ସିଏମ୍‌ଡିଙ୍କ ଆତ୍ମସମର୍ପଣ

ହିଞ୍ଜିଳିକାଟୁ,୧।୧୦(ଡି.ଏନ୍.ଏ.)


କୋର୍ଟରେ ଆତ୍ମସମର୍ପଣ କରିବାକୁ ଆସିଥିବା ପ୍ରଶାନ୍ତ ଦାଶ।

ସି-ଶୋର ଚିଟ୍‌ଫଣ୍ଡ ସଂସ୍ଥା ସିଏମ୍‌ଡି ପ୍ରଶାନ୍ତ କୁମାର ଦାଶ ମଙ୍ଗଳବାର ହିଞ୍ଜିଳିକାଟୁ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ଆତ୍ମ ସମର୍ପଣ କରିଛନ୍ତି। ହାଇକୋର୍ଟଙ୍କ ଅନ୍ତରୀଣ ଜାମିନ ନିର୍ଦ୍ଦେଶକ୍ରମେ ହିଞ୍ଜିଳିକାଟୁ କୋର୍ଟରୁ ସେ ୨ ଜଣ ଜାମିନଦାରଙ୍କ ଜରିଆରେ ୩୦ ହଜାର ଟଙ୍କା ଲେଖାଏ ମୁଚାଲିକାରେ ଜାମିନ ପାଇଛନ୍ତି। ହିଞ୍ଜିଳିକାଟୁ ଥାନା ସାହିର ଏଲ. ଶଙ୍କର ରାଓ ସି-ଶୋର ଗଞ୍ଜାମ ମଲ୍ଟି ପର୍ପୋଜ କୋ-ଅପରେଟିଭ ଲି. କମ୍ପାନୀରେ ୨.୫ଲକ୍ଷ ଟଙ୍କା ନିଜ ସହ ମା' ଓ ଭଉଣୀଙ୍କ ନାମରେ ଜମା କରିଥିଲେ। ମାଚ୍ୟୁରିଟି ପରେ ଟଙ୍କା ନ ମିଳିବାରୁ ଶଙ୍କର ୨୦୧୩ ରେ କମ୍ପାନୀର ହିଞ୍ଜିଳିକାଟୁରେ ଥିବା ତତ୍କାଳୀନ ଏଜେଣ୍ଟ କୁମୁଦ ରଞ୍ଜନ ପାଢ଼ୀଙ୍କ ନାମରେ ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ନଂ.୧୧୨/୧୩ରେ ମାମଲା ରୁଜୁ କରିଥିଲା। ଶଙ୍କରଙ୍କୁ ଏକ ବ୍ଲାଙ୍କ୍ ଚେକ ଦେଇଥିବା ଅଭିଯୋଗରେ କୁମୁଦଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଏହି ମାମଲାରେ ପୋଲିସ ସି-ଶୋର ସିଏମ୍‌ଡି ପ୍ରଶାନ୍ତ କୁମାର ଦାଶଙ୍କ ନାମରେ ମଧ ମାମଲା ଯୋଡିଥିଲା। ମଙ୍ଗଳବାର ଓକିଲ ନିର୍ମଳ କୁମାର ସାହୁଙ୍କ ଜରିଆରେ ସେ ହିଞ୍ଜିଳିକାଟୁ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆତ୍ମସମର୍ପଣ କରିଥିବାରୁ ପ୍ରଶାନ୍ତ ରେଗୁଲାର ଜାମିନ ପାଇଛନ୍ତି ବୋଲି ଓକିଲ ସାହୁ କହଛନ୍ତି।

### ଟଙ୍କା ଭର୍ତ୍ତି ବ୍ୟାଗ ଲୁଟ୍ ଉଦ୍ୟମ ବିଫଳ

ଦିଗପହଣ୍ଡି, ୧।୧୦(ଡି.ଏନ୍.ଏ.)

ଦିଗପହଣ୍ଡି ପୋଷ୍ଟ ଅଫିସ ସମ୍ମୁଖ ମୁଖ୍ୟ ରାସ୍ତାରେ ସୋମବାର ଦମ୍ପତିଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ରେ ଗୋକର୍ଣ୍ଣପୁର ଗ୍ରାମର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଏସ. ଚିନ୍ତାମଣି ଦୋରା ଓ ତାଙ୍କ ସ୍ତ୍ରୀ ଦିଗପହଣ୍ଡି ଷ୍ଟେଟ ବ୍ୟାଙ୍କରୁ ୧ ଲକ୍ଷ୯୦ ହଜାର ଟଙ୍କା ଉଠାଇ ବାଇକରେ ନିକଟସ୍ଥ ପୋଷ୍ଟ ଅଫିସକୁ ଆସୁଥିଲେ। ବାଇକରେ ପିଛା କରୁଥିବା ୨ଜଣ ଦୁର୍ବୃତ୍ତ ପୋଷ୍ଟ ଅଫିସ ସାମନାରେ ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପିନେବାକୁ ଉଦ୍ୟମ କରିଥିଲେ। ଦମ୍ପତିଙ୍କ ପାଟି ଶୁଣି ରାସ୍ତାରେ ଯାଉଥିବା ଲୋକେ ଆସିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଦମ୍ପତିଙ୍କ ଅଭିଯୋଗକ୍ରମେ ଦିଗପହଣ୍ଡି ପୋଲିସ ନଂ.୧୯୫/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।



### ଖଟିଆରେ ପ୍ରସୂତିଙ୍କୁ ନଦୀ ପାର କଲେ ଲୋକେ

ଫୁଲବାଣୀ ଅଫିସ/ଶଙ୍କରାଖୋଲ, ୧।୧୦(ଡି.ଏନ୍.ଏ.): କନ୍ଧମାଳ ଜିଲା ଚକାପାଦ ବ୍ଲକ ପସରା ପଞ୍ଚାୟତ ଜୁଇଖୋଲ ଗ୍ରାମର ବସନ୍ତ ପ୍ରଧାନଙ୍କ ସ୍ତ୍ରୀ ବାରିବତୀଙ୍କର ମଙ୍ଗଳବାର ଅପରାହ୍ଣରେ ପ୍ରସବ ଯନ୍ତ୍ରଣା ହୋଇଥିଲା। ଗତ ହୁଦ୍‌ହୁଦ୍ ବାତ୍ୟାରେ ଗାଁ ପାଖ ବୃତ୍ତଙ୍ଗ ନଦୀ ଉପରେ ଥିବା ଶଙ୍ଖ ଭାଙ୍ଗିଯାଇଥିବାରୁ ପରିବାର ଲୋକେ ଖଟିଆରେ ବୋହି ନଦୀ ପାର କରି ସେଠାରୁ ଆମ୍ବୁଲାନ୍ସ ଯୋଗେ ବ୍ରାହ୍ମଣପାଦ ମେଡିକାଲକୁ ନେଇଥିଲେ। ସେଠାରେ ସନ୍ଧ୍ୟାରେ ବାରିବତୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି।

- ତ୍ରାହି ଅଚ୍ୟୁତ ଆଶ୍ରମ ଜମି ବିବାଦ ମାମଲା

## କ୍ରାଇମବ୍ରାଞ୍ଚ ପକ୍ଷରୁ ଏପିପିଙ୍କୁ ଦାୟିତ୍ୱ, ୧୬ରେ ଶୁଣାଣି

ଛତ୍ରପୁର,୧।୧୦(ଡି.ଏନ.ଏ.)

ଛତ୍ରପୁର ତ୍ରାହି ଅଚ୍ୟୁତ ଆଶ୍ରମ ଜମି ବିବାଦ ମାମଲାର ପରିଚାଳନା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଛତ୍ରପୁର ଏସଡିଜେଏମ୍ କୋର୍ଟର ଏପିପି (କ୍ୟାଡର) ରାଜେଶ କୁମାର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଛି। ଅନ୍ୟପକ୍ଷରେ ମାମଲାର ଅଭିଯୁକ୍ତ ତଥା ତ୍ରାହି ଅଚ୍ୟୁତ ଆଶ୍ରମର ମୁଖ୍ୟ ସୁରେନ୍ଦ୍ର ନାଥ ମିଶ୍ର ଓରଫ ସୁରବାବା, ତାଙ୍କ ପୁଅ ତ୍ରିଲୋଚନ ମିଶ୍ର ଏବଂ ଅଭିଯୋଗକାରୀ ତଥା ବ୍ରହ୍ମପୁର ଧର୍ମନଗର ସାହିର ମୋଚିରାମ ସାହୁ ମଙ୍ଗଳବାର କୋର୍ଟରେ ଅନୁପସ୍ଥିତ ଥିଲେ। ସେମାନଙ୍କ ପକ୍ଷରୁ ଏକ ଆପୋସ ବୁଝାମଣା ପିଟିଶନ ଏସଡିଜେଏମ୍ କୋର୍ଟରେ ପୂର୍ବରୁ ଦାଖଲ ହୋଇଥିଲା। ଅକ୍ଟୋବର ୧୬ ତାରିଖରେ ଏସଡିଜେଏମ୍ ସନ୍ତୋଷ କୁମାର ପାଣିଗ୍ରାହୀ ଏହା ଉପରେ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଉକ୍ତ ଦିନ ସୁରବାବା ଓ ତାଙ୍କ ପୁଅ ତ୍ରିଲୋଚନ ଏବଂ ଅଭିଯୋଗକାରୀ ମୋଚିରାମ କୋର୍ଟରେ ହାଜର ହେବେ। ତେଣୁ ୧୬ ତାରିଖରେ ଅଭିଯୁକ୍ତଙ୍କ ଉପରେ ଚାର୍ଜଫ୍ରେମ ହେବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ଛତ୍ରପୁର ତହସିଲ ଅନ୍ତର୍ଗତ କଣମଣା ପଞ୍ଚାୟତ ଜୟଦୁର୍ଗା ନଗରରେ ଥିବା ଜମିକୁ ହଡପ କରି ସୁରବାବା ଓ ଅନ୍ୟମାନେ ତ୍ରାହି ଅଚ୍ୟୁତ ଆଶ୍ରମର ଏକ ଶାଖା ଖୋଲିଥିବା ଜମିର ପୂର୍ବ ମାଲିକ ମୋଚିରାମ ସାହୁ ଅଭିଯୋଗ କରିଥିଲେ। ୨୦୧୫ ଅଗଷ୍ଟ ୩ ତାରିଖରେ ଏ ନେଇ ସେ ଛତ୍ରପୁର ଥାନାରେ ସୁରେନ୍ଦ୍ର ନାଥ ମିଶ୍ର, ତ୍ରିଲୋଚନ ମିଶ୍ରଙ୍କ ସମେତ ୩ ଜଣଙ୍କ ନାଁରେ ଏତଲା ଦେଇଥିଲେ। ପରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ଗତ ୨୫ ତାରିଖରେ ଚାର୍ଜଫ୍ରେମ୍ ହେବାର ଥିଲା। କୋର୍ଟରେ କେବଳ ତ୍ରିଲୋଚନ ହାଜର ହୋଇଥିଲେ। ସୁରବାବା ଅନୁପସ୍ଥିତ ରହିବା, କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା ପରିଚାଳନା ପାଇଁ ଏପିପି ନିଯୁକ୍ତ ହୋଇ ନ ଥିବା ଏବଂ ଆପୋସ ବୁଝାମଣା ପିଟିଶନ ଦାଖଲ ଯୋଗୁ ଉକ୍ତ ଦିନ ଚାର୍ଜଫ୍ରେମ୍ ହୋଇପାରି ନ ଥିଲା।

### ଜୁଆ ଆଡ୍ଡାରେ ଚଢାଉ, ୮ ଗିରଫ

ଆସିକା,୧।୧୦(ଡି.ଏନ୍.ଏ.)

ଆସିକା ଥାନା ମଙ୍ଗଳପୁର ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ମଙ୍ଗଳବାର ଅପରାହ୍ଣରେ ପୋଲିସ ଚଢାଉ କରିଥିଲା। ଏଠାରୁ ୮ଜଣ ଜୁଆଡିଙ୍କୁ ଗିରଫ କରିବା ସହ ୩୨ ହଜାର ଟଙ୍କା ଜବତ କରିଛି। ୨ଟି ବାଇକ୍ ଓ ୯ଟି ମୋବାଇଲ୍ ମଧ ଜବତ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ମଙ୍ଗଳପୁର, ଆସିକା, ପାକଲାପଲ୍ଲୀ, ବାବନପୁର ଆଦି ଅଞ୍ଚଳର ବୋଲି ଜଣାପଡିଛି। ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

**ହତ୍ୟା ସନ୍ଦେହ, ଯୁବକ ଅଟକ**

ପାଟପୁର,୧।୧୦

ପାଟପୁର ଥାନା ଟି.ଗୋବିନ୍ଦପୁର ପଞ୍ଚାୟତ ଶ୍ରୀରାମ ନଗର ଗ୍ରାମ ନିକଟ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଜଣେ ନାବାଳିକାଙ୍କ ମୃତଦେହ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ସେ ଉକ୍ତ ପଞ୍ଚାୟତ ନରେନ୍ଦ୍ରପୁର ଝୁଲା ସାହିର ବୋଲି ଜଣାପଡ଼ିଛି। ମୃତକଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୨୦୪/୧୯ ରେ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖିଛି।

ପ୍ରକାଶ ଯେ, ସମ୍ପୃକ୍ତ ନାବାଳିକାଙ୍କୁ ପୋଲିସ ଅଟକ ରଖିଥିବା ଯୁବକ ଜଣକ ଭଲ ପାଉଥିଲେ। ଉଭୟ ପରିବାରଙ୍କ ସହମତିରେ ଦୁହିଁଙ୍କର ବାହାଘର ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ବିବାହ ଉପଯୁକ୍ତ ବୟସ ହୋଇ ନ ଥିବାରୁ ଉଭୟ ପକ୍ଷଙ୍କ ନିଷ୍ପତ୍ତିରେ ନାବାଳିକା ଜଣକ ତାଙ୍କ ଶ୍ୱଶୁର ଘରେ ରହୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। କିନ୍ତୁ ନାବାଳିକାଙ୍କୁ ସେଠାରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ପରେ ଯୋଜନାବଦ୍ଧ ଭାବେ ଝିଅକୁ ହତ୍ୟା କରାଯାଇଛି ବୋଲି ନାବାଳିକାଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ନାବାଳିକା ଜଣକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଟକ ଯୁବକ ଜଣକ ପୋଲିସକୁ କହିଛନ୍ତି। ମଧ୍ୟାହ୍ନ ପ୍ରାୟ ୧୨ଟାରେ ପାଟପୁର ଥାନାଧିକାରୀ ରମେଶ କୁମାର ପ୍ରଧାନ, ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି।

# ବିଦ୍ୟୁତ୍ ସଂଯୋଗ ନେଇ ଦାବିପତ୍ର

ଶଙ୍କରାଖୋଲ,୧।୧୦ (ଡି.ଏନ୍.ଏ)

ଚକାପାଦ ବ୍ଲକର ବିଭିନ୍ନ ଗ୍ରାମରେ ବିପିଏଲ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏ ନେଇ ଲୋକ ସଂଗଠନ ଓ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକଙ୍କୁ ମଙ୍ଗଳବାର ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ୧୨ ପଞ୍ଚାୟତର ୨୩ ଗ୍ରାମରେ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ନଥିବାରୁ ଜନସାଧାରଣ ଅନ୍ଧାରରେ ରହୁଛନ୍ତି। ଉକ୍ତ ଗ୍ରାମଗୁଡ଼ିକରେ କେଉଁଠି ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଥିବା ବେଳେ ବିଦ୍ୟୁତ୍ ତାର ସଂଯୋଗ ହୋଇନାହିଁ। ଆଉ କେଉଁଠି ବିଦ୍ୟୁତ୍ ଖୁଣ୍ଟ ନ ଥାଇ ମିଟର ଓ ସୁଇଚ କିଟ୍ ବୋର୍ଡ କାନ୍ଥରେ ଲଗାଯାଇଛି କିନ୍ତୁ ବିଦ୍ୟୁତ୍ ସଂଯୋଗ ନାହିଁ। ଉକ୍ତ ଗ୍ରାମଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ କରିବପାଇଁ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦୃଢ ଦାବି କରାଯାଇଥିବା ମଞ୍ଚର ସଭାପତି କବିରାଜ ଦିଗାଳ, ସମ୍ପାଦକ ସାମନ୍ତ ଦିଗାଳ, ସଂଯୋଜକ ନବୀନ ଦିଗାଳ କହିଛନ୍ତି। ସେହିପରି ଟିକାବାଲି ବ୍ଲକ ୪ ପଞ୍ଚାୟତର ପିକରଡ଼ି, କଟିମାହା, ମଣ୍ଡାଗୁଡ଼ା, ସାଲାଙ୍ଗିଆ, ରୁଦାବିଦୁଙ୍ଗିଆ, ପଡ଼ିପାଡ଼ା, ଲାମାପାଟା ଆଦି ୯ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟିକାବାଲି ବିଡିଓ ଫକୀର ଚରଣ ପରିଡ଼ାଙ୍କୁ ୪ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ମଞ୍ଚର ସବିତା ଦିଗାଳ, ବିଷ୍ଣୁପ୍ରିୟା କହଁର, କଳାବତୀ ପ୍ରଧାନ, ସଂଯୋଜକ ସଞ୍ଜୟ କୁମାର ଦିଗାଳ କହିଛନ୍ତି।



ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ମହିଳାମାନେ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ପ୍ରହସନ

ଦାରିଙ୍ଗବାଡ଼ି,୧।୧୦(ଡି.ଏନ୍.ଏ.)


ବିଶ୍ୱ ବରିଷ୍ଠ ନାଗରିକ ଦିବସରେ ମଞ୍ଚାସୀନ ଅତିଥି।

- ଅସନ୍ତୋଷ ପ୍ରକାଶ କଲେ ବରିଷ୍ଠ ନାଗରିକ
- ସମସ୍ତ କାର୍ଯ୍ୟାଳୟର ମୁଖିଆ ବଦଳରେ ଯୋଗଦେଲେ ପ୍ରତିନିଧି

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଡାକ୍ତର ସୁମନ୍ତ ପଣ୍ଡା, ସମିତିସଭ୍ୟ ରାଜେନ୍ଦ୍ର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଦେଶୀ ନାୟକ, ଏସ୍ଆଇ ସୌମେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହାକୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଧୀରେନ ବଳିଆରସିଂ ଏବଂ କ୍ଷିତେଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଜ୍ୟୋତିରଞ୍ଜନ ନାୟକ ସଭା ପରିଚାଳନା କରିଥିଲେ। ତେବେ ବରିଷ୍ଠ ନାଗରିକମାନଙ୍କୁ ମଞ୍ଚକୁ ଡକା ନ ଯିବା, ବିଳମ୍ବରେ ସୂଚନା ସହ ସମ୍ବର୍ଦ୍ଧନା ଦିଆଯାଇ ନ ଥିବାରୁ ଅସନ୍ତୋଷ ଦେଖାଯାଇଥିଲା। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସମ୍ପାଦକ ପତିତପାବନ ରାଉତଙ୍କ ସମେତ ବରିଷ୍ଠ ନାଗରିକ ପି.ଅନନ୍ତ କୁମାର ବିଶୋୟୀ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଥିଲେ। କେତେଜଣ ସଭା ଛାଡି ଚାଲିଯାଇଥିବା ଜଣାପଡ଼ିଛି। ଏନେଇ ସଭାମଞ୍ଚରେ ପରିଚାଳନା କରୁଥିବା ବ୍ଲକ ପ୍ରୋଗ୍ରାମ ମ୍ୟାନେଜର କହିଥିଲେ ଯେ, ସେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ କରୁଥିବାରୁ ତ୍ରୁଟି ହୋଇଛି। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯିବ। କାର୍ଯ୍ୟକ୍ରମରେ ଥାନା ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ କୌଣସି ମୁଖ୍ୟ ଅଧିକାରୀ ଉପସ୍ଥିତ ନରହି ପ୍ରତିନିଧିମାନଙ୍କୁ ପଠାଇଥିବାରୁ ବରିଷ୍ଠ ନାଗରିକମାନେ ତାଙ୍କର ସମସ୍ୟା ଜଣାଇପାରି ନ ଥିଲେ। ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇନଥିବା ବେଳେ ବ୍ୟାଙ୍କ, ଡାକ ଘରେ ଏବଂ ବିଭିନ୍ନ ଜନଗହଳି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନଥିବା ସେମାନେ ଅଭିଯୋଗ କରିଥିଲେ।

■ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବ ମୌସୁମୀ

# ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଆକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ୍ ୧୫ ତାରିଖ ସୁଦ୍ଧା ମୌସୁମୀ ଓଡ଼ିଶାରୁ ଅପସରି ଯିବାର ସମ୍ଭାବନା ରହିଛି। ଓଡ଼ିଶା ଏବଂ ଝାଡ଼ଖଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୨ରୁ ୪ ତାରିଖ ଯାଏ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ।

୩ ତାରିଖରେ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ସୋନପୁର, ଗଜପତି ଏବଂ ରାୟଗଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି। ୪ ଓ ୫ ତାରିଖରେ ପାଗ ଶୁଖିଲା ରହିବ। କାଁ ଭାଁ କେଉଁଠି ଅସରାଏ କିମ୍ବା ଦି ଅସରା ବର୍ଷା ହୋଇପାରେ। ତେବେ ୬ରୁ ୮ ତାରିଖ ୩ ଦିନ ଉପକୂଳ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ୧୦ ଦିନ ବିଳମ୍ବରେ ରାଜ୍ୟକୁ ପ୍ରବେଶ କରିଥିଲା। ଜୁନ ଓ ଜୁଲାଇରେ ସ୍ୱାଭାବିକ ବର୍ଷା ହୋଇ ନ ଥିଲା। ଜୁନ ମାସରେ ସ୍ୱାଭାବିକ ଠାରୁ ୩୧.୫ ପ୍ରତିଶତ କମ ବର୍ଷା ହୋଇଥିବାବେଳେ ଜୁଲାଇରେ ୯.୦ ପ୍ରତିଶତ କମ୍ ବର୍ଷା ହୋଇଥିଲା। ତେବେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିଥିଲା। ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ୨୪.୫ ପ୍ରତିଶତ ବର୍ଷା ଅଧିକ ହୋଇଥିବାବେଳେ ସେପ୍ଟେମ୍ବରରେ ୫୩.୭ ପ୍ରତିଶତ ଅଧିକ ବର୍ଷା ହୋଇଛି।

**ବାଇକ୍ ପଛରେ ପିଟିଲା ଟ୍ରକ୍**

# ମା', ଝିଅ ମୃତ: ଉତ୍ତେଜନା

ରୂପ୍‌ସା/ବସ୍ତା, ୧।୧୦(ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ଅନ୍ତର୍ଗତ ଜୁକନଣ୍ଡି ଛକଠାରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍‌କୁ ପଛରେ ଏକ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ମା' ଓ ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରୂପ୍‌ସା ଥାନା ଆଘିରିଆ ଗ୍ରାମର ରାଧାକୃଷ୍ଣ ପରିଡ଼ାଙ୍କ ସ୍ତ୍ରୀ ଅନୁପମା (୪୦) ଓ ଝିଅ ମୋନାଲିସା (୧୪)। ରାଧାକୃଷ୍ଣ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଟ୍ରକ ଖସି ପଳାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରେ ମୃତଦେହ ରଖି ବସି ରହିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ସହ ଛକ ପାର୍ଶ୍ୱରେ ଥିବା ଦୋକାନ ଉଚ୍ଛେଦ ଲାଗି ଆନ୍ଦୋଳନକାରୀମାନେ ଦାବି କରିଥିଲେ। ରୂପ୍‌ସା ଥାନାଧିକାରୀ ସୁଚନ୍ଦ୍ର ମହାଳିକ, ବସ୍ତା ଆଇଆଇସି ଧନେଶ୍ୱର ସାହୁ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ରାଧାକୃଷ୍ଣ ବାଇକ୍‌ରେ ଅନୁପମା ଓ ମୋନାଲିସାଙ୍କୁ ନେଇ ବସ୍ତା ଅଭିମୁଖେ ଯାଉଥିଲେ। ଜୁକନଣ୍ଡି ଛକଠାରେ ସେମାନେ ଦୁର୍ଘଟଣାର ଶିକାର ହୋଇଥିଲେ। ମା'ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ଝିଅ ମୋନାଲିସା ତାଙ୍କୁ ଛାତିରେ ଜାବୁଡ଼ି ଧରି ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ପଶ୍ଚିମବଙ୍ଗ ପଳାଉଥିବା ବେଳେ ସୁନାଖଣିଆଠାରେ ଜଳେଶ୍ୱର ପୋଲିସ ଜବତ କରିଛି।

### ■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଉଲ୍ଲେଖଯୋଗ୍ୟ, ଜୁକନଣ୍ଡି ଛକଠାରେ ରାଜପଥ ପାର୍ଶ୍ୱରେ ଏକ ଢ଼ାବା ଓ ଚା' ଦୋକାନ ଥିବାରୁ ଟ୍ରକ୍, ଭ୍ୟାନ୍ ପାର୍କିଂ କରାଯାଉଛି। ରାସ୍ତା ସଂକୀର୍ଣ୍ଣ ହେବା ଯୋଗୁ ସେଠାରେ ଯାତାୟାତରେ ସମସ୍ୟା ଦେଖାଦେଇଛି।

# ୫ ପ୍ରାର୍ଥୀପତ୍ର କାଏମ

**ବିଜେପୁର ଉପନିର୍ବାଚନ**

ପଦ୍ମପୁର,୧।୧୦(ଡି.ଏନ୍.ଏ.)

ବିଜେପୁର ଉପନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଯାଇଛି । ଏଥିରେ କଂଗ୍ରେସର ଦିଲୀପ କୁମାର ପଣ୍ଡା, ବିଜେଡିର ରୀତା ସାହୁ, ଭାଜପାର ସନତ୍ ଗଡତିଆ, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଅଶୋକ ମିତ୍ତଲ ଏବଂ ସ୍ୱାଧୀନ ଭାବେ ବୃନ୍ଦାବନ ପୁରୋହିତଙ୍କ ନାମାଙ୍କନ ପତ୍ର କାଏମ ରହିଛି। ସମାଜବାଦୀ ପାର୍ଟି ପ୍ରାର୍ଥୀ ଗଙ୍ଗାଧର ପୂଜାରୀ ଏବଂ ସ୍ୱାଧୀନ ପ୍ରାର୍ଥୀ ତୋଳାମଣୀ ବେହେରାଙ୍କ ନାମାଙ୍କନପତ୍ର ଖାରଜ ହୋଇଯାଇଛି। ଉଭୟ ପ୍ରାର୍ଥୀ ଇଲେକ୍ଟୋରାଲ ରୋଲ ସାର୍ଟିଫାଇଡ୍ କପି ଦେଇ ନ ଥିବାରୁ ତାଙ୍କ ନାମାଙ୍କନ ପତ୍ର ଖାରଜ ହୋଇଯାଇଥିବା ରିଟର୍ଣ୍ଣିଂ ଅଫିସର ତଥା ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୁଆନ ସୂଚନା ଦେଇଛନ୍ତି।














**କିଛି ତଥ୍ୟ**

ଚଳିତ ବର୍ଷ ଜୁଲାଇ-ସେପ୍ଟେମ୍ବର ଅବଧିରେ ଦେଶର ୭ ପ୍ରମୁଖ ସହରରେ ଘର ବିକ୍ରି ୧୮% ହ୍ରାସ ଘଟି ୫୫,୦୮୦ ୟୁନିଟକୁ ଖସିଛି।
– ଆନାରକ୍ ରିୟଲ ଇଷ୍ଟେଟ ସର୍ଭିସେସ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଆଶୁତୋଷ
ପରିବାରବର୍ଗ


ଆୟାଂଶ
ପରିବାରବର୍ଗ


ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ଆଜିଠୁ ସବୁ ସହରରେ ପଲିଥିନ ନିଷେଧ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ରାଜ୍ୟର ସମସ୍ତ ସହରକୁ ପଲିଥିନ ମୁକ୍ତ କରାଯିବ। ୧୦୯ ସହରାଞ୍ଚଳକୁ ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନକୁ ବୁଧବାରଠାରୁ ସମ୍ପୂର୍ଣ୍ଣ ନିଷେଧ କରାଯିବ। ଅକ୍ଟୋବର ୨ ତାରିଖ ପରଠାରୁ କୌଣସି ସହରରେ ପଲିଥିନ ବ୍ୟବହାର କିମ୍ବା ବିକ୍ରି କରାଯାଇ ପାରିବ ନାହିଁ। ପଲିଥିନ ଓ ପ୍ଲାଷ୍ଟିକ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଦେଶକୁ ପଲିଥିନ ମୁକ୍ତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏହାର ଭୟାବହତାକୁ ଦେଖି ରାଜ୍ୟ ସରକାର ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୦୧୮ ଅକ୍ଟୋବର ୨ ତାରିଖରୁ ୫ ମହାନଗର ନିଗମ(ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର)ରେ ପଲିଥିନ ଉପରେ କଟକଣା ଲଗାଯାଇଛି। ଅବଶିଷ୍ଟ ୧୦୯ଟି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି ) ଏବଂ ମ୍ୟୁନିସିପାଲିଟିରେ ମଧ୍ୟ ପଲିଥିନ ଓ ପ୍ଲାଷ୍ଟିକ ଉପରେ କଟକଣା ଜାରି କରାଯାଇଛି । ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସମସ୍ତ ପୌର ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଜଣାଇ ଦିଆଯାଇଛି। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ପରିବହନ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ।



+୨ ନାମଲେଖାରେ ତ୍ରୁଟି
ଚିନ୍ତାରେ ଛାତ୍ରୀଛାତ୍ର
ଦେଖନ୍ତୁ ଭିଡିଓ
YouTube /dharitrilive

# ଆଜିଠୁ ସବୁ ଦଳର ପଦଯାତ୍ରା

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଉଭୟ ସରକାରୀ ଏବଂ ବେସରକାରୀସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟରେ କ୍ଷମତାସୀନ ବିଜେଡି, ମୁଖ୍ୟ ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ପ୍ରତିବର୍ଷ ଭଳି ଚଳିତଥର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଟୋବର ୨(ବୁଧବାର)ରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ସ୍ଥାନୀୟ ଭୁବନେଶ୍ୱର (ଏକାମ୍ର) ବିଧାନସଭା ନିର୍ବାଚନମଣ୍ଡଳୀ ୬୨ ନଂ ୱାର୍ଡ ତଥା କାରଗିଲ ରୋଡ୍ ନିକଟସ୍ଥ ପଡିଆରୁ ପୂର୍ବାହ୍ନ ୧୧ଟା ୪୦ରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ଅନୁରୂପଭାବେ ଭାଜପା ପକ୍ଷରୁ ମଧ୍ୟ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ କରାଯାଉଛି। ରାଜ୍ୟର ସମସ୍ତ ସଂସଦୀୟ ଏବଂ ବିଧାନସଭା କ୍ଷେତ୍ରରେ ଏହା କରାଯିବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକ ଜିଲା ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସେହିଭଳି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନରେ ଜନତା ମଇଦାନରୁ କଂଗ୍ରେସ ଭବନ ଏକ ଶୋଭାଯାତ୍ରା ବାହାରିବ। ଏହାକୁ ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଉଦ୍‌ଘାଟନ କରିବେ। ସେହିପରି କଂଗ୍ରେସ ସେବାଦଳ ପକ୍ଷରୁ ବର୍ଷବ୍ୟାପୀ ବିଭିନ୍ନ ପଦଯାତ୍ରା କରାଯିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଦିନଟି ରେ ବହୁତ ଭଲ କାମ କରିବେ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମଧ୍ୟ ସମ୍ମାନିତ ହେବେ। ଦ୍ୱିଜା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭାସମିତି, ରାଜନୀତି, କଳା, ସାହିତ୍ୟ, ସଂଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ମଧ୍ୟାହ୍ନରେ ଟେନସନ୍ ଦୂର ହେବ ଏବଂ କଳ୍ପନା କିମ୍ବା ଆଶା କରି ନ ଥିବା ଜିନିଷ ଲାଭ କରି ଖୁସି ହୋଇଯିବେ। କଳା, ସାହିତ୍ୟ, ସଙ୍ଗୀତ ଓ ବକ୍ତୃତା କ୍ଷେତ୍ରରୁ ସୁଫଳ ମିଳିବ ଓ ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ରର କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ ।

**ମିଥୁନ**
ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ମନକଥା ମନରେ ରଖିପାରିବେ ନାହିଁ, ଫଳରେ ପାରିବାରିକ ସମସ୍ୟା ସୃଷ୍ଟି ହେବ। ପୁନର୍ବସୁର ସାମାଜିକକ୍ଷେତ୍ର କିମ୍ବା ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ**
ଅଭାବ ଅସୁବିଧା ନ ଥିଲେ ମଧ୍ୟ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ନେବାକୁ ପଡିପାରେ। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ ପୁଷ୍ୟା ନକ୍ଷତ୍ର ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ସୂଚନା ରହିଛି। ଅବଶ୍ୟ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ମଘା ନକ୍ଷତ୍ରର ଶେଷ ସମୟରେ ସୁଯୋଗ ହାତଛଡା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାରେ ହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ ।

**କନ୍ୟା**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଚିତ୍ରା ନକ୍ଷତ୍ର ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେବ। ଅର୍ଥ ସଂକଟ ହେତୁ କାମଗୁଡିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ସ୍ୱାତୀ ନକ୍ଷତ୍ର ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ରପ୍ତାନି ବାଣିଜ୍ୟ, ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**ବିଛା**
ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ଅନୁରାଧାର କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କିମାରିବ। ଅପେକ୍ଷା କରିଥିବା ବ୍ୟକ୍ତିଙ୍କ ଦେଖା ପାଇବେ ନାହିଁ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ କିନ୍ତୁ ନିଜ ଲୋକମାନଙ୍କ ନିକଟରୁ କ୍ରମଶଃ ଦୂରେଇ ଯାଇ ପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଘରେ ବିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ମକର**
ହଠାତ୍ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ଦୁଶ୍ଚିନ୍ତା ବଢିଯାଇପାରେ। ଅର୍ଥ ସାହାଯ୍ୟ ପାଇଁ ସହକର୍ମୀଙ୍କୁ ବିନୟପୂର୍ଣ୍ଣ କଥା କହିବେ। ଆଜି ଧନିଷ୍ଠା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଶେଷ ସମୟରେ ଆପଣଙ୍କ ପାଇଁ ବିଚାର ବଦଳିଯାଇପାରେ। ଆପଣ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧିକରି ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**କୁମ୍ଭ**
ଆଜି ପୂର୍ବାହ୍ନରେ ମନ ବିଚଳିତ ରହିବ କିନ୍ତୁ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ କାମ ହାସଲ କରିବା ସକାଶେ ଆଗନ୍ତୁକଟି ଆପଣଙ୍କ ପ୍ରଶଂସାରେ ଶତମୁଖ ହୋଇଉଠିବେ। ଆଲୋଚନା କାଳରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶତଭିଷା ନକ୍ଷତ୍ରର ପରିବାରର ବ୍ୟତିକ୍ରମ ଘଟଣାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ମୀନ**
ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଦୂରଭିସନ୍ଧି ରଖି ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିପାରନ୍ତି, ଯାହାକି ଆପଣଙ୍କ ସକାଶେ କ୍ଷତିକାରକ ହୋଇପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ, ଅକ୍ଟୋବର ୨ ତାରିଖ, ଅନ୍ତର୍ଜାତୀୟ ଅହିଂସା ଦିବସ, ବିଶ୍ୱବନ୍ୟପ୍ରାଣୀ ସପ୍ତାହ (ଅକ୍ଟୋବର ୨ରୁ ୮ ତାରିଖ), ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ବୁଧବାର, ରାଶି ନକ୍ଷତ୍ର–ବିଶାଖା/ ବିଛା, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ନବାନ୍ନ ପାଇଁ ଶୁଭଦିନ। ଦିବା ଘ୭।୧୬ମି. ଗତେ ଘ୮।୦୩ମି. ମଧ୍ୟେ, ଘ୧୦।୨୩ମି. ଗତେ ଘ୧୨।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୫୪ମି. ମଧ୍ୟେ, ଘ୨।୫୬ମି. ଗତେ ଘ୪।୩୨ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday 0674-2580101, 2549302




**BRIDE WANTED**

Son age 30 B.Tech, M.Tech, IIT Kanpur, working in MNC Company at Bangalore, salary 35 lakhs, Khandayat 8144589551. D-14619

Son age 29 B.Tech, CET, working in Executive Engineer in ONGC Limited at Bangalore (Caste-no-bar) 7008986003. D-14621

Bhubaneswar ବାସିନ୍ଦା ଦରମା 15L/Annum ବୟସ 29 ଅବିବାହିତ ବାରିକ ପୁଅଙ୍କ ପାଇଁ qualified ଝିଅ ଦରକାର। 7381460017. D-67909

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68201

Now Matrimonial ads. only on Wednesday & Sunday Book 1 Get 1 FREE

Bengali Kayastha bride for our son, B.Tech, 28years, 5'2", PSU Bank PO. 8249983304, 8788231824. D-14560

ବ୍ରାହ୍ମଣ ଘର B.Com ପଢି gift corner, ଇନ୍ସ୍ୟୁରାନ୍ସ ବ୍ୟବସାୟ କରୁଥିବା, ୩୨ ବର୍ଷ ବୟସ, ପିତା ରିଟାୟାର୍ଡ଼ ଅଫିସର, ଭୁବନେଶ୍ୱରର ସ୍ଥାୟୀ ବାସିନ୍ଦାଙ୍କ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7377701129. jadabanandamohapatra@gmail.com. D-14510

Karan boy widow 1974 Chartered Accountant Bhubaneswar (Caste-no-bar) "VAISNABI" 7008967858. D-66193

**GROOM WANTED**

Looking groom for girl age 28 B.Tech NIT M.Tech IIT, working in International Bank at Bangalore, salary 25 lakhs. 7008986005. D-14620

Central Pollution Control Boardରେ କାର୍ଯ୍ୟରତ ଥିବା "୪୬" ବର୍ଷର ଝିଅ ପାଇଁ ବରପାତ୍ର ଆବଶ୍ୟକ। 8895411143. D-63792

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର କନ୍ୟାପାତ୍ରୀ ପାଇଁ ବରପାତ୍ର ଆବଶ୍ୟକ। 7978736177. D-68202

Private ଚାକିରୀ, ବିଧବା, ଗୋଟିଏ ପୁତ୍ର ସନ୍ତାନ, Age-32, Brahmin ଝିଅଙ୍କ ପାଇଁ any caste ପୁଅ ଦରକାର। 7008080967. D-67908

Teli beautiful girl, 23, B.Sc, 5'2", 8/4 wanted suitable candidate settled near Bhubaneswar. 9861105099. D-60951

Beautiful Khandayat girl 1991, 5'5" MBBS serving Medical officer, Sunasansar: 9937512659. D-66792

Khandayat Bride JE 38, Engineer 40, Teacher 42 (Caste-no-bar) 7873374269. D-67078




**SALE**

2150sqft. residential plot for sale at Garakana. Near Kendriya Vidyalaya, Bhubaneswar. Price-65lakh. 9861234908. D-68105

ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092. D-66794

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Gharabari boundary plot near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/-. 9937044887, 8249240653. D-66790

Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172. D-66791

4BHK two storied building newly constructed having all facilities at Jagatpur, Cuttack. For immediate sale. Contact: 7008321705. D-14541

New duplex for sale near Patia Housing Board Colony. Land area of 1600sqft. & construction area of 2830sqft., price 95lakhs (Negotiable). Contact: 7978450312, 9937388797. D-67080

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

For sale 2/3 beded flats in earthquake proof quality Apartment "Avantika" under construction on GGP, Pandara, Hi-Tech Road, next Gokul Residency. Contact: 9437396718 (08-11 A.M). No mediator please. D-68013

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68115




2RK semifurnished flat at mainroad, Unit-8, Soubhagyanagar, 9000004523. D-67710

2500sqft. and 7000sqft. well furnished commercial space (AC), Bhubaneswar-Puri mainroad (Lewis Road) Bhubaneswar, rent @ 50/-sqft. Contact: 6371001523. D-67234




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Kajal ayurvedic massage club fully relaxed by smart lady, home service available. 9937637219. D-66971

Newly open full body massage by ladies, gents therapist. 8018656899 D-60840

Ayurvedic full body massage by ladies, gents therapist. 7008773793 D-60841

Monalisa Massage Club: All types body massage with hiprofile smart lady rooms service available- 9708545108. D-14592

Experience full body massage with us (expert). Call: 7377048581, 06742597822. D-68110

Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Summer special mesmerizing offer expert therapeutic refreshing massage appointment. 9668374480. D-68112

Refresh your mind and soul with best therapy at Orchid Salon/ Spa. 9937287222. D-66972

Keralian herbal full body massage, smart trained lady therapist: 9437453813. D-68014




India's No.1 Packers- Leo Packers & Movers since 1975, Nationwide Network- 9438133699. D-14426

Your Classified Advertisement published in Dharitri will be listed free in Dharitri Online Edition: www.dharitri.com




୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତୃଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ଓମ୍ ବିଘ୍ନେଶ ଆର୍ଯ୍ୟନ୍ (ଆୟୁଷ)
ଡେଣୁଅଁ, ନିମାପଡ଼ା, ପୁରୀ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ'ର ପ୍ରତିଟି ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ବାପା: ଅନ୍ତର୍ଯ୍ୟାମୀ, ମାମା: ରଶ୍ମୀ, ମାଆ, ଭାଇ, ମାମୁ, ଅଜା ଓ ଆଈ।
ଧ-୧୪୫୮୯


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା

**ହାତୀଓଟ,୧।୧୦:** ପୋଲସରା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବ୍ଲକ ସ୍ତରୀୟ କବାଡି ପ୍ରତିଯୋଗିତା ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ବ୍ଲକର ମୋଟ ୧୬୦ ସ୍କୁଲରୁ ୧୫୦ ପ୍ରତିଯୋଗୀ କବାଡ଼ି ଖେଳରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ଏବିଇଓ ତଥା ବାଳକୃଷ୍ଣ ପାତ୍ର, ସ୍ୱରୂପ ପାତ୍ର, ବ୍ରହ୍ମାନନ୍ଦ ରଥ ଓ ବ୍ଲକର ସମସ୍ତ ୧୧ ଜଣ ସିଆର୍‌ସିସି ପରିଚାଳନା କରିଥିଲେ।

### ପାରିବାରିକ ଗଣ୍ଡଗୋଳ, ବାପ ସହ ୨ ପୁଅ ଗିରଫ

**ବୁଗୁଡ଼ା,୧।୧୦(ଡି.ଏନ୍.ଏ.):** ବୁଗୁଡ଼ା ଥାନା ସୋରଡ଼ ଗ୍ରାମରେ ପାରିବାରିକ ଗଣ୍ଡଗୋଳକୁ ନେଇ ବାପ ଓ ୨ ପୁଅଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାପା ମାଲ ସାହୁ, ବଡ଼ପୁଅ ପୂର୍ଣ୍ଣଚନ୍ଦ୍ର ଓ ସାନପୁଅ ମିଟୁ । ଏ ନେଇ ବୁଗୁଡ଼ା ପୋଲିସ ନଂ. ୨୧୦/୧୯ ଓ ୨୧୧/୧୯ରେ ଦୁଇଟି ମାମଲା ରୁଜୁ କରିଛି। ରବିବାର ସୋରଡ଼ରେ ମାଲଙ୍କ ପରିବାରରେ ଦୁଇ ଭାଇ, ଶାଶୁ, ବୋହୂଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଗାଳିଗୁଲଜ ସହ ମାରପିଟ ହୋଇଥିଲା। ଏ ନେଇ ବଡ଼ବୋହୂ ରୀତାଙ୍କ ଅଭିଯୋଗକ୍ରମେ ମାଲ ଓ ମିଟୁ ଗିରଫ ହୋଇଥିବା ବେଳେ ମାଲଙ୍କ ସ୍ତ୍ରୀ କମାଙ୍କ ଅଭିଯୋଗରେ ପୂର୍ଣ୍ଣଚନ୍ଦ୍ର ଗିରଫ ହୋଇଥିଲେ ।

### ଆମ ପୋଲିସ ବୈଠକ

**ଗଞ୍ଜାମ,୧।୧୦(ଡି.ଏନ୍.ଏ.):** ଗଞ୍ଜାମ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଆଇସି ସୁଦାମ ମଲ୍ଲିକ ଅଧକ୍ଷତା କରିଥିଲେ। ସାମାଜିକ କର୍ମୀ ଉମାକାନ୍ତ ବେହେରା, ଅବସରପ୍ରାପ୍ତ ଅଧାପକ ଭିକାରି ବେହେରା, କରପଡ଼ା ସରପଞ୍ଚ ଭାସ୍କର ନାୟକ, ମହିଳା ସ୍ୱେଚ୍ଛାସେବୀ ମିନି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୁଣି ଗାରେଡ଼ି, ହେଲମେଟ ବ୍ୟବହାର, ସଡ଼କ ସୁରକ୍ଷା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଗୋପପୁର ଗ୍ରାମରେ ଗୁଣି ସନ୍ଦେହ

# ୬ ଜଣଙ୍କୁ ମାଡ଼ ମାରି ଅଖାଦ୍ୟ ଖୁଆଇଲେ ଗ୍ରାମବାସୀ

### ୪୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଥାନାରେ ଅଟକ

**ଖଲ୍ଲିକୋଟ,୧।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଟିକିଲି ପଞ୍ଚାୟତ ଗୋପପୁର ଦଳିତ ସାହିରେ ଗୁଣି ସନ୍ଦେହରେ ଗ୍ରାମବାସୀ ସୋମବାର ରାତିରେ ୬ ଜଣ ବ୍ୟକ୍ତିଙ୍କୁ ନିସ୍ଫୁକ ମାଡ଼ ମାରି ଅଖାଦ୍ୟ ଖୁଆଇ ଗାଁ କୋଠ ଘରେ ବାନ୍ଧି ରଖିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଗଞ୍ଜାମ ଏସ୍‌ପି ବ୍ରିଜେଶ ରଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ଓ ସ୍ଥାନୀୟ ଥାନାଧିକାରୀମାନେ ପହଞ୍ଚି ଗାଁ କୋଠ ଘରୁ ୬ଜଣଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ପୋଲିସ ଉପରକୁ ଲଙ୍କାଗୁଣ୍ଡ, ବାଲି ଆଦି ଫିଙ୍ଗା ଯାଇଥିଲା। ଏ ନେଇ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ଖଲ୍ଲିକୋଟ ପୋଲିସ ଥାନାରେ ଅଟକ ରଖିଛି। ଗୋପପୁର ଗ୍ରାମରେ କିଛିଦିନ ହେବ ଅଜଣା ରୋଗରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୮ ସେପ୍ଟେମ୍ବରରେ ୩ ଜଣ ମହିଳା ଓ ଜଣେ ପୁରୁଷଙ୍କ ଗୋଡ଼ହାତ ବିନ୍ଧା, ଜ୍ୱର ହୋଇଥିଲା। ଏହା ଗୁଣିଗାରେଡି ଦ୍ୱାରା ହେଉଥିବା ଗ୍ରାମବାସୀ ସନ୍ଦେହ କରି ଜଣେ ଗୁଣିଆଙ୍କୁ ଡାକିଥିଲେ। ଏହା ଜାଣିବା ପରେ ତହସିଲଦାର, ଆଇଆଇସି ପ୍ରମୁଖ ଗ୍ରାମରେ ପହଞ୍ଚି ଅସୁସ୍ଥଙ୍କୁ ଖଲ୍ଲିକୋଟ ଡାକ୍ତରଖାନା ନେଇଥିଲେ। ପରେ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ବ୍ରହ୍ମପୁରରୁ ଏକ ଡାକ୍ତରି ଟିମ ଗ୍ରାମରେ ପହଞ୍ଚି ଅସୁସ୍ଥଙ୍କ ରକ୍ତ ନମୁନା ପରୀକ୍ଷା କରିଥିଲେ। କିନ୍ତୁ ଏସବୁ ସତ୍ତ୍ୱେ ଗ୍ରାମବାସୀ କାଠଗଣ୍ଡି ପକାଇ ଗାଁ ମଧ୍ୟକୁ କାହାରିକୁ ନ ଛାଡ଼ି ଗୁଣି ସନ୍ଦେହରେ ଉକ୍ତ ୬ ଜଣଙ୍କୁ ମାଡ଼ ମାରିଥିଲେ।

# ରେଲୱେ ଫାଟକ ବନ୍ଦ ନ କରିବାକୁ ଦାବି

**ଛତ୍ରପୁର,୧।୧୦(ଡି.ଏନ୍.ଏ.)**

ଛତ୍ରପୁର ସହର ଦେଇ ଯାଇଥିବା ୨୯୧ ନଂ ରେଲୱେ ଫାଟକ ବନ୍ଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହା ବନ୍ଦ କଲେ ଛତ୍ରପୁର ଏନ୍‌ଏସି ଅଧୀନ ୱାର୍ଡ ନଂ. ୩,୪,୫ ଓ ୬ ର ଲୋକେ ବିଶେଷ ଭାବେ ପ୍ରଭାବିତ ହେବେ। ଏହି ଫାଟକ ବନ୍ଦ ନେଇ କୌଣସି ପରାମର୍ଶ କିମ୍ବା ସୂଚନା ରେଲୱେ ପକ୍ଷରୁ ଦିଆଯାଇ ନ ଥିବା ଲୋକେ କହିଛନ୍ତି। ରେଲୱେର ଏହି ମନୋମୁଖୀ କାର୍ଯ୍ୟ ପାଇଁ ଅଞ୍ଚଳର ଲୋକଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ଏହି ଫାଟକ ଉପରେ ୭୦୦ ରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରି ଯାତାୟାତ କରିଥାନ୍ତି। ଏଥିସହ ସୀତାରାମପୁର ମୌଜା, ବାଳକୃଷ୍ଣପୁର ମୌଜା, ଲିଙ୍ଗରାଜପୁର ମୌଜାର ୫୦୦ ରୁ ଏକରରୁ ଊର୍ଦ୍ଧ୍ୱ ଜମି ରେଲୱେ ଫାଟକ ଅପରପାର୍ଶ୍ୱରେ ରହିଛି। ଚାଷ କରି ସ୍ଥାନୀୟ ଅଞ୍ଚଳ ଲୋକେ ପରିବାର ପ୍ରତିପୋଷଣ କରିଥାନ୍ତି । ସୀତାରାପଲ୍ଲୀ ସମେତ ୪ ମଶାଣି ମଧ୍ୟ ଉକ୍ତ ରେଲୱେ ଫାଟକ ଅପରପାର୍ଶ୍ୱରେ ରହିଛି । ଏହି ରେଲୱେ ଫାଟକ ବନ୍ଦ ହେଲେ ପୋଖରୀ, ସ୍କୁଲ, କଲେଜକୁ ଯିବା ଆସିବାରେ ଅସୁବିଧା ହେବ ବୋଲି ଅଞ୍ଚଳବାସୀ କହିଛନ୍ତି । ଏଣୁ ଏହି ଫାଟକ ବନ୍ଦ ନ କରି ପୁନଃ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ରେଳଫାଟକ ବନ୍ଦ କରାଗଲେ ବହୁ ସମସ୍ୟା ଉପୁଜିବ ବୋଲି ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ଜି.ଆରତୀ, ଜି. ପାପା ରାଓ, ସୁଧୀର ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ବାଦଲ ପାଣ୍ଡି, ପି.ରାଜୁ ରେଡ୍ଡୀ ପ୍ରମୁଖ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି କହିଥିଲେ। ଏଥିସହ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

# ୩ ରେ ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା: ଭାଗ ନେବେ ଛତ୍ରପୁରର ୧୬ ପ୍ରତିଯୋଗୀ

**ଛତ୍ରପୁର,୧।୧୦(ଡି.ଏନ୍.ଏ.)**

ଛତ୍ରପୁର ବିଦ୍ୟାଳୟ ସମୂହର ୧୪ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ସ୍ଥାନୀୟ ଅନସ୍ଲୋ ହାଇସ୍କୁଲ ଖେଳପଡିଆରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୮୦ ଛାତ୍ର ଓ ୪୦ ଛାତ୍ରୀ ଭାଗ ନେଇଥିଲେ। ଏଥିରୁ ୧୬ ଜଣ ଜିଲାସ୍ତରୀୟ କବାଡିପ୍ରତିଯୋଗୀତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । ସେଥିମଧ୍ୟରେ ସିନିୟର ବାଳିକା, ବାଳକ ଏବଂ ଜୁନିୟର ବାଳିକା ଓ ବାଳକ ବର୍ଗରୁ ୪ ଜଣ ଲେଖାଏ ଅଛନ୍ତି । ଚଳିତ ମାସ ୩ ତାରିଖରେ କନିଷ୍ଠିତ ବାଲାଜୀ ବିଦ୍ୟାପୀଠରେ ଜିଲାସ୍ତରୀୟ ପ୍ରତିଯୋଗିତା ଓ ଚୟନ ପାଇଁ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି । ଏହାକୁ ଛତ୍ରପୁର ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୃସିଂହ ଚରଣ ମିଶ୍ର ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ପିଇଟି ଓ ପିଆଇମାନେ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଉତ୍ସବ

**ବେଗୁନିଆପଡ଼ା,୧।୧୦(ଡି.ଏନ୍.ଏ.)**

ବରିଷ୍ଠ ନାଗରିକ ଦିବସ ଅବସରରେ ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପ୍ରଦୀପ କୁମାର ପଣ୍ଡା, ବିଏସ୍‌ଏସ୍‌ଓ ସୁନୀଲ କୁମାର ମିଶ୍ର, ପ୍ରଗତି ସହାୟକ ନିରଞ୍ଜନ ବେହେରା ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ସୁବାସ ଚନ୍ଦ୍ର ବିଶ୍ୱାଳ, ବୃନ୍ଦାବନ ସାହୁ, ରାମ କୃଷ୍ଣ ଦୋରା, ଗୁରୁବାରିଆ ବିଶ୍ୱାଳ, ଶ୍ୟାମ ସୁନ୍ଦର ଜେନା, ଦୟାନିଧି ବିଶୋୟୀ, ବିଶ୍ୱନାଥ ସ୍ୱାଇଁ, ତ୍ରିନାଥ ସ୍ୱାଇଁ, ତ୍ରିନାଥ ଗଉଡ, ଦଣ୍ଡପାଣି ସାହୁଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।

### ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**କୁକୁଡାଖଣ୍ଡି,୧।୧୦(ଡି.ଏନ୍.ଏ.)**–ଗଞ୍ଜାମ ଜିଲା ପ୍ରଶାସନ ସାମାଜିକ ସୁରକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ କୁକୁଡାଖଣ୍ଡି ବ୍ଲକ ପରିସରରେ ଥିବା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଡିଓ ଗଦାଧର ପାତ୍ର, ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର,ଏମ୍‌ଆଇ ଜି.ପ୍ରଶାନ୍ତ ରାଓ, ଏବିଡିଓ ଭବାନୀ ପ୍ରଧାନ, ପୂର୍ବତନ ଡବ୍ଲୁଇଓ ଉପେନ୍ଦ୍ର କର, ପିଓ ଅଶୋକ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ବରିଷ୍ଠ ନାଗରିକ ଦିବସ ଅବସରରେ ବରିଷ୍ଠ ନାଗରିକଙ୍କ ଆର୍ଥିକ, ସ୍ୱାସ୍ଥ୍ୟ, ଅନ୍ୟାନ୍ୟ ସୁରକ୍ଷା ବିଷୟରେ ଉପସ୍ଥିତି ଅତିଥିମାନେ ମତ ରଖିଥିଲେ। ବ୍ଲକ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବହୁ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

# ନିର୍ମାଣ ଶ୍ରମିକଙ୍କୁ କାର୍ଡ, ଭତ୍ତା ବଣ୍ଟନ



ଶ୍ରମିକ କାର୍ଡ ବଣ୍ଟନ କରାଯାଉଛି ।

**ଛତ୍ରପୁର,୧।୧୦(ଡି.ଏନ୍.ଏ)**

ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୃଥକ ଭାବେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ଏବଂ ବିଧବା ଓ ବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏହାକୁ ବଣ୍ଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରମିକ ଏବଂ ବୃଦ୍ଧାବୃଦ୍ଧମାନଙ୍କ ପାଇଁ ବିଭିନ୍ନ ଯୋଜନା କରିଥିବା ସେ କହିଥିଲେ । ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଯୋଗଦେଇ ଶ୍ରମିକ କାର୍ଡ ପ୍ରତିବର୍ଷ ନବୀକରଣ କଲେ ବିଭିନ୍ନ ସରକାରୀ ସହାୟତା ପାଇପାରିବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ୫ଟି କୁ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ସରକାରୀ ଅଫିସ ଦଲାଲ ମୁକ୍ତ ହେବ । ନିଜେ ଅଫିସକୁ ଯାଇ ଶ୍ରମିକ ପଞ୍ଜୀକରଣ କରିବା ସହ ନବୀକରଣ କରିବାକୁ ଶ୍ରମିକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବିଡିଓ ଅମ୍ବିକା ପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଏମଜିଏନ୍‌ଆର୍‌ଇଜିଏସରେ ୯୦ ଦିନ କାମ କଲେ ନିର୍ମାଣ ଶ୍ରମିକ କାର୍ଡ ମିଳିବ ବୋଲି କହିଥିଲେ । ଶ୍ରମ ଅଧିକାରୀ ଶିବ ସାହୁ ଏଥିରେ ଯୋଗଦେଇ ସରକାରୀ ସହାୟତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ୧୩୦ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା । ସେହିପରି ୧୯୯ ବିଧବା ଓ ବୃଦ୍ଧଙ୍କୁ ଭତା ବଣ୍ଟନ ହୋଇଛି । ବ୍ଲକରେ ଖୋଲାଯାଇଥିବା କେନ୍ଦ୍ରରେ ୩୬୭ ନିର୍ମାଣ ଶ୍ରମିକ ପଞ୍ଜୀକରଣ କରିଥିଲେ ।

## ବଜ୍ରପାତରେ ନବମ ଶ୍ରେଣୀ ଛାତ୍ର ମୃତ

**ଖଲ୍ଲିକୋଟ,୧।୧୦(ଡି.ଏନ୍.ଏ.)**

ଖଲ୍ଲିକୋଟ ବ୍ଲକ ମାଣିକପୁର ଗ୍ରାମ ନିକଟରେ ମାଟିଆ ସାହିର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ବଜ୍ରପାତରେ ମଙ୍ଗଳବାର ମୃତ୍ୟୁ ଘଟିଛି । ସେ ହେଲେ କୁନା ପ୍ରଧାନ । କୁନା ଗ୍ରାମ ବିଦ୍ୟାଳୟରୁ ସ୍କୁଲ ଛୁଟି ପରେ ଘରକୁ ଫେରୁଥିବା ବେଳେ କୋଟିବନ୍ଧ ହୁଡ଼ା ରାସ୍ତାରେ ବଜ୍ରପାତ ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ କନ୍ହେଇପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଖଲ୍ଲିକୋଟ ମେଡିକାଲରେ ରଖାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯିବ।



# ଖାତିର ନା ବେଖାତିର

ଗୁଜରାଟରେ ୨୦୦୨ ମସିହା ଦଙ୍ଗାରେ ଗଣବଳାତ୍କାରର ଶିକାର ହୋଇଥିବା ବିଲ୍‌କିସ୍ ବାନୋଙ୍କୁ ୨ ସପ୍ତାହ ମଧ୍ୟରେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଚାକିରି ଓ ଘର ଯୋଗାଇ ଦେବାକୁ ସୁପ୍ରିମକୋର୍ଟ ୩୦ ସେପ୍ଟେମ୍ବର ୨୦୧୯ରେ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିଭଳି ସମାନ ଆଦେଶ ଗତ ୨୩ ଏପ୍ରିଲ ୨୦୧୯ରେ ଦିଆଯାଇଥିଲା। ଇତିମଧ୍ୟରେ ୫ ମାସ ବିତିଯାଇଥିଲେ ମଧ୍ୟ ବିଲ୍‌କିସ୍‌ଙ୍କୁ କୌଣସି ସୁବିଧା ମିଳିଲା ନାହିଁ। ଏଥିଲାଗି ତାଙ୍କୁ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, ଗୁଜରାଟ ଦଙ୍ଗା ସମୟରେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରାଯାଇଥିବା ବେଳେ ତାଙ୍କ ପରିବାରର ୧୪ ଜଣଙ୍କୁ ହତ୍ୟା କରାଯାଇଥିଲା। ସବୁଠାରୁ ଯନ୍ତ୍ରଣାଦାୟକ ବିଷୟ ଥିଲା ଯେ ବିଲ୍‌କିସ୍ ଗଣବଳାତ୍କାରର ଶିକାର ବେଳେ ୫ ମାସର ଗର୍ଭବତୀ ଥିଲେ। ଏଭଳି ଅମାନୁଷିକ କାଣ୍ଡ ଆଧୁନିକ ଯୁଗରେ କ୍ୱଚିତ୍ ଦେଖାଦେଇଥିବ। ଅସହ୍ୟ ନିର୍ଯାତନା ସହିଥିବା ବିଲ୍‌କିସ୍ ଦନ୍ତ ଧରି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ପୋଲିସ ବିଲ୍‌କିସ୍‌ଙ୍କ ମାମଲାକୁ ପୂରା ବନ୍ଦ କରିଦେଇଥିଲା। କୋର୍ଟ ଉପରେ ଚାପ ପଡ଼ିବାର ଆଶଙ୍କା ସୃଷ୍ଟି ହେବା ପରେ ଗୁଜରାଟରୁ ମାମଲା ବମ୍ବେ ହାଇକୋର୍ଟ ଯାଇଥିଲା। ସେଠାରେ କେବଳ ୧୧ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଏହି ୧୧ ଜଣ ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତରେ ମୃତ୍ୟୁଦଣ୍ଡ ମିଳିବା ପରେ ସେମାନେ ଉଚ୍ଚ ନ୍ୟାୟାଳୟକୁ ପୁନର୍ବିଚାର ପାଇଁ ଆବେଦନ କରିଥିଲେ। ନ୍ୟାୟ ଦେବାରେ ଅନିୟମିତତା ସନ୍ଦେହ କରି ସୁପ୍ରିମକୋର୍ଟ ଏହି ମାମଲାକୁ ଗୁଜରାଟ ହାଇକୋର୍ଟରୁ ବମ୍ବେ ହାଇକୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ବମ୍ବେ ହାଇକୋର୍ଟ ବିଚାରପତି ଭାବେ ଭି. କେ. ତାହିଲରମଣି ଏହି ୧୧ ଜଣଙ୍କ ମୃତ୍ୟୁଦଣ୍ଡକୁ କାଏମ ରଖିଥିଲେ। ବିଚାରପତି ତାହିଲରମଣିଙ୍କ ସେହି ନିର୍ଦ୍ଦେଶ ଗୁଜରାଟ ଦଙ୍ଗା ରଚିଥିବା ରାଜନେତାମାନଙ୍କୁ ବିରକ୍ତ କରିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ବମ୍ବେ ହାଇକୋର୍ଟରୁ ବିଦା କରାଯାଇ ମାଡ୍ରାସ ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ଅବସ୍ଥାପିତ କରାଯାଇଥିଲା। ଧୀରେ ସୁସ୍ଥେ ବିଚାରପତିଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇ ନିକଟରେ ତାଙ୍କୁ ମେଘାଳୟ ଭଳି ଏକ ଛୋଟିଆ ହାଇକୋର୍ଟକୁ ବଦଳି କରାଗଲା। ସେହି ବଦଳିର ପ୍ରତିବାଦ କରି ତାହିଲରମଣି ମୁଖ୍ୟ ବିଚାରପତି ପଦବୀରୁ ଇସ୍ତଫା ଦେବା ପରେ ୬ ସେପ୍ଟେମ୍ବର ୨୦୧୯ରେ ରାଷ୍ଟ୍ରପତି ତାହାକୁ ଗ୍ରହଣ କରିଥିଲେ। ପ୍ରତିଶୋଧର ସ୍ରୋତକୁ କାର୍ଯ୍ୟ କରାଇବାକୁ ଯାଇ ଏବେ ତାଙ୍କ ବିରୋଧରେ ସିବିଆଇ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ନିର୍ଦ୍ଦେଶ ପଛରେ ଉଦ୍ଦେଶ୍ୟ ହେଉଛି ଯେ 'ନୂଆ ଭାରତ'ରେ ଅନ୍ୟାୟ ବିରୋଧରେ ପ୍ରତିବାଦ କଲେ ଖୁବ୍‌ଶୀଘ୍ର ମୃତ୍ୟୁବରଣ କରିବାକୁ ବାଧ୍ୟ।

ବିଲ୍‌କିସ୍ ବାନୋଙ୍କ ମାମଲାରେ ୧୯ ଜଣ ବ୍ୟକ୍ତିଙ୍କ ସିଧାସଳଖ ସମ୍ପୃକ୍ତି ଥିବା ବେଳେ ୭ ଜଣ ପୋଲିସ ଓ ଡାକ୍ତରଙ୍କ ରିପୋର୍ଟକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଶେଷରେ ବିଲ୍‌କିସ୍‌ଙ୍କ କେସ୍ ସର୍ବୋଚ୍ଚ ଅଦାଲତରେ ପହଞ୍ଚିଥିଲା। ଅଦ୍ୟାବଧି ତାଙ୍କୁ ନ୍ୟାୟ ନ ମିଳିବା ଦୁଃଖର ବିଷୟ। ଏହି ପରିପ୍ରେକ୍ଷୀରେ ଆଉ ଏକ ଘଟଣା ଉପରେ ଦୃଷ୍ଟିପାତ କରାଯାଇପାରେ। ୨୦୧୭ରେ ରାଜସ୍ଥାନର ଜୟପୁରରୁ ଅଲୱାରଙ୍କୁ ଯୋଗାଯୋଗ କରୁଥିବା ରାସ୍ତା ଦେଇ ପେହେଲୁ ଖାନ୍ ତାଙ୍କ ଦୁଇ ପୁଅ ସହ ଗୋରୁ ନେଇ ଯାଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୋରୁ ଚାଲାଣକାରୀ ସନ୍ଦେହରେ ନିସ୍ତୁକ ପିଟିଥିଲେ। ପରେ ପେହେଲୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଅଗଷ୍ଟ ୨୦୧୯ରେ ଅଲୱାର କୋର୍ଟ ଦୋଷମୁକ୍ତ କରିଦେଇଥିଲେ। ମାମଲାକୁ ବେନିଫିଟ୍ ଅଫ୍ ଡାଉଟ୍ ବା ସନ୍ଦେହରୁ ଫାଇଦା ଦର୍ଶାଯାଇ ଅଭିଯୁକ୍ତଙ୍କୁ ମୁକ୍ତ କରାଯିବା ପରେ ପେହେଲୁ ଖାନ୍ ପରିବାର ହତବାକ୍ ହୋଇଯାଇଥିଲେ।

ଭାରତୀୟ ଗଣତନ୍ତ୍ରର ୩ଟି ପ୍ରମୁଖ ସ୍ତମ୍ଭ ଯଥା ବ୍ୟବସ୍ଥାପିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ରହିଛି। ଉପରଲିଖିତ ଦୁଇଟି ଘଟଣାକୁ ତର୍ଜମା କଲେ ଉଭୟ (ବ୍ୟବସ୍ଥାପିକା ଓ ନ୍ୟାୟପାଳିକା)ରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନେକଙ୍କର କାର୍ଯ୍ୟ ପ୍ରତି ଉତ୍ତରଦାୟିତ୍ୱ ରହିବା ପରି ମନେ ହେଉନାହିଁ। ବିଲ୍‌କିସ୍ ଯେଉଁଭଳି ଭାବେ ୧୭ ବର୍ଷ ଧରି ଶାରୀରିକ ଓ ମାନସିକ ସ୍ତରରେ ଯନ୍ତ୍ରଣା ପାଇଚାଲୁଛନ୍ତି, ତାହାକୁ ବୁଝିବା ପାଇଁ ଗୁଜରାଟର ପ୍ରଶାସନିକ ଅଧିକାରୀମାନେ ସମ୍ଭବତଃ ଦୃଷ୍ଟି ପକାଇବାକୁ ଚାହୁଁନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯିବା ଦିଗରେ ଦୁଇଟି କଥା ଶୁଣାଯାଉଛି। ଗୁଜରାଟ ପକ୍ଷରୁ ଯୁକ୍ତି ବାଢ଼ି ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ, ରାଜ୍ୟ ସରକାର ଏ ନେଇ ଏକ ରିଭ୍ୟୁ ପିଟିଶନ କରିଛନ୍ତି। ଏଥିସହିତ କୋର୍ଟ ଯେଉଁ କ୍ଷତିପୂରଣ ପ୍ୟାକେଜ ଦେବା ନେଇ ନିର୍ଦ୍ଦେଶ ଦେଇଛନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯିବା ଦରକାର, ଯଦ୍ୱାରା ଏହା ଅନ୍ୟ ମାମଲା ଲାଗି ଏକ ଦୃଷ୍ଟାନ୍ତ ସୃଷ୍ଟି କରିବ ନାହିଁ। କିନ୍ତୁ ସଲିସିଟର ଜେନେରାଲ ମେହେଟାଙ୍କ ଏହି ମତ କୌଣସି ସଚେତନ ସଭ୍ୟ ସମାଜରେ ଗ୍ରହଣୀୟ ହେବ ନାହିଁ। ଜଣେ ଗର୍ଭବତୀଙ୍କୁ ବଳାତ୍କାର ଘଟୁଥିବା ବେଳେ ଯଦି ପରିବାରର ୧୪ ଜଣଙ୍କୁ ହତ୍ୟା କରାଯାଏ, ତେବେ ୫୦ ଲକ୍ଷ ଟଙ୍କା କ'ଣ, କୌଣସି ପରିମାଣର କ୍ଷତିପୂରଣ ଯଥେଷ୍ଟ ହେବ ନାହିଁ। ସେଥିପାଇଁ ମେହେଟାଙ୍କ ଯୁକ୍ତି ଯେ ଏହି ରାୟକୁ ଅନ୍ୟତ୍ର ବ୍ୟବହାର କରାଯିବା ପ୍ରତି କଟକଣା ସ୍ପଷ୍ଟ କରାଯାଉ, ତେବେ ତାଙ୍କର ସେହି ମନ୍ତବ୍ୟ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ଦୁଃଖର ବିଷୟ, ସର୍ବୋଚ୍ଚ ଅଦାଲତ ନିର୍ଦ୍ଦିଷ୍ଟ ମାମଲା ଲାଗି ଉଦ୍ଦିଷ୍ଟ ଥିବା ସର୍ତ୍ତରେ ରାଜି ହୋଇଛନ୍ତି। କିନ୍ତୁ ଖଣ୍ଡପୀଠ ଦୁଇ ସପ୍ତାହ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେବେ ଶୀର୍ଷ କୋର୍ଟଙ୍କ ଆଦେଶ ପାଳନ ହେଉଛି ଆଗାମୀ ଦିନରେ ଜଣାପଡ଼ିବ।

ବିଲ୍‌କିସ୍‌ଙ୍କ ମାମଲାରେ କାର୍ଯ୍ୟପାଳିକାର ଦୋଷ ଦିଶିଯାଉଥିବା ବେଳେ ପେହେଲୁ ଖାନ୍‌ଙ୍କ କେସ୍‌ରେ ନ୍ୟାୟପାଳିକାର କେତେ ଜଣଙ୍କ ଭୂମିକା ସନ୍ଦେହ ଭିତରକୁ ଟାଣି ହୋଇଆସୁଛି। ଜଣେ ବ୍ୟକ୍ତିଙ୍କୁ ପିଟିପିଟି ମାରିଦିଆଗଲା ଓ ତାହାର ଭିଡିଓ ଥିବା ନେଇ ମିଡିଆରେ ଅନେକ ଚର୍ଚ୍ଚା ହେଲା, ତଥାପି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିଲା ନାହିଁ। ଭାରତୀୟ ଶାସନ ଓ ନ୍ୟାୟିକ ବ୍ୟବସ୍ଥାରେ ଏହି ଦୁଇଟି ଘଟଣା ବିରୋଧାଭାସ ସୃଷ୍ଟି କଲା ଭଳି ମନେହେଉଛି। ବିଲ୍‌କିସ୍ ମାମଲାରେ କାର୍ଯ୍ୟପାଳିକା ଓ ପେହେଲୁ ଘଟଣାରେ ନ୍ୟାୟପାଳିକାର କେତେକ ବ୍ୟକ୍ତିଙ୍କ କାର୍ଯ୍ୟଧାରା ଭାରତୀୟ ସମାଜର ସମ୍ମାନହାନି କରିଛି। ଏବେ ଦେଖିବାକୁ ବାକି ଅଛି, ସର୍ବୋଚ୍ଚ ନ୍ୟାୟାଳୟର ବିଲ୍‌କିସ୍‌ଙ୍କ ସମ୍ପର୍କରେ ଦିଆଯାଇଥିବା କ୍ଷତିପୂରଣ ରାୟକୁ ଗୁଜରାଟ ସରକାର କାର୍ଯ୍ୟକାରୀ କରାଉଛନ୍ତି ନା ବେଖାତିର ମନୋଭାବ ପୋଷଣ କରି ଏଡ଼ାଇ ଦେଉଛନ୍ତି।

# ଗାନ୍ଧିଜୀଙ୍କ ଦୃଷ୍ଟିରେ ସ୍ୱଚ୍ଛତା



ଜଗଦାନନ୍ଦ ଜେନା

୨୦୧୯ ଅକ୍ଟୋବର ୨ ତାରିଖରେ ଆମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିବାକୁ ଯାଉଛୁ। ଆମ ଜାତିକୁ କର୍ତ୍ତବ୍ୟପରାୟଣ, ସତ୍ୟନିଷ୍ଠ ଓ ସଂସ୍କାରୀ କରିବାକୁ ସେ ଅହରହ ସଂଗ୍ରାମ କରିଥିଲେ। ପରିଷ୍କାର ପରିଚ୍ଛନ୍ନତା ଉପରେ ସେ ଗୁରୁତ୍ୱ ଆରୋପ କରୁଥିଲେ। ଏପରି କି ସେ ଯେଉଁଠି ଅପରିଚ୍ଛନ୍ନତା ଦେଖୁଥିଲେ ଅନ୍ୟକୁ ଅପେକ୍ଷା ନ କରି ନିଜେ ସଫାକରି ଦେଉଥିଲେ। ସେ ଅପରିଚ୍ଛନ୍ନତାକୁ କେତେ ଘୃଣା କରୁଥିଲେ ଓ ସ୍ୱଚ୍ଛତାକୁ କେତେ ଭଲ ପାଉଥିଲେ ତାହା ତାଙ୍କ ଜୀବନର ଗୋଟିଏ ଘଟଣାରୁ ସହଜରେ ଉପଲବ୍ଧି କରିପାରିବା।

୧୯୦୧ ମସିହା କଥା। ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଭାରତ ଆସିଥାନ୍ତି। କଲିକତାରେ କଂଗ୍ରେସ ଅଧିବେଶନ ବସିବାକୁ ଯାଉଥାଏ। ଗାନ୍ଧିଜୀ ସେହି ଅଧିବେଶନରେ ଯୋଗ ଦେବାକୁ ନିମନ୍ତ୍ରଣ ପାଇଥାନ୍ତି। ଉକ୍ତ କଂଗ୍ରେସ ସଭାରେ ଯୋଗଦେବା ତାହା ଥିଲା ତାଙ୍କର ପ୍ରଥମ ଅଭିଜ୍ଞତା। ଗାନ୍ଧିଜୀ ଅଧିବେଶନରେ ଯୋଗ ଦେବାକୁ ଟ୍ରେନ୍‌ରେ ବମ୍ବେରୁ କଲିକତା ବାହାରିଲେ। ସେହି ଟ୍ରେନ୍‌ରେ ଫିରୋଜ ସାହା ଓ କଂଗ୍ରେସ ଅଧିବେଶନର ସଭାପତି ଦୀନଶା ୱାଛା ବି ଯାଉଥିଲେ। ଟ୍ରେନ୍ ଭିତରେ ଗାନ୍ଧିଜୀ ଓ ଫିରୋଜ ଦେଶର ଦୁର୍ଦ୍ଦଶା, ଜାତିଆଣ ଭାବ, ଦାରିଦ୍ର୍ୟ ଆଦି ବିଭିନ୍ନ ବିଷୟରେ ଆଲୋଚନା କଲେ। ଫିରୋଜ କହିଲେ ମୋର ବିଶ୍ୱାସ ଯେ ପର୍ଯ୍ୟନ୍ତ ଇଂରେଜମାନେ ଏ ଦେଶ ଛାଡ଼ି ଯାଇନାହାନ୍ତି ଆମର ଅବସ୍ଥା କଦାପି ସୁଧୁରିବ ନାହିଁ। ସେତେବେଳେ ଟ୍ରେନ୍ କଲିକତାରେ ଲାଗିଲା। ଅଭ୍ୟର୍ଥନା ସମିତି ସଭ୍ୟମାନେ ଭାରି ଆଡ଼ମ୍ବରରେ ସଭାପତି ଦୀନଶାଙ୍କୁ ପାଛୋଟି ନେଲେ। ଗାନ୍ଧୀ ଓ ଅନ୍ୟ ପ୍ରତିନିଧିମାନଙ୍କୁ କେହି ପଚାରିଲେ ନାହିଁ। ଗାନ୍ଧିଜୀ ସେଇଠି ଅନୁଭବ କଲେ ଆନ୍ଦୋଳନ ପାଇଁ ଏକଜୁଟ ହୋଇଥିବା ଲୋକମାନଙ୍କ ଭିତରେ ଆନ୍ଦୋଳନ ଲାଗି ଯେତେ ଭୋକ ନାହିଁ, ଭୋକ ଅଛି କିପରି ବଡ଼ବଡ଼ିଆଙ୍କ ସାନ୍ନିଧ୍ୟ ଲାଭ କରିବା। ଜଣେ ସ୍ୱେଚ୍ଛାସେବକକୁ ଗାନ୍ଧିଜୀ ପଚାରିଲେ, କେଉଁଠି ଆମ ରହିବା ବ୍ୟବସ୍ଥା ହୋଇଛି। ସ୍ୱେଚ୍ଛାସେବକ ରିପନ କଲେଜ ଯିବା ପାଇଁ କହିଲେ। ସେଠାରେ ଲୋକମାନ୍ୟ ତିଳକ ରହୁଥିବା ଖବର ପାଇ ଗାନ୍ଧିଜୀଙ୍କ ମନ ବହୁତ ଖୁସି ହୋଇଗଲା। ସେତେବେଳେ ତିଳକ ଜଣେ ପ୍ରତିଷ୍ଠିତ ଓ ବିଶ୍ୱ ଦରବାରରେ ପରିଚିତ ବ୍ୟକ୍ତିତ୍ୱ ଥିଲେ। ସେଠି ରହିବା ଅବସରରେ ତାଙ୍କ ସହିତ ସାକ୍ଷାତ ହୋଇଯିବ ଓ ସେ କଂଗ୍ରେସ ସମ୍ପର୍କରେ ଅନେକ କଥା ଜାଣିପାରିବେ। କଲେଜରେ ପହଞ୍ଚିଲା ପରେ ଗାନ୍ଧିଜୀ ଦେଖିଲେ ଚାରୋଟି ହଲ୍‌ରେ ପ୍ରତିନିଧିମାନଙ୍କ ରହିବା ପାଇଁ ଜାଗା ଠିକ୍ କରାଯାଇଛି। ତଳେ ଦରି ପଡିଥିଲା। ନିଜ ନିଜ ବ୍ୟାଗ ରଖି ଯିଏ ଯେଉଁ ସ୍ଥାନ ଅଧିକାର କରିନେଲେ। ଗୋଟିଏ କୋଠରି ସ୍ୱେଚ୍ଛାସେବକମାନେ ରହିବା ପାଇଁ ଉଦ୍ଦିଷ୍ଟ ଥିଲା। ସ୍ୱେଚ୍ଛାସେବକମାନେ ଧଳା ହାଫ୍ ପ୍ୟାଣ୍ଟ, କୁରୁତା, ମୁଣ୍ଡରେ ପଟି ଓ ଛାତିରେ ବ୍ୟାଜ୍ ଲଗାଇଥିଲେ, ଯେଉଁଥିରୁ ସେମାନଙ୍କୁ ସ୍ୱେଚ୍ଛାସେବକ ବୋଲି ଜାଣିହେବ। ସେମାନଙ୍କ



ଗାନ୍ଧୀ ଜୟନ୍ତୀ ଉପଲକ୍ଷେ

ଉପରେ ପ୍ରତିନିଧିମାନଙ୍କ ସୁବିଧା ଅସୁବିଧା ବୁଝିବା ଦାୟିତ୍ୱ ନ୍ୟସ୍ତ ଥିଲା। ଅଧଘଣ୍ଟା ଭିତରେ ଗାନ୍ଧିଜୀ ଯାହା ଦେଖିଲେ, ସେ ନିଜକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ। ସ୍ୱେଚ୍ଛାସେବକମାନେ ଆପଣା ଭିତରେ ଥେଣ୍ଟାଥେଣ୍ଟି ହେଉଥିଲେ। ଜଣକୁ କିଛି କାମ ବରାଦ କଲେ ସେ ଅନ୍ୟ ଜଣଙ୍କ ଉପରେ ପକାଇ ଦେଉଥିଲା। ସେ ଜଣକ ତୃତୀୟ ଜଣକ ଉପରେ ପକାଇଦେଇ ନିଜେ ମୁକ୍ତ ହୋଇଯାଉଥିଲା। କଥାଟା ଏହିପରି ଗଡି ଚାଲୁଥିଲା ଅଥଚ କାମ ହେଉ ନ ଥିଲା। ଏପରି ସ୍ଥଳେ ପ୍ରତିନିଧିମାନଙ୍କୁ ପଚାରେ କିଏ? ଗାନ୍ଧିଜୀ ଦେଖିଲେ ଯେଉଁ ପ୍ରତିନିଧିମାନେ ସେଠାକୁ ଆସିଥିଲେ ସେମାନେ ନିଜକୁ ସ୍ୱତନ୍ତ୍ର ଓ ସମ୍ମାନାସ୍ପଦ ବୋଲି ବିବେଚନା କରୁଥିଲେ। ନିଜ ହାତରେ କିଛି କରୁ ନ ଥିଲେ, ଖାଲି ଯାକୁ ତାକୁ ହୁକୁମ ଦେଉଥିଲେ। ଏଠାରେ ଅସ୍ପୃଶ୍ୟତା ଦେଶର ସାଧାରଣ ନାଗରିକମାନଙ୍କ ଅପେକ୍ଷା ବେଶି ଥିଲା। ଦ୍ରାବିଡ଼ ଲୋକଙ୍କ ରୋଷେଇ ଅଲଗା ହେଉଥିଲା। ସେମାନେ ଅନ୍ୟମାନଙ୍କ ସହ ଖିଆପିଆ କରୁ ନ ଥିଲେ। ଗାନ୍ଧିଜୀ ଅନୁଭବ କଲେ ଯଦି ମହାସଭାକୁ ଆସିଥିବା କଂଗ୍ରେସ ଲୋକ ଏତେ ଛୁଆଁ ଅଛୁଆଁ ବାଛୁଛନ୍ତି ତା' ହେଲେ ଅନ୍ୟ ଲୋକ କେତେ ବାଛୁ ନ ଥିବେ।

ଗାନ୍ଧିଜୀଙ୍କୁ ସବୁଠାରୁ ଦୁଃଖ ଦେଉଥିଲା ଅପରିଷ୍କାର ଅପରିଚ୍ଛନ୍ନତା। ଚାରିଆଡ଼େ ମନ୍ଦା ମନ୍ଦା ପାଣି ଜମା ହୋଇଥିଲା। ସାମାନ୍ୟ କେତୋଟି ପାଇଖାନା, ସେଗୁଡିକର ଗନ୍ଧ କଥା କହିଲେ ନ ସରେ। ପାଇଖାନା ଗାତଗୁଡିକ ମଇଳାରେ ପୋତି ହୋଇଯାଇଥିଲା। ଗୋଡ଼ ଥୋଇବା ଜାଗାରେ ବି ଲୋକ ଝାଡ଼ା ଫେରି ଦେଇଥିଲେ। ଏସବୁ ଦେଖି ଗାନ୍ଧିଜୀ ସ୍ୱେଚ୍ଛାସେବକମାନଙ୍କୁ ଦେଖାକରି କହିଲେ- ସେମାନେ ସଫା ସଫା କହିଦେଲେ ଏହା ମେହେନ୍ତରଙ୍କ କାମ, ଆମ କାମ ନୁହେଁ। ଗାନ୍ଧିଜୀ କେତେଜଣ ପ୍ରତିନିଧି ବନ୍ଧୁଙ୍କୁ ପାଇଖାନା ସଫା କରିବା ପାଇଁ ପ୍ରସ୍ତାବ ଦେଲେ। ସେମାନେ ଗାନ୍ଧିଜୀଙ୍କ କଥାରେ ମୁହଁ ମୋଡି ବାଟ ଆଡେଇ ଚାଲିଗଲେ। ଗାନ୍ଧିଜୀ ଅନୁଭବ କଲେ କେବଳ କ୍ଷମତା, ଅର୍ଥ ଓ ନାମ କମାଇବା ପାଇଁ ଏମାନେ ଆସିଛନ୍ତି। ସେବା ଚିନ୍ତାଧାରା କାହାର ନାହିଁ। ଗାନ୍ଧିଜୀ ହାତରେ ଝାଡୁ ଓ ବାଲ୍‌ଟି ଧରି ପାଇଖାନା ସଫା କରିବା ଆରମ୍ଭ କରିଦେଲେ। ସେଗୁଡିକ ଏତେ ଅପରିଷ୍କାର ହୋଇଥିଲା ଯେ, ଗୋଟିଏ ଗୋଟିଏ ପାଇଖାନା ସଫା କରିବାକୁ ଘଣ୍ଟାକରୁ ଉର୍ଦ୍ଧ୍ୱ ସମୟ ଲାଗିଗଲା। ସବୁ ପାଇଖାନା ସଫା କରିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। ଯେଉଁ ପାଞ୍ଚଟି ପାଇଖାନା ଅତି ସୁନ୍ଦର ଭାବରେ ସେ ସଫା କରିଦେଇଥିଲେ, ସେଥିରେ ପାଇଖାନା ଯିବାକୁ ପ୍ରତିନିଧିମାନଙ୍କ ଲମ୍ବାଧାଡି ଲାଗିଯାଇଥିଲା। ଅଥଚ ଅନ୍ୟ ପାଇଖାନାଗୁଡିକ ସଫା କରିବା ପାଇଁ କେହି ମନ ଦେଇ ନ ଥିଲେ। ପାଇଖାନା ଅପରିଷ୍କାର ଯେତିକି ଗାନ୍ଧିଜୀଙ୍କୁ ମର୍ମାହତ କରି ନ ଥିଲା, ତା'ଠୁ ଅଧିକ ମର୍ମାହତ କରିଥିଲା ଅନେକ ପ୍ରତିନିଧିଙ୍କ ଆଚରଣ। ଅନେକ ପ୍ରତିନିଧି ରାତିରେ ନିଜ ନିଜ ରହିବା ଘରର ବାରଣ୍ଡାରେ ମଧ୍ୟ ଝାଡା ଫେରିବାକୁ ସଂକୋଚ କରୁ ନ ଥିଲେ। ସେ ସ୍ଥାନ ଏତେ ଦୁର୍ଗନ୍ଧରେ ପରିପୂର୍ଣ୍ଣ ହୋଇଯାଇଥିଲା ଯେ, ଘରେ ରହିବା ସମ୍ଭବ ହେଉ ନ ଥିଲା। ଗାନ୍ଧିଜୀ ସ୍ୱେଚ୍ଛାସେବକମାନଙ୍କୁ ଏହା ଦେଖାଇଲେ ଓ ତାଙ୍କ ସହ ମିଶି ସଫା କରିବାକୁ କହିଲେ, କିନ୍ତୁ କେହି ଜଣେ ହେଲେ ବି ବାହାରିଲେ ନାହିଁ। ଶେଷକୁ ଗାନ୍ଧିଜୀ ନିଜେ ହିଁ ସେ ସବୁକୁ ସଫା କଲେ। ଗାନ୍ଧିଜୀଙ୍କର ମନେହେଲା ଏ ଅଧିବେଶନ ଯଦି ତିନିଦିନ ପାଇଁ ନ ହୋଇ ବେଶି ଦିନ ବସିଥାନ୍ତା ତେବେ ସେଠାରେ ମହାମାରୀ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଯାଇଥାନ୍ତା।

ଏହି ପ୍ରଥମ ଅଧିବେଶନ ହିଁ ଗାନ୍ଧିଜୀଙ୍କ ଚିନ୍ତା ଓ ଚରିତ୍ରରେ ଘୋର ପରିବର୍ତ୍ତନ ଆଣିଥିଲା। ସେ ଦକ୍ଷିଣ ଆଫ୍ରିକା ଆଉ ନ ଫେରିବାକୁ ଶପଥ କଲେ। ଭାରତରେ ରହି ପ୍ରଥମେ ଲୋକମାନଙ୍କ ମନରେ ବସା ବାନ୍ଧିଥିବା ଛୁଆଁ ଅଛୁଆଁ, ଉଚ୍ଚନୀଚ, ଅନ୍ୟ ଉପରେ ନିର୍ଭର ମନୋଭାବ ଦୂର କରିବା ପାଇଁ ଦୃଢ଼ ସଂକଳ୍ପ ନେଲେ। କାରଣ ସେ ଜାଣିଥିଲେ ଭାରତକୁ ସ୍ୱାଧୀନ କରିବାକୁ ହେଲେ ଉଚ୍ଚନୀଚ ଭେଦଭାବ ଦୂରୀକରଣ, ସ୍ୱାବଲମ୍ବନଶୀଳତା, କର୍ତ୍ତବ୍ୟପରାୟଣତା ସହିତ ସତ୍ୟ, ଅହିଂସା ଓ ଆଧ୍ୟାତ୍ମିକ ଚେତନା ଦରକାର। ଆଜି ୧୫୦ତମ ଜୟନ୍ତୀ ଅବସରରେ ସେହି ମହାନ୍ ଜାତିରପିତା ଗାନ୍ଧିଜୀଙ୍କ କାର୍ଯ୍ୟକଳାପ ମନେପକାଇବାର ସମୟ ଆସିଛି। ଆଧୁନିକ ଯନ୍ତ୍ର-ସଭ୍ୟତାର ବଶବର୍ତ୍ତୀ ହୋଇ ଆମେ ପର ଉପରେ ଘରେ, ବାହାରେ ଯେପରି ସବୁବେଳେ ନିର୍ଭରଶୀଳ ହୋଇଚାଲିଛନ୍ତି ତାହା ଶୁଭ ଲକ୍ଷଣ ନୁହେଁ। ଏହା ପରିତ୍ୟାଗ ନ କଲେ ଆମର ଉନ୍ନତି ହୋଇପାରିବ ନାହିଁ। ଘର ଓଳାଇବା, ପାଇଖାନା ସଫା କରିବା, ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖିବା, କୌଣସି କାର୍ଯ୍ୟକୁ ସଂକୋଚ ନ କରି ଆଗଭର ହୋଇ କରିବା, କଠିନ ପରିଶ୍ରମ କରି ନିଜ ଉତ୍ପାଦନରେ ବଞ୍ଚିବା ଓ ସରଳ ଜୀବନଯାପନ କରିବା ମନୋଭାବ ସୃଷ୍ଟି ହେଲେ ଆମ ଦେଶରୁ ଦୁର୍ନୀତି, ରୋଗ ଓ ଶୋକକୁ ଦୂର କରିପାରିବା।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସିମିଳିପଡ଼ା,
ଅନୁଗୋଳ, ମୋ-୯୯୩୭୫୯୬୧୩୯

# ଅଭିଭାବକଙ୍କ ଦାୟିତ୍ୱ



ଡ. ଚିନ୍ତାମଣି ପଣ୍ଡା

ନିଜର ଦୋଷତ୍ରୁଟିକୁ ଆଖିବୁଜି ଦେଇ ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ବୋଧହୁଏ ଏବେକାର ତଥାକଥିତ ସଭ୍ୟସମାଜର ଏକ ସହଜାତ ପ୍ରବୃତ୍ତି। ସେହି ନ୍ୟାୟରେ ଆମେ ସର୍ବଦା ଗୋଟିଏ ବିଦ୍ୟାର୍ଥୀର ଅକୃତକାର୍ଯ୍ୟତା ପାଇଁ ସେ ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନ କିମ୍ବା ଶିକ୍ଷକମାନଙ୍କ ଉପରେ ଦୋଷ ଲଦିଥାଉ। ପୁରାକାଳର ଗୁରୁକୁଳୀୟ ଶିକ୍ଷା ବ୍ୟବସ୍ଥାର ବିଦ୍ୟାର୍ଥୀମାନେ ସମ୍ପୂର୍ଣ୍ଣ ଭାବରେ ଗୃହତ୍ୟାଗ କରି ଗୁରୁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶ୍ରମରେ ରହି ବିଦ୍ୟାର୍ଜନ କରୁଥିଲେ। ସେତେବେଳେ ବିଦ୍ୟାର୍ଥୀଙ୍କ ପାଇଁ ପାଞ୍ଚଟି ଅନୁସରଣୀୟ ନିୟମ ଥିଲା, ଯାହାକୁ ବିଦ୍ୟାର୍ଥୀଙ୍କର ପଞ୍ଚଲକ୍ଷଣ ବୋଲି କୁହାଯାଉଥିଲା- ''କାକସ୍ନାନଂ ବକଧ୍ୟାନଂ ଶ୍ୱାନନିଦ୍ରା ତଥୈବ ଚ। ଅଳ୍ପାହାରୀ ଗୃହତ୍ୟାଗୀ ବିଦ୍ୟାର୍ଥୀ ପଞ୍ଚଲକ୍ଷଣମ୍॥''

ଆଜିର ବିଦ୍ୟାର୍ଥୀ କିନ୍ତୁ ଗୃହତ୍ୟାଗୀ ନୁହନ୍ତି କିମ୍ବା ଆଜିର ଗୁରୁ ବୈରାଗୀ ନୁହନ୍ତି। ଅତଏବ ଏ ଯୁଗରେ ଥାଇ ସେ ଯୁଗର ଫଳକୁ ଆଶା କରିବା ହାସ୍ୟାସ୍ପଦ। ଗ୍ରାମାଞ୍ଚଳରେ ବାଳୁତ ଶିଶୁଟିକୁ ମାତାପିତା ବୁଝାଇ ବିଦ୍ୟାଳୟରେ ଦାଖଲ କରେଇଦେବା ପରେ ଦାୟିତ୍ୱମୁକ୍ତ ହୋଇଗଲା ପରି ଅନୁଭବ କରନ୍ତି। ବେଳେବେଳେ ଅଧ୍ୟୟନରୁ ବିରତ କରାଇ ତାକୁ ଛୋଟମୋଟ ଗୃହକାର୍ଯ୍ୟରେ ଲିପ୍ତ କରାନ୍ତି। ବିଦ୍ୟାଳୟରେ ତା'ର ଉପସ୍ଥାନ କିମ୍ବା ପ୍ରଗତି ବିଷୟକୁ ଅଣଦେଖା କରନ୍ତି। କିନ୍ତୁ ସହରାଞ୍ଚଳର ଚିତ୍ର ଟିକେ ଅଲଗା। ସେଠିକାର ଅଭିଭାବକମାନେ ଅନ୍ତତଃ ଗାଡି ଚଳାଇ ଶିଖିବା ପର୍ଯ୍ୟନ୍ତ ତାକୁ ବିଦ୍ୟାଳୟକୁ ନେବାଆଣିବା ଦାୟିତ୍ୱ ନେଇଥାନ୍ତି। ତା'ର ଘରୋଇ ଟ୍ୟୁଶନର ବ୍ୟବସ୍ଥା କରନ୍ତି। ଆଉ ପ୍ରଗତିପତ୍ରକୁ ଶିଶୁଟିର ବିକାଶର ମାପଦଣ୍ଡ ହିସାବରେ ଧରିନେଉଥିବାରୁ ତା'ର ବ୍ୟକ୍ତିତ୍ୱର ଉନ୍ନତି, ଚାରିତ୍ରିକ ଉନ୍ନତି, ଅନ୍ତର୍ନିହିତ ଗୁଣାବଳୀର ବିକାଶ ଇତ୍ୟାଦି ପ୍ରତି ବିଶେଷ ଧ୍ୟାନ ଦିଅନ୍ତି ନାହିଁ। କିନ୍ତୁ ଶିଶୁଟିର ସାମୂହିକ ଉନ୍ନତିରେ ଅଭିଭାବକମାନଙ୍କର ନିର୍ଦ୍ଦିଷ୍ଟ ଭୂମିକା ଥାଏ। ବିଶିଷ୍ଟ ଗବେଷକ ଡ. ରେନାଲ୍‌ଡ ଫରୁଗୁସନଙ୍କ ମତରେ ଶିଶୁଟିର ଶୈକ୍ଷିକ ପ୍ରଗତିର ଅର୍ଦ୍ଧାଧିକ ଭାଗ ବିଦ୍ୟାଳୟର ବାହ୍ୟ ପରିବେଶ ଉପରେ ନିର୍ଭରଶୀଳ। ଯେମିତି ତା'ର ମାତାପିତାଙ୍କର ସହାନୁଭୂତି, ଅଧ୍ୟୟନ ଦିଗରେ ଗୁରୁତ୍ୱ, ଗୃହର ବାତାବରଣ, ସାଙ୍ଗସାଥୀଙ୍କ ବ୍ୟବହାର ଇତ୍ୟାଦି। ମାତାପିତା ବିଦ୍ୟାଳୟରେ ଶିଶୁଟିର ନିୟମିତ ଉପସ୍ଥିତିକୁ ନିଶ୍ଚିତ କରାଇ ଶିକ୍ଷା ପ୍ରତି ତା' ମନରେ ପ୍ରଥମରୁ ଆଗ୍ରହ ସୃଷ୍ଟି କରାଇବା ଉଚିତ। ତା' ସମ୍ମୁଖରେ ବିଦ୍ୟାଳୟର କୁତ୍ସାରଟନା କିମ୍ବା ଶିକ୍ଷକମାନଙ୍କ ଚରିତ୍ର ସଂହାର କଲେ ଶିଶୁଟି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବ ଏବଂ ସେ ଶିକ୍ଷା ପ୍ରତି ବିମୁଖ ହେବ। ନିଜ ମାତାପିତାଙ୍କର ଚରିତ୍ର ତଥା ବ୍ୟକ୍ତିତ୍ୱକୁ ଶିଶୁଟି ଆଦର୍ଶ ଭାବରେ ଗ୍ରହଣ କରିଥାଏ। ତେଣୁ ରାମଚନ୍ଦ୍ରଙ୍କ ପରି ପୁତ୍ରଟିଏ ଗଢ଼ିବାକୁ ଚାହିଁଲେ ଆମକୁ ଦଶରଥଙ୍କର ଭୂମିକା ନିର୍ବାହ କରିବାକୁ ହେବ। ଶିକ୍ଷାଦାନ ପ୍ରଣାଳୀରେ ଅଭିଭାବକମାନଙ୍କ ସମ୍ପୃକ୍ତି ଯେତେ ଅଧିକ ହେବ ଶିଶୁଟି ଶିକ୍ଷା ପ୍ରତି ସେତେ ଯତ୍ନଶୀଳ ହେବ। ଗୃହ ମଧ୍ୟରେ ମଧ୍ୟ ଅଧ୍ୟୟନର ବାତାବରଣ ସୃଷ୍ଟି କରିବାକୁ ଯାଇ ଅଭିଭାବକମାନେ ବିଦ୍ୟାର୍ଥୀ ସହିତ ବହି ଖଣ୍ଡିଏ ଧରି ପଢ଼ିବା ଉଚିତ। ଗୃହପାଠ୍ୟ ସାରିଦେଲେ ତାକୁ ଟିକେ ସ୍ନେହ କରିବା ସହିତ ପ୍ରଶଂସା ମଧ୍ୟ କରିବେ। ଅଧ୍ୟୟନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସାରଣୀ ରଖି ସେତେବେଳେ ଟିଭିଦେଖା ଆଦି ବନ୍ଦ କରିବା ଦରକାର। ମଝିରେ ମଝିରେ ଛୁଟିଦିନମାନଙ୍କରେ ଶିଶୁଟିକୁ ବିଭିନ୍ନ ଶିକ୍ଷଣୀୟ ସ୍ଥାନ ତଥା ସଂଗ୍ରହାଳୟ ଇତ୍ୟାଦି ବୁଲାଇ ନେଇ ମନୋରଞ୍ଜନର ବ୍ୟବସ୍ଥା କରିବେ। ଅଧୁନା ବିଦ୍ୟାଳୟ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ଅଭିଭାବକମାନେ ଯେତିକି ଦାୟିତ୍ୱବାନ ହେଉଛନ୍ତି ମହାବିଦ୍ୟାଳୟ ଶିକ୍ଷାବେଳେ ତାହା କମିଯାଉଛି। କେବେ କୌଣସି ଅଧ୍ୟାପକ, ଅଧ୍ୟକ୍ଷଙ୍କ ସହିତ ବାଳକଟିର ଶୈକ୍ଷିକ ପ୍ରଗତି ଉପରେ ବିଚାର ଆଲୋଚନା ନ କରିବାରୁ ତଥା ପ୍ରତ୍ୟକ୍ଷ ସମ୍ପର୍କ ନ ରଖିବାରୁ ଏଇ ମଉକାରେ ଶୃଙ୍ଖଳିତ ବାଳକଟି ମଧ୍ୟ କୁସଙ୍ଗରେ ପଡି ବିପଥଗାମୀ ହୋଇଯାଉଛି। ମାସକୁ ମାସ ପୁଳାପୁଳା ଟଙ୍କା, ଗାଡି, ମୋବାଇଲ ଯୋଗାଇ ଆମେ ତା'ର ହିସାବ ନ ରଖିବା ଦ୍ୱାରା ନିଆଁରେ ଘିଅ ଢାଳିଲା ପରି ସମସ୍ୟା ବଢୁଛି। ତେଣୁ ତା'ର ଚାରିତ୍ରିକ ସ୍ଖଳନ ଘଟି କେତେବେଳେ ସେ ଛିନ୍‌ତାଇ, ରାହାଜାନିରେ ମାତୁଛି ତ ପୁଣି କେତେବେଳେ ନିଶା ବେପାର କରୁଛି, ଯାହା ଆମେ ସବୁଦିନ ଖବରକାଗଜରେ ଜାଣିବାକୁ ପାଉଛୁ। ଏପରି ଛାତ୍ରମାନଙ୍କ ଶିକ୍ଷାନୁଷ୍ଠାନ ସହିତ ଅଭିଭାବକଙ୍କ ସମ୍ପର୍କ କ୍ଷୀଣ। ଚତୁର ଛାତ୍ରଟି ମହାବିଦ୍ୟାଳୟରେ ଅଭିଭାବକଙ୍କ ଦସ୍ତଖତକୁ ନିଜେ ନକଲ କରି ନିଜର ଅନ୍ୟ ଏକ ବ୍ୟକ୍ତିଗତ ଫୋନ ନମ୍ବରକୁ ଦାଖଲ କରୁଛି ଯହିଁରେ ଫୋନ୍ କିମ୍ବା କୌଣସି ମେସେଜ୍ ଗଲେ ଅଭିଭାବକମାନେ ଜାଣିବାର ଲେଶମାତ୍ର ଅବକାଶ ନାହିଁ। ଦେଶର ନାମକରା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଳମ୍ବିତ ରାତିରେ ଚାଲୁଥିବା ର୍‍ୟାଗିଂ, ହଷ୍ଟେଲଗୁଡ଼ିକରୁ ଜବତ ହେଉଥିବା ନିଶାଦ୍ରବ୍ୟ, ଆପତ୍ତିଜନକ ସାମଗ୍ରୀ, ବୋମା, ଛୁରି ପରି ମାରଣାସ୍ତ୍ର ଆଦି କତିପୟ ବିପଥଗାମୀ ଛାତ୍ରୀଛାତ୍ରଙ୍କ କାରନାମାର ପ୍ରମାଣ ଦିଏ।

କୌଣସି ବଡ଼ ଅଘଟଣରେ ଏହା ରୂପାନ୍ତରିତ ହେଲେ ଯାଇ ଅଭିଭାବକଙ୍କ ଦର୍ଶନ ମିଳେ, ତାହା ପୁଣି ଶିକ୍ଷାନୁଷ୍ଠାନ ବିରୋଧରେ ଫର୍ଦ୍ଦ ଫର୍ଦ୍ଦ ଅଭିଯୋଗ ସହିତ। ସତେଯେମିତି ତାଙ୍କ ପିଲାଟି ଶୁଦ୍ଧସୁବର୍ଣ୍ଣ। ତେଣୁ ଆମ ମତରେ କେବଳ ବିଦ୍ୟାଳୟ ସ୍ତରରେ ନୁହେଁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ମଧ୍ୟ ଅଭିଭାବକ ସମ୍ମିଳନୀ ଅନ୍ତତଃ ପକ୍ଷେ ବର୍ଷକୁ ଦୁଇଥର କରାଯିବା ଆବଶ୍ୟକ। ଏହାଦ୍ୱାରା ଭାରତୀୟ ଶିକ୍ଷା ବ୍ୟବସ୍ଥାର ମାନବୃଦ୍ଧି ହୋଇପାରିବ।

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ,
ଭୁବନେଶ୍ୱର, ମୋ-୯୪୩୭୧୮୫୧୭୫

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ହାତୀ-ମଣିଷ ଲଢେଇ ଚାଲିଥିବାବେଳେ ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ହାତୀ ଓ ସିଂହ ମୂର୍ତ୍ତି ପୂଜା କରିବା ଘଟଣା ସାମନାକୁ ଆସିଛି ଛତିଶଗଡ଼ରେ। ରାଜ୍ୟର ମହାମସୁନ୍ଦ ଜିଲାର ଗାଁ ଗାଁରେ ଧନଜୀବନ ରକ୍ଷାକରିବା ଲାଗି ହାତୀମିତ୍ର ଦଳ ଗଢ଼ାଯାଇଥିଲେ ମଧ୍ୟ ଜିଲାର ଗୁଡରୁଡିହ ଓ କୁକୁରାଡିହ ଗାଁର ଲୋକମାନେ ଆସ୍ଥାର ରାସ୍ତା ଧରିଛନ୍ତି। ସେମାନେ ହାତୀ ସହ ଲଢେଇ ନ କରି ପୂରା ଦିନ କାମ ବନ୍ଦ କରି ହାତୀ ପର୍ବ ପାଳନ କରୁଛନ୍ତି। ଗାଁରେ ସେମାନେ ହାତୀ ମୂର୍ତ୍ତି ସ୍ଥାପନ କରିଛନ୍ତି। ଏହି ମୂର୍ତ୍ତି ନିର୍ମାଣ କରିବା ପାଇଁ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଗାଁର ସମସ୍ତେ ହାତୀ ମୂର୍ତ୍ତିକୁ ପୂଜା କରିବା ସହ ଜଙ୍ଗଲି ହାତୀ ଆକ୍ରମଣରୁ ରକ୍ଷା ପାଇବା ଲାଗି ପ୍ରାର୍ଥନା କରୁଛନ୍ତି। କେବଳ ହାତୀ ନୁହେଁ ମହାମସୁନ୍ଦ ଜିଲାର ଗୁଡରୁଡିହ, ଫୁସେରାଡିହ, ଲହଙ୍ଗର, ମୋହକମ୍ ଓ ସେନକପାଟ ଗାଁର ଛକରେ ଦୁଇଟି ସିଂହ ମୂର୍ତ୍ତି ସ୍ଥାପନ କରାଯାଇଛି। ଗାଁ ଲୋକମାନେ ଏକାଠି ହୋଇ ସିଂହ ମୂର୍ତ୍ତିକୁ ମଧ୍ୟ ପୂଜା କରୁଛନ୍ତି। ହାତୀ ଓ ସିଂହ ମୂର୍ତ୍ତିକୁ ଭକ୍ତିର ସହ ପୂଜା କଲେ ଜଙ୍ଗଲି ହାତୀ କବଳରୁ ମୁକ୍ତି ମିଳିବ ବୋଲି ସେମାନେ ବିଶ୍ୱାସ କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ଅକ୍ଟୋବର ୧୯୯୪**

- ସୌଦି ଆରବ ସମେତ ତୈଳ ଉତ୍ପାଦନକାରୀ ଆରବ ରାଷ୍ଟ୍ରମାନଙ୍କ ପକ୍ଷରୁ ଇସ୍ରାଏଲ ଉପରେ ଯେଉଁ ବାସନ୍ଦ ଲାଗୁ କରାଯାଇଥିଲା ତାହାକୁ ପ୍ରତ୍ୟାହାର କରିନେବା ପାଇଁ ରାଷ୍ଟ୍ରମାନେ ରାଜି ହୋଇଛନ୍ତି।
- ବାଲେଶ୍ୱରର ବସ୍ତା ନିକଟବର୍ତ୍ତୀ ପେଜଗୋଳଠାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩୦ ଫୁଟ ନାଳ ମଧ୍ୟକୁ ଖସିପଡିବା ଫଳରେ ୫୦ ଯାତ୍ରୀଙ୍କର ମୃତ୍ୟୁ ଘଟିଛି।

## ଚିରନ୍ତନୀ

ମୁହିଁ ସେ ଜୀବନ ସକଳ ଧରାର ଧ୍ୟାନ
ଚିର ବାଞ୍ଛିତ ବିଶ୍ୱର ଅବଦାନ,
ମୁହିଁ ସେ ଜୀବନ ଖୋଜିଥିଲୁ ଶୈଶବେ
ତରୁଣ ଆଶାର ରଞ୍ଜିତ ଉଷା-ନଭେ।
(ଜୀବନର ସ୍ପର୍ଶ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | 2 | | | | 7 | 3 | E | | | | |
| 5 | 2 | | | | | 9 | | A | B | | 7 | E | | C |
| | | | 5 | 9 | 7 | | 2 | B | | | 0 | 4 | A | |
| | | C | 3 | | 8 | 6 | | | | | | B | | 2 |
| | | | | | | | | | | 9 | 8 | 1 | | |
| | | E | 1 | | | B | | | 9 | C | | | 0 | |
| | 5 | D | | 7 | 6 | | | | 1 | | | | 8 | E |
| | | 0 | | B | | 4 | | 6 | | 8 | | | | |
| | | 6 | 4 | | | | | | | 0 | | | | |
| | | | A | 8 | | | | 0 | 7 | B | | 9 | C | |
| D | 3 | | | C | | | | 9 | | | | A | | |
| | | | | | | 1 | | 3 | | | 2 | 8 | | |
| 6 | B | | | D | | | | 8 | | | 9 | C | 1 | |
| 7 | | 8 | B | 5 | | | | | | 3 | | | | |
| 1 | | 2 | | | | 7 | 0 | E | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | B | 8 | 5 | E | A | 1 | C | 3 | 7 | 2 | 0 | D | 6 | 4 |
| D | A | C | 0 | 3 | 2 | 9 | 6 | 8 | 4 | E | 1 | B | 7 | 5 |
| 7 | 2 | E | 8 | D | 6 | A | 4 | B | 5 | 3 | C | 0 | 1 | 9 |
| 5 | 0 | 1 | 9 | 4 | B | 7 | 2 | E | D | 8 | 6 | A | 3 | C |
| 6 | 3 | 4 | 1 | C | 7 | D | 5 | 0 | 9 | B | A | E | 2 | 8 |
| 0 | D | 5 | 4 | 6 | C | E | A | 2 | 8 | 9 | 3 | 1 | B | 7 |
| C | E | 2 | B | A | 1 | 6 | 8 | 9 | 0 | 4 | 7 | 3 | 5 | D |
| A | 1 | 7 | 3 | 2 | 0 | C | B | 4 | 6 | D | 5 | 8 | 9 | E |
| 3 | 8 | 6 | D | 5 | 9 | 0 | 7 | 1 | E | A | B | C | 4 | 2 |
| B | 4 | 9 | E | 7 | 8 | 3 | D | 5 | C | 1 | 2 | 6 | A | 0 |
| 1 | 7 | B | 6 | 0 | 5 | 8 | 9 | A | 2 | C | E | 4 | D | 3 |
| 8 | 9 | D | 2 | 1 | 3 | B | E | C | A | 5 | 4 | 7 | 0 | 6 |
| 2 | C | A | 7 | 9 | D | 4 | 1 | 6 | 3 | 0 | 8 | 5 | E | B |
| E | 5 | 3 | A | 8 | 4 | 2 | 0 | 7 | B | 6 | D | 9 | C | 1 |
| 4 | 6 | 0 | C | B | E | 5 | 3 | D | 1 | 7 | 9 | 2 | 8 | A |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଅବସର ପରେ

ମହାଶୟ,

ଭାରତୀୟ ଷ୍ଟେଟବ୍ୟାଙ୍କରୁ ମୁଖ୍ୟ ପ୍ରବନ୍ଧକ ପଦବୀରୁ ଗତ ଜାନୁୟାରୀରେ ଅବସର ନେଇଥିବା ଅଭିନ୍ନ ମୋହନ ନନ୍ଦ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଏଚ୍‌ଡି ପାଇବା ଖବର ପ୍ରକାଶ ପାଇଛି। ବାସ୍ତବରେ ଶିକ୍ଷାଲାଭ ଓ ଜ୍ଞାନ ପିପାସାର ଅନ୍ତ ନାହିଁ। ତେବେ ନନ୍ଦ ନିଜ ବ୍ୟସ୍ତବହୁଳ ଜୀବନରୁ ସମୟ କାଢ଼ି ପିଏଚ୍‌ଡି କରିବା ଲକ୍ଷ୍ୟରେ ଗବେଷଣାରେ ମନୋନିବେଶ କରି କୃତକାର୍ଯ୍ୟ ହେବା ତାଙ୍କର ଅନନ୍ୟ କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ଅବସର ସମୟରେ ତାଙ୍କର ମାନସିକ ତଥା ଶାରୀରିକ ସାମର୍ଥ୍ୟ ଥାଏ ତେବେ ଆହରଣ କରିଥିବା ଗବେଷଣାଲବ୍ଧ ଜ୍ଞାନକୁ ବିନା ବେତନରେ ଅତିଥି ଅଧ୍ୟାପକ ଭାବେ ଛାତ୍ରୀଛାତ୍ରମାନଙ୍କୁ ବିତରଣ କଲେ ଜୀବନ ସାର୍ଥକ ହେବ ବୋଲି ମନେ ହୁଏ। ଅଧ୍ୟାପନାରେ ବ୍ରତୀ ଥିବା ଶିକ୍ଷାବିତ୍‌ମାନଙ୍କୁ ଏହା ପ୍ରେରଣା ଦେବ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଆତ୍ମନିଯୁକ୍ତିରେ ବ୍ୟାଙ୍କଗୁଡ଼ିକର ଅସହଯୋଗ

ଲୋକମାନଙ୍କ ଆର୍ଥିକ ବିକାଶ ଏବଂ ଆତ୍ମନିର୍ଭରଶୀଳତା ବିନା ଦେଶର ବିକାଶ କଥା ଚିନ୍ତା କରାଯାଇ ନ ପାରେ। କିନ୍ତୁ ବ୍ୟାଙ୍କଗୁଡିକର ମନମୁଖି କାର୍ଯ୍ୟ ପାଇଁ ବିଭିନ୍ନ ଉଦ୍ୟୋଗ ଏବଂ ଶିଳ୍ପ ଜରିଆରେ ଆତ୍ମନିଯୁକ୍ତିର ଯେତେ ଯୋଜନା ସେସବୁ କେବଳ ପ୍ରଚାରସର୍ବସ୍ୱ ହେଉଛି। ଲଘୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଜରିଆରେ ଆତ୍ମନିଯୁକ୍ତି ପ୍ରଦାନ ପାଇଁ ଜିଲ୍ଲା ଶିଳ୍ପକେନ୍ଦ୍ରରୁ ଆସୁଥିବା ପ୍ରସ୍ତାବଗୁଡିକୁ ବ୍ୟାଙ୍କଗୁଡ଼ିକ ଡଷ୍ଟବିନକୁ ଫିଙ୍ଗି ଦେଉଛନ୍ତି। ଏଥିପାଇଁ ସରକାର ପ୍ରତ୍ୟେକ ବ୍ୟାଙ୍କକୁ ନିର୍ଦ୍ଦିଷ୍ଟ ଟାର୍ଗେଟ ଦେବା ଦରକାର। ସେ ଟାର୍ଗେଟରେ ବ୍ୟାଙ୍କ କିପରି ପହଞ୍ଚିବ ଏହା ଉକ୍ତ ବ୍ୟାଙ୍କର ଦାୟିତ୍ୱ ହେଉ। ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତା'ହେଲେ ସରକାରଙ୍କ ଯୋଜନା ସଫଳ ହୋଇପାରିବ।

ସତୀଶ କୁମାର ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚୋରି ଉଦ୍ୟମ ଅଭିଯୋଗ, ଜଣେ ଗିରଫ

**ଆସିକା,୧।୧୦(ଡି.ଏନ୍.ଏ.):** ଆସିକା ଥାନା ନଳବଣ୍ଟା ଗ୍ରାମରେ ଗତ ଶୁକ୍ରବାର ରାତି ପ୍ରାୟ ସାଢେ ୧୧ଟାରେ ଜଣେ ମହିଳାଙ୍କ ଘରେ ପଶି ଚୋରି ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ସେହି ଗ୍ରାମର ରତନା ଡାକୁଆ। ଏନେଇ ଆସିକା ଥାନାରେ ନଂ.୩୩୭/୧୯ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ରତନା ମହିଳାଙ୍କ ବାରିପଟେ କବାଟ ଖୋଲି ଜବରଦସ୍ତ ଘରେ ପଶିଥିଲେ। ମହିଳା ଜଣକ ଗୋଟିଏ ଗ୍ରୁପ ଦାୟିତ୍ୱରେ ଥିବାବେଳେ ତାଙ୍କ ନିକଟରେ ଉକ୍ତଟଙ୍କା ରହିଥିବାରୁ ରତନା ଚୋରି କରିବାକୁ ଘରେ ପଶିଥିବା ଥାନାରେ ଅଭିଯୋଗ ହୋଇଥିଲା।

### ଦର୍ଶନଶାସ୍ତ୍ର ବିଭାଗର ସ୍ୱାଗତ ସଭା

**ଭଞ୍ଜନଗର,୧।୧୦(ଡି.ଏନ.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଥିଲା। ଏନେଇ ଆୟୋଜିତ ସଭାରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରି ଭଲ ମଣିଷଟିଏ ହେବାପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ଡ. ବିନୋଦ ଚନ୍ଦ୍ର ସଭା ସଂଯୋଜନା କରିଥିବାବେଳେ ଅଧାପିକା ରାଜଶ୍ରୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ବୁନ୍ଦେଶ୍ୱର ଗୋପାଳଗୋତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ପଥଚାରୀଙ୍କ ମୃତ୍ୟୁ
### ଗାଡି ଚାଳକ ଗିରଫ

**ଦିଗପହଣ୍ଡି,୧।୧୦(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ମଙ୍ଗଳବାର ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ହାଟପଦା ଗାଁର ଗାଡ଼ି ଚାଳକ ଗୋବର୍ଦ୍ଧନ ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ମାର୍ଚ୍ଚ ୨୫ରେ ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାର ଡଙ୍କାରି ଗାଁ ଛକରେ ସିଦ୍ଧେଶ୍ୱର ଗ୍ରାମର ପ୍ରଫୁଲ୍ଲ କୁମାର ପାଢ଼ୀ ଓ ପ୍ରମୋଦ କୁମାର ପାଢ଼ୀ ୨ଭାଇ ଠିଆହୋଇ କଥା ହେଉଥିବା ବେଳେ ବିପରୀତ ଦିଗରୁ ଏକ କାର (ନଂ.ଓଡି୦୨ଆର-୭୨୨୪) ଦୁଇ ଭାଇଙ୍କୁ ଧକ୍କା ଦେଇଥିଲା। ପ୍ରଫୁଲ୍ଲଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ମୃତ୍ୟୁବରଣ କରିଥିଲେ। ପ୍ରମୋଦଙ୍କ ଏତଲା କ୍ରମେ ପୋଲିସ ନଂ.୭୯/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଚାଳକ ଘଟଣା ପରେ ଫେରାର ହୋଇଯାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପ୍ରଶିକ୍ଷଣ ଶିବିର

କବିସୂର୍ଯ୍ୟନଗର,୧।୧୦- କବିସୂର୍ଯ୍ୟନଗର ବ୍ଲକ ବୈଠକ ଗୃହରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିଙ୍କୁ ନେଇ ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ ଅଧକ୍ଷତା କରିଥିଲେ। ଶିବିରରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ତଥା ରହିଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଆଲୋଚନା ହୋଇଥିଲା। ବିଡିଓ ବାସୁଦେବ ନାୟକ, ସହକାରୀ ଯନ୍ତ୍ରୀ ପଞ୍ଚାନନ ବିଷୋୟୀ, ଜିପିଇଓ ପ୍ରଶାନ୍ତ କୁମାର ପାଢ଼ୀ ମଞ୍ଚାସୀନ ଥିଲେ।

# ଆର୍ଯ୍ୟ ସମାଜ ବିଚାରଧାରା ଲାହୋରରୁ ଭଞ୍ଜନଗର ଆସିଥିଲା


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭଞ୍ଜନଗର,୧।୧୦(ଡି.ଏନ.ଏ.)**

ଭଞ୍ଜନଗର ନିକଟସ୍ଥ ତନରଡ଼ା ଶ୍ରୀବତ୍ସ ପଣ୍ଡା ଗୋରକ୍ଷା ଆଶ୍ରମରେ ମଙ୍ଗଳବାର ସଂସ୍କାରକ ଶ୍ରୀବତ୍ସ ପଣ୍ଡାଙ୍କ ୧୪୯ତମ ଜୟନ୍ତି ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଇଂ. ପ୍ରିୟବ୍ରତ ଦାସ ଅଧକ୍ଷତା କରିଥିଲେ। ଅହମ୍ମଦାବାଦ ରୋଜଡ଼ା ଆଶ୍ରମରୁ ଆସିଥିବା ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଡ. ଦେବବ୍ରତ ଆର୍ଯ୍ୟ, ଡ. ଗୋପାଳ ଦାସ, ସ୍ୱାମୀ ସ୍ୱତନ୍ତ୍ରାନନ୍ଦ ଦାସ, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ମାତା ସନ୍ତୋଦେବୀ, ଲଣ୍ଡନରୁ ଆସିଥିବା ଡ଼.ନିତ୍ୟାନନ୍ଦ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଡ଼.ସୁଦର୍ଶନ ଦେବ ଆଚାର୍ଯ୍ୟ ବିବରଣୀ ପାଠ ସହ ସଭା ସଂଯୋଜନା କରିଥିଲେ। ଦେଶ ସ୍ୱାଧିନତା ପୂର୍ବରୁ ହିନ୍ଦୁ ଧର୍ମରେ କୁସଂସ୍କାର ଭରି ରହିଥିଲା। ଛୁଆଁଅଛୁଆଁ ଭେଦଭାବ ଥିଲା। ଏହିଭଳି ଘୃଣ୍ୟ କାର୍ଯ୍ୟକୁ ନେଇ ସଂସ୍କାରକ ଶ୍ରୀବତ୍ସ ପଣ୍ଡା ଚିନ୍ତିତ ହେବାସହ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ନିଷ୍ପତି ନେଇଥିଲେ। ଏହି ସମୟରେ ତାଙ୍କର କିଛି ବନ୍ଧୁ ଆର୍ଯ୍ୟ ସମାଜର ବିଚାରଧାରା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଆର୍ଯ୍ୟ ସମାଜ ପକ୍ଷରୁ ପ୍ରକାଶିତ ସତ୍ୟାର୍ଥ ପ୍ରକାଶ ପଢ଼ିବା ପରେ ଶ୍ରୀବତ୍ସ ଲାହୋର ଯାଇଥିଲେ। ସେଠାରେ ଆର୍ଯ୍ୟ ସମାଜର କର୍ମକର୍ତ୍ତା ଲାଲା ଲାଜପତ ରାୟ, ପଣ୍ଡିତ ଗୁରୁଦତ ବିଦ୍ୟାର୍ଥୀ, ମହାତ୍ମା ହଂସରାଜଙ୍କ ସହ ପରିଚିତ ହୋଇ ଆର୍ଯ୍ୟ ସମାଜର ବିଚାରଧାରା ଉପରେ ଜାଣିଥିଲେ। ଏହାପରେ ୧୯୨୩ରେ ଭଞ୍ଜନଗର ନିକଟସ୍ଥ ତନରଡ଼ାରେ ଆର୍ଯ୍ୟ ସମାଜ କାର୍ଯ୍ୟାଳୟ ଓଡ଼ିଶାରେ ପ୍ରଥମେ ଖୋଲିଥିଲେ। ଏଥିସହ ସତ୍ୟାର୍ଥ ପ୍ରକାଶର ଓଡ଼ିଆ ସଂସ୍କରଣ ପ୍ରକାଶ କରିଥିଲେ। ଏହାପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆର୍ଯ୍ୟ ସମାଜ ଗଠନ ହେବାସହ ଆର୍ଯ୍ୟ ସଂସ୍କୃତି ଓ ପରମ୍ପରାର ପ୍ରଚାର ଓ ପ୍ରସାର ହୋଇଥିଲା। ନାରୀ ଶିକ୍ଷାର ଉନ୍ନତି ପାଇଁ ତନରଡ଼ାରେ ଆର୍ଯ୍ୟ କନ୍ୟା ଗୁରୁକୁଳ ସ୍ଥାପନ କରିଥିଲେ। ବୟସ ବଢ଼ିଲେ ବୃଦ୍ଧ ଗୋରୁଙ୍କୁ କଂସାରିକୁ ବିକି ଦିଆଯାଉଥିଲା। ଏହାକୁ ରୋକିବାକୁ ଗୋରକ୍ଷା ଆଶ୍ରମ ସ୍ଥାପନ କରିଥିଲେ। ବର୍ତ୍ତମାନ ତନରଡ଼ା ଗୋରକ୍ଷାଶ୍ରମରେ ୫୦ରୁ ଉର୍ଦ୍ଧ୍ୱ ବୃଦ୍ଧ ଗୋରୁଙ୍କ ସେବା କରାଯାଉଛି। ଉତ୍ସବରେ ଯୋଗ ଦେଇଥିବା ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ଏଥିସହ ଆଗାମୀ ବର୍ଷ ଶ୍ରୀବତ୍ସ ପଣ୍ଡାଙ୍କ ୧୫୦ତମ ଜୟନ୍ତି ପଡୁଛି। ଏହାକୁ ଧୂମ୍‌ଧାମରେ କରିବାକୁ ଆଜିର ଉତ୍ସବରେ ନିଷ୍ପତ୍ତି ନିଆଯାଇଥିଲା। ଅଧାପକ ବାଲ୍ମିକି ପଟ୍ଟନାୟକ, ଇଂ.ସୁବ୍ରତ ସାମଲ, ସନ୍ତୋଷ ଆଚାର୍ଯ୍ୟ, ବରୁଣ ପଟ୍ଟନାୟକ, ପଞ୍ଚାନନ ପାଳ, ଚକ୍ରଧର ସାହୁ, ଶୁଳପାଣି ଶତପଥୀ, ଆଇଆରବି ବାଟାଲିୟନ ଜବାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ ମାମଲା, ଶିକ୍ଷକ ନିଲମ୍ବିତ

**ଦାରିଙ୍ଗବାଡ଼ି,୧।୧୦(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଜନୈକ ଶିକ୍ଷକଙ୍କୁ ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ ମଙ୍ଗଳବାର ନିଲମ୍ବିତ କରିଛନ୍ତି। ସେ ହେଲେ ପ୍ରଶାନ୍ତ କୁମାର ସାହୁ। ପ୍ରଶାନ୍ତ ପର୍ତ୍ତମାହା ପଞ୍ଚାୟତର ଏକ ସ୍କୁଲରେ ଶିକ୍ଷକ ଥିଲେ। ଗତ ୨୫ ତାରିଖରେ ଗିରଫ ହୋଇଥିବା ନେଇ ପୋଲିସ ବିଇଓ କାର୍ଯ୍ୟାଳୟକୁ ସୂଚନା ପ୍ରଦାନ କରିଥିଲେ । ପୋଲିସର ଗିରଫ ପରେ ବିଇଓ ତାଙ୍କୁ ମଙ୍ଗଳବାର ନିଲମ୍ବିତ କରିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟଯେ ଗତ ୨୦ ତାରିଖରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରଶାନ୍ତଙ୍କ ଘରକୁ ଟ୍ୟୁଶନ ପାଇଁ ଯାଇଥିଲେ।


ଶିକ୍ଷକ ପ୍ରଶାନ୍ତ କୁମାର ସାହୁ।

ସେଠାରେ ପ୍ରଶାନ୍ତ ତାଙ୍କୁ ଅସଦାଚରଣ କରିଥିବା ଛାତ୍ରୀଜଣକ ଘରକୁ ଆସି କହିଥିଲେ। ପରେ ପରିବାର ପକ୍ଷରୁ ଥାନାରେ ୨୩ ତାରିଖରେ ଅଭିଯୋଗ ହୋଇଥିଲା । ଏବେ ଶିକ୍ଷକ ସାହୁ ବିଚାରବିଭାଗ ହାଜତରେ ରହିଛନ୍ତି।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

**ଭଞ୍ଜନଗର,୧।୧୦(ଡି.ଏନ.ଏ)**

ଭଞ୍ଜନଗର ତହସିଲ ପକ୍ଷରୁ ରବିବାର ମୋ ଗାଁ ତହସିଲ କାର୍ଯ୍ୟକ୍ରମ କୁଲାଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨୪ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ କିଛି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ତହସିଲଦାର ଦୀନମଣି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସେକ୍ସନ ଅଫିସର ଅନିଲ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୮୦ଜଣଙ୍କୁ ପଟା ବଣ୍ଟନ କରାଯାଇଥିଲା।

# ବିଡିପୁର କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର



ଅତିଥିମାନେ ସନ୍ଦର୍ଭ ଉନ୍ମୋଚନ କରୁଛନ୍ତି।

**ଭଞ୍ଜନଗର,୧।୧୦(ଡି.ଏନ.ଏ.)**

ବିଡିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ ଅର୍ଥନିତୀ ବିଭାଗ ପକ୍ଷରୁ ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ପ୍ରଭାକର ଶତପଥୀ ସଭାପତିତ୍ୱ କରିଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଅଧାପକ ଡ. ରବୀନ୍ଦ୍ର ନାଥ ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତତ୍କାଳୀନ ଭାରତୀୟ ଅର୍ଥନୀତି ଓ ବାଣିଜ୍ୟ ଚକ୍ର ଉପରେ ମତ ଦେଇଥିଲେ। ଛାତ୍ରୀ ମାହେଶ୍ୱରୀ ଗୌଡ ଓ ଧରିତ୍ରୀ ପ୍ରଧାନ ସନ୍ଦର୍ଭଟିକୁ ମିଳିତ ଭାବେ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧାପକ ଦିଲୀପ ତ୍ରିପାଠୀ ସହଯୋଗ କରିଥିଲେ। ଅଧାପକ ପଞ୍ଚାନନ ପରିଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଧରିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ
## ଗୋରାଚାନ୍ଦ ସଭାପତି, ବ୍ରଜମୋହନ ସମ୍ପାଦକ ନିର୍ବାଚିତ


ନୂତନ କର୍ମକର୍ତ୍ତା।

**ଛତ୍ରପୁର,୧।୧୦(ଡି.ଏନ.ଏ)**

ଗଞ୍ଜାମ ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର କର୍ମକର୍ତ୍ତା ପାଇଁ ଗତ ୨୯ ତାରିଖରେ ଭୋଟ ହୋଇଥିଲା। ମଙ୍ଗଳବାର ସ୍ଥାନୀୟ ଏସପିଙ୍କ କାର୍ଯ୍ୟାଳୟରେ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ ଗଣତି ଚାଲିଥିଲା । ଗୋରାଚାନ୍ଦ ତ୍ରିପାଠୀ ସଂଘ ସଭାପତି, ସୁଦର୍ଶନ ଜେନା ଉପସଭାପତି, ବ୍ରଜମୋହନ ଜେନା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ସୂଚନା ମିଳିଛି। ସେହିପରି ହାଡୁବନ୍ଧୁ ବେହେରା କୋଷାଧକ୍ଷ, ଡି. ହରିରାମ ଯୁଗ୍ମ ସମ୍ପାଦକ-୧, ସୀମାଞ୍ଚଳ ମିଶ୍ର ଯୁଗ୍ମ ସମ୍ପାଦକ-୨ ଭାବେ ନିର୍ବାଚିତ ହୋଇଛନ୍ତି। ଅଭିମନ୍ୟୁ ବେହେରା, ନରୋତ୍ତମ ପ୍ରଧାନ, ବନବାସ ଶବର, ମନୋଜ କୁମାର ଗୌଡ ଓ ଅମର କୁମାର ତରାଇ ନୂତନ କାର୍ଯ୍ୟକାରୀ ସଭ୍ୟ ନିର୍ବାଚିତ ହୋଇଛନ୍ତି।

## ଲଗାଣ ବର୍ଷା, ଘୋଡ଼ାହାଡ଼ ଡ୍ୟାମ ଗେଟ ଖୋଲିଲା

**ଦିଗପହଣ୍ଡି,୧।୧୦(ଡି.ଏନ.ଏ.):** ଦିଗପହଣ୍ଡି ଅଞ୍ଚଳରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ବର୍ଷା ପ୍ରଭାବରେ ବ୍ଲକ ଘୋଡ଼ାହାଡ ଡ୍ୟାମର ଜଳ ପତ୍ତନ ବିପଦ ସଙ୍କେତ ଛୁଇଁଛି। ଡ୍ୟାମର ଜଳ ଧାରଣ କ୍ଷମତା ୧୧୭.୮୦ ମିଟର ଥିବା ବେଳେ ବନ୍ୟା ଜଳ ୧୧୬.୭୦ ମିଟରରେ ପହଞ୍ଚିଥିଲା। ଡ୍ୟାମରୁ ସ୍ପିଲୱେ ଜରିଆରେ ନଦୀ ମଧ୍ୟକୁ ପାଣି ଛଡାଯିବା ପରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜଳ ସ୍ତର ୧୧୬.୪୦ରେ ପହଞ୍ଚିଥିବା ଘୋଡ଼ାହାଡ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଉପ ନିର୍ବାହୀ ଯନ୍ତ୍ରୀ ଇଂ.ପ୍ରମୋଦ କୁମାର ପଣ୍ଡା କହିଛନ୍ତି। ବନ୍ୟା ପରିଚାଳନା ପାଇଁ ବିଭାଗିୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଘୋଡ଼ାହାଡ ନଦୀ ତଟବର୍ତ୍ତି ଗାଁ ସେବକ ଟିକରପଡା, ଗୋଲଣ୍ଡା, ବୁରିପଦର, କୈଠଖଣ୍ଡି, ତଲାସିଙ୍ଗ, ମଧୁବନ, ପେଣ୍ଟା, ଧେରେଣ୍ଡି, ପନାଡ, ମଳାଭଞ୍ଜା, ଖୋଲଡି, ନୂଆଗଡ, ଭୋଇପଲ୍ଲି, ଆମ୍ବଗାଁ, ଜଳମରା, ପଳାସପୁର, ମହାନାଳା, ପାଟପୁର ଆ ଗାଁ ଗୁଡ଼ିକରେ ଜଳ ସମ୍ପଦ ବିଭାଗ ପକ୍ଷରୁ ମାଇକ ପ୍ରଚାର କରି ସତର୍କ ସୂଚନା ଜାରି କରାଯାଇଛି। ନଦୀ ମଧକୁ କୌଣସି ବ୍ୟକ୍ତି ନଯିବା ସହ ସେମାନଙ୍କ ଗୃହ ପାଳିତ ପ୍ରାଣୀ ନ ଛାଡିବା ପାଇଁ ନିବେଦନ କରାଯାଇଥିଲା। ଉପର ମୁଣ୍ଡରେ ପ୍ରବଳରୁ ବର୍ଷା ଲାଗି ରହିଥିବାରୁ ଡ୍ୟାମ ମଧ୍ୟକୁ ଘଣ୍ଟା ପ୍ରତି ୮ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଛି। ଡ୍ୟାମର ଗୋଟିଏ ଗେଟ ଖୋଲାଯାଇ ସ୍ପିଲୱେ ଦେଇ ନଦୀ ମଧ୍ୟକୁ ବନ୍ୟା ଜଳ ଛଡାଯାଇଛି।

UTKAL UNIVERSITY
NAAC ACCREDITED A+
150 YEARS OF CELEBRATING THE MAHATMA
ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ
NATIONAL HIGHER EDUCATION MISSION
Remembering the Mahatma
UTKAL UNIVERSITY
INVITES YOU ALL
2 October 2019 || 7.00 AM onwards
Utkal University Campus
Join us to celebrate
the life and works of the Mahatma and
pay tribute to the Messenger of Peace

| | |
|---|---|
| 7.00AM - 8.00AM | • Prabhat Pheri and Campus Cleaning |
| 8.00AM - 9.00AM | • Fit India Movement & Plogging Run |
| 10.30AM - 11.30AM | • Unveiling of Gandhiji's Statue by the Chief Guest His Excellency Prof. Ganeshi Lal Hon'ble Governor of Odisha and Chancellor of Utkal University at Abimsa Sthal in the gracious presence of distinguished Guest of Honour Shri Madhusudan Padhi, IAS Principal Secretary to the Hon'ble Governor |
| | • Launching of Peace Studies Programme |
| 4.00PM | • Inauguration of International Conference on Mahatma and his vision of rural development and social transformation |
| 6.00PM - 8.00PM | • Cultural Programme |

In fond remembrance, 150 students will offer floral tribute in the morning and 150 students will light candles in the evening.

Prof Soumendra Mohan Patnaik
Vice Chancellor

Mr. Dayanidhi Nayak, OAS
Registrar

DSPL-106
ଆନନ୍ଦମୟ ପୂଜା ଓ ପର୍ବପର୍ବାଣୀ ପାଇଁ ଆପଣଙ୍କ ଭକ୍ତି, ଏକତା ସହ କିଛି ସଚେତନତା
ପୂଜା, ମେଳା, ସଭାସମିତି କିମ୍ବା ସେହିପରି କୌଣସି କାର୍ଯ୍ୟକ୍ରମ ମାନଙ୍କରେ ଅସ୍ଥାୟୀ ପେଣ୍ଡାଲ, ମଞ୍ଚ, ସାଜସଜ୍ଜା ଇତ୍ୟାଦି କରିବା ପୂର୍ବରୁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ-

❖ ନିକଟରେ ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ଥିଲେ, ଅତିକମରେ ୧୦ ଫୁଟ ଦୂରତା ରଖି କାର୍ଯ୍ୟ କରନ୍ତୁ। ବିଦ୍ୟୁତ୍ ଖୁଣ୍ଟ, ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ । ବିଦ୍ୟୁତ୍ ତାର ତଳେ କୌଣସି ପେଣ୍ଡାଲ କିମ୍ବା ସାଜସଜ୍ଜା କାର୍ଯ୍ୟ କରନ୍ତୁ ନାହିଁ ।
❖ ଲାଇଟ, ପଙ୍ଖା ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ବ୍ୟବହୃତ ବିଦ୍ୟୁତ୍ ତାରରେ ଯଥା ସମ୍ଭବ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ । ଆବଶ୍ୟକ ସ୍ଥଳେ ବିଦ୍ୟୁତ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ । ଜଏଣ୍ଟ ରୁ ସ୍ପାର୍କ ହୋଇ ନିଆଁ ଲାଗିବା ଏବଂ ବିଦ୍ୟୁତ୍ ଆଘାତର ସମ୍ଭାବନା ଥାଏ ।
❖ ସମସ୍ତ ବିଦ୍ୟୁତ୍ ଉପକରଣ ଗୁଡିକୁ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରନ୍ତୁ ଏବଂ ଏହା ସଠିକ୍ ରୂପେ କାର୍ଯ୍ୟ କରୁଛି ବୋଲି ନିଶ୍ଚିତ ହୁଅନ୍ତୁ ।
❖ ଅସ୍ଥାୟୀ ସର୍ଭିସ୍ କନେକ୍ସନ୍ ନିମନ୍ତେ ଆବଶ୍ୟକ କ୍ଷମତା ବିଶିଷ୍ଟ ଏବଂ ସୁରକ୍ଷିତ ISI ମାର୍କା ତାର ବା କେବୁଲ୍ ବ୍ୟବହାର କରନ୍ତୁ ଏବଂ ଅଧିକ ଲୋଡ୍ କରନ୍ତୁ ନାହିଁ।
❖ ୧୦୦ କିମ୍ବା ତଦୁର୍ଦ୍ଧ ଜନ ସାଧରଣଙ୍କର ସମାଗମ ହେବା ସ୍ଥାନରେ ବିଦ୍ୟୁତ୍ ବ୍ୟବହାର ହେବାକୁ ଥିଲେ ବିଦ୍ୟୁତ୍ ନିରୀକ୍ଷକଙ୍କ ଅନୁମତି ଅନିର୍ବାର୍ଯ୍ୟ ଅଟେ।



ବିଦ୍ୟୁତ ବ୍ୟବହାର ରେ ସହଜ ହୁଏ ଜୀବନ,
ଅସାବଧାନ ହେଲେ ନେଇ ଯାଏ ଜୀବନ।

❖ ଉପଯୁକ୍ତ କ୍ଷମତା ଏବଂ କେବଳ ISI ମାର୍କା ତାର, ସର୍କିଟ୍ ବ୍ରେକର୍/ଫିଉଜ୍, ମେନ୍ ସୁଇଚ୍, ଚେଞ୍ଜଓଭର୍ ଇତ୍ୟାଦି ବ୍ୟବହାର କରନ୍ତୁ।
❖ ଖୋଲାରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ ଉପଯୁକ୍ତ IP65/IP66/IP55 ଇତ୍ୟାଦି ମାନକ ଥିବା ଉପକରଣ ବ୍ୟବହାର କରନ୍ତୁ।
❖ ପର୍ଯ୍ୟାପ୍ତ ସଂଖ୍ୟାର ଅଗ୍ନି ନିର୍ବାପକ ଉପକରଣ, ଶୁଖିଲା ବାଲି (ବାଲ୍ଟିରେ) ପ୍ରଭୃତି ଷ୍ଟେଜ୍ ନିକଟରେ ଏବଂ ମେନ୍ ସୁଇଚ୍ ପ୍ୟାନେଲ୍ ଥିବା ସ୍ଥାନରେ ରଖନ୍ତୁ। ଆବଶ୍ୟକ ସ୍ଥଳେ ଫାୟାର୍ ଡିଟେକ୍ସନ୍ ଆଣ୍ଡ ଆଲାର୍ମ ସିଷ୍ଟମ୍ ର ବ୍ୟବହାର କରନ୍ତୁ।
❖ ଅସ୍ଥାୟୀ ପେଣ୍ଡାଲ୍ କରିବା ପୂର୍ବରୁ ବିଦ୍ୟୁତ୍ ବିତରଣ ବିଭାଗ, ବିଦ୍ୟୁତ୍ ନୀରିକ୍ଷକ ଓ ଅଗ୍ନି ନିର୍ବାପକ ବିଭାଗ ଇତ୍ୟାଦିକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକୀୟ ଅନୁମତି ନିଅନ୍ତୁ।
❖ ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର୍ ସୁଇଚ୍ ରହିବା ଅନିର୍ବାଯ୍ୟ ଅଟେ।
❖ କେବଳ ଲାଇସେନ୍ସ ପ୍ରାପ୍ତ ସଂସ୍ଥା ଏବଂ କୁଶଳୀ କାରିଗରଙ୍କ ଦ୍ୱାରା ବୈଦ୍ୟୁତିକ କାର୍ଯ୍ୟ କରନ୍ତୁ ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡିଶା ସରକାର
04004/13/0012/1920

# ବାର ଆସୋସିଏଶନ ପକ୍ଷରୁ ଏଡିଜେଙ୍କୁ ସ୍ୱାଗତ

ଭଞ୍ଜନଗର,୧।୧୦(ଡି.ଏନ.ଏ.)- ଭଞ୍ଜନଗର କୋର୍ଟର ନୂତନ ଏଡିଜେ ଭାବେ ହେମନ୍ତ କୁମାର ସେଠୀ ଯୋଗ ଦେଇଛନ୍ତି। ମଙ୍ଗଳବାର ବାର ଆସୋସିଏଶନ ପକ୍ଷରୁ ଏକ ସ୍ୱାଗତ ସଭା ହୋଇଥିଲା। ଏଥିରେ ସଭାପତି ଅଭିମନ୍ୟୁ ଗୌଡ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ୍ ଜଜ୍ ସ୍ରୋତସ୍ୱିନୀ କର, ଏସ୍‌ଡିଜେଏମ୍ ବେଦପ୍ରକାଶ, ଜେଏମ୍‌ଏସ୍‌ସି ସୁନିଲ ମିଶ୍ର, ସମ୍ପାଦକ ଅଶୋକ ଜେନା, ଉପ ସଭାପତି ଜ୍ୟୋତିରାଜ ପତି, ସହ ସମ୍ପାଦକ ଆଶିଷ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଥିଲା।

# ଗାଲେରୀ କଲେଜରେ ଅଭିଭାବକ ସମ୍ମିଳନୀ

**ଭଞ୍ଜନଗର,୧।୧୦(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ଗାଲେରୀ ଦଣ୍ଡପାଣି ମହାର୍ଥା କଲେଜରେ ମଙ୍ଗଳବାର ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆ ଶିକ୍ଷାନିତୀ ଉପରେ ଅଭିଭାବକଙ୍କୁ ସଚେତନତା କରାଯାଇଥିଲା। ଅଧକ୍ଷ ସୁଶାନ୍ତ ନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ଦୁର୍ଗାମାଧବ ଦାସ ସଭା ସଂଯୋଜନା କରିଥିଲେ। ଛାତ୍ରୀ ପ୍ରଗତି ବିଷୋୟୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିରୁପାକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ମିଳନୀରେ ଉପସ୍ଥିତ ଅତିଥି।



## ଜିଲା ଚିଠି
### ବାଲେଶ୍ୱର

# ନକଲି ହିତାଧିକାରୀ

ରାଶନ କାର୍ଡକୁ ଆଧାର ସହ ଲିଙ୍କ୍ କରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପ୍ରକ୍ରିୟା ଆରମ୍ଭ ହେବା ପରେ ବାଲେଶ୍ୱର ଜିଲାରେ ବହୁ ନକଲି ହିତାଧିକାରୀଙ୍କ ତଥ୍ୟ ପଦାକୁ ଆସିଛି। ଆଧାର ଲିଙ୍କ୍ ପାଇଁ ଗତ ସେପ୍ଟେମ୍ବର ୧୫ ତାରିଖ ଥିଲା ଶେଷ ଅବଧି। ଏହି ସମୟ ମଧ୍ୟରେ ଆଧାର ଲିଙ୍କ୍ କରି ନ ପାରିବାରୁ ଜିଲାରେ ମୋଟ ୮୩ହଜାର ୩୦୭ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଛନ୍ତି। କେବଳ ବାଦ୍ ପଡ଼ିଛନ୍ତି ନୁହେଁ, ଏଥିମଧ୍ୟରେ ଅନେକ ଜାଲ୍ ହିତାଧିକାରୀ ଥିବା ପ୍ରଶାସନର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗତ ୪ ବର୍ଷ ମଧ୍ୟରେ ଏହି ଜାଲ୍ ରାଶନ କାର୍ଡ ଜରିଆରେ ୧୯,୨୦୦ ଟନ୍ ଚାଉଳ ଲୁଟି ନିଆଯାଇଥିବା ଚର୍ଚ୍ଚାକୁ ଆସିଛି। ଜିଲାରେ ଥିବା ୧୨ ବ୍ଲକ, ୩ ମ୍ୟୁନିସିପାଲିଟି ଓ ଗୋଟିଏ ଏନ୍ଏସିରେ ରାଶନକାର୍ଡ଼ ଜରିଆରେ ୧୮ଲକ୍ଷ ୪୭ହଜାର ୪ ହିତାଧିକାରୀ ଆଗରୁ ଚାଉଳ ଉଠାଉଥିଲେ। ଏମାନଙ୍କ ମଧ୍ୟରୁ ୧୭ଲକ୍ଷ ୬୩ହଜାର ୬୯୭ ହିତାଧିକାରୀ ରାଶନ କାର୍ଡ ସହ ସେମାନଙ୍କ ଆଧାର କାର୍ଡ ଲିଙ୍କ୍ କରିଛନ୍ତି। ବାହାନଗା ବ୍ଲକରେ ୧,୦୮,୭୭୯ ହିତାଧିକାରୀ ତାଲିକାରେ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୨,୪୧୫ଜଣ ଆଧାର ଲିଙ୍କ୍ କରି ନ ପାରି ବାଦ୍ ପଡ଼ିଛନ୍ତି। ସୋର ବ୍ଲକରେ ୧,୦୮,୩୭୬ ହିତାଧିକାରୀଙ୍କ ମଧ୍ୟରୁ ୬,୬୧୨, ସୋର ମ୍ୟୁନିସିପାଲିଟିରେ ୨୦,୩୨୭ ହିତାଧିକାରୀଙ୍କ ମଧ୍ୟରୁ ୭୮୩, ସିମୁଲିଆ ବ୍ଲକରେ ୧,୦୧,୦୩୬ ହିତାଧିକାରୀଙ୍କ ମଧ୍ୟରୁ ୧,୪୨୪ ଓ ଖଇରା ବ୍ଲକରେ ୧,୪୨,୩୧୫ ହିତାଧିକାରୀଙ୍କ ମଧ୍ୟରୁ ୫,୬୧୧ ବାଦ୍ ପଡିଛନ୍ତି। ନୀଳଗିରି ବ୍ଲକରେ ୯୯,୨୩୮ ହିତାଧିକାରୀଙ୍କ ମଧ୍ୟରୁ ୫,୯୬୫ ଏବଂ ନୀଳଗିରି ଏନ୍ଏସିରେ ୯୯୨୦ଜଣ ହିତାଧିକାରୀଙ୍କ ମଧ୍ୟରୁ ବାଦ୍ ପଡିଥିବା ୪୫୩ ଜଣ ନକଲି ହିତାଧିକାରୀ ବୋଲି କୁହାଯାଉଛି। ଔପଦା ବ୍ଲକରେ ୬୪,୧୩୬ ହିତାଧିକାରୀଙ୍କ ମଧ୍ୟରୁ ୩,୭୧୨, ରେମୁଣା ବ୍ଲକରେ ୧,୫୮,୩୯୫ ହିତାଧିକାରୀଙ୍କ ମଧ୍ୟରୁ ୯୫୦୨, ବାଲେଶ୍ୱର ସଦର ବ୍ଲକରେ ୨,୦୦,୩୨୯ ହିତାଧିକାରୀଙ୍କ ମଧ୍ୟରୁ ୧୪,୯୭୩, ବାଲିଆପାଳ ବ୍ଲକରେ ୧,୪୬,୭୫୪ ହିତାଧିକାରୀଙ୍କ ମଧ୍ୟରୁ ୯୮୪୩, ବସ୍ତା ବ୍ଲକରେ ୧,୪୮,୩୦୬ ହିତାଧିକାରୀଙ୍କ ମଧ୍ୟରୁ ୫୨୨୮ ଜଣ ଆଧାର ଲିଙ୍କ୍ କରାଇପାରିନାହାନ୍ତି। ସେହିପରି ଜଳେଶ୍ୱର ବ୍ଲକରେ ୧,୬୨,୨୯୫ ହିତାଧିକାରୀଙ୍କ ମଧ୍ୟରୁ ୨୪୫୩, ଜଳେଶ୍ୱର ମ୍ୟୁନିସିପାଲିଟିରେ ୧୩,୮୮୧ ହିତାଧିକାରୀଙ୍କ ମଧ୍ୟରୁ ୧୫୨ ଏବଂ ଭୋଗରାଇ ବ୍ଲକରେ ୨,୨୧,୩୦୭ ହିତାଧିକାରୀଙ୍କ ମଧ୍ୟରୁ ୯୮୪୬ ଜଣ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଜିଲାରେ ଏତେ ସଂଖ୍ୟାରେ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବା ଘଟଣା ନେଇ ବିଭାଗୀୟ ଅଧିକାରୀମାନେ କାରଣ ଖୋଜୁଥିବା କହୁଛନ୍ତି। ଅନ୍ୟପକ୍ଷେ ଆଧାର କାର୍ଡ ପାଇ ନ ଥିବା କାରଣରୁ କେତେକ ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଇଛନ୍ତି। ଯେଉଁ ରାଶନ କାର୍ଡ଼ଧାରୀମାନେ ସେମାନଙ୍କ ଆଧାର ଲିଙ୍କ୍ କୌଣସି କାରଣରୁ କରାଇପାରିନାହାନ୍ତି, ସେମାନେ ଏବେ ବି ତାହା କରିପାରିବେ। ଯଦି କୌଣସି ବୃଦ୍ଧ, ଅସହାୟ, ରୋଗଗ୍ରସ୍ତ, କୁଷ୍ଠ ପୀଡ଼ିତ ରୋଗୀ କିମ୍ବା ଦୁର୍ଗମ ଅଞ୍ଚଳରେ ରହୁଥିବା ହିତାଧିକାରୀ ଆଧାର ଲିଙ୍କ୍ କରିପାରି ନ ଥିବେ, ଯାଞ୍ଚ କରି ସେମାନଙ୍କୁ ଚାଉଳ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବରୁ ଜିଲାରେ ପ୍ରକୃତ ହିତାଧିକାରୀଙ୍କୁ ଉପେକ୍ଷା କରି ଅନେକ ଥିଲାବାଲା ଲୋକଙ୍କୁ ରାଶନ କାର୍ଡ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ପ୍ରଶାସନ ପକ୍ଷରୁ ଏନେଇ ଯାଞ୍ଚ ଉଦ୍ୟମ କରାଯାଇଥିଲେ ବି ତାହା ଫେଲ୍ ମାରିଥିଲା। ଖାଉଟି ତାଲିକାରୁ ବାଦ୍ ପଡିଥିବା ୮୩,୩୦୭ଜଣ ହିତାଧିକାରୀଙ୍କ ମଧ୍ୟରୁ ପ୍ରକୃତ ହିତାଧିକାରୀ କେଉଁମାନେ ସେନେଇ ପ୍ରଶାସନ ପାଖରେ ତଥ୍ୟ ନ ଥିବା କୁହାଯାଉଛି। ଗୋଟିଏ ଦିଗରେ ଜାଲ୍ ହିତାଧିକାରୀ ଓ ଅନ୍ୟପଟେ ପ୍ରକୃତ ହିତାଧିକାରୀ ଦ୍ୱନ୍ଦ୍ୱରେ ଛନ୍ଦି ହୋଇପଡିଛି ପ୍ରଶାସନ।

– ମାନସ ବିଶ୍ୱାଳ

## ପୁନର୍ଗଠନ ହେବ ରାଜ୍ୟ ମହିଳା କଂଗ୍ରେସ

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟିକୁ ପୁର୍ନଗଠନ କରାଯିବ। ଏନେଇ ପିସିସି ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ଉଦ୍ଦେଶ୍ୟରେ ପିସିସି ପକ୍ଷରୁ ୭ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ପୂର୍ବତନ ଏମ୍‌ପି ସୁଶିଳା ତିରିଆ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ବିଧାୟିକା ଉମାରାଣୀ ପାତ୍ର, ସନ୍ଧ୍ୟା ମହାପାତ୍ର, ସସ୍ମିତା ବେହେରା, ହମିଦ୍ ହୁସେନ୍ ଓ ଯଜ୍ଞେଶ୍ୱର ବାବୁ ରହିଛନ୍ତି। କମିଟିର ଆବାହକ ଭାବେ ବିଜୟଲକ୍ଷ୍ମୀ ସାହୁ ଦାୟିତ୍ୱରେ ଅଛନ୍ତି। ଏହି କମିଟି ଆସନ୍ତା ୧୫ ତାରିଖ ସୁଦ୍ଧା ତାଲିକା ପ୍ରସ୍ତୁତ କରି ପ୍ରଦେଶ କଂଗ୍ରେସ କମିଟି(ପିସିସି)କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

■ ସରକାରଙ୍କୁ ବରିଷ୍ଠ ନାଗରିକଙ୍କ ଚିନ୍ତା

# ପ୍ରତି ବ୍ଲକ୍‌ରେ ହେବ ଡେ’ କେୟାର ସେଣ୍ଟର

**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**



ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ବରିଷ୍ଠ ନାଗରିକଙ୍କ ପାଇଁ ଆଶ୍ରୟସ୍ଥଳୀ, ସ୍ୱାସ୍ଥ୍ୟସେବା, ସୁରକ୍ଷା ସାଙ୍ଗକୁ ନିଃସଙ୍ଗତା ଦୂର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଆଗାମୀ ଦିନରେ ପ୍ରତି ଜିଲାରେ ଜରାନିବାସ ଓ ପୁନର୍ବାସ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ସହ ପ୍ରତି ବ୍ଲକ୍‌ରେ ବୟସ୍କମାନଙ୍କ ନିମନ୍ତେ ‘ଡେ’ କେୟାର ସେଣ୍ଟର’ ପ୍ରତିଷ୍ଠା କରିବାକୁ ଯୋଜନା ରହିଥିବା ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା।

ଅନ୍ତର୍ଜାତୀୟ ବୟସ୍କ ଦିବସ ଉପଲକ୍ଷେ ମଙ୍ଗଳବାର ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ବିଭିନ୍ନ ଯୋଜନାରେ ରାଜ୍ୟର ୩୧ଲକ୍ଷ ବରିଷ୍ଠ ନାଗରିକ ଉପକୃତ ହେଉଥିବା କହିଥିଲେ। ସାମାଜିକ ସୁରକ୍ଷା ପେନ୍‌ସନ୍‌କୁ ସାର୍ବଜନୀନ କରାଯାଇ ସମସ୍ତ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଏଥିରେ ସାମିଲ କରାଯାଉଥିବା ବିଭାଗୀୟ ସଚିବ ଭାସ୍କରଜ୍ୟୋତି ଶର୍ମା କହିଥିଲେ। କାର୍ଯ୍ୟକ୍ରମରେ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ପୋଲିସ୍ ପକ୍ଷରୁ ‘ସହାୟତା’ ନାମରେ ଏକ ନିଃଶୁଳ୍କ ଆପ୍ ଏବଂ ପ୍ରତି ରବିବାର ଅପରାହ୍ନରେ ସବୁ ଥାନାରେ ସେମାନଙ୍କ ସମସ୍ୟା ସମ୍ପର୍କରେ ପୋଲିସ ଆଲୋଚନା କରୁଥିବା କହିଥିଲେ। ଭୁବନେଶ୍ୱରର ପ୍ରତି ୱାର୍ଡରେ ଗୋଟିଏ ଲେଖାଏ ‘ଡେ’ କେୟାର ସେଣ୍ଟର’ ସାଙ୍ଗକୁ ପାର୍କଗୁଡ଼ିକରେ ‘ଜିମ୍’ ଖୋଲାଯିବ ବୋଲି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠ ସଂଗଠକ ଭାବେ କଟକ ବରିଷ୍ଠ ମହାସଭା, ବିଭିନ୍ନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ରାୟଗଡାର ଗୋଲକନାଥ ବେହେରା, ଫୁଲବାଣୀର ଦେବାନନ୍ଦ ପାତ୍ର, ବଲାଙ୍ଗୀରର ନରସିଂହ ପ୍ରସାଦ ଗୁରୁ ଓ ବରିଷ୍ଠ ନାଗରିକଙ୍କୁ ସେବାରେ ବ୍ୟକ୍ତିଗତ ଉଦ୍ୟମ ପାଇଁ ଖୋର୍ଦ୍ଧା ଜିଲାର ନଗେନ୍ଦ୍ର ମିଶ୍ରଙ୍କୁ ‘ବୟୋଜ୍ୟେଷ୍ଠ ସମ୍ମାନ’ ପ୍ରଦାନ କରାଯାଇଥିଲା।

■ପ୍ରତି ଜିଲାରେ ଜରାନିବାସ
■କଟକ ବରିଷ୍ଠ ମହାସଭା ଶ୍ରେଷ୍ଠ ସଂଗଠନ
■୪ଜଣଙ୍କୁ ‘ବୟୋଜ୍ୟେଷ୍ଠ ସମ୍ମାନ’

# ୩୩ ଜିଲା ପାଇଁ ବଛାଯିବେ ପ୍ରେରକ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

**କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ**

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ରାଜ୍ୟ ପ୍ରଶିକ୍ଷଣ ସଂଯୋଜକ ଶୁଭେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟାକ୍ରମରେ ୩୩ଟି ସାଂଗଠନିକ ଜିଲା ପାଇଁ ୩୩ ଜଣ ପ୍ରେରକ ବଛାଯିବା ଉପରେ ଆଲୋଚନା କରାଯାଇଛି। ଏଥିପାଇଁ ଶତାଧିକ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟତଃ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ମୋଦି ସରକାରଙ୍କ ୬ ବର୍ଷର ବିଫଳତା ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାପଡିଛି। ଜିତେନ୍ଦ୍ର କହିଛନ୍ତି, କେନ୍ଦ୍ରରେ ମୋଦି ସରକାରଙ୍କ ଶାସନ ମଧ୍ୟରେ ଦେଶର ସାମ୍ପ୍ରତିକ ରାଜନୀତି, ସାମାଜିକ, ଅର୍ଥନୈତିକ ପରିସ୍ଥିତି ଦିନକୁ ଦିନ ଜଟିଳ ଓ ଦୁର୍ବିଷହ ହେବାରେ ଲାଗିଛି। ବଜାର ଦର ଆକାଶଛୁଆଁ ହୋଇଚାଲିଛି। ଅଚ୍ଛେ ଦିନର ସ୍ଲୋଗାନ ସମ୍ପୂର୍ଣ୍ଣ ବୁରା ଦିନରେ ପରିଣତ ହେଲାଣି। ଏପରି ସ୍ଥଳେ ଦେଶବାସୀଙ୍କ ନିକଟରେ ସକ୍ରିୟ ବିରୋଧୀ ଦଳଭାବେ କଂଗ୍ରେସ ପ୍ରତି ଜିଲାରେ ବ୍ୟାପକ ପ୍ରଶିକ୍ଷଣ ମାଧ୍ୟମରେ ପ୍ରେରକମାନଙ୍କୁ ଚୟନ କରି କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରେରକମାନଙ୍କ ଗୁରୁଦାୟିତ୍ୱ ରହିଛି। ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଅଭିନବ କାର୍ଯ୍ୟଶୈଳୀ ମାଧ୍ୟମରେ ବଛାବଛା ପ୍ରେରକମାନଙ୍କ ଦ୍ୱାରା ତୃଣମୂଳସ୍ତରରେ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଏକାଠି କରିବା, ନୂତନ ପିଢିର ଛାତ୍ର ଓ ଯୁବନେତାଙ୍କୁ ଖୋଜି ବାହାର କରିବା, କଂଗ୍ରେସ ନୀତି, ଆଦର୍ଶ ଓ ଦେଶପ୍ରୀତି ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିବା ପ୍ରେରକମାନଙ୍କ ମୁଖ୍ୟ ଭୂମିକା ରହିବ। ଯେଉଁମାନେ ଗାନ୍ଧୀ ଓ ନେହେରୁଙ୍କ ଉପରେ ଦୋଷାରୋପ କରୁଛନ୍ତି ସେମାନେ କେବେ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ନାହାନ୍ତି କିମ୍ବା ସ୍ୱାଧୀନତା ଉପରେ ଟିପ୍ପଣୀ ଦେବା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ୫୦ ବର୍ଷରୁ କମ୍ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯାଇ ପ୍ରେରକମାନଙ୍କ ମାନବୃଦ୍ଧି କରିବା ପାଇଁ ଆବାହକ ଶୁଭେନ୍ଦୁ ମହାନ୍ତି ପିସିସି ସଭାପତି ଏବଂ ପ୍ରଭାରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ପ୍ରମୁଖ ପ୍ରେରକ ପ୍ରଶିକ୍ଷଣ ଶିବିର ଉପରେ ମତବ୍ୟକ୍ତ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାର କାନ ଅଛି,**
**ତାହାର ସୁନା ନାହିଁ;**
**ଯାହାର ସୁନା ଅଛି,**
**ତାହାର କାନ ନାହିଁ।**

ସମସ୍ତଙ୍କର ସବୁଜିନିଷ ପରିପୂର୍ଣ୍ଣ ହୋଇ ନ ଥାଏ। କାହାର ବହୁକୁଟୁମ୍ବୀ ପରିବାର କିନ୍ତୁ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ତ କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ନିଃସନ୍ତାନ, ଅର୍ଥାତ୍ ଭୋଗ କରିବାକୁ ଲୋକ ନାହାନ୍ତି। ପୁଣି କାହାର ଲୋକ ଥିଲେ ବି ରହିବାକୁ ଘର ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ରହିଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟରେ ରଖି ଏପରି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯାହା ନାହିଁ ଭାରତେ**
**ତାହା ନାହିଁ ଭାରତେ।**

ମହାଭାରତ ଗ୍ରନ୍ଥରେ ଭାରତର ସଭ୍ୟତା, ସଂସ୍କୃତି ଓ ରୀତିନୀତି ବର୍ଣ୍ଣିତ। ମହାଭାରତରେ ସମଗ୍ର ଭାରତବର୍ଷର ପ୍ରତିଫଳନ ଦେଖିବାକୁ ମିଳିଥାଏ। ମହାଭାରତରେ ଯାହା ବର୍ଣ୍ଣନା କରା ନ ଯାଇଛି ତାହା ଭାରତବର୍ଷରେ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ସରକାରୀ କମ୍ପାନୀ କ୍ଷେତ୍ରରେ ରହିଥିବା ଖଣି ନିୟମରେ ସଂଶୋଧନ

# ଅବଧି ଶେଷର ବର୍ଷକ ପୂର୍ବରୁ ଆବେଦନ କଲେ ଅଧିକ ୨୦ ବର୍ଷ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ଭାରତୀୟ ଇସ୍ପାତ୍ କ୍ଷେତ୍ରରେ କଞ୍ଚାମାଲର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସରକାରୀ କମ୍ପାନୀ ଦ୍ୱାରା ଖଣି କାର୍ଯ୍ୟ ନେଇ ରହିଥିବା ନିୟମରେ ବର୍ତ୍ତମାନ ମନ୍ତ୍ରଣାଳୟ ପକ୍ଷରୁ ଏକ ବଡ ଧରଣର ସଂଶୋଧନ କରାଯାଇଛି। ସଂଶୋଧିତ ନିୟମାନୁସାରେ ସରକାରୀ କମ୍ପାନୀଗୁଡିକୁ ଖଣି ଲିଜ୍‌ରେ ଦିଆଯାଉଛି। ଯଦି ଏହି ଖଣି କମ୍ପାନୀଗୁଡିକ ସେମାନଙ୍କ ସମୟ ଅବଧି ଶେଷ ହେବାର ବର୍ଷେ ପୂର୍ବରୁ ରାଜ୍ୟ ସରକାରଙ୍କୁ ଏନେଇ ଲିଖିତ ଆବେଦନ କରନ୍ତି, ତେବେ ସେମାନଙ୍କ କ୍ଷେତ୍ରରେ ବିଶେଷ ନିଷ୍ପତ୍ତି ନିଆଯିବ। ସମୟ ଅବଧି ଶେଷ ହେବାର ବର୍ଷକ ଆଗରୁ ଯେଉଁ କମ୍ପାନୀଗୁଡିକ ଆବେଦନ କରିବେ ସେମାନଙ୍କୁ ସରକାର ଅଧିକ ୨୦ ବର୍ଷ ଲିଜ୍ ପାଇଁ ସମୟ ଦେଇପାରିବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ପ୍ରସଙ୍ଗରେ ପ୍ରଥମେ ହସ୍ତକ୍ଷେପ କରିଥିଲେ। ଧର୍ମେନ୍ଦ୍ର ବର୍ତ୍ତମାନ ଭାରତୀୟ ଇସ୍ପାତ୍ କ୍ଷେତ୍ରର କଞ୍ଚାମାଲର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ନିକଟରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍) ନିଜ ଉତ୍ପାଦିତ ଲୁହାପଥରର ୨୫ ପ୍ରତିଶତ ଘରୋଇ ବଜାରରେ ପ୍ରଦାନ କରିବା ପାଇଁ ଖଣି ମନ୍ତ୍ରଣାଳୟକୁ ଅନୁମତି ଦେଇଛି। ଖଣି ମନ୍ତ୍ରଣାଳୟର ଏହି ନିଷ୍ପତ୍ତି ଦେଶର ଇସ୍ପାତ ଶିଳ୍ପର ବିକାଶ ପାଇଁ ଏକ ବଡ ପଦକ୍ଷେପ।

ଉଲ୍ଲେଖଯୋଗ୍ୟ ଯେ ଏମ୍‌ଏମ୍‌ଡିଆର୍ ଆକ୍ଟ ୧୯୫୭ ଅନୁସାରେ ମାର୍ଚ୍ଚ ୨୦୨୦ ସୁଦ୍ଧା ୩୧ଟି କାର୍ଯ୍ୟକ୍ଷମ ଖଣି ଲିଜ୍ ଅବଧି ଶେଷହେବ। ନିକଟରେ ଖଣି ମନ୍ତ୍ରଣାଳୟ ଦ୍ୱାରା ପାରିତ କରାଯାଇଥିବା ଆଦେଶ ଭାରତୀୟ ଇସ୍ପାତ ଉଦ୍ୟୋଗର କଞ୍ଚାମାଲ ସୁରକ୍ଷାକୁ ସୁନିଶ୍ଚିତ କରିବ। ଏହାସହ ଏହି ନିଷ୍ପତ୍ତି ବଜାରରେ କଞ୍ଚାମାଲର ମୂଲ୍ୟକୁ ସ୍ଥିର ରଖିବା ସହ ସେକେଣ୍ଡାରୀ ଇସ୍ପାତ୍ କ୍ଷେତ୍ରରେ ସୁପ୍ରଭାବ ପକାଇବ ବୋଲି ଜଣାପଡିଛି। ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଦ୍ୱାରା ଏହା ସମ୍ଭବ ହୋଇଥିବା ସୂଚନା ମିଳିଛି।

## ଛୁଆହାତୀର ଗଳିତ ମୃତଦେହ ଉଦ୍ଧାର



**ବାରିପଦା ଅଫିସ,୧।୧୦**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଭାଲୁଘେରା ଜଙ୍ଗଲରୁ ମଙ୍ଗଳବାର ଏକ ହାତୀ ଶାବକର ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ଏହି ହାତୀ ଶାବକର ମୃତ୍ୟୁ ସାଧାରଣ ଅଥବା ପରସ୍ପର ମଧ୍ୟରେ ଲଢେଇ କାରଣରୁ ହୋଇଥାଇ ପାରେ ବୋଲି ବାରିପଦା ଡିଏଫଓ ସୟମ ମଲ୍ଲିକ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ ପ୍ରକାଶ କରିଛନ୍ତି। ରାସଗୋବିନ୍ଦପୁର ରେଞ୍ଜ ମୋରଡା ବ୍ଲକ ଅଞ୍ଚଳକୁ ଗତ ସେପ୍ଟେମ୍ବର ୨୭ ତାରିଖରେ ଝାଡଖଣ୍ଡ ଦଲମା ଜଙ୍ଗଲରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ହାତୀ ପଶ୍ଚିମବଙ୍ଗ ପଟେ ଆସିଥିଲେ। ୫୦ଟି ହାତୀ ବେତନଟୀ ରେଞ୍ଜ ଅଞ୍ଚଳକୁ ଚାଲିଯାଇଥିବା ବେଳେ ୧୦ଟି ହାତୀ ଭାଲୁଘେରା ଜଙ୍ଗଲରେ ରହିଯାଇଥିଲେ। ସୋମବାର ରାତିରେ ଉକ୍ତ ହାତୀ ପଲ ବେତନଟୀ ରେଞ୍ଜ ଅଭିମୁଖେ ଚାଲିଯାଇଥିଲା ବେଳେ ମଙ୍ଗଳବାର ହାତୀ ଶାବକର ମୃତଦେହ ମିଳିଥିଲା। ମୃତ ଶାବକଟିର ବୟସ ୪ରୁ ୫ ବର୍ଷ ମଧ୍ୟରେ ହେବ ବୋଲି ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

BUSINESS BUSINESS

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୭ ଜୁଆଡ଼ି ଗିରଫ, ଟଙ୍କା, ମୋବାଇଲ ଫୋନ ଜବତ

**ବ୍ରହ୍ମପୁର ଅଫିସ, ୧।୧୦:** ବଡ଼ବଜାର ଥାନା ପୋଲିସ ଏକ ଜୁଆ ଆଡ୍ଡାରେ ଚଢାଉ କରି ୭ ଜୁଆଡ଼ିଙ୍କୁ ଗିରଫ କରିଛି। ପ୍ରହଲ୍ଲାଦନଗର ୩ୟ ଲେନରେ ରହୁଥିବା ବି.ଜହଳ ପାତ୍ର ତାଙ୍କ ଘରେ ଜୁଆଖେଳ ଚଳାଇଥିବା ପୋଲିସ ଖବର ପାଇ ସୋମବାର ରାତି ପ୍ରାୟ ୧୨ଟାରେ ସେଠାରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ବି.ଜହଳ ପାତ୍ର, ଭଗବାନ ସାହୁ, ମଙ୍ଗଲବାରମ୍‌ପେଟା ସାହିର ଆର.ଶ୍ରୀନୁ ଆଚାରୀ, ହରିଡାଖଣ୍ଡି ଧର୍ମନଗରର ପି. କାହ୍ନୁ ପାତ୍ର, ଶାର୍ଗୁଣା ସାହିର କେ.ସୋମନାଥ ପାତ୍ର, ମାର୍ଥା ସାହିର ରାଜା ବେହେରା ଓ ହାଉସିଂବୋର୍ଡ଼ ହରିହର ନଗରର ପି.ଗୋପୀ ପାତ୍ରଙ୍କୁ ଗିରଫ କରିଥିବା ପୋଲିସ କହିଛି। ପୋଲିସ ସେମାନଙ୍କ ନିକଟରୁ ୧୫ ହଜାର ୭୮୦ ଟଙ୍କା, ୭ ମୋବାଇଲ ଫୋନ ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି। ମାମଲା ନଂ.୧୫୯/୧୯ରେ ଉପରୋକ୍ତ ଜୁଆଡ଼ିମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

### ଲାଞ୍ଚ ମାମଲା: ଆର୍‌ଆଇ, ପିଅନଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୧।୧୦:** ଜମି ପଟ୍ଟା କରାଇଦେବା ନାଁରେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ମଣ୍ଡଳ କାରାଗାରରେ ଥିବା ଧରାକୋଟ ତହସିଲ ଅଧୀନ ମୁଣ୍ଡମରେଇ ରାଜସ୍ୱ ନିରୀକ୍ଷକ (ଆରଆଇ) ସୀମାଞ୍ଚଳ ପାଢ଼ୀ ଓ ପିଅନ ସନ୍ତୋଷ ଗୌଡ଼ଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ବିଜୟ କୁମାର ଜେନା ସେମାନଙ୍କୁ ଏହି ଜାମିନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୧୧ ତାରିଖରେ ମୁଣ୍ଡମରେଇ ଗ୍ରାମର ପବିତ୍ର ଦାସଙ୍କୁ ଏକ ଜମି ପଟ୍ଟା କରିବା ପାଇଁ ଆରଆଇ ସୀମାଞ୍ଚଳ ୧୫ ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ଘଟଣା ଦିନ ଆରଆଇଙ୍କ କାର୍ଯ୍ୟାଳୟକୁ ଯାଇ ଦାବି ମୁତବକ ୧୫୦୦ ଟଙ୍କା ସୀମାଞ୍ଚଳଙ୍କୁ ଦେଇଥିଲେ। ହେଲେ ସେ ଉକ୍ତ ଟଙ୍କା ନିକଟରେ ଥିବା ତାଙ୍କ ପିଅନ ସନ୍ତୋଷଙ୍କୁ ଦେବାକୁ କହିଥିଲେ। ପରେ ଭିଜିଲାନ୍ସ ଟିମ୍ ସେଠାରେ ଚଢାଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ଉଭୟ ସୀମାଞ୍ଚଳ ଓ ସନ୍ତୋଷଙ୍କୁ ମାମଲା ନମ୍ବର ନଂ.୨୪ /୧୯ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୧।୧୦:** ସ୍ଥାନୀୟ କେସି ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ରଙ୍ଗେଇଲୁଣ୍ଡା ବିଦ୍ୟାଳୟସ୍ତରୀୟ କବାଡି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୪ ବର୍ଷରୁ କମ ବାଳିକା ବାଳକ ଓ ୧୭ ବର୍ଷରୁ କମ ବାଳିକାବାଳକ ବର୍ଗରେ ୨୮ ବିଦ୍ୟାଳୟର ୧୩୧ ପ୍ରତିଯୋଗୀ ଭାଗ ନେଇଥିଲେ। କ୍ରୀଡାରେ ଗୀତାଞ୍ଜଳି ପାତ୍ର, ସିଆର୍‌ସିସି କୀର୍ତ୍ତିଶ୍ରୀ ଦାଶ, ତାରାପ୍ରସାଦ ମିଶ୍ର, କେଦାର ଚୌଧୁରୀ, କେଦାର ସାହୁ, ମୀନାକ୍ଷୀ ମିଶ୍ର, ସଞ୍ଜୁ ପାଣିଗ୍ରାହୀ, ରଞ୍ଜନ କୁମାର ସାହୁ, ଚନ୍ଦ୍ରକଳେଶ୍ୱର ସାହୁ, ନୀଳାଞ୍ଚଳ ପାଢୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ମେଡିସିନ ରିପ୍ରେଜେଣ୍ଟେଟିଭ୍‌ଙ୍କୁ ଦଲାଲ ଆଖ୍ୟାର ପ୍ରତିବାଦ

# ଓସ୍ରୁର ବିକ୍ଷୋଭ, ଶୋଭାଯାତ୍ରା



ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

**ବ୍ରହ୍ମପୁର ଅଫିସ,୧।୧୦**

ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ (ଓସ୍ରୁ) ବ୍ରହ୍ମପୁର ଶାଖା ପକ୍ଷରୁ ମଙ୍ଗଳବାର ଶୋଭାଯାତ୍ରା ଏବଂ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା। ସରକାରୀ ଡ଼ାକ୍ତରଖାନା ଗୁଡିକରେ ମେଡିସିନ ରିପ୍ରେଜେଣ୍ଟେଟିଭ୍‌ମାନଙ୍କ ପ୍ରବେଶ ଉପରେ କଟକଣା ଏବଂ ସେମାନଙ୍କୁ ଦଲାଲ ଆଖ୍ୟା ଦିଆଯାଇଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ଓସ୍ରୁ ସଭାପତି ଏ. ଭବାନୀ ଶଙ୍କର ମିଶ୍ର ଓ ସମ୍ପାଦକ ନୀଳଲୋହିତ ସାହୁ ଏହାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତି ସୁନ୍ଦର ସିଅ, ସତ୍ୟବ୍ରତ କର୍ଣ୍ଣ, ରାଜ୍ୟ ସମ୍ପାଦକ ନୃସିଂହ ବ୍ରହ୍ମା, ଯୁଗ୍ମ ସାଧାରଣ ସମ୍ପାଦକ ବି.ଏନ୍. ସାହୁଙ୍କ ସମେତ ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ସଭାରେ ସିଆଇଟିୟୁ ରାଜ୍ୟ ଉପସଭାପତି ଯୁଧିଷ୍ଠିର ବେହେରାଙ୍କ ସମେତ ବସନ୍ତ ନନ୍ଦ, ଶ୍ରମିକ ନେତା ପ୍ରତାପ ଚୌଧୁରୀ, ଅଶୋକ ଦାସ ଓ କିଶୋର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଓସ୍ରୁ ନେତାମାନେ କହିଥିଲେ, ସରକାରୀ ଓ ଘରୋଇ ହସ୍ପିଟାଲରେ ମେଡିସିନ ରିପ୍ରେଜେଣ୍ଟେଟିଭ୍‌ମାନେ କାମ କରିବା ପାଇଁ ଏବଂ ଔଷଧ ସମ୍ପର୍କରେ ଡ଼ାକ୍ତରଙ୍କ ସହ ଆଲୋଚନା କରିବା ଅଧିକାର ରହିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅଛି। ତେବେ ଗତ କିଛିଦିନ ହେବ ସେମାନଙ୍କୁ ଦଲାଲ କୁହାଯାଇ ହସ୍ପିଟାଲ ଭିତରକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏହାକୁ ଅଗଣତାନ୍ତ୍ରିକ ଦର୍ଶାଇ କଟକଣା ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ରାଷ୍ଟ୍ରାୟତ୍ତ ଔଷଧ ଶିଳ୍ପର ପୁନରୁଦ୍ଧାର ଏବଂ ଅନ୍‌ଲାଇନ ଔଷଧ ବିକ୍ରି ବନ୍ଦ ସମେତ ଜନସ୍ୱାର୍ଥ ସମ୍ବଳିତ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ନ୍ୟାଯ୍ୟ ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ଓସ୍ରୁ ପକ୍ଷରୁ ଆନ୍ଦୋଳନ ଜୋରଦାର କରିବାର ସ୍ମାରକପତ୍ରରେ ଦର୍ଶାଯାଇଛି।

# ସ୍ୱତନ୍ତ୍ର ପୂଜା ଶିବିରରେ କର୍କଟରୋଗ ସଚେତନତା କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୧।୧୦**

ମହାମାୟୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ପୂଜା ଶିବିର ଚତୁର୍ଥ ଦିନରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରୀ ହସ୍‌ପିଟାଲ ମୁଖ୍ୟ ଡା. କୃଷ୍ଣଚନ୍ଦ୍ର ପାଢୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ନୀଳାଙ୍ଗିନୀ ଗୋଖଲେ ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଶାନ୍ତ ମହାପାତ୍ର, କ୍ରାନ୍ତି ଅନୁଷ୍ଠାନ ନିର୍ଦ୍ଦେଶକ ଦେବାନନ୍ଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍କଟ ରୋଗର ବିଭିନ୍ନ କାରଣ ଉପରେ ଆଲୋକପାତ କରିଥିଲେ। ନାରୀମାନଙ୍କ କ୍ଷେତ୍ରରେ ଦେଖା ଦେଉଥିବା କର୍କଟ ରୋଗର କାରଣ ଓ ନିରାକରଣ ଉପରେ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ଗଞ୍ଜାମ ଜିଲା ସଂଯୋଜିକା ସ୍ୱର୍ଣ୍ଣଲତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜିକା ସୁନୀତା ଜେନା ଓ ସମିତା ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ। ଏଥିରେ ୭୫ ସ୍ୱେଚ୍ଛାସେବୀ ଛାତ୍ରୀ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟକ୍ତି ବିଶେଷ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

**ବ୍ରହ୍ମପୁର ଅଫିସ, ୧।୧୦:** ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ବିକ୍ରମ କୁମାର ପଣ୍ଡା, ସିଡିଏମ୍‌ଓ ବିଜୟ କୁମାର ପାଣିଗ୍ରାହୀ, ଡ. କେ. କେ. ପାଣିଗ୍ରାହୀ, ଡା. ସୁନୀଲ କୋଟା ଓ କଲ୍ୟାଣୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସିନିୟର ସିଟିଜେନ ଫୋରମ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ, ସୂର୍ଯ୍ୟ କାନ୍ତ ପାତ୍ର, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରଶାନ୍ତ କୁମାର ମହାପାତ୍ର, ଭାସ୍କର ବେହେରା, ପୂର୍ଣ୍ଣଚନ୍ଦ୍ର ମହାରଣା ଓ ବାସୁଦେବ ଲିମା ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଡା. ପି.ସି. ସାହୁ, ଡା. ଏନ୍. ସି.ପାଢୀ ଓ ରାସବିହାରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚ ଗୋଷାଣୀନୂଆଗାଁ ଓ ଜିଲାର ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ପଞ୍ଚାନନ ପଣ୍ଡା ଧନ୍ୟବାଦ ଦେଇଥିଲେ।


ଉପସ୍ଥିତ ବରିଷ୍ଠ ନାଗରିକ ଓ ଅନ୍ୟମାନେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ବୈଠକ

# ୨୦୧୯-୨୦ ପାଇଁ ୪୧.୨୯ ଲକ୍ଷ ବଜେଟ

**ବ୍ରହ୍ମପୁର ଅଫିସ,୧।୧୦**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୯-୨୦ ବର୍ଷ ପାଇଁ ୪୧ ଲକ୍ଷ ୨୯ ହଜାର ଟଙ୍କାର ବ୍ୟୟ ଅଟକଳ ଗୃହୀତ ହୋଇଛି। ସେଥିମଧ୍ୟରୁ ଚଳିତ ବର୍ଷ କ୍ରୀଡା ପରିଷଦରେ ଖାଲିଥିବା କୋଚ୍, ଫିଜିକାଲ ଟ୍ରେନର, କର୍ମଚାରୀ ପଦବୀରେ ଅସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବହୁବାର ଅଭିଯୋଗ ସତ୍ତ୍ୱେ ସରକାର ତଥା ବିଶ୍ୱବିଦ୍ୟାଳୟ ପକ୍ଷରୁ ଖାଲିଥିବା ପଦବୀ ପୂରଣ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ କ୍ରୀଡା କ୍ଷେତ୍ରରେ ବିକାଶ ପାଇଁ ପରିଷଦ ନିଜସ୍ୱ ପାଣ୍ଠିରୁ ଦରମା ପ୍ରଦାନ କରି ଚୁକ୍ତିଭିତ୍ତିକ କୋଚ, ଫିଜିକାଲ ଟ୍ରେନର ନିଯୁକ୍ତି କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ନେଇ କ୍ରୀଡା ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଘୋଷଣା କରାଯାଇଥିଲା। ଏହାବ୍ୟତୀତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ କଲେଜ, ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଓ ପ୍ରଶିକ୍ଷଣ ବାବଦକୁ ୩୧ ଲକ୍ଷ ୩୫ ହଜାର ଟଙ୍କା ବ୍ୟୟ କରାଯିବାକୁ ଥିବା ବେଳେ ପ୍ରତିଯୋଗିତାକୁ ପରିଚାଳନା କରୁଥିବା ମ୍ୟାନେଜର, କୋଚ୍, କିଟ ମ୍ୟାନଙ୍କ ଗସ୍ତ ଖର୍ଚ୍ଚ ବାବଦକୁ ୧ ଲକ୍ଷ ୭୦ ହଜାର ଏବଂ କ୍ରୀଡା ପରିଷଦ ଆବଶ୍ୟକ ସାମଗ୍ରୀ କ୍ରୟ ପାଇଁ ୪ ଲକ୍ଷ ୨୪ ହଜାର ଟଙ୍କା ବ୍ୟୟ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଅରୁନ୍ଧତୀ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୁଳସଚିବ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ପରିଷଦ ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳୀ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ପୋର୍ଟ୍ସ ଅଫିସର ରବିଚରଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚଳିତ ବର୍ଷ ନିଜସ୍ୱ ଖର୍ଚ୍ଚରେ ଚୁକ୍ତିଭିତ୍ତିକ ଭାବେ ଜଣେ କୋଚ, ଫିଜିକାଲ ଟ୍ରେନର ଓ କର୍ମଚାରୀଙ୍କୁ ନିଯୁକ୍ତି କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ୨୫ ଖେଳର ଆନ୍ତଃ କଲେଜ ପ୍ରତିଯୋଗିତା ପାଇଁ କାର୍ଯ୍ୟସୂଚୀ ଗୃହୀତ ହୋଇଥିଲା। ଏହି ଅବସରରେ ଡ. ବାବୁଜୀ ସାମଲ, ସୀତା ପ୍ରସାଦ ପଟ୍ଟନାୟକ, ଟି.ଶିବାନନ୍ଦ ବର୍ମା, ଆନ୍ଦ୍ରିଓ ନାୟକ, ସୁଷମା ପଣ୍ଡାଙ୍କୁ ପରିଷଦ ନୂତନ ସଦସ୍ୟ ଭାବେ ଚୟନ କରାଯାଇଥିଲା। ପରିଷଦ କୋଚ ରାଜେଶ ମଲ୍ଲିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। କ୍ରୀଡା ପରିଷଦ ପୂର୍ବତନ ସମ୍ପାଦକ ଡ. ଧ୍ରୁବଚରଣ ପଣ୍ଡା ଧନ୍ୟବାଦ ଦେଇଥିଲେ।



ବୈଠକରେ ଭାରପ୍ରାପ୍ତ କୁଳପତି, କୁଳସଚିବ, କ୍ରୀଡା ପରିଷଦ ସମ୍ପାଦକ।

- କୋଚ୍, ଫିଜିକାଲ ଟ୍ରେନର, ନିୟମିତ କର୍ମଚାରୀ ନିଯୁକ୍ତି ପାଇଁ ପ୍ରସ୍ତାବ
- ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ୪ ଲକ୍ଷ ଖର୍ଚ୍ଚ ଅଟକଳ

# ପ୍ରାଣୀବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ବ୍ରହ୍ମପୁର ଅଫିସ,୧।୧୦**

ମହାମାୟୀ ମହିଳା ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ବସନ୍ତ କୁମାର ଆଚାରୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ତୃତୀୟ ବର୍ଷ ଛାତ୍ରୀ ଭକ୍ତିପ୍ରିୟା ଦାଶ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ଅଲିଫା ହୁସେନ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ସୁଷମା ସାହୁ ଓ ଅଞ୍ଜନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସମିତା ସାହୁ, ଆଶାକିରଣ ପଣ୍ଡା ଓ ଅନୀତା କୁମାରୀ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରଣତି ପ୍ରିୟଦର୍ଶିନୀ ଓ ମନସ୍ୱିନୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ରେଳଧାରଣାରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୧।୧୦**

ସରକାରୀ ରେଳପଥ ପୋଲିସ (ଜିଆରପି) ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ରେଳଷ୍ଟେଶନ ନିକଟରୁ ଏକ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୦ ହେବ ବୋଲି ପୋଲିସ କହିଛି। ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ବୁଧବାର ଏହା ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ରେଳଧରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ଉକ୍ତ ବ୍ୟକ୍ତି ଜଣଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

# କୃଷକଙ୍କ ସମସ୍ୟା ସମାଧାନରେ କେନ୍ଦ୍ର ବିଫଳ

**ବ୍ରହ୍ମପୁର ଅଫିସ,୧।୧୦**

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନ୍‌ଡିଏ ସରକାର ଶାସନରେ କୃଷି କାର୍ଯ୍ୟକ୍ରମ ବିପର୍ଯ୍ୟସ୍ତ ହେବା ସହ କୃଷକଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ଓଡ଼ିଶା କୃଷକ ସଭା ରାଜ୍ୟ ଉପସଭାପତି ଜଗନ୍ନାଥ ମିଶ୍ର ବ୍ରହ୍ମପୁରରେ ମଙ୍ଗଳବାର ଏହି ଅଭିଯୋଗ କରିଛନ୍ତି। ମୋଦି ସରକାର କୃଷକ ବିରୋଧୀ ନୀତିରୁ ନିବୃତ୍ତ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସିପିଏମ ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମିଶ୍ର କହିଛନ୍ତି, ରାଜ୍ୟରେ କେବଳ ଧାନ ନୁହେଁ ସମସ୍ତ ଫସଲକୁ ବାଧ୍ୟତାମୂଳକ ବୀମା ଭୁକ୍ତ କରିବା ନିମନ୍ତେ ସରକାର ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକ । ବିଭିନ୍ନ ସମୟରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହେଉଥିବା ଚାଷୀ ଉପକୃତ ହୋଇପାରିବେ। ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ବୃଦ୍ଧି କରାଯିବାକୁ ସେ ଦୃଢ଼ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା କୃଷକ ସଭା ଗତ ରବିବାର ଓ ସୋମବାର ଦୁଇଦିନିଆ ଅଧିବେଶନ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଗୃହୀତ ପ୍ରସ୍ତାବଗୁଡ଼ିକ ବିଷୟରେ ଉପସଭାପତି ସୂଚାଇଥିଲେ। ଖବରଦାତା ସମ୍ମିଳନୀରେ ଗୋପାଳ ପାଣିଗ୍ରାହୀ, ହରିକୃଷ୍ଣ ରେଡ୍ଡୀ ଓ ବସନ୍ତ ନନ୍ଦ ଉପସ୍ଥିତ ଥିଲେ।



ଉପସ୍ଥିତ କୃଷକ ସଭା ନେତୃବୃନ୍ଦ।

### ଓଡ଼ିଶା କୃଷକ ସଭାର ଅଭିଯୋଗ

# ଆଇଟି ବେସ୍‌ଡ ହୋଲ୍ଡିଂ ଟ୍ୟାକ୍ସର ଶୁଭାରମ୍ଭ

**ବ୍ରହ୍ମପୁର ଅଫିସ,୧।୧୦**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଆଇଟି ବେସ୍‌ଡ ହୋଲ୍ଡିଂ ଟ୍ୟାକ୍ସ ବ୍ୟବସ୍ଥାର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏମ୍‌ପି ଚନ୍ଦ୍ରଶେଖର ସାହୁ ବିଏମ୍‌ସି ସମ୍ମିଳନୀ କକ୍ଷରେ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଏଣିକି ସହରବାସୀ ନିଜର ହୋଲଡିଂ ଟ୍ୟାକ୍ସ ଘରେ ବସି ଅନ୍‌ଲାଇନ ତଥା ଡିଜିଟାଲ ପେମେଣ୍ଟ ମାଧ୍ୟମରେ ପ୍ରଦାନ କରିପାରିବେ। ହୋଲ୍ଡିଂ ଟ୍ୟାକ୍ସ କଲେକ୍ଟରଙ୍କୁ ପ୍ରଦାନ କରାଯାଇଥିବା ଡିଜିଟାଲ ମେସିନ ମାଧ୍ୟମରେ ସହରବାସୀ ନିଜର ହୋଲ୍ଡିଂ ଟ୍ୟାକ୍ସ ଡିଜିଟାଲ ଦେୟ ତଥା ନିଜର ଏଟିଏମ୍, ଡେବିଟ କାର୍ଡ୍, ଅନ୍‌ଲାଇନ ପେମେଣ୍ଟ ଆପ୍ ମାଧ୍ୟମରେ ପ୍ରଦାନ କରି ଡିଜିଟାଲ ବିଲ ସଂଗ୍ରହ କରିପାରିବେ। ଏଥିସହ ଯେ କୌଣସି ସମୟରେ ବିଏମ୍‌ସିର ୱେବ୍‌ସାଇଟରୁ ନିଜର ହୋଲ୍ଡିଂ ଟ୍ୟାକ୍ସ ସମ୍ପର୍କୀତ ତଥ୍ୟ ମଧ୍ୟ ପାଇପାରିବେ ବୋଲି ମଙ୍ଗଳବାର ଅନୁଷ୍ଠିତ ଶୁଭାରମ୍ଭ ଉତ୍ସବରେ ସୂଚାଯାଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ବିକ୍ରମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ମଞ୍ଚାସୀନ ଥିଲେ। ଟ୍ୟାକ୍ସ କଲେକ୍ଟର ତଥା ସହରବାସୀଙ୍କୁ ଏହି ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ନେଇ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଇଟି ବେସଡ ହୋଲ୍ଡିଂ ଟ୍ୟାକ୍ସ ବ୍ୟବସ୍ଥା ଉପରିସ୍ଥ ଏକ ବୃତ୍ତି ଚିତ୍ର ପ୍ରଦର୍ଶନ କରାଯାଇଥିଲା।



ଏମ୍‌ପି ଆଇଟି ବେସଡ ହୋଲ୍ଡିଂ ଟ୍ୟାକ୍ସ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି।

# ଏମ୍‌କେସିଜିରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

**ବ୍ରହ୍ମପୁର ଅଫିସ,୧।୧୦**

ଏମ୍‌କେସିଜି ମେଡିକାଲରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିକାଶ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତି ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆଓ ଅଧ୍ୟକ୍ଷତା କରିଥିଲେ। ସରକାର ରୋଗୀଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ଅନେକ ଯୋଜନା କରିଛନ୍ତି। ସେଗୁଡିକ ଠିକ୍ ଭାବେ ରୂପାୟନ ହେଉଛି କି ନାହିଁ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଏମ୍‌କେସିଜିର ବିଭିନ୍ନ ଆନୁଷଙ୍ଗିକ ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରୋଗୀମାନଙ୍କୁ ଆଉଟଡୋରରୁ ଇନ୍‌ଡୋର ନେବା ବେଳେ ଷ୍ଟ୍ରେଚର ବଦଳରେ ବ୍ୟାଟେରି ଚଳିତ ଗାଡ଼ି ବ୍ୟବହାର କରାଯିବ। ଏଥିପାଇଁ ମେଡିକାଲରେ ଖୁବ୍‌ଶୀଘ୍ର ବ୍ୟାଟେରି ଚାଳିତ ଗାଡି ଉପଲବ୍ଧ ହେବ ବୋଲି କୁହାଯାଇଛି। ସେହିପରି ଗ୍ରୁପ-ଡ଼ି କର୍ମଚାରୀ ନିଯୁକ୍ତି ଉପରେ ଆଲୋଚନା କରାଯାଇଥିଲା। ମେଡିକାଲରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା କାର୍ଯ୍ୟକ୍ଷମ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହା ସହିତ ମେଡିକାଲରେ ରୋଗୀ ଓ ସମ୍ପର୍କୀୟମାନଙ୍କ ପାଇଁ ହୋଇଥିବା ୨୪ ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ମେଡିକାଲର ଅଗ୍ନି ନିର୍ବାପକ ବ୍ୟବସ୍ଥା, ନାଳ ନର୍ଦ୍ଦମାଗୁଡିକ ଠିକ ଭାବେ ସଫା କରାଯାଉଛି କି ନାହିଁ, ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି କି ନାହିଁ, ରୋଗୀ ଓ ସମ୍ପର୍କୀୟଙ୍କୁ ଡାକ୍ତର ଓ ନର୍ସ ଉତ୍ତମ ବ୍ୟବହାର କରୁଛନ୍ତି କି ନାହିଁ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଏମ୍‌କେସିଜି ଡିନ ତଥା ପ୍ରିନ୍ସିପାଲ ପ୍ରଫେସର ରାଧାମାଧବ ତ୍ରିପାଠୀ, ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଚରଣ ପଣ୍ଡାଙ୍କ ସମେତ ସାଉଥକୋ, ପିଡବ୍ଲୁଡ଼ି ଓ ପିଏଚଡି ବିଭାଗର ସମସ୍ତ ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।


ବୈଠକ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।



ଆୟୁଷ୍ମାନ୍ ଭାରତ ଯୋଜନାରେ ଆଗାମୀ ୫ରୁ ୭ ବର୍ଷରେ ପ୍ରାୟ ୧୧ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରେଲୱେ ପରେ ଏହା ହେବ ଦେଶରେ ଦ୍ୱିତୀୟ ନିଯୁକ୍ତି ସୁଯୋଗ ସୃଷ୍ଟିକାରୀ କ୍ଷେତ୍ର।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ରାଜୀବ କୁମାରଙ୍କୁ ଆଗୁଆ ଜାମିନ



କୋଲକାତା, ୧।୧୦(ପି.ଟି.): ବହୁକୋଟି ଟଙ୍କା ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଛନ୍ଦିହୋଇ ପଡ଼ିଥିବା ବରିଷ୍ଠ ପୋଲିସ ଅଧିକାରୀ ରାଜୀବ କୁମାରଙ୍କୁ ଶେଷରେ କୋଲକାତା ହାଇକୋର୍ଟ ମଙ୍ଗଳବାର ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଜଷ୍ଟିସ ଏସ୍. ମୁନ୍‌ସି ଓ ଜଷ୍ଟିସ ଏସ୍. ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ବେଳେ କହିଛନ୍ତି, ଯଦି ସିବିଆଇ କୁମାରଙ୍କୁ ଗିରଫ କରେ ତେବେ ସେ କୋର୍ଟରୁ ସଙ୍ଗେସଙ୍ଗେ ଜାମିନ ପାଇପାରିବେ। ହାଜତରେ ତାଙ୍କୁ ଜେରା କରିବା ଲାଗି ଆବେଦନକାରୀଙ୍କ ଏହା ଉଚିତ ପଦକ୍ଷେପ ନୁହେଁ। ଏଥିସହ ଖଣ୍ଡପୀଠ ତଦନ୍ତରେ ସହଯୋଗ କରିବା ଓ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବା ଲାଗି କୁମାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ଏହା ପୂର୍ବରୁ କୁମାରଙ୍କ ଆଗୁଆ ଜାମିନ ଆବେଦନକୁ ଆଲିପୁର ଜିଲା ଓ ସେସନ୍ସ କୋର୍ଟ ପକ୍ଷରୁ ଖାରଜ କରାଯାଇଥିଲା। ସାରଦା ଚିଟ୍‌ଫଣ୍ଡ ମାମଲାରେ ସାକ୍ଷୀଭାବେ ତାଙ୍କୁ ତଦନ୍ତ ଅଧିକାରୀଙ୍କ ଆଗରେ ହାଜର ହେବା ଲାଗି ସିବିଆଇ ପକ୍ଷରୁ ମେ ୨୭ରୁ ଏକାଧିକ ଚିଠି କରାଯାଇଥିଲେ ହେଁ କୁମାର ଧରାଛୁଆଁ ଦେଉ ନ ଥିଲେ।

### ବଳାତ୍କାର ଅଭିଯୋଗ ପରେ ନେପାଳ ବାଚସ୍ପତିଙ୍କ ଇସ୍ତଫା

କାଠମାଣ୍ଡୁ, ୧।୧୦(ପି.ଟି.): ଜଣେ ମହିଳା କର୍ମଚାରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ନେପାଳ ପାର୍ଲାମେଣ୍ଟର ବାଚସ୍ପତି କ୍ରିଷ୍ଣ ବାହାଦୁର ମହାରା ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଉପବାଚସ୍ପତି ଶିବମୟ ତୁମ୍ବହାମ୍ଫେଙ୍କୁ ପ୍ରଦାନ କରିଛନ୍ତି। ମୋ ବିରୋଧରେ ଅଣାଯାଇଥିବା ଅଭିଯୋଗର ସତ୍ୟତା ନାହିଁ ଓ ନିରପେକ୍ଷ ତଦନ୍ତ ଲାଗି ନିଜ ପଦରୁ ଇସ୍ତଫା ଦେଇଥିବା ମହାରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ହମ୍‌ରୋ କୁରା ନିମ୍ନି ମହିଳା କର୍ମଚାରୀ ଅଭିଯୋଗ ଆଣି କହିଛନ୍ତି, ଗତ ୨୩ ତାରିଖରେ ଏକୁଟିଆ ଥିବାବେଳେ ମହାରା ମୋ ଘରକୁ ଆସି ଜୋରଜବରଦସ୍ତ ମୋତେ ବଳାତ୍କାର କରିଥିଲେ। ଏଭଳି ଅଭିଯୋଗ ପରେ ନେପାଳ କମ୍ୟୁନିଷ୍ଟ ପାର୍ଟି ସେକ୍ରେଟାରିଏଟ୍ ବାଚସ୍ପତିଙ୍କ ଇସ୍ତଫା ଦାବି କରିଥିଲା।

### [ଇତିହାସର ଆଇନାରେ]

**ଅକ୍ଟୋବର ୨ର ପ୍ରମୁଖ ଘଟଣା**

୧୮୬୯ ଅକ୍ଟୋବର ୨ରେ ପୋରବନ୍ଦରଠାରେ ମହାତ୍ମା ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଅହିଂସା ବାଣୀ ସାରା ବିଶ୍ୱକୁ ବାଟ ଦେଖାଇଛି।

୧୯୭୦ ଅକ୍ଟୋବର ୨ରେ ୱିଚିତା ବିଶ୍ୱବିଦ୍ୟାଳୟ ଫୁଟବଲ ଟିମ୍‌କୁ ନେଇ ଯାଉଥିବା ଏକ ବିମାନ କୋଲୋରାଡୋର ଏକ ପାହାଡ଼ରେ ଧକ୍କା ଖାଇବାରୁ ୩୧ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା।

■ ଏସ୍‌ସି, ଏସ୍‌ଟି ଆଇନ: ବିନା ତଦନ୍ତରେ ଦାଏର ହୋଇପାରିବ ଏଫ୍‌ଆଇଆର୍

# ରାୟ ପ୍ରତ୍ୟାହାର କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧।୧୦(ପି.ଟି.)



■ଏସ୍‌ସି, ଏସ୍‌ଟି ଆଇନକୁ ଦୁର୍ବଳ କରୁଥିବା ୨୦୧୮ ମାର୍ଚ୍ଚ ୨୦ ରାୟକୁ ପ୍ରତ୍ୟାହାର କରିନେଲେ ସର୍ବୋଚ୍ଚ ଅଦାଲତ

■ଅଭିଯୁକ୍ତଙ୍କୁ ସ୍ୱତଃ ଗିରଫ କରିବା ଉପରେ ଏଥିରେ କଟକଣା ଜାରି କରିଥିଲେ

■ରାୟର ପୁନଃ ସମୀକ୍ଷା ପାଇଁ ରିଭ୍ୟୁ ପିଟିଶନ ଦାଏର କରିଥିଲେ ମୋଦି ସରକାର

ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଉପଜାତି (ଏସ୍‌ଟି) ଆଇନ ସମ୍ପର୍କିତ ରାୟ ଦେବାର ଦେଢ଼ବର୍ଷ ପରେ ସୁପ୍ରିମକୋର୍ଟ ଏହାକୁ ଆଂଶିକ ଭାବେ ପ୍ରତ୍ୟାହାର କରିନେଇଛନ୍ତି। ଏହାସହ ଦେଶରେ ସମାନତା ଓ ଦେୱାନି ଅଧିକାର ପାଇଁ ଦଳିତମାନଙ୍କ ଲଢ଼େଇ ଅଦ୍ୟାବଧି ଶେଷ ହୋଇ ନ ଥିବା ଦର୍ଶାଇ ଉକ୍ତ ଆଇନରେ ଅଭିଯୁକ୍ତଙ୍କ ସ୍ୱତଃ ଗିରଫଦାରି ବ୍ୟବସ୍ଥାର ପୁନଃ ପ୍ରଚଳନ କରିଛନ୍ତି। ୨୦୧୮ ମାର୍ଚ୍ଚ ୨୦ରେ ଏସ୍‌ସି, ଏସ୍‌ଟି ନିର୍ଯାତନା ନିବାରଣ ଆଇନ, ୧୯୮୯କୁ ନେଇ ସୁପ୍ରିମକୋର୍ଟ ଏକ ରାୟ ଦେଇଥିଲେ। ଅଭିଯୋଗ ହେବା ପରେ ସରକାରୀ କର୍ମଚାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁଥିବା ବ୍ୟବସ୍ଥାକୁ ହଟାଇ ଦେଇ ଏହି ଆଇନର ଅପବ୍ୟବହାର ହେଉଥିବା ଦର୍ଶାଇଥିଲେ। ଏହାକୁ ନେଇ ସେତେବେଳେ ବହୁ ବିବାଦ ହୋଇଥିଲା। ଆଇନକୁ ଦୁର୍ବଳ କରିଦିଆଯାଇଛି ବୋଲି ଦଳିତ ସଂଗଠନଗୁଡ଼ିକ ପକ୍ଷରୁ ଭାରତ ବନ୍ଦ କରାଯାଇଥିଲା। ଚାରିଆଡ଼ୁ ଚାପ ପଡ଼ିବା ପରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ରାୟ ବିରୋଧରେ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଏର କରିଥିଲେ। ସେହିପରି ଉକ୍ତ ରାୟକୁ ପ୍ରଭାବହୀନ କରିବା ଲାଗି ପାର୍ଲାମେଣ୍ଟ ଆଇନରେ ସଂଶୋଧନ ଆଣିଥିଲା। ଜଷ୍ଟିସ୍ ଅରୁଣ ମିଶ୍ର, ଏମ୍.ଆର. ଶାହ ଏବଂ ବି.ଆର୍. ଗବାଇଙ୍କୁ ନେଇ ଗତ ୧୩ରେ ଗଠିତ ଖଣ୍ଡପୀଠ କେନ୍ଦ୍ର ପିଟିଶନର ଶୁଣାଣି କରି ମଙ୍ଗଳବାର କହିଛନ୍ତି, ଦେଶରେ ଏସ୍‌ସି, ଏସ୍‌ଟି ବର୍ଗର ଲୋକେ ଏବେ ମଧ୍ୟ ଅସ୍ପୃଶ୍ୟତାକୁ ସାମ୍ନା କରୁଛନ୍ତି। ସମାନତା ପାଇଁ ସେମାନଙ୍କ ସଂଗ୍ରାମ ଶେଷ ହୋଇନାହିଁ। ଏସ୍‌ସି, ଏସ୍‌ଟିଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୫ରେ ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ସେମାନେ ୭୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ସାମାଜିକ ଦୁର୍ବ୍ୟବହାର ଓ ଭେଦଭାବର ଶିକାର ହେଉଛନ୍ତି। ଏହି ଆଇନରେ ଥିବା ନିୟମଗୁଡ଼ିକର ଅପବ୍ୟବହାର ଓ ମିଥ୍ୟା ମାମଲା ଦାଏରକୁ ନେଇ ଖଣ୍ଡପୀଠ କହିଛନ୍ତି, ଏହା ଜାତି ବ୍ୟବସ୍ଥା ଯୋଗୁ ନୁହେଁ, ବରଂ ମାନବିକ ବିଫଳତା। ପୂର୍ବରୁ ଏଫ୍‌ଆଇଆର୍ ଦାଏର ହେବା ଆଗରୁ ପୋଲିସ ତଦନ୍ତକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ସଦ୍ୟ ରାୟରେ ଏହାକୁ ହଟାଇ ଦିଆଯାଇଛି। ଫଳରେ ଏବେ ଗିରଫ ପୂର୍ବରୁ ଅନୁମତି ନେବା ଆବଶ୍ୟକ ନୁହେଁ। ୨୦୧୮ ମାର୍ଚ୍ଚ ୨୦ରେ ଦୁଇଜଣିଆ ଖଣ୍ଡପୀଠ ଦେଇଥିବା ବିବାଦୀୟ ରାୟକୁ ଗତ ସେପ୍ଟେମ୍ବର ୧୮ରେ ଶୀର୍ଷ ଅଦାଲତ ସମାଲୋଚନା କରିଥିଲେ। ସମ୍ବିଧାନର ମୂଳତତ୍ତ୍ୱ ବିରୋଧରେ କିପରି ରାୟ ଦିଆଯାଇ ପାରିବ ବୋଲି ପ୍ରଶ୍ନ କରିଥିଲେ। ଏହାସହ ସମାନତା ଆଣିବା ପାଇଁ ଆଇନାନୁସାରେ ନିର୍ଦ୍ଦିଷ୍ଟ ଭାବେ କେତେକ ନୂଆ ନିର୍ଦ୍ଦେଶନାମା ଜାରି କରିପାରନ୍ତି ବୋଲି ସଙ୍କେତ ଦେବା ସହ ରାୟ ସଂରକ୍ଷିତ ରଖିଥିଲେ।

■ ୩୭୦ର ବୈଧତାକୁ ଚ୍ୟାଲେଞ୍ଜ୍

## ସାମ୍ବିଧାନିକ ପୀଠରେ ନଭେମ୍ବର ୧୪ରୁ ଶୁଣାଣି

ନୂଆଦିଲ୍ଲୀ,୧।୧୦(ପି.ଟି.)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ ବିରୋଧରେ ଦାଏର ପିଟିଶନଗୁଡ଼ିକର ଶୁଣାଣି ନଭେମ୍ବର ୧୪ରୁ ଆରମ୍ଭ ହେବ। ଉଚ୍ଛେଦର ବୈଧତା ଓ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ସମସ୍ତ ଆବେଦନର ବିଚାର ୫ ଜଣିଆ ସାମ୍ବିଧାନିକ ପୀଠ କରିବେ। ସୁପ୍ରିମକୋର୍ଟ ମଙ୍ଗଳବାର ଏହା ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଏନ୍.ଭି. ରାମାନା କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ଜବାବୀ ସତ୍ୟପାଠ ଦାଖଲ କରିବା ପାଇଁ ୪ ସପ୍ତାହ ସମୟ ଦେଇଛନ୍ତି। ୨ ସପ୍ତାହରୁ ଅଧିକ ସମୟ ନ ଦେବା ପାଇଁ ଆବେଦନକାରୀମାନେ ଅନୁରୋଧ କରିଥିବାବେଳେ ଏହାକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ଏଥିସହ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି କୌଣସି ନୂଆ ରିଟ୍ ପିଟିଶନ ଦାଏର କରାଯାଇ ପାରିବ ନାହିଁ ବୋଲି କଟକଣା ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, କେନ୍ଦ୍ର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ନିଜ ନିଜ ସତ୍ୟପାଠ ଦାଖଲ ପାଇଁ ଉପଯୁକ୍ତ ସମୟ ଦିଆଯାଇଛି। ଜବାବୀ ସତ୍ୟପାଠ ଦାଖଲର ସପ୍ତାହେ ମଧ୍ୟରେ ପିଟିଶନରମାନେ ଜବାବ ଦାଖଲ କରିବେ। ପରେ ଶୁଣାଣି ଆରମ୍ଭ କରାଯିବ ବୋଲି ଜଷ୍ଟିସ୍ ଏସ୍.କେ. କୌଲ, ଆର. ସୁଭାଷ ରେଡ୍ଡୀ, ବି.ଆର. ଗବାଇ ଓ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ପ୍ରକାଶ ଯେ, ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦କୁ ହଟାଇ ଦେଇଥିଲେ। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ସଜ୍ଜାଦ ଲୋନ୍‌ଙ୍କ ପିପୁଲ୍ସ କନ୍‌ଫରେନ୍ସ ଏବଂ ସିପିଏମ୍ ନେତା ମହମ୍ମଦ ୟୁସୁଫ୍ ତାରିଗାମୀଙ୍କ ସମେତ ଅନେକ ଦଳ ନେତା ଏହାକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

### ଶିବକୁମାରଙ୍କ ହାଜତ ମିଆଦ ୧୫ ଯାଏ ବଢ଼ିଲା

ନୂଆଦିଲ୍ଲୀ, ୧।୧୦(ପି.ଟି.)



ମନିଲଣ୍ଡରିଂ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ଦ୍ୱାରା ଗିରଫ ହୋଇଥିବା କଂଗ୍ରେସ ନେତା ଶିବକୁମାରଙ୍କ ହାଜତ ମିଆଦକୁ ଦିଲ୍ଲୀ କୋର୍ଟ ମଙ୍ଗଳବାର ଅକ୍ଟୋବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିସହ ତିହାର ଜେଲରେ ତାଙ୍କୁ ଜେରା କରିବା ଲାଗି ତଦନ୍ତ ଅଧିକାରୀଙ୍କୁ ଅନୁମତି ମିଳିଛି। ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଇଡିର ଅନୁରୋଧ ରକ୍ଷାକରି ଶିବକୁମାରଙ୍କୁ ଅଧିକ ୧୪ ଦିନ ବିଚାର ବିଭାଗୀୟ ହାଜତକୁ ଯିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ପଶ୍ଚିମବଙ୍ଗରେ ଲାଗୁହେବ ଏନ୍‌ଆର୍‌ସି

କୋଲକାତା, ୧।୧୦(ପି.ଟି.)



**ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରାଉଛି ଟିଏମ୍‌ସି: ଶାହ**

ପଶ୍ଚିମବଙ୍ଗରେ ଏନ୍‌ଆର୍‌ସି( ଜାତୀୟ ନାଗରିକ ପଞ୍ଜିକା) ଲାଗୁ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ମଙ୍ଗଳବାର କହିଛନ୍ତି। ଏହା ପୂର୍ବରୁ ନାଗରିକତ୍ୱ ସଂଶୋଧନ ଆଇନ ପାସ୍ କରାଯାଇ ସମସ୍ତ ହିନ୍ଦୁ, ଶିଖ୍, ଜୈନ୍ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଏନ୍‌ଆର୍‌ସିରେ ସାମିଲ କରାଯିବ। ଏଠାରେ ଅନୁଷ୍ଠିତ ଏକ ସେମିନାର୍‌ରେ ଯୋଗଦେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏହା ପ୍ରକାଶ କରିଛନ୍ତି। ଆସାମରେ ଏନ୍‌ଆର୍‌ସି ଲାଗୁ କରାଯିବା ପରେ ପଶ୍ଚିମବଙ୍ଗରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଟିଏମ୍‌ସି ସରକାର ଲୋକମାନଙ୍କୁ ବିଭ୍ରାନ୍ତ କରାଉଛି। ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। କିନ୍ତୁ କୌଣସି ହିନ୍ଦୁ, ଶିଖ୍, ଜୈନ୍ ଓ ବୌଦ୍ଧ ଧର୍ମର ଶରଣାର୍ଥୀଙ୍କୁ ଏନ୍‌ଆର୍‌ସିରୁ ବାଦ୍ ଦିଆଯିବ ନାହିଁ ବୋଲି ଶାହ ଆଶ୍ୱାସନା ଦେଇ କହିଛନ୍ତି। ସେମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବା ଲାଗି ବ୍ୟବସ୍ଥା କରାଯିବ। ଭାରତୀୟ ନାଗରିକଙ୍କ ଭଳି ସେମାନେ ସମସ୍ତ ଅଧିକାର ପାଇବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଦେଶର ସୁରକ୍ଷା ଲାଗି ସମସ୍ତ ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ। ଏହି ଅବସରରେ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପୂର୍ଣ୍ଣ ଭାବେ ଏହାକୁ ଭାରତର ଅଂଶବିଶେଷ କରିପାରିଥିବା ସେ କହିଛନ୍ତି। ଜନସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଯୋଗୁ ପଶ୍ଚିମବଙ୍ଗ ଆଜି ଭାରତର ଅଂଶ ହୋଇପାରିଥିବା ଶାହ ଉଲ୍ଲେଖ କରିଛନ୍ତି।

■ ୟୁପିରେ ଜୋର ଧରିଲା ଅଭିଯାନ

## ବାଂଲାଦେଶୀଙ୍କୁ ଚିହ୍ନଟ ଲାଗି ନିର୍ଦ୍ଦେଶ

ଲକ୍ଷ୍ନୌ, ୧।୧୦(ପି.ଟି.)

ଆସାମ ପରେ ଉତ୍ତରପ୍ରଦେଶ(ୟୁପି)ରେ ଏନ୍‌ଆର୍‌ସି(ଜାତୀୟ ନାଗରିକ ପଞ୍ଜିକା) ଲାଗୁ କରାଯିବ। ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଶରଣାର୍ଥୀଙ୍କୁ ଚିହ୍ନଟ କରିବା ଲାଗି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଓ.ପି. ସିଂ ଜିଲା ଶାଖାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ସମ୍ପର୍କରେ ପୋଲିସକୁ ସୂଚନା ଦେଲେ ଗୃହ ବିଭାଗ ଏନେଇ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ଡିଜିପିଙ୍କ ପକ୍ଷରୁ ସମସ୍ତ ଜିଲା ପୋଲିସ ମୁଖ୍ୟଙ୍କୁ ଚିଠି ଲେଖାଯାଇଛି। ବହୁ ବାଂଲାଦେଶୀ ବେଆଇନ ଭାବେ ରହିଆସୁଛନ୍ତି ଓ ସେମାନଙ୍କ ମଧ୍ୟରୁ ଅନେକ ନିଖୋଜ ଥିବା ଚିଠିରେ ଦର୍ଶାଯାଇଛି। ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ରାଜ୍ୟରେ ବେଆଇନ ଭାବେ ରହୁଥିବା ବିଦେଶୀଙ୍କୁ ଚିହ୍ନଟ କରିବା ଜରୁରୀ ବୋଲି କୁହାଯାଇଛି। ଏଥିରେ ଏହା ରୁଟିନ୍ ଏକ୍ସରସାଇଜ୍ ବୋଲି ଦର୍ଶାଯାଇଥିବାବେଳେ ଏନ୍‌ଆର୍‌ସି ସହ କୌଣସି ସମ୍ପର୍କ ନ ଥିବା କୁହାଯାଇଛି। ରେଲୱେଷ୍ଟେଶନ, ବସ୍‌ଷ୍ଟାଣ୍ଡ, କଲୋନୀ, ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ବିଦେଶୀଙ୍କୁ ଚିହ୍ନଟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଭାବେ ରହୁଥିବା ଲୋକଙ୍କ କାଗଜପତ୍ର ଯାଞ୍ଚ କରାଯିବ ଓ ବେଆଇନ ଭାବେ ରହୁଥିବା ଲୋକଙ୍କୁ ପ୍ରଶ୍ରୟ ଦେଇଥିବା ଦଲାଲ୍‌ଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି କହିଛନ୍ତି।

## 'ଆବଦ୍ଧ ନୁହେଁ ଆର୍‌ଏସ୍‌ଏସ୍'

ନୂଆଦିଲ୍ଲୀ,୧।୧୦(ପି.ଟି.)



ଆର୍‌ଏସ୍‌ଏସ୍‌କୁ କୌଣସି ଆଦର୍ଶର ବନ୍ଧନୀ ଭିତରେ ରଖାଯାଇ ପାରିବ ନାହିଁ। ସଂଘ କୌଣସି 'ବାଦ'ରେ ବିଶ୍ୱାସ କରେନାହିଁ। ଏହାର ମୂଳ ବିଚାର ହେଉଛି ଭାରତ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଏହି ଚିନ୍ତାଧାରାକୁ ନେଇ ସାଲିସ କରାଯାଇ ପାରିବ ନାହିଁ। ଯେକୌଣସି ବିଷୟକୁ ସଂଘର ବିଚାର ବୋଲି କହିବା ଭୁଲ ବୋଲି ମଙ୍ଗଳବାର ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଏବିଭିପିର ବରିଷ୍ଠ ନେତା ସୁନିଲ ଆମ୍ବେକରଙ୍କ ଲିଖିତ 'ଆର୍‌ଏସ୍‌ଏସ୍ ଏକବିଂଶ ଶତାବ୍ଦୀ ପାଇଁ ଏକ ରୋଡ୍‌ମ୍ୟାପ୍' ପୁସ୍ତକର ଉନ୍ମୋଚନ ଅବସରରେ ନୂଆଦିଲ୍ଲୀରେ ଭାଗବତ ଏହା ସ୍ପଷ୍ଟ କରିଛନ୍ତି। ଏପରି କି ଯେଉଁମାନେ ନିଜକୁ ହିନ୍ଦୁ ମନେକରନ୍ତି ନାହିଁ, ସେମାନଙ୍କୁ ମଧ୍ୟ ଆର୍‌ଏସ୍‌ଏସ୍ ନିଜର ବିବେଚନା କରେ ବୋଲି ଭାଗବତ କହିଛନ୍ତି।

■ ୨୦ ଅନୁପ୍ରବେଶ ପଥରେ ବହୁସ୍ତରୀୟ ସୁରକ୍ଷା

# ଆତଙ୍କବାଦୀଙ୍କ ଗଳାବାଟ ବନ୍ଦ

ଜମ୍ମୁ,୧।୧୦(ପି.ଟି.): ଜମ୍ମୁ-କଶ୍ମୀର ସଂଲଗ୍ନ ଭାରତ-ପାକିସ୍ତାନ ସୀମା ଦେଇ ଆଉ ଆସିପାରିବେନି ସଶସ୍ତ୍ର ଆତଙ୍କବାଦୀ। ସେମାନଙ୍କ ଗଳାବାଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦକରି ଦିଆଯାଇଛି। ସୁରକ୍ଷା ସଂସ୍ଥାଗୁଡ଼ିକ ଆତଙ୍କବାଦୀଙ୍କ ୨୦ଟି ଅନୁପ୍ରବେଶ ପଥକୁ ଚିହ୍ନଟ କରି ସେଠାରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଗୋଇନ୍ଦା ସୂଚନାନୁସାରେ କଶ୍ମୀର ଉପତ୍ୟକା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ର ଗୁଲମାର୍ଗ,



ବଣ୍ଡିପୋରା ଓ ବାରାମୁଲାର ବୋନିୟାର ଦେଇ ୬୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଅନୁପ୍ରବେଶ କରିସାରିଛନ୍ତି। ସେହିପରି ପୀର ପଞ୍ଜାଲ ରେଞ୍ଜ୍‌ର ଦକ୍ଷିଣ ଅଞ୍ଚଳ ଦେଇ ୨୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ଆତଙ୍କବାଦୀ କଶ୍ମୀରକୁ ଆସିଛନ୍ତି। ଆତଙ୍କବାଦୀମାନେ ଅନୁପ୍ରବେଶ କରୁଥିବା କଠୁଆ, ସାମ୍ବା, ଜମ୍ମୁ, ରାଜୌରି, ପୁଞ୍ଛ ଆଦି ୨୦ଟି ପଥକୁ ଚିହ୍ନଟ କରାଯିବା ପରେ ବନ୍ଦ କରିଦିଆଯାଇଛି। ଅନୁପ୍ରବେଶ ରୋକିବା ପାଇଁ ସେଠାରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଅନୁପ୍ରବେଶ ନିରୋଧୀ ପ୍ରତିବନ୍ଧକ ବ୍ୟବସ୍ଥା ସହ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅନ୍ତର୍ଜାତୀୟ ସୀମା (ଆଇବି) ଏବଂ ଏଲ୍‌ଓସିରେ ସେନା ଓ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ବ୍ୟତୀତ ଗ୍ରାମ ପ୍ରତିରକ୍ଷା କମିଟି (ଭିଡିସି)କୁ ନେଇ ପ୍ରଥମ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ପୋଲିସକୁ ସକ୍ରିୟ କରାଯାଇଛି। ଅନେକ ସ୍ଥାନରେ ଚେକ୍‌ପଏଣ୍ଟ ଖୋଲାଯିବା ସହ ପାଟ୍ରୋଲିଂ ବଢ଼ାଇ ଦିଆଯାଇଛି। ସୀମାରେ ସନ୍ଦିଗ୍ଧ ଗତିବିଧି ଉପରେ କଡ଼ା ନଜର ରଖିବା ପାଇଁ ଥାନା ଓ ପୋଲିସ ପୋଷ୍ଟଗୁଡ଼ିକୁ ସତର୍କ କରାଯାଇଛି। ପାକିସ୍ତାନ ପଟୁ ହେଉଥିବା ଅନୁପ୍ରବେଶ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ସେନା ଏବଂ ବିଏସ୍‌ଏଫ୍ ଅଧିକାରୀମାନଙ୍କୁ ଏକ ବୈଠକରେ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ। ପାକ୍-ଅଧିକୃତ କଶ୍ମୀର (ପିଓକେ)ର ଲଞ୍ଚ୍‌ପ୍ୟାଡ୍‌ରେ ଥିବା ଆତଙ୍କବାଦୀମାନେ ନଦୀ, ନାଳ, ଜଙ୍ଗଲ ଓ ଜନଶୂନ୍ୟ ଅଞ୍ଚଳ ଦେଇ ଅନୁପ୍ରବେଶ କରିବା ପାଇଁ ଅପେକ୍ଷାରେ ଥିବାବେଳେ ସେମାନଙ୍କ ବାଟ ବନ୍ଦ କରାଯାଇଥିବା ନେଇ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦେବାଶିଷ ଆଚାର୍ଯ୍ୟ
(ପାଇକ ନଗର, ୟୁନିଟ୍-୮, ଭୁବନେଶ୍ୱର)
ତିରୋଧାନ: ୧୦।୧୦।୨୦୦୨
(ଆଶ୍ୱୀନ ଶୁକ୍ଳ ପଞ୍ଚମୀ)
ଚାହୁଁ ଚାହୁଁ ସତରବର୍ଷ ବିତିଗଲା, ସବୁ କାମ ନସାରି ଆରପାରିକୁ ଚାଲିଗଲ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ। ତଥାପି ଆଜିବି ତୁମର ସେହି ସ୍ମୃତି ଗୁଡ଼ିକ ଆଖି ଆଗରେ ଭାସି ଯାଉଛି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ପିତା: ହରିପଦ, ମା: ରକ୍ମଣୀ, ଭାଇ: ସତ୍ୟଜିତ୍, ଭାଇବୋହୂ: ଜସମିନ୍, ପୁତୁରାମାନେ: ଆରୟନ୍, ଇଶାନ୍
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୭୧୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ଁ ଅମିତା ତ୍ରିପାଠୀ
ପାଇକତିଗିରିଆ, ଖୋର୍ଦ୍ଧା
ଆର୍ବିଭାବ : ୧୪.୦୧.୧୯୫୯
ତିରୋଧାନ : ୧୨.୧୦.୨୦୧୮
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା .... ଆମ ମାନଙ୍କୁ ଦୁଃଖ ସାଗରରେ ଛାଡ଼ି ଚାଲିଗଲ କେଉଁ ଅଜଣା ଦୁନିଆକୁ, ତୁମର ସେଇ ହସ ହସ ମୁହଁ, ସ୍ନେହଭରା କଥା, ସମୟୋଚିତ ଶିକ୍ଷା ଆଜି ମଧ୍ୟ ଅଲିଭା ହୋଇ ରହି ଅଛିଆମମାନଙ୍କ ମନରେ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣରେଆମର ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ : ବନ୍ଧୁ ଓ ପରିବାର ବର୍ଗ।
ଧ-୬୬୭୧୨

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଫକୀର ମିଶ୍ର
ଆବିର୍ଭାବ: ୧୯୨୮
ତିରୋଧାନ: ୨୦୧୭
ସ୍ତ୍ରୀ- ନିଶାମଣୀ ମିଶ୍ର
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାରବର୍ଗ
ଧ-୧୪୬୨୮

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ସାହୁ
ହାଟୁଆ ସାହି, ନରିଶୋ, ଖୋର୍ଦ୍ଧା
ଆବିର୍ଭାବ: ୨୫।୧୦।୧୯୫୯
ତିରୋଧାନ: ୨୮।୦୯।୨୦୧୪
ଯେଉଁଠି ଅଛ ଭଲରେ ଥାଅ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆଜି ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ: ସବିତା ସାହୁ,
ପୁଅ: କାମାକ୍ଷା, କଲ୍ୟାଣ,
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୬୮୧୧୩

**୨ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ଁ ଶରତ ଚନ୍ଦ୍ର ପଣ୍ଡା
ଆର୍ବିଭାବ : ୦୧.୦୩.୧୯୩୩
ତିରୋଧାନ : ୨୫-୦୯-୨୦୧୭
(ଆଶ୍ୱିନ ଶୁକ୍ଳ ପଞ୍ଚମୀ)
ଚାହୁଁଚାହୁଁ ୨ ବର୍ଷ ବିତିଗଲା। ଆପଣଙ୍କର ସରଳତା, ସ୍ନେହ, ଶିକ୍ଷା, ସଚ୍ଚୋଟତା, ଉପଦେଶ ଓ ଅନୁଶାସନର ପ୍ରେରଣା ସବୁ ଆମର ମନେରହିଛି। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାର ବର୍ଗ।
ଧ-୬୮୧୧୪

**ଷଷ୍ଠବାର୍ଷିକ ଶ୍ରାଦ୍ଧୋତ୍ସବ**



ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନ
ରଥୀପୁର, ଜଟଣୀ
ଦୀର୍ଘ ଛଅବର୍ଷ ହେଲା ଆମକୁ ଛାଡ଼ି ଚାଲିଗଲ। ପ୍ରତିଟି ମୁହୂର୍ତ୍ତରେ ତୁମ ସ୍ମୃତି ମନେପଡ଼ି ବେସାହାରା ଲାଗୁଛି। ପ୍ରଭୁଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୧୪୬୦୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ମନୋରମା ବେହେରା
ଆବିର୍ଭାବ: ୦୨।୧୨।୧୯୫୨
ତିରୋଧାନ: ୧୨।୧୦।୨୦୧୮
ସ୍ୱାମୀ: ଇଂ କୃଷ୍ଣଚନ୍ଦ୍ର ବେହେରା
ଧାନମଣ୍ଡଳ, ବ୍ରାହ୍ମଣ ସାଇଲୋ, ଗୋବିନ୍ଦପୁର, କଟକ
ତୁମର ସ୍ନେହ, ଶ୍ରଦ୍ଧା, ସରଳତା, ତ୍ୟାଗ, ଭଲପାଇବା, ପରୋପକାରିତା ଆମମାନଙ୍କ ପାଇଁ ଅବିସ୍ମରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ହତଭାଗ୍ୟ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୫୯୦

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପଦ୍ମଚରଣ ସାହୁ
Plot No-82 & 82/A SCR,
Bapuji Nagar
ଆବିର୍ଭାବ: ୦୬।୦୪।୧୯୩୯
ତିରୋଧାନ: ୩୦।୦୯।୨୦୧୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର-ସୁରେନ୍ଦ୍ର କୁମାର ସାହୁ ଓ ପରିବାରବର୍ଗ।
ଧ-୧୪୬୧୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ମୁକ୍ତାଦେଇପୁର ଶାସନ, ଢେଙ୍କାନାଳର ମୂଳ ବାସିନ୍ଦା ଓ ନାଗେଶ୍ୱର ଟାଙ୍ଗି, ଭୁବନେଶ୍ୱରରେ ବର୍ତ୍ତମାନ ବସବାସ କରୁଥିବା ସ୍ୱର୍ଗତ କାଳି ପ୍ରସନ୍ନ ପାଣି ଗତ ତା. ୨୩।୦୯।୨୦୧୯ ରେ ପରଲୋକ ଗମନ କରିଛନ୍ତି। ତାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନୀତ ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ
ସ୍ତ୍ରୀ, ପୁତ୍ର, କନ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୬୦୪

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ସତ୍ୟ ସର୍ବୋଚ୍ଚ ନୀତି, ଅହିଂସା ପରମ କର୍ତ୍ତବ୍ୟ

## ଆନ୍ତର୍ଜାତିକ ଅହିଂସା ଦିବସ




ଅହିଂସା ଶାନ୍ତିର ମାର୍ଗ। ଅହିଂସା ମାନବର ଶ୍ରେଷ୍ଠ ଗୁଣ। ସବୁ ଧର୍ମରେ ଏହାର ସ୍ଥାନ ସ୍ୱତନ୍ତ୍ର। ଜାତିର ପିତା ମହାତ୍ମା ଗାନ୍ଧୀ ଅହିଂସାର ପଥିକ ଥିଲେ। ତାଙ୍କ ଅନୁସାରେ- ଅହିଂସା ସେହି ମୁଖ୍ୟ ତତ୍ତ୍ୱ ଯାହା ପୂରା ମାନବଜାତି ମଧ୍ୟରେ ପ୍ରେମ ଓ ଆତ୍ମଶୁଦ୍ଧି ଆଣି କଠିନରୁ କଠିନତମ ସଙ୍କଟରେ ବି ସଫଳତା ପାଇବାର ସନ୍ଦେଶ ଦେଇଥାଏ। ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ନେଲ୍‌ସନ ମଣ୍ଡେଲା ଓ ମାର୍ଟିନ ଲୁଥର କିଙ୍ଗ ମଧ୍ୟ ଅହିଂସା ମାର୍ଗକୁ ଆଦରି ନେଇଥିଲେ। ଗାନ୍ଧିଜୀଙ୍କ ସମ୍ମାନାର୍ଥେ ୨୦୦୭ ଜୁନ୍ ୧୫ ରେ ଜାତିସଂଘ ସାଧାରଣ ପରିଷଦରେ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଅକ୍ଟୋବର ୨କୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଆସିଥିଲା। ପରିଷଦର ସମସ୍ତ ସଦସ୍ୟ ଏହି ଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଥିଲେ। ଜାତିସଂଘର ସବୁ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏହି ଦିବସ ପାଳନ କରାଯାଉଛି।

ଅହିଂସା ହିନ୍ଦୁ, ବୌଦ୍ଧ ଓ ଅନ୍ୟ ଧର୍ମର ମାନବୀୟ କାର୍ଯ୍ୟର ଆଧାର। ଅହିଂସାର ଶିକ୍ଷା ଭାରତୀୟ ସଂସ୍କୃତିର ପରିଚୟ। ଉପନିଷଦରେ ବି ଅହିଂସାର ବିଶେଷ ମହତ୍ତ୍ୱ ରହିଛି। ଜୈନ ଧର୍ମରେ ଅହିଂସା ପରମଧର୍ମ ବୋଲି କୁହାଯାଇଛି। କିନ୍ତୁ ଯେଉଁଭଳି ଅହିଂସାକୁ ଗାନ୍ଧିଜୀ ଆଗକୁ ବଢାଇଛନ୍ତି ଓ ତାହାକୁ ଜନମାନସର ବିଚାରଧାରା ମାଧ୍ୟମରେ ପ୍ରତିଫଳିତ କରିଛନ୍ତି ତାହା ବିଶ୍ୱକୁ ଏକ ଭିନ୍ନ ପଥ ଦେଖାଇଛି। ଗାନ୍ଧିଜୀ ଅହିଂସା ଶବ୍ଦକୁ ଏହାର ବ୍ୟାପକତାର ଆଧାରରେ ଏକ ସିଦ୍ଧାନ୍ତ ରୂପରେ ସ୍ପଷ୍ଟ କରିଛନ୍ତି। ଗାନ୍ଧିଜୀଙ୍କର ସମ୍ପୂର୍ଣ୍ଣ ଦର୍ଶନ ଅହିଂସା ସ୍ତମ୍ଭ ଉପରେ ରହିଛି। କାୟ, ମନ ଓ ବାକ୍ୟରେ ଯେଉଁମାନେ ଶକ୍ତିଶାଳୀ ସେମାନେ ହିଁ ଏହି ମାର୍ଗରେ ଚାଲିପାରିବେ। ଗାନ୍ଧିଜୀ ଅହିଂସାକୁ ସର୍ବୋଚ୍ଚ ନୈତିକ ଓ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ ବୋଲି ମାନିଛନ୍ତି। ଅହିଂସା କେବଳ ଏକ ଦର୍ଶନ ନୁହେଁ ବରଂ ଏହା କାର୍ଯ୍ୟ କରିବାର ଏକ ପଦ୍ଧତି। ଏହା ବି ହୃଦୟ ପରିବର୍ତ୍ତନର ଏକ ସାଧନ। ଗାନ୍ଧିଜୀ ଅହିଂସାର ଭାବନାକୁ ସାମାଜିକ, ଧର୍ମିକ, ଆର୍ଥିକ ନୀତି କ୍ଷେତ୍ରରେ ଏକ ଆବଶ୍ୟକ ତତ୍ତ୍ୱ ବୋଲି କହିଛନ୍ତି। ସତ୍ୟ ସର୍ବୋଚ୍ଚ ନୀତି ଓ ଅହିଂସା ପରମ କର୍ତ୍ତବ୍ୟ ବୋଲି ଗାନ୍ଧିଜୀ କହିଛନ୍ତି। ଅହିଂସାର ଶକ୍ତି ଅସୀମ ଯାହାକୁ ସାଧାରଣ ଭାଷାରେ ବୁଝି ହୋଵନାହିଁ। ଅହିଂସାର ଶକ୍ତି ଓ ଗାନ୍ଧିଜୀଙ୍କ ଉପରେ ୟୁରୋପିଆନ ଲେଖକ ରୋମେନ ରୋନାଲ୍ଡ ମଧ୍ୟ ତାଙ୍କ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ଗାନ୍ଧିଜୀଙ୍କୁ ଆଗାମୀ ପିଢି ପାଇଁ ପଥ ପ୍ରଦର୍ଶକ ବୋଲି କହିଥିଲେ।

ସତ୍ୟ, ପବିତ୍ରତା, ନିର୍ଭୀକତା, ଦୃଢତା, ଅପରିଗ୍ରହ,ପ୍ରେମ ଓ ଉପବାସ ଦ୍ୱାରା ଅହିଂସା ଆଚରଣ କରିବା ଉପରେ ଗାନ୍ଧିଜୀ ଗୁରୁତ୍ୱ ଦେଇଛନ୍ତି। ଅନ୍ୟାୟ ଅତ୍ୟାଚାର ମୁକାବିଲା ଅହିଂସା ଦ୍ୱାରା ହିଁ ସମ୍ଭବ ବୋଲି ତାଙ୍କର ବିଶ୍ୱାସ ଥିଲା। ଅହିଂସା ଏକ ଉପଦେଶ ନୁହେଁ, ଏହା ଜୀବନର କ୍ରିୟାତ୍ମକ ସିଦ୍ଧାନ୍ତ। ବିଶ୍ୱଶାନ୍ତି, ସାମାଜିକ ବ୍ୟବସ୍ଥା ଓ ବ୍ୟକ୍ତିଗତ ଜୀବନ ଲାଗି ଏହା ଏକ ବ୍ରହ୍ମାସ୍ତ୍ର। ଆଜିର ବିଶ୍ୱରେ ଏହାର ପ୍ରାସଙ୍ଗିକତା ଉପଲବ୍ଧି କରିହେଉଛି ଓ ଆବଶ୍ୟକତା ମଧ୍ୟ ରହିଛି। ଅହିଂସାର ବାସ୍ତବିକ ଅର୍ଥ କୃତାର୍ଥ କରିବା ଅର୍ଥ ଦେଶ ପ୍ରେମ ପ୍ରଦର୍ଶନ କରିବା।










## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବେତନଟୀ,୧।୧୦ (ଡି.ଏନ୍.ଏ.):** ବେତନଟୀ ବନାଞ୍ଚଳ ଅଧୀନ ଜାମୁଗଧା ଗ୍ରାମରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗଜେନ୍ଦ୍ର ମହାନ୍ତ (୭୦)। ସକାଳେ ସେ ବିଲକୁ ଯାଉଥିବା ବେଳେ ଗାଁ ପାଖ ପଡ଼ିଆରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ବାରିପଦା ବନଖଣ୍ଡ ଅଧିକାରୀ ଓ ବେତନଟୀ ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ପୋଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ ଘଟଣା
### ୨ କନ୍‌ଷ୍ଟେବଲ ନିଲମ୍ବିତ

**ବାରିପଦା ଅଫିସ,୧।୧୦:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ହେପାଜତରେ ଥିବା ଜଣେ ଅଭିଯୁକ୍ତ ରବିବାର ଚମ୍ପଟ ମାରିଥିଲେ। ଏହି ଘଟଣାରେ ଦାୟିତ୍ୱରେ ଅବହେଳା ପାଇଁ ୨ କନ୍‌ଷ୍ଟେବଲଙ୍କୁ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ପରମାର ସ୍ମିଥ ପୁରୁଷୋତ୍ତମଦାସ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଡିଓ ନଂ.୨୦୨୭(୩୦।୯।୨୦୧୯)ରେ ଏସ୍‌ପି ଏହି ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବିତ କନ୍‌ଷ୍ଟେବଲ ଦ୍ୱୟ ହେଲେ ଚିନ୍ମୟ ସାହୁ ଓ ମନ୍ଦାକିନୀ ବେହେରା। ସୂଚନା ଅନୁଯାୟୀ,ବାରିପଦା ଟାଉନ ଥାନା ମାମଲା (ନଂ.୨୪୦/୧୯) ରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଥିଲା। ତେବେ ସବୁବେଳେ ଗହଳି ଲାଗି ରହୁଥିବା ଥାନାର କର୍ମଚାରୀ ଓ ଅଧିକାରୀଙ୍କୁ ଚକମା ଦେଖାଇ ରବିବାର ଅପରାହ୍ନ ୨ ଟା ବେଳେ ସମ୍ପୃକ୍ତ ଅଭିଯୁକ୍ତ ଜଣକ ପୋଲିସ ହେପାଜତରୁ ଖସି ପଳାଇଥିଲେ। କଡ଼ାସୁରକ୍ଷା ବଳୟରେ ତାଙ୍କୁ ଅଟକ ରଖାଯାଇଥିଲେ ମଧ କିପରି ସେ ଖସିଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବରଦାନ ସାବ୍ୟସ୍ତ ହେବ ପ୍ଲାଷ୍ଟିକ ନିଷେଧ

## ରାଜ୍ୟରେ କେନ୍ଦୁ, ଶାଳପତ୍ରଭିତ୍ତିକ ଶିଳ୍ପ ଦ୍ରୁତ ବିକାଶ ନେଇ ଆଶାବାଦୀ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ସାରା ରାଜ୍ୟରେ ବୁଧବାରଠାରୁ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରାଯାଉଛି। ଏଥିପାଇଁ ରାଜ୍ୟ ପ୍ରଶାସନର ସମସ୍ତ ବିଭାଗ ତତ୍ପରତା ପ୍ରକାଶ କରିଛନ୍ତି। ହେଲେ ଏହା କେତେ ଫଳପ୍ରଦ ହେବ, ତାହା ଭବିଷ୍ୟତରେ ଜଣାପଡ଼ିବ। ଅପରପକ୍ଷରେ ପ୍ଲାଷ୍ଟିକ ନିଷେଧ ଫଳରେ ରାଜ୍ୟରେ କେନ୍ଦୁ ଏବଂ ଶାଳପତ୍ର ଶିଳ୍ପ ବହୁଳଭାବେ ଫାଇଦା ଆଣିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ସମୟରେ ବାହାଘର, ଜନ୍ମଦିନ,ପର୍ବପର୍ବାଣି ଇତ୍ୟାଦି କାର୍ଯ୍ୟରେ ପ୍ଲାଷ୍ଟିକ ପ୍ଲେଟ ଏବଂ ଆନୁଷଙ୍ଗିକ ଦ୍ରବ୍ୟ ବ୍ୟବହାର ହୋଇଥାଏ। ଏଣିକି ସମସ୍ତେ ପ୍ଲାଷ୍ଟିକର ବିକଳ୍ପ ଚିନ୍ତାକଲେଣି। ରାଜ୍ୟରେ କେନ୍ଦୁପତ୍ର ଏବଂ ଶାଳପତ୍ର ଉତ୍ପାଦନ ଓ ପ୍ରକ୍ରିୟାକରଣ ବ୍ୟବସ୍ଥାର ଚାହିଦା ରହିଛି। ତେଣୁ ପ୍ଲାଷ୍ଟିକ ନିଷେଧ ଏହି ଶିଳ୍ପ ପାଇଁ ବରଦାନ ସଦୃଶ ହେବ ।

ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ରାଜ୍ୟରେ ପ୍ରାୟ ୫ ଲକ୍ଷ ଲୋକ କେନ୍ଦୁ ଏବଂ ଶାଳପତ୍ର ଆଦିରୁ ପ୍ଲେଟ ଏବଂ ଆନୁଷଙ୍ଗିକ ନିର୍ମାଣ ଶିଳ୍ପରେ ନିୟୋଜିତ ଅଛନ୍ତି। ପତ୍ରରୁ ପ୍ରସ୍ତୁତ ହେଉଥିବା ପ୍ଲେଟ ଏବଂ କପ୍ ବଜାର ବାର୍ଷିକ ୧୫୦୦ କୋଟି ଟଙ୍କାର ବ୍ୟବସାୟ ଦେବାର କ୍ଷମତା ରଖୁଛି। ରାଜ୍ୟରେ ଅଢ଼େଇ ଲକ୍ଷ ବ୍ୟକ୍ତିବିଶେଷ ସିଧାସଳଖ କେନ୍ଦୁ ଏବଂ ଶାଳପତ୍ର ତୋଳିବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କେନ୍ଦୁପତ୍ର ଶିଳ୍ପର ଚାହିଦା କେନ୍ଦୁଝର ଏବଂ ମୟୂରଭଞ୍ଜରେ ବହୁଳଭାବେ ଦେଖିବାକୁ ମିଳିଥାଏ। ଶ୍ରମିକମାନେ ଷ୍ଟିଚିଂ ମେଶିନ୍ ଏବଂ ହାତ ସିଲେଇ ଦ୍ୱାରା ପତ୍ରପ୍ଲେଟ ପ୍ରସ୍ତୁତ କରୁଛନ୍ତି। ଯଦି ଜର୍ମାନୀ ପ୍ରଭୃତି ଦେଶରେ ବ୍ୟବହୃତ ଟେକ୍ନୋଲୋଜିକୁ ବ୍ୟବହାର କରାଯାଇପାରିବ, ତେବେ ଏ ଶିଳ୍ପର ଅଧିକ ବିକାଶ ହୋଇପାରିବ ବୋଲି ଆଶା କରାଯାଉଛି। ଏହି ଶିଳ୍ପରେ ରୁଚି ରଖୁଥିବା ବିଶେଷଜ୍ଞ ଚିତ୍ତରଞ୍ଜନ ପାଣି କୁହନ୍ତି ଯେ, ପ୍ଲାଷ୍ଟିକ ନିଷେଧ ପରେ କେନ୍ଦୁ, ଶାଳପତ୍ର ବ୍ୟବସାୟ ପାଇଁ ଏକ ବଡ଼ଧରଣର ସୁଯୋଗ ସୃଷ୍ଟି ହୋଇଛି। ହେଲେ ଏହି ସୁଯୋଗକୁ ଉପଯୁକ୍ତ ବ୍ୟବସ୍ଥାଗତ ଢଙ୍ଗରେ ପରିଚାଳନା କରିବାର ଆବଶ୍ୟକତା ରହିଛି। ନିକଟରେ ଏହି ଶିଳ୍ପ ଉପରେ ଥିବା ଦ୍ରବ୍ୟ ଓ ସେବାକର(ଜିଏସ୍‌ଟି) ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ଅନୁରୂପଭାବେ ରାଜ୍ୟ ସରକାର କୁଇଣ୍ଟାଲ ପିଛା ୮୬ ଟଙ୍କା ରୟାଲଟି ନେଉ ନାହାନ୍ତି। କେନ୍ଦ୍ର ସରକାର ବନଧନ ନାମକ ଯୋଜନା ଆରମ୍ଭ କରିଛନ୍ତି। ଏହାକୁ ଯଦି ଉପଯୁକ୍ତଭାବେ ପରିଚାଳନା କରାଯାଏ, ତେବେ ରାଜ୍ୟରେ ଏହା ଅଧିକ ଲାଭଜନକ ଶିଳ୍ପ ହୋଇପାରିବ ବୋଲି ସେ କହିଛନ୍ତି।

କେନ୍ଦ୍ର ସରକାର ବନଧନ ଯୋଜନାରେ ଆଦିବାସୀବହୁଳ ଜିଲାଗୁଡିକ ଜଙ୍ଗଲଜାତ ଦ୍ରବ୍ୟର ତାଲିକା ପ୍ରସ୍ତୁତ କରିଛନ୍ତି। ଏହାର ଉତ୍ପାଦନ ସହ ପ୍ରକ୍ରିୟାକରଣରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ସାମିଲ କରାଯିବ। ସରକାର ଯେଉଁଭଳି ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ସଚେତନତା ଜାରି କରିଛନ୍ତି, ଅନୁରୂପଭାବେ ପତ୍ରଜାତ ଦ୍ରବ୍ୟର ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବାର ଆବଶ୍ୟକ ରହିଛି। କେନ୍ଦୁଝର ଜିଲା ପିଏ, ଆଇଟିଡିଏ ନାରାୟଣ ମୁର୍ମୁ କୁହନ୍ତି ଯେ, କେବଳ ବ୍ୟବସାୟରୁ ଲାଭ ଅର୍ଜନ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। କେନ୍ଦୁ,ଶାଳପତ୍ର ତୋଳାଳି,ବନ୍ଧାଣୀ ଇତ୍ୟାଦି କାର୍ଯ୍ୟରେ ପୂର୍ଣ୍ଣମାତ୍ରାରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କ ଜୀବନଧାରଣର ମାନ ଉନ୍ନତ କରିବା ମଧ ସରକାରଙ୍କ ଲକ୍ଷ୍ୟ। ପୂର୍ବାପେକ୍ଷା ଏହି ଶିଳ୍ପର ଚାହିଦା ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ନୂତନ ଜ୍ଞାନକୌଶଳ ବିନିଯୋଗ କରି ଅଧିକ ଦ୍ରବ୍ୟ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯିବ।

### ଭାଜପାର ଦେଶବ୍ୟାପୀ ଜନସମ୍ପର୍କ ଓ ଜନ ଜାଗରଣ ଅଭିଯାନ ସମାପ୍ତ
## ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଅଭୂତପୂର୍ବ ସମର୍ଥନ ମିଳିଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗରେ ଦେଶର ସମସ୍ତ ଲୋକଙ୍କୁ ଅବଗତ ଓ ସଚେତନ କରିବାକୁ ଭାଜପା ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ୧ରୁ ୩୦ ପର୍ଯ୍ୟନ୍ତ ଦେଶବ୍ୟାପୀ ଆରମ୍ଭ କରାଯାଇଥିବା ଜନସମ୍ପର୍କ ଓ ଜନ ଜାଗରଣ ଯାତ୍ରା ଶେଷ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଦେଶର ସବୁ ବର୍ଗର ଲୋକମାନେ ମୋଦି ସରକାରଙ୍କ ଦ୍ୱାରା ନିଆଯାଇଥିବା ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଅପୂର୍ବ ସମର୍ଥନ ଏବଂ ଆଶୀର୍ବାଦ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ଏହି ଐତିହାସିକ ନିଷ୍ପତ୍ତି ପାଇଁ ଦେଶବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନେତୃତ୍ୱରେ ଦିଲ୍ଲୀରୁ ଏହି ସମ୍ପର୍କ ଅଭିଯାନ ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନ ମାଧ୍ୟମରେ ଦେଶର ପ୍ରାୟ ୬ ଶହରୁ ଅଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦଳର ୫ ଲକ୍ଷରୁ ଅଧିକ ନେତା ଓ କାର୍ଯ୍ୟକର୍ତ୍ତା ପ୍ରତିଷ୍ଠିତ ଲୋକ ଏବଂ ଓପିନିୟନ ମେକର୍ସଙ୍କୁ ଭେଟି ୩୭୦ ଧାରା ଐତିହାସିକ ଭୁଲର ସୁଧାର ପାଇଁ ନିଆଯାଇଥିବା ଐତିହାସିକ ନିର୍ଣ୍ଣୟର ବିସ୍ତୃତ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଧାରା ୩୭୦ର ଉଚ୍ଛେଦ ଏବଂ ଏହାଦ୍ୱାରା ଜମ୍ମୁ-କଶ୍ମୀର ଏବଂ ଲଦାଖରେ ସାଧାରଣ ଜନତାଙ୍କ ସହିତ ହେଉଥିବା ଭେଦଭାବର ପ୍ରସଙ୍ଗଗୁଡିକ ବିଶ୍ୱ ଦରବାରରେ ମଧ ଉଠାଇଛନ୍ତି । ଭାରତର ଏହି ନିଷ୍ପତ୍ତିକୁ ସାରା ବିଶ୍ୱ ସମର୍ଥନ କରିଛି। ୩୭୦ ଧାରା ଉଚ୍ଛେଦ ଉପରେ କରାଯାଉଥିବା ଅପପ୍ରଚାରର ଏହା ଏକ ବଡ ବିଜୟ ବୋଲି ଧର୍ମେନ୍ଦ୍ର କହିଛନ୍ତି । ସେହିପରି ଅନୁଚ୍ଛେଦ ୩୭୦ ଉଚ୍ଛେଦ କୌଣସି ଧର୍ମ ସମ୍ବନ୍ଧୀୟ ପ୍ରସଙ୍ଗ ନୁହେଁ ବରଂ ଘାଟିରେ ବିକାଶ ଏବଂ ସୁଶାସନକୁ ପ୍ରତିଷ୍ଠା କରିବାର ବିଷୟ। ପଡୋଶୀ ଦେଶ ପାକିସ୍ତାନ ଦ୍ୱାରା କରାଯାଉଥିବା ଅପପ୍ରଚାର ଉପରେ ଓଆଇସି ମଧ ଏହି ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ମାମଲା କହି ଭାରତକୁ ସମର୍ଥନ କରିଛି । ମୁସଲିମ ରାଷ୍ଟ୍ର ସାଉଦି ଆରବ, ୟୁଏଇ ଏବଂ କତାରର ମନ୍ତ୍ରୀ ଓ ରାଜପରିବାର ସଦସ୍ୟଙ୍କୁ ଭେଟିବା ଅବସରରେ ସେମାନେ ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଧାର୍ମିକ ପ୍ରସଙ୍ଗ ନ ମାନିବା ସହିତ ଭାରତକୁ ସମର୍ଥନ କରିଥିବା ମତବ୍ୟକ୍ତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### କଟକ ସିରିଏଲ୍ ହତ୍ୟା ଘଟଣା
## ପିଏନ୍‌ବି କର୍ତ୍ତୃପକ୍ଷଙ୍କୁ ହାଜର ପାଇଁ ନୋଟିସ୍

**କଟକ ଅଫିସ, ୧।୧୦**

କଟକ ସିରିଏଲ୍ ହତ୍ୟା ମାମଲାର ଶୁଣାଣି କରି ମଙ୍ଗଳବାର ହାଇକୋର୍ଟ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଭୁବନେଶ୍ୱର ସାଲିଆସାହି ସ୍ଥିତ ସ୍ୱାଇଁ ୱାଇନ୍ ସପ୍ ଓ ନୟାଗଡ଼ ସୁନାମହିଁ ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) କର୍ତ୍ତୃପକ୍ଷ ହାଜର ହେବା ପାଇଁ ନୋଟିସ୍ ଜାରି କରିଛନ୍ତି। ପୂଜା ଛୁଟି ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉକ୍ତ ଦିନ ହାଜର ହୋଇ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ଦୁଇ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୨୪ରେ କଟକରେ ତିନି ଜଣଙ୍କୁ ଗଳା କାଟି ହତ୍ୟା କରିଯାଇଥିଲା। ପରେ ପୋଲିସ ନୟାଗଡ଼ ସୁନାମୁହିଁର ନାରାୟଣ ସାହୁଙ୍କୁ ଓଏମ୍‌ପି ଅଞ୍ଚଳରେ ଘଟିଥିବା ଦୁଇଟି ହତ୍ୟା ଘଟଣାରେ ଗିରଫ କରିଥିଲା। ତେବେ ନାରାୟଣଙ୍କୁ ନିର୍ଦ୍ଦୋଶ ଦର୍ଶାଇବା ପାଇଁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ଗୀତାଞ୍ଜଳିଙ୍କ ପକ୍ଷରୁ ସିସିଟିଭି ଫୁଟେଜ ଜବତ ପାଇଁ ଆବେଦନ କରାଯାଇଥିଲା। ଓଏମ୍‌ପି ଛକରେ ଘଟିଥିବା ହତ୍ୟାକାଣ୍ଡ ପଛରେ ନାରାୟଣ ସଂପୃକ୍ତି ଥିବା ଡିସିପି ସ୍ପଷ୍ଟ କରିଥିଲେ। ସାଇଣ୍ଟଫିକ୍ ଟିମ୍ ଓଏମ୍‌ପି ଛକ ହତ୍ୟାକାଣ୍ଡ ଘଟଣାସ୍ଥଳକୁ ଯାଇ ଏକ ଅଳିଆ ଗଦାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଓ ଦୁଇଟି ଗାମୁଛା ଜବତ କରିଥିଲା। ହାଇକୋର୍ଟରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।




ଗାନ୍ଧୀଙ୍କ ବିଷୟରେ କେତେ ଜାଣିଛନ୍ତି
ଦେଖନ୍ତୁ ଭିଡିଓ
YouTube /dharitrilive

## ଦାରିଙ୍ଗିବାଡ଼ି ବ୍ଲକ ଅଧ୍ୟକ୍ଷାଙ୍କ ସଭ୍ୟାପଦ ରଦ୍ଦ

**ଫୁଲବାଣୀ ଅଫିସ/ଦାରିଙ୍ଗବାଡି,୧।୧୦**

କନ୍ଧମାଳ ଜିଲା ଦାରିଙ୍ଗିବାଡି ବ୍ଲକ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନଙ୍କ ସଭ୍ୟାପଦ ମଙ୍ଗଳବାର ରଦ୍ଦ ହୋଇଛି। ୨ରୁ ଅଧିକ ସନ୍ତାନ ଥିବା ଆଗତ ଏକ ମାମଲାର ବିଚାର କରି ଜିଲା ଦୌରାଜଜ୍ ଗୌତମ ଶର୍ମା ଏହି ରାୟ ଶୁଣାଇଛନ୍ତି। ସଭ୍ୟାପଦ ରଦ୍ଦ ହୋଇଥିବାରୁ ସୁବେନ୍ତୀ ଆଉ ବ୍ଲକ ଅଧ୍ୟକ୍ଷା ରହି ପାରିବେ ନାହିଁ।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶ୍ରାନିକେତା ପଞ୍ଚାୟତରୁ ସମିତିସଭ୍ୟା ଭାବେ ସୁବେନ୍ତୀ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଦାରିଙ୍ଗିବାଡି ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ସୁବେନ୍ତୀଙ୍କର ୬ଟି ସନ୍ତାନ ଥିବା ଦର୍ଶାଇ ବ୍ଲକ ଅଧ୍ୟକ୍ଷା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତାଜୁଙ୍ଗିଆ ସମିତି ସଭ୍ୟା ରୁଦା ମଲ୍ଲିକ ୨୦୧୭ ଜୁଲାଇରେ ଜିଲା କୋର୍ଟରେ ଏକ ନିର୍ବାଚନୀ ମାମଲା ଦାୟର କରିଥିଲେ। ପଞ୍ଚାୟତ ଆଇନ ଅନୁଯାୟୀ ୨ ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ନିର୍ବାଚନରେ ଲଢ଼ି ପାରିବେ ନାହିଁ। ତେଣୁ ସୁବେନ୍ତୀଙ୍କ ସମିତିସଭ୍ୟା ପଦବୀକୁ ଅବୈଧ ଘୋଷଣା କରିବାକୁ ରୁଦା ତାଙ୍କ ପିଟିଶନ୍‌ରେ ଉଲ୍ଲେଖ କରିଥିଲେ। ଏହି ମାମଲାକୁ ବିରୋଧ କରି ଅଧ୍ୟକ୍ଷା ପ୍ରଧାନ ହାଇକୋର୍ଟରେ ଅପିଲ କରି ରହିତାଦେଶ ଆଣିଥିଲେ। ଦୁଇ ମାସ ତଳେ ହାଇକୋର୍ଟ ରହିତାଦେଶକୁ ଉଠାଇ ଦେଇଥିଲେ ଏବଂ ମାମଲାର ବିଚାର କରି ଫଏସଲା କରିବାକୁ ଜିଲା ଅଦାଲତକୁ ନିର୍ଦ୍ଦେଶ ଦେଇଥିଲେ। ସରକାର ୧୯୯୫ ମସିହାରେ ୨ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି ନିୟମ କରିଥିଲେ। ସୁବେନ୍ତୀଙ୍କର ୧୯୯୬ ମସିହାରେ ଷଷ୍ଠ ସନ୍ତାନ ଜନ୍ମ ହୋଇଛି। ତେଣୁ ଆଇନ ଅନୁଯାୟୀ ତାଙ୍କ ସମିତି ପଦ ଅବୈଧ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ରୁଦା ମଲ୍ଲିକଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧେଶ୍ୱର ଦାସ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ସ୍ତ୍ରୀ ହେଉଛନ୍ତି ସୁବେନ୍ତୀ।

## ଜିଏସ୍‌ଟି ସଂଗ୍ରହ ୯୧,୯୧୬ କୋଟି ଟଙ୍କାକୁ ହ୍ରାସ

**ନୂଆଦିଲ୍ଲୀ,୧।୧୦**

- ୧୯ ମାସର ସର୍ବନିମ୍ନ ସ୍ତରରେ ପରୋକ୍ଷ ଟିକସ ଆଦାୟ
- ଗତ ବର୍ଷ ସମାନ ସମୟ ତୁଳନାରେ ୨.୬୭% ହ୍ରାସ
- ଅଗଷ୍ଟ ମାସରେ ୯୮,୨୦୨ କୋଟି ଟଙ୍କା ଥିଲା

ସେପ୍ଟେମ୍ବରରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ପରିମାଣ ୯୧,୯୧୬ କୋଟି ଟଙ୍କାକୁ ହ୍ରାସ ଘଟିଛି। ଜିଏସ୍‌ଟି ସଂଗ୍ରହ ୧୯ ମାସର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଏହା ଅଗଷ୍ଟ ମାସରେ ୯୮,୨୦୨ କୋଟି ଟଙ୍କା ରହିଥିବା ସରକାର ମଙ୍ଗଳବାର ଦେଇଥିବା ତଥ୍ୟରୁ ଜଣାପଡିଛି। ଗତ ବର୍ଷ ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ୯୪,୪୪୨ କୋଟି ଟଙ୍କା ରହିଥିଲା। ସଂଗ୍ରହ ହୋଇଥିବା ମୋଟ ୯୧,୯୧୬ କୋଟି ଟଙ୍କା ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି ଅଂଶ ୧୬,୬୩୦ କୋଟି, ରାଜ୍ୟ ଜିଏସ୍‌ଟି ବାବଦ ୨୨,୫୯୮ କୋଟି, ସମନ୍ୱିତ ଜିଏସ୍‌ଟି ବାବଦ ୪୫,୦୬୯ କୋଟି ଏବଂ ସେସ୍ ବା ଉପକର ବାବଦକୁ ୭୬୨୦ କୋଟି ଟଙ୍କା ରହିଥିବା ଅର୍ଥମନ୍ତ୍ରଣାଳୟ ପ୍ରକାଶ କରିଛି। ସେପ୍ଟେମ୍ବର ୩୦ ସୁଦ୍ଧା ଅଗଷ୍ଟ ମାସ ଲାଗି ୭୫.୯୪ ଲକ୍ଷ ଜିଏସ୍‌ଟିଆର୍-୩ବି ରିଟର୍ନ ଫାଇଲ କରାଯାଇଛି। ଗତ ବର୍ଷ ସମାନ ମାସ ତୁଳନାରେ ଚଳିତ ବର୍ଷ ସେପ୍ଟେମ୍ବରେ ରାଜସ୍ୱ ସଂଗ୍ରହ ୨.୬୭% କମିଛି।

ସମନ୍ୱିତ ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଏବଂ ରାଜ୍ୟ ଜିଏସ୍‌ଟି ବାବଦକୁ ଯଥାକ୍ରମେ ୨୧,୧୩୧ କୋଟି ଏବଂ ୧୫,୧୨୧ କୋଟି ଟଙ୍କା ସମାଧାନ କରାଯାଇଛି। ସେପ୍ଟେମ୍ବର ମାସ ଲାଗି ନିୟମିତ ଜିଏସ୍‌ଟି ସମାଧାନ ପରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଯଥାକ୍ରମେ କେନ୍ଦ୍ର ଜିଏସ୍‌ଟି ବାବଦକୁ ୩୭,୭୬୧ କୋଟି ଏବଂ ରାଜ୍ୟ ଜିଏସ୍‌ଟି ବାବଦକୁ ୩୭,୭୧୯ କୋଟି ଟଙ୍କାର ରାଜସ୍ୱ ହାସଲ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟ ମଧ୍ୟରେ ଦେଶ ମଧ୍ୟରୁ ପରୋକ୍ଷ ଟିକସ ସଂଗ୍ରହ ୭.୮୨% ବଢ଼ିଛି। ଆମଦାନୀରୁ ଜିଏସ୍‌ଟି ସଂଗ୍ରହ ନକରାତ୍ମକ ରହି ୪.୯୦%କୁ ଖସି ଆସିଥିବା ଅର୍ଥ ମନ୍ତ୍ରଣାଳୟ ପ୍ରକାଶ କରିଛି।

### ଓସ୍କାର ଚିଟ୍‌ଫଣ୍ଡ ମାମଲା
## ଅତିରିକ୍ତ ନିର୍ଦ୍ଦେଶକଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ,୧।୧୦**

ଓସ୍କାର କୋ-ଅପରେଟିଭ ଲିମିଟେଡ ଚିଟ୍‌ଫଣ୍ଡ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ କୀର୍ତ୍ତି ରଞ୍ଜନ ବସ୍ତିଆଙ୍କ ଜାମିନ ଆବେଦନକୁ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ମଙ୍ଗଳବାର ଖାରଜ କରି ଦେଇଛନ୍ତି। ଓସ୍କାର ଚିଟ୍‌ଫଣ୍ଡ ସଂସ୍ଥା ମହାରାଷ୍ଟ୍ର, ଗୁଜରାଟ, ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ୫୦ରୁ ଅଧିକ ଶାଖା କାର୍ଯ୍ୟାଳୟ ଖୋଲି ୨୩୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଗୁଜରାଟରେ ଏହା ୫ଟି ଶାଖା କାର୍ଯ୍ୟାଳୟ ଖୋଲି କାରବାର କରୁଥିଲା । ଓଡ଼ିଶାରେ ଜମାକାରୀଙ୍କ ଅଭିଯୋଗ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏକାଧିକ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ପୋଲିସ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପ୍ରଭାସ ରାଉତ, ଅନ୍ୟତମ ସଦସ୍ୟ ମୁନା ପାତ୍ର, କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ ଅବନୀକାନ୍ତ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ, କୀର୍ତ୍ତି ରଞ୍ଜନ ବସ୍ତିଆ ଓ ତାରାପ୍ରସାଦ ହୋତାଙ୍କୁ ୨୦୧୬ ଜୁଲାଇ ୧୫ରେ ଗିରଫ କରିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଏହି ମାମଲାକୁ ସୁବ୍ରତ କୁମାର ମହାନ୍ତି ପରିଚାଳନା କରୁଛନ୍ତି।

## ଏଟିଏମ୍ ଭାଙ୍ଗି ଲୁଟି ନେଲେ ୨୫.୨୭ଲକ୍ଷ

**ଯାଜପୁର ଟାଉନ,୧।୧୦(ଡି.ଏନ୍.ଏ.)**

ଯାଜପୁର ସହରର ଜନଗହଳିପୂର୍ଣ୍ଣ ଅମ୍ବିକାଇ ଛକ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଏଟିଏମ୍‌ରେ ସୋମବାର ବିଳମ୍ବିତ ରାତିରେ ଲୁଟ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍‌କୁ ଗ୍ୟାସ କଟରରେ ଭାଙ୍ଗି ୨୫ ଲକ୍ଷ ୨୭ ହଜାର ୬୦୦ ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ସକାଳୁ ଏଟିଏମ୍ ତଡ଼ା ଯାଇଥିବା ନେଇ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏସ୍‌ବିଆଇ ଏଟିଏମ୍‌ର ଫ୍ରାଞ୍ଚାଇଜ ନେଇଥିବା ଟିଏସ୍‌ଆଇ କମ୍ପାନୀର ଜଣେ ଅଧିକାରୀ ଅବିନାଶ ତ୍ରିପାଠୀ ଯାଜପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ଏସ୍‌ପି ଚରଣ ସିଂ ମୀନା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ଜେନା, ଥାନାଧିକାରୀ ଆଶିଷ ସାହୁ ସମେତ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଏସ୍‌ପି ମୀନା ଏନେଇ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ସନ୍ଧାନୀ କୁକୁର, ଫୋରେନସିକ ଟିମ୍ ଓ ରାଜ୍ୟ ପୋଲିସ ପ୍ରଶାସନର ସୂଚନା ତଥା ବୈଷୟିକ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଦେଇଛନ୍ତି। ସବୁଠାରୁ ମୁଖ୍ୟ କଥା ହେଲା ଉକ୍ତ ଏଟିଏମ୍‌ରେ କେହି ସୁରକ୍ଷା କର୍ମୀ ନିୟୋଜିତ ନ ଥିବାବେଳେ ସେଠାକାର ସିସି କ୍ୟାମେରା ମଧ ଠିକ୍ ଭାବେ କାର୍ଯ୍ୟ କରୁ ନାହିଁ। ଘଟଣା ରାତିରେ ଉକ୍ତ ଏଟିଏମ୍‌ରେ ଟଙ୍କା ଲୋଡ କରାଯାଇଥିଲା। ତେଣୁ ଏହି ଲୁଟ ଘଟଣାରେ ଟଙ୍କା ଲୋଡ କରିଥିବା କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।



ଭଙ୍ଗାଯାଇଥିବା ଏଟିଏମ୍।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ




ଧରିତ୍ରୀ ସାହୁ




ବିଶ୍ୱଭୂଷଣ ଘଡ଼େଇ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ବେଆଇନ ନର୍ସିଂହୋମ୍ ମାମଲା
## ୧୬ ଜିଲାପାଳଙ୍କ ସତ୍ୟପାଠ ଦାଖଲ କଲେ ସ୍ୱାସ୍ଥ୍ୟ ସଚିବ

**କଟକ ଅଫିସ,୧।୧୦:** ବେଆଇନ ନର୍ସିଂହୋମ୍‌କୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କ ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଧା ମଙ୍ଗଳବାର ପୁନର୍ବାର ବ୍ୟକ୍ତିଗତ ହାଜର ହୋଇ ବାକି ୧୬ ଜିଲାପାଳଙ୍କ ସତ୍ୟପାଠ ଦାଖଲ କରିଛନ୍ତି। ତେବେ ରାଜ୍ୟରେ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟର କାର୍ଯ୍ୟକାରିତା ସମ୍ପର୍କରେ ଯାଞ୍ଚ କରିବା ପାଇଁ ସରକାର କିଭଳି ପଦକ୍ଷେପ ନେବେ ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ମେହେର୍ଦ୍ଧାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, କ୍ଲିନିକାଲ ଆକ୍ଟ ପ୍ରଚଳନ ଓ ତଦାରଖ ପାଇଁ ପ୍ରତି ଜିଲାର ଜିଲାପାଳ ଏହାର ମୁଖ୍ୟ ରଖାଯାଇଛି। ଜିଲାପାଳମାନେ ସତ୍ୟପାଠ ଦାଖଲ କରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ୧୪ ଜିଲାପାଳ ସତ୍ୟପାଠ ଦାଖଲ କରିଥିବା ବେଳେ ମଙ୍ଗଳବାର ଆଉ ୧୬ ଜିଲାର ଜିଲାପାଳ ସେମାନଙ୍କ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ଏହି ସତ୍ୟାପାଠ ଦାଖଲ କରିଥିଲେ। ଏହା ସହିତ ରାଜ୍ୟରେ ପ୍ରି ନାଟାଲ ଡାଇଗ୍ନୋଷ୍ଟିକ୍ ଟେକ୍ନିକ୍ସ(ପିଏନ୍‌ଡିଟି) ଆକ୍ଟ କିଭଳି କାର୍ଯ୍ୟ କରାଯାଉଛି ସେ ସମ୍ପର୍କରେ ରିପୋର୍ଟ ଦେବାକୁ ମଧ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟରେ ଚାଲିଥିବା ବେଆଇନ ନର୍ସିଂହୋମକୁ ବିରୋଧ କରି ଓଡ଼ିଶା ଉପଭୋକ୍ତା ଫୋରମ ପକ୍ଷରୁ ୧୯୯୫ରେ ମାମଲା ରୁଜୁ ହୋଇଥିଲା। ୨୦୧୭ ସେପ୍ଟେମ୍ବର ୧୮ରେ ରାଜ୍ୟ ସରକାର ଜବାବ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ହାଇକୋର୍ଟରେ ହାଜର ହୋଇ ନ ଥିଲେ। ଯେଉଁଥିପାଇଁ ହାଇକୋର୍ଟ ମେହେର୍ଦ୍ଧାଙ୍କୁ ବ୍ୟକ୍ତିଗତ ହାଜର ହୋଇ ସମସ୍ତ ଜିଲାର ଜିଲାପାଳଙ୍କ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ୧୧୬୯ ଅଣପଞ୍ଜିକୃତ ନର୍ସିଂହୋମ ଚାଲୁଛି। ଖୁବ୍‌ଶୀଘ୍ର ରାଜ୍ୟରେ ଉପରୋକ୍ତ ଆଇନ ଲାଗୁ କରାଯିବା ସହ ଅଣପଞ୍ଜିକୃତ ନର୍ସିଂହୋମଗୁଡ଼ିକୁ ବନ୍ଦ କରାଯିବା ପାଇଁ ପ୍ରତ୍ୟେକ ଜିଲାରେ ଟାସ୍କଫୋର୍ସ ଗଠନ କରାଯିବ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦିଲ୍ଲୀପ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

**ଫୁଲବାଣୀ ଅଫିସ,୧।୧୦**


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବୟୋଜ୍ୟେଷ୍ଠମାନେ ସମାଜ ଓ ଜାତିର ପଥ ପ୍ରଦର୍ଶକ। ସେମାନେ ନିଜକୁ ନ୍ୟୂନ ମନେକରିବା ଉଚିତ ନୁହେଁ । ବାସ୍ତବରେ ବରିଷ୍ଠ ନାଗରିକମାନେ ସମାଜକୁ ଉଚିତ ମାର୍ଗ ପ୍ରଦର୍ଶନ କରିଥାନ୍ତି। ନିୟମିତ ବ୍ୟବଧାନରେ ବୟୋଜ୍ୟେଷ୍ଠମାନଙ୍କୁ ଏକାଠି କରି ସୁପରାମର୍ଶ ଗ୍ରହଣ କରିବା ଏବଂ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ଆବଶ୍ୟକ ବୋଲି ମଙ୍ଗଳବାର ଫୁଲବାଣୀସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ଆନ୍ତର୍ଜାତିକ ବୟୋବୃଦ୍ଧଜନ ଦିବସ ପାଳନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ମୁଖ୍ୟଅତିଥି, ଫୁଲବାଣୀ ବ୍ଲକ ଅଧ୍ୟକ୍ଷା ମଞ୍ଜୁଦେବୀ କହଁର, ଜିଲାପାଳ ଡା. ବୃନ୍ଦା ଡି, ଏସ୍‌ପି ପ୍ରତୀକ ଗୀତା ସିଂ, ଜିଲା ଆଇନସେବା ପ୍ରାଧିକରଣର ସଚିବ ପତଞ୍ଜଳି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ସୁସ୍ମିତା ଦେବୀ, ବରିଷ୍ଠ ନାଗରିକ ସଂଘର ନବୀନ କିଶୋର ପଣ୍ଡା, ପ୍ରଣବ କୁମାର ମଣ୍ଡଳ, ବରିଷ୍ଠ ନାଗରିକ ସମାଜର ସୁରେଶ କୁମାର ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଘଟାଲ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସର୍ବେଶ୍ୱର ମିଶ୍ର, ସୂର୍ଯ୍ୟ ନାରାୟଣ ମହାପାତ୍ର, ଜିଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ବରିଷ୍ଠ କ୍ରୀଡ଼ା ପ୍ରତିଭା ଅଭିରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ପ୍ରାରମ୍ଭିକ ଭାଷଣ ଓ ବିଡିଓ ସୁବ୍ରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ବରିଷ୍ଠ ନାଗରିକମାନଙ୍କୁ ନେଇ ପୂର୍ବାହ୍ନରେ ଏକ ଶୋଭାଯାତ୍ରା ହୋଇଥିଲା । ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଏହାର ଶୁଭାରମ୍ଭ କରିଥିଲେ। ସେହିପରି ସ୍ଥାନୀୟ ସଭାଗୃହଠାରେ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ହୋଇଥିବା ସ୍ୱାସ୍ଥ୍ୟ ଶିବିରରେ ବୟୋବୃଦ୍ଧମାନଙ୍କ ରକ୍ତଚାପ, ମଧୁମେହ, ଆଦି ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ସେବନ ନିମନ୍ତେ ପରାମର୍ଶ ଦିଆଯାଇଥିଲା । ବୀରମହାରାଜପୁରରମହାନଦୀନେତ୍ରାଳୟ ତରଫରୁ ଚକ୍ଷୁ ଚିକିତ୍ସା ଶିବିର ହୋଇଥିଲା ।

# ଆଇନ ସଚେତନତା ସଭା

**ଦିଗପହଣ୍ଡି,୧।୧୦(ଡି.ଏନ.ଏ.)**



ସଭାରେ ମାଜିଷ୍ଟ୍ରେଟ ଉଦ୍‌ବୋଧନ ଦେଉଛନ୍ତି।

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ସୋମବାର ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ତାଲୁକା ଆଇନ ସହାୟତା କମିଟି ପକ୍ଷରୁ ଆୟୋଜିତ ଏହି ସଭାରେ କମିଟି ଅଧ୍ୟକ୍ଷ ତଥା ଜେଏମ୍‌ଏଫସି କୋର୍ଟର ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ଆଇନଜୀବୀ ହରପ୍ରସାଦ ରଥ, ନକୁଳ ପ୍ରଧାନ, ବିଜୟ କୁମାର ପ୍ରଧାନ, ସରପଞ୍ଚ ରବି ନାରାୟଣ ପାଢ଼ୀ, ବାସୁଦେବପୁର ସେବା ସମବାୟ ସମିତି ସଭାପତି ଡି.ସନାତନ ଦୋରା, ଅଙ୍ଗନୱାଡ଼ି ସୁପରଭାଇଜର ଅନିମା ପ୍ରଧାନ, ଆଇନ ସେବା କମିଟି ସମ୍ପାଦକ କିଶୋର ଚନ୍ଦ୍ର ଗନ୍ତାୟତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଏସିଡ୍ ଆକ୍ରମଣକାରୀଙ୍କ ପାଇଁ ରହିଥିବା ଦଣ୍ଡବିଧାନ ବ୍ୟବସ୍ଥା, ଏସିଡ୍ ପୀଡିତାଙ୍କ ପାଇଁ ରହିଥିବା କ୍ଷତିପୂରଣ ଯୋଜନା ଏବଂ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ରହିଥିବା ମୁକ୍ତ ଆଇନ ସହାୟତା ବ୍ୟବସ୍ଥା ଉପରେ ସଚେତନ କରାଯାଇଥିଲା। ପରେ ବିଚାର ବିଭାଗୀୟ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଅତିଥିମାନଙ୍କ ସମେତ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଓ ବହୁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ପରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦାସକାଠିଆ ମାଧ୍ୟମରେ ବିଭିନ୍ନ ଆଇନ ଉପରେ ସଚେତନ କରାଯାଇଥିଲା।

# ସଡ଼କ ସୁରକ୍ଷା କମିଟି ବୈଠକ

**ଦିଗପହଣ୍ଡି,୧।୧୦ (ଡି.ଏନ.ଏ.)**


ବୈଠକରେ ଉପସ୍ଥିତ ପଦାଧିକାରୀ।

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସ୍ଥାନୀୟ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଦଶହରା ପର୍ବରେ ସହରାଞ୍ଚଳ ଜନଗହଳିପୂର୍ଣ୍ଣ ହେବାକୁ ଥିବା ବେଳେ କିଭଳି ଭାବେ ଟ୍ରାଫିକ ନିୟନ୍ତ୍ରଣ କରାଯାଇପାରିବ ଏବଂ ରାସ୍ତାପାର୍ଶ୍ୱ ପାର୍କିଂ ବ୍ୟବସ୍ଥା ବନ୍ଦ ଓ ଜବରଦଖଲ ଉଚ୍ଛେଦ, ଡାକ୍ତରଖାନା, ସ୍କୁଲ୍, କଲେଜ ନିକଟରେ ନୋ ହର୍ନ ଜୋନ ସାଇନବୋର୍ଡ ଲଗାଇବା, ବିନା ହେଲମେଟ ଓ ଲାଇସେନ୍ସରେ ଗାଡି ଚଳାଉଥିବା ଚାଳକ ଏବଂ ମଦ୍ୟପ ଚାଳକଙ୍କୁ ଦଣ୍ଡବିଧାନ ବାଧ୍ୟତାମୂଳକ କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିସହ ବିଭିନ୍ନ ଛକରେ ପୋଲିସ ରହିବେ ବୋଲି ସ୍ଥିର କରାଯାଇଥିଲା। ଦିଗପହଣ୍ଡି ବିଡ଼ିଓ ହଳଧର ଶବର, ପୂର୍ତ୍ତ ବିଭାଗ ସବଡିଭିଜନ ଉପନିର୍ବାହୀ ଯନ୍ତ୍ରୀ ବାବୁଲି ଚାନ୍ଦ ଗୌଡ, ସହକାରୀ ଯନ୍ତ୍ରୀ ଅଶୋକ କୁମାର ପୁହାନ, ଜାତୀୟ ରାଜପଥ ଯନ୍ତ୍ରୀ ଦିବ୍ୟାଞ୍ଜନୀ ପଣ୍ଡା, ଥାନା ଏଏସ୍‌ଆଇ ଲଚ୍ଛମୈୟା ରେଡ୍ଡୀ, ଦିଗପହଣ୍ଡି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ଗ୍ରାମ୍ୟ ପାନୀୟଜଳ ଓ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ବେହେରା, ଚିଙ୍କିଟି ଅବକାରୀ ନିରୀକ୍ଷକ ଲକ୍ଷ୍ମଣ ଷଡ଼ଙ୍ଗୀ, ଦିଗପହଣ୍ଡି ଅବକାରୀ ବିଭାଗ ଉପ ନିରୀକ୍ଷକ ଅଭିରାମ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱଚ୍ଛ ଭାରତ
ସ୍ୱଚ୍ଛତା ଆଡ଼କୁ ପାଦେ

**ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଶତବାର୍ଷିକ ଉପଲକ୍ଷେ ଜିଲ୍ଲା ଜଳ ପରିମଳ ମିଶନ ଆପଣଙ୍କୁ ଅଭିନନ୍ଦନ ଜଣାଉଛି**

**ଜିଲ୍ଲାକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ିବା ପାଇଁ ଆପଣମାନଙ୍କୁ ବିଶେଷ ଅନୁରୋଧ**

୧) ବାହ୍ୟ ମଳତ୍ୟାଗ ବର୍ଜନ କରନ୍ତୁ।
୨) ପଲିଥିନ୍ ବ୍ୟବହାରକୁ ନିଷେଧ କରନ୍ତୁ।
୩) ପ୍ରତ୍ୟେକ ଘରର ଆବର୍ଜନାକୁ ଏକତ୍ରିତ କରି ଏହାକୁ ସୁରକ୍ଷିତ ଭାବେ ନିଜ ଅଗଣାରେ ଅଳିଆ ଖାତରେ ସଂରକ୍ଷିତ ରଖନ୍ତୁ।
୪) ଆପଣଙ୍କ ଗ୍ରାମକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ସୁନ୍ଦର ରଖି ଏକ ଅଗ୍ରଣୀ ଗ୍ରାମର ସମ୍ମାନର ଅଧିକାରୀ ହୁଅନ୍ତୁ।

**ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ, ଓଡ଼ିଶା ସରକାର**
**ଜିଲ୍ଲା ଜଳ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର**

**KHADI AND VILLAGE INDUSTRIES COMMISSION**
Ministry of Micro, Small & Medium Enterprises, Govt. of India
STATE OFFICE, ODISHA
J/16, Bhimpur, Gandamunda, Khandagiri, Bhubaneswar-751030

**ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ନିମନ୍ତେ ବର୍ଷ ୨୦୧୯-୨୦ ପାଇଁ ଦରଖାସ୍ତ ଆହ୍ୱାନ।**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ଅଧୀନରେ ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ପାଇଁ ବର୍ଷ ୨୦୧୯-୨୦ ନିମନ୍ତେ ବେରୋଜଗାର ପ୍ରାର୍ଥୀଙ୍କଠାରୁ କେବଳ Online ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରାଯାଉଅଛି।

**ଆବେଦନ କରିବାର ପ୍ରମୁଖ ନିୟମାବଳୀ**

(୧) ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ।
(୨) ସ୍ୱୟଂ ସହାୟକ ଗୋଷ୍ଠୀ (SHG)।
(୩) ପଞ୍ଜୀକୃତ ଅନୁଷ୍ଠାନ, ସମବାୟ ସମିତି ଏବଂ ଟ୍ରଷ୍ଟ ଇତ୍ୟାଦି।
(୪) ଗ୍ରାମାଞ୍ଚଳ ପାଇଁ ୩୫% ଏବଂ ସହରାଞ୍ଚଳ ପାଇଁ ୨୫% ସର୍ବାଧିକ ମାର୍ଜିନ ରାଶି ସବ୍‌ସିଡି ଉପଲବ୍ଧ।
(୫) ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ଟ.୨୫.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ଟ.୧୦.୦୦ ଲକ୍ଷ ପର୍ଯ୍ୟନ୍ତ ଅନୁମତିଯୋଗ୍ୟ ସର୍ବାଧିକ ମୂଲ୍ୟର ପ୍ରକଳ୍ପ ରାଶି (Project Cost) ଧାର୍ଯ୍ୟ କରାଯାଇଅଛି।
(୬) ନକାରାତ୍ମକ ସୂଚୀ (Negative List) ଅନ୍ତର୍ଭୁକ୍ତ ଉଦ୍ୟୋଗ ପାଇଁ ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।
(୭) ଉତ୍ପାଦନଭିତ୍ତିକ ଶିଳ୍ପ ଟ.୧୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଶିଳ୍ପ ଟ.୫.୦୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଆବେଦନକାରୀ ଅନ୍ୟୂନ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ।
(୮) ଏହି ଯୋଜନା ଅଧୀନରେ ଗୋଟିଏ ପରିବାରରୁ କେବଳ ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ।
(୯) ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନଟି ମନୋନୀତ କରିଥିବା ବ୍ୟାଙ୍କ ଶାଖାଟିର ସର୍ଭିସ ଏରିଆ ମଧ୍ୟରେ ହୋଇଥିବା ଆବଶ୍ୟକ।
(୧୦) କାର୍ଯ୍ୟରତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି କେନ୍ଦ୍ର / ରାଜ୍ୟ ସବ୍‌ସିଡି ଯୋଜନା ଅଧୀନରେ ସବ୍‌ସିଡି / ମାର୍ଜିନ ରାଶିର ଲାଭ ନେଇସାରିଥିବା ଆବେଦନକାରୀମାନେ ଯୋଗ୍ୟ ବିବେଚିତ ହେବେ ନାହିଁ।
(୧୧) ଆବେଦନକାରୀଙ୍କର ଆଧାର କାର୍ଡ (Aadhaar Card) କିମ୍ବା ପ୍ୟାନ୍ କାର୍ଡ (PAN Card) ଥିବା ଆବଶ୍ୟକ।

**କିପରି ଆବେଦନ କରିବେ:**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP)ର ନିୟମାବଳୀ ଅନୁଯାୟୀ ଯୋଗ୍ୟ ଆବେଦନକାରୀ www.kviconline.gov.in/pmegpeportalରେ registration ଏବଂ login କରି online ମାଧ୍ୟମରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ। କୌଣସି ପ୍ରକାର Offline ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।

**ସ୍ୱା. ରାଜ୍ୟ ନିର୍ଦ୍ଦେଶକ, ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଭୁବନେଶ୍ୱର**

DSPL-99



**ଶ୍ରୀ ବିକ୍ରମ କେଶରୀ ଆରୁଖ**
ମନ୍ତ୍ରୀ,
ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର, ଓଡ଼ିଶା

**୬୫ତମ ବନ୍ୟପ୍ରାଣୀ ସପ୍ତାହ, ୨୦୧୯ ପାଳନ ଉପଲକ୍ଷେ ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା**

ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ତଥା ସେମାନଙ୍କର ଜୀବନ ଓ ଆବାସସ୍ଥଳୀକୁ ସୁରକ୍ଷିତ ରଖିବା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ୧୯୫୨ ମସିହାରୁ ପ୍ରତିବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଆସୁଅଛି। ସତ୍ୟ ଏବଂ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ପୁଣ୍ୟ ଜନ୍ମତିଥି ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ସମଗ୍ର ଦେଶରେ ଏହି ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଏ।

ଘନ ଅରଣ୍ୟ, ଦିଗନ୍ତ ବିସ୍ତାରୀ ପର୍ବତମାଳା, ନଦନଦୀ, ହ୍ରଦ ଭଳି ବିବିଧ ପ୍ରାକୃତିକ ସମ୍ପଦ ସହ ବିରଳ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତାରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ବିସ୍ତୀର୍ଣ୍ଣ ହେନ୍ତାଳ ବନ, ଅଗଣିତ ବିଦେଶାଗତ ପକ୍ଷୀ ଏବଂ ଅଣ୍ଡାଦେବା ପାଇଁ ସାମୁଦ୍ରିକ ବେଳାଭୂମିକୁ ସୁଦୂର ପ୍ରଶାନ୍ତ ମହାସାଗରରୁ ଆସୁଥିବା ଲକ୍ଷ ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମାଗମ କେବଳ ଆମ ରାଜ୍ୟରେ ହିଁ ଦେଖିବାକୁ ମିଳିଥାଏ।

ବନ୍ୟପ୍ରାଣୀମାନଙ୍କ ସୁରକ୍ଷା, ସଂରକ୍ଷଣ, ଅଭିବୃଦ୍ଧି ତଥା ସେମାନଙ୍କ ବାସସ୍ଥଳୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଗୋଟିଏ ଜାତୀୟ ଉଦ୍ୟାନ, ୨ଟି ବ୍ୟାଘ୍ର ପ୍ରକଳ୍ପ, ଗୋଟିଏ ଜୈବମଣ୍ଡଳ ଓ ୩ଟି ହସ୍ତୀ ପ୍ରକଳ୍ପ ଗଠନ କରାଯାଇଛି। ବିଦେଶାଗତ ପକ୍ଷୀ, ସାମୁଦ୍ରିକ କଇଁଛ, କୃଷ୍ଣସାର ମୃଗ, କୁମ୍ଭୀର ତଥା ବିରଳ ବନ୍ୟପ୍ରାଣୀଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି।

ବନ୍ୟପ୍ରାଣୀ ଓ ମନୁଷ୍ୟ ପରସ୍ପର ପରିପୂରକ। ଜୀବଜଗତର ସନ୍ତୁଳନ ରକ୍ଷା ପାଇଁ ବନ୍ୟପ୍ରାଣୀମାନଙ୍କ ସ୍ଥିତି, ସୁରକ୍ଷା, ସଂରକ୍ଷଣ ଓ ସମୃଦ୍ଧି ଏକାନ୍ତ ଆବଶ୍ୟକ। ବନ୍ୟଜନ୍ତୁଙ୍କ ସଂରକ୍ଷଣ ଓ ପରିଚାଳନା ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଏବଂ ସମ୍ପୃକ୍ତି ଏକାନ୍ତ କାମ୍ୟ।

୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ମୁଁ ଜନସାଧାରଣ, ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡ଼ିକର ଆନ୍ତରିକ ସହଯୋଗ କାମନା କରୁଛି।

(ବିକ୍ରମ କେଶରୀ ଆରୁଖ)

08006/13/0009/1920

DSPL-99



**ରାଜ୍ୟ ସଚିବାଳୟ**
**ଭୁବନେଶ୍ୱର**

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଉପଲକ୍ଷେ ମାନନ୍ୟର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ୬୫ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ସାରା ଦେଶରେ ପାଳନ କରାଯାଉଥିବା ଆନନ୍ଦର କଥା। ଚଳିତ ବର୍ଷ ମଧ୍ୟ ଆମେ ଅହିଂସାର ଉପାସକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରୁଅଛୁ।

'ଜୀବେଦୟା' ହେଉଛି ଭାରତୀୟ ସଂସ୍କୃତିର ଆପ୍ତବାକ୍ୟ। ଏ ଜଗତରେ ସବୁ ପ୍ରାଣୀର ବଞ୍ଚିବାର ଅଧିକାର ରହିଛି। ପରିବେଶ ସନ୍ତୁଳନ ନିମନ୍ତେ ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ସେହିପରି ବିଲୁପ୍ତପ୍ରାୟ ଜୀବଜନ୍ତୁଙ୍କ ସଂରକ୍ଷଣ ଆମର ପ୍ରାଥମିକତା।

ଜୈବ ବିବିଧତା ଦୃଷ୍ଟିରୁ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟ। ଆମ ରାଜ୍ୟର ପାହାଡ଼ ପର୍ବତ, ନଦୀ, ହ୍ରଦ ଓ ଜଙ୍ଗଲ ଆଦି ବିଭିନ୍ନ ପ୍ରକାରର ପଶୁ, ପକ୍ଷୀ ଓ ବୃକ୍ଷରାଜିର ଗନ୍ତାଘର। ଏହି ବିଶାଳ ଜୈବମଣ୍ଡଳର ଉପଯୁକ୍ତ ସୁରକ୍ଷା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଦରକାର। ଏ ଦିଗରେ ଥିବା ଆଇନକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବାରେ ସମସ୍ତଙ୍କ ସହଯୋଗ ଦରକାର।

ବନ୍ୟପ୍ରାଣୀ ଆମ ପରିବେଶର ଅନନ୍ୟ ଅଙ୍ଗ। ଆମ ପରିବେଶର ସୁରକ୍ଷା ଓ ଭବିଷ୍ୟତ ବଂଶଧରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ପାଇଁ ସରକାର ନେଇଥିବା ପଦକ୍ଷେପର ସଫଳତା ପାଇଁ ମୁଁ ସମସ୍ତଙ୍କ ସହଯୋଗ କାମନା କରୁଛି।

(ନବୀନ ପଟ୍ଟନାୟକ)

08006/13/0009/1920



"ସୁରକ୍ଷିତ ଯୌନସମ୍ପର୍କ ଲାଗି ପିତାମାତା ପିଲାଙ୍କୁ ଉତ୍ସାହିତ କରିବା ଉଚିତ।
କଙ୍ଗନା ରାଣାଓ୍ୱତ୍, ବଲିଉଡ୍ ଅଭିନେତ୍ରୀ

# 'ଦବଙ୍ଗ-୩'ର ପ୍ରମୋ ରିଲିଜ୍



**ନୂଆଦିଲ୍ଲୀ:** ପୁଣି ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଆସୁଛନ୍ତି ବଲିଉଡ୍ ଦବଙ୍ଗ ପୋଲିସ୍ ଅଫିସର ଚୁଲ୍‌ବୁଲ୍ ପାଣ୍ଡେ। ସଲମାନଙ୍କ ମୋଷ୍ଟ ଅଓ୍ୱେଟେଡ୍ ଫିଲ୍ମ 'ଦବଙ୍ଗ-୩'ର ପ୍ରମୋ ରିଲିଜ୍ ହୋଇଛି। ନିଜେ ଚୁଲବୁଲ୍ ପାଣ୍ଡେ ଫିଲ୍ମର ପ୍ରମୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଗୋଟିଏ ଦମ୍‌ଦାର୍ ଡାଏଲଗ୍ ସହ ସଲମାନ ଖାନଙ୍କ ଚୁଲ୍‌ବୁଲ୍ ପାଣ୍ଡେ ଅବତାର୍‌କୁ ପ୍ରମୋରେ ଦେଖିବାକୁ ମିଳିଛି। ପ୍ରମୋରେ ପାଣ୍ଡେ ଜୀ କହୁଛନ୍ତି, "ଯେତେବେଳେ ଚୁଲ୍‌ବୁଲ୍ ପାଣ୍ଡେଙ୍କ ସହ ଅଛି ପୂରା ଇଣ୍ଡିଆର ଇମୋଶନ୍ସ, ତେବେ ସଲମାନ କାହିଁକି କରିବେ ଫିଲ୍ମ ଦବଙ୍ଗ୍‌ର ପ୍ରମୋଶନ? " ଫିଲ୍ମ ତାଙ୍କର, ପୋଷ୍ଟର ତାଙ୍କର, ତେବେ ଫିଲ୍ମର ପ୍ରମୋଶନ ମଧ୍ୟ ଚୁଲ୍‌ବୁଲ୍ ପାଣ୍ଡେ ହିଁ କରିବେ ବୋଲି ସେ କହିଛନ୍ତି। ଏପରି ଲାଗୁଛି ସଲମାନ ଫିଲ୍ମଟି ରିଲିଜ୍ ହେବା ପର୍ଯ୍ୟନ୍ତ ଚୁଲ୍‌ବୁଲ୍ ପାଣ୍ଡେ ହୋଇ ରହିବେ। ସେହିପରି ନିଜ ଅଫିସିଆଲ୍ ଟୁଇଟର ହ୍ୟାଣ୍ଡେଲରେ ସଲମାନ ନିଜ ନାମକୁ ବଦଳାଇ ଚୁଲ୍‌ବୁଲ୍ ପାଣ୍ଡେ ରଖିଛନ୍ତି ଓ 'ଦବଙ୍ଗ-୩'ର ପ୍ରମୋ ଶେୟାର କରିଛନ୍ତି। ଆସନ୍ତା ଡିସେମ୍ବର ୨୦ରେ ରିଲିଜ୍ ହେବାକୁ ଥିବା 'ଦବଙ୍ଗ-୩'ରେ ମହେଶ ମଞ୍ଜରେକରଙ୍କ ଝିଅ ସାଈ ମଞ୍ଜରେକର ଡେବ୍ୟୁ କରିବେ। ସଲମାନଙ୍କ ପ୍ରେମିକା ଚରିତ୍ରରେ ସାଈ ନଜରକୁ ଆସିବେ ବୋଲି ଶୁଣାଯାଉଛି।

# ଅହିଂସା ପୂଜାରୀଙ୍କ ସମ୍ପର୍କରେ ଅନେକ କଥା...

*ଜାତିର ପିତା ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ନେତା ଥିଲେ ଓ ଅହିଂସା ମାର୍ଗରେ ଆନ୍ଦୋଳନ କରି ଦେଶକୁ ସ୍ୱାଧୀନତା ଦେବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏଥର ଅହିଂସା ପୂଜାରୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଉଛି। ଏହି ଅବସରରେ ମହାତ୍ମାଙ୍କ ଜୀବନ ସହ ଯୋଡି ହୋଇଥିବା ଅନେକ କଥା.....*




- ମୋହନଦାସ କରମଚାନ୍ଦ୍ ଗାନ୍ଧୀ ୧୮୬୯ ଅକ୍ଟୋବର ୨ରେ ଗୁଜରାଟ ପୋର୍‌ବନ୍ଦରରେ ଜନ୍ମ ଗ୍ରହଣ କରିଥିଲେ। ଗାନ୍ଧିଜୀଙ୍କ ପିତାଙ୍କ ନାମ କରମଚାନ୍ଦ ଗାନ୍ଧୀ ଓ ମାତାଙ୍କ ନାମ ଥିଲା ପୁତୁଳି ବାଈ।
- ଗାନ୍ଧିଜୀଙ୍କ ଜନ୍ମ ଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ରୂପେ ପାଳନ କରାଯାଉଛି।
- ଗାନ୍ଧିଜୀ ଶୁକ୍ରବାରରେ ଜନ୍ମ ନେଇଥିଲେ ଓ ସେହି ଶୁକ୍ରବାରରେ ଆତତାୟୀର ଗୁଳିରେ ଟଳି ପଡିଥିଲେ।
- ୧୯୩୦ରେ ସେ ଟାଇମ୍ ମ୍ୟାଗାଜିନରେ ମ୍ୟାନ୍ ଅଫ୍ ଦ ଇୟର୍ ହୋଇଥିଲେ। ସେ ଥିଲେ ଜଣେ ମହାନ୍ ଲେଖକ ଓ ୫୦,୦୦୦ ପୃଷ୍ଠାର ସଂଗ୍ରହ ତାଙ୍କ ସାମଗ୍ରିକ କାର୍ଯ୍ୟର ସାକ୍ଷୀ ହୋଇ ରହିଛି।
- ଗାନ୍ଧିଜୀ ଓ ପ୍ରଖ୍ୟାତ ଲେଖକ ଲିଓ ଟଲଷ୍ଟୟଙ୍କ ମଧ୍ୟରେ ଚିଠି ମାଧ୍ୟମରେ ସମ୍ପର୍କ ସ୍ଥାପନ ହେବା ପରେ ଜୋହାନ୍ସବର୍ଗଠାରୁ ୨୧ କିଲୋମିଟର ଦୂରରେ ଟଲଷ୍ଟୟ ଫାର୍ମ କରିଥିଲେ । ସେଥିରେ ସତ୍ୟାଗ୍ରହ ସଂଗ୍ରାମର ସାଥୀମାନେ ରହୁଥିଲେ ।
- ମାତ୍ର ୧୩ ବର୍ଷ ବୟସରେ ଗାନ୍ଧିଜୀ କସ୍ତୁରବା ମାଖନଜୀଙ୍କୁ ବିବାହ କରିଥିଲେ।
- ବିବାହ ପରେ ମହାତ୍ମା ଗାନ୍ଧୀ ଲଣ୍ଡନରେ ଆଇନ ଶିକ୍ଷା ପଢିବା ପାଇଁ ଯାଇଥିଲେ। ସେଠାରେ ସେ ବାରିଷ୍ଟର ଡିଗ୍ରୀ ହାସଲ କରିଥିଲେ।
- ଗାନ୍ଧିଜୀଙ୍କୁ ଅନେକ ଥର ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବୈଷମ୍ୟର ସାମ୍ନା କରିବାକୁ ପଡିଥିଲା ଏମିତିକି ତାଙ୍କୁ ଟ୍ରେନରୁ ଧକ୍କା ଦେଇ ବାହାର କରିଦିଆଯାଇଥିଲା।
- ନୋବେଲ ପୁରସ୍କାର ପାଇଁ ୫ଥର ମହାତ୍ମା ଗାନ୍ଧୀ ନୋମିନେଟ ହୋଇଥିଲେ ବି ତାଙ୍କୁ ତାହା ମିଳିପାରି ନ ଥିଲା।
- ଦୁନିଆର ସବୁଠୁ ବଡ଼ ମୋବାଇଲ କମ୍ପାନୀ ଆପଲ୍‌ର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍ସ ଗାନ୍ଧିଜୀଙ୍କୁ ସମ୍ମାନ ଦେବା ପାଇଁ ଗୋଲ୍ ଚଷମା ପିନ୍ଧିଥିଲେ।
- ଛୋଟ ସଡ଼କକୁ ବାଦ୍‌ଦେଲେ ଭାରତରେ ଗାନ୍ଧିଜୀଙ୍କ ନାମରେ ୫୦ରୁ ଊର୍ଦ୍ଧ୍ୱ ସଡ଼କ ରହିଛି। ବିଦେଶରେ ବି ପାଖାପାଖି ୬୦ଟି ସଡ଼କ ରହିଛି ତାଙ୍କ ନାମରେ।
- ୧୯୪୮ ଜାନୁୟାରୀ ୩୦ରେ ନାଥୁରାମ ଗଡ୍‌ସେ ଗାନ୍ଧିଜୀଙ୍କୁ ଗୁଳିକରି ହତ୍ୟା କରିଥିଲେ। ଗାନ୍ଧିଜୀଙ୍କ ଅନ୍ତିମଯାତ୍ରା ଭାରତର ସବୁଠାରୁ ବଡ଼ ବୋଲି କୁହାଯାଏ। ଏହାର ଲମ୍ବ ଥିଲା ୮ କିଲୋମିଟର । ତାଙ୍କୁ ଅନ୍ତିମ ବିଦାୟ ଦେବା ଲାଗି ପ୍ରାୟ ୧୫ ଲକ୍ଷ ଲୋକ ରାସ୍ତା କଡ଼ରେ ଠିଆ ହୋଇଥିଲେ।
- ଗାନ୍ଧିଜୀଙ୍କ ଦେହାନ୍ତ ହେବାର ଦୀର୍ଘ ୨୧ ବର୍ଷ ପରେ ଇଂଲଣ୍ଡ ତାଙ୍କ ସମ୍ମାନାର୍ଥେ ଏକ ଷ୍ଟାମ୍ପ୍ ରିଲିଜ କରିଥିଲା।
- ଗାନ୍ଧିଜୀଙ୍କୁ 'ମହାତ୍ମା' ଟାଇଟଲ୍ ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥ ଠାକୁର ହିଁ ଦେଇଥିଲେ।
- ୧୯୫୯ରେ ଗାନ୍ଧୀ ମେମୋରିଆଲ ମ୍ୟୁଜିୟମ ତାମିଲନାଡୁର ମଦୁରାଇ ସହରରେ ପ୍ରତିଷ୍ଠା କରାଯାଇଥିଲା। ନାଥୁରାମ ଗୁଳି କରିବା ପରେ ଗାନ୍ଧିଜୀଙ୍କ ରକ୍ତଭିଜା ବସ୍ତ୍ର ଏଠାରେ ରଖାଯାଇଛି।

## ରଗ୍‌ବୀ ପ୍ରେମ

### ସାଇକେଲରେ ବ୍ରିଟେନରୁ ଜାପାନ



**ଓସାକା:** ୟୁରୋପୀୟ ଦେଶରେ 'ରଗ୍‌ବୀ'କୁ ନେଇ ରହିଛି କ୍ରେଜ୍। ହେଲେ ରଗ୍‌ବୀ ବିଶ୍ୱକପ୍ ଦେଖିବାକୁ ଦୁଇଜଣ ବନ୍ଧୁ ବ୍ରିଟେନରୁ ଜାପାନ ଦୀର୍ଘ ୨୦ହଜାର କି.ମି. ସାଇକେଲ ଯାତ୍ରା କରିଛନ୍ତି। ଜେମ୍ସ ଓ୍ୱେନ୍ସ ଏବଂ ରନ୍ ରୁଟ୍‌ଲେଣ୍ଡଙ୍କ ଏପରି ଦୁଃସାହସିକତାକୁ ନେଇ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚା। ସେପ୍ଟେମ୍ବର ୨୦ରୁ ଜାପାନରେ ଆରମ୍ଭ ହୋଇଛି ରଗ୍‌ବୀ ବିଶ୍ୱକପ୍। ନଭେମ୍ବର ୨ରେ ଏହାର ଉଦ୍‌ଯାପନୀ ସମାରୋହ। ଟୁର୍ନାମେଣ୍ଟ ଦେଖିବାକୁ ଜେମ୍ସ ଏବଂ ରୋନ୍ ପହଞ୍ଚିଛନ୍ତି ଜାପାନରେ। ଏଥିଲାଗି ଉଭୟେ ସାଇକେଲରେ ପାଖାପାଖି ୨୦ ହଜାର ୯୩ କିମି ଯାତ୍ରା କରିଥିବାବେଳେ ସେମାନଙ୍କୁ ୨୭ ଦେଶ ମଧ୍ୟ ଦେଇ ଯିବାକୁ ପଡିଛି। କେବଳ ଏତିକି ନୁହେଁ 'ରଗ୍‌ବୀ'ର ପ୍ରଚାର କରି ଦୁଇ ବନ୍ଧୁ ସଂଗ୍ରହ କରିଛନ୍ତି ୫୯ ଲକ୍ଷ ଟଙ୍କା। ଜେମ୍ସ କୁହନ୍ତି, ସାଇକେଲିଂ ଏବଂ ଫିଟ୍‌ନେସକୁ ନେଇ କୋଚ୍‌ଙ୍କ ପରାମର୍ଶ ଏହି ଯାତ୍ରାରେ ବେଶ୍ ସହାୟକ ହୋଇଛି। ଏପରି ଦୀର୍ଘଯାତ୍ରାର ଶ୍ରେୟ କେବଳ ଆମେ ଦୁହେଁ ନେବାକୁ ଚାହିଁ ନ ଥିଲୁ। ତେଣୁ ରଗ୍‌ବୀର ପ୍ରଚାର ଲାଗି ଟଙ୍କା ସଂଗ୍ରହ କରିବା କଥା ମନକୁ ଜୁଟିଥିଲା। ଏଥିଲାଗି ଯୋଜନା ପ୍ରସ୍ତୁତ କରିଥିଲୁ। ସଂଗୃହୀତ ଟଙ୍କାକୁ ଅସହାୟ ପିଲାଙ୍କ ପାଠପଢ଼ା ଲାଗି ଖର୍ଚ୍ଚ କରିବାକୁ ମନସ୍ଥ କରିଥିବା ସେ କହିଛନ୍ତି।

# ସହଜ ନୁହେଁ ଶିକ୍ଷକତା



**ନୂଆଦିଲ୍ଲୀ:** ଜୀବନଶୈଳୀକୁ ସରଳ ଓ ସୁବ୍ୟବସ୍ଥିତ କରିବା ସକାଶେ ଅନେକେ କର୍ପୋରେଟ ସେକ୍ଟରରୁ ଚାକିରି ଛାଡ଼ି ଶିକ୍ଷକତା ପାଇଁ ମନ ବଳାଉଥିବା ଘଟଣା ପ୍ରାୟ ସମସ୍ତେ ଜାଣନ୍ତି। ଅଧିକ ଛୁଟି ଓ ଶୀଘ୍ର ଘରକୁ ଆସି ପରିବାର ସହ ସମୟ କାଟିବା ଆଶାରେ ଲୋକମାନେ ଶିକ୍ଷକତା କରିବାକୁ ପସନ୍ଦ କରିଥାନ୍ତି। ହେଲେ ନ୍ୟାଶନାଲ ଫାଉଣ୍ଡେଶନ ଫର୍ ଏଜୁକେଶନାଲ ରିସର୍ଚ୍ଚ (ଏନ୍‌ଏଫ୍‌ଇଆର୍) ପକ୍ଷରୁ ନିକଟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଅନ୍ୟ ବୃତ୍ତି ଅପେକ୍ଷା ଶିକ୍ଷକତା ଅଧିକ ଚାପଗ୍ରସ୍ତ ଚାକିରି। ପ୍ରତି ୫ ଜଣରେ ଜଣେ ଶିକ୍ଷକ ଅଧିକାଂଶ ସମୟ ଚାକିରି ବିଷୟରେ ଭାବି ଚିନ୍ତାରେ ରହିଥାନ୍ତି। ଜାନୁୟାରୀରେ ଶିକ୍ଷକ ନିଯୁକ୍ତି ଓ ରହଣୀ ସମୟକୁ ନେଇ କରାଯାଇଥିବା ଷ୍ଟ୍ରାଟେଜି ସମ୍ପର୍କରେ ଡିପାର୍ଟମେଣ୍ଟ ଫର୍ ଏଜୁକେଶନ (ଡିଏଫ୍‌ଇ) ପକ୍ଷରୁ କୁହାଯାଇଛି, ଶିକ୍ଷକମାନେ କେତେକ ସପ୍ତାହରେ ଅନ୍ୟ ବୃତ୍ତିରେ ଥିବା ଲୋକମାନଙ୍କଠାରୁ ଅଧିକ କାର୍ଯ୍ୟ କରିଥାନ୍ତି। ବର୍ଷତମାମ ସେମାନଙ୍କ କାମ କରିବା ସମୟ ଅନ୍ୟମାନଙ୍କ ସହ ସମାନ ହୋଇଥିଲେ ବି ବେଳେ ବେଳେ ଅତ୍ୟଧିକ କାମ ଯୋଗୁ ସେମାନେ ଚିନ୍ତାରେ ରହିଥାନ୍ତି। ପ୍ରତି ୫ଜଣରେ ୨ ଶିକ୍ଷକ (୪୦ ପ୍ରତିଶତ) ସେମାନଙ୍କ ଛୁଟି ଅବସର ସମୟକୁ ନେଇ ଅସନ୍ତୁଷ୍ଟ ରହିଥାନ୍ତି। କିନ୍ତୁ କର୍ପୋରେଟ୍ ସେକ୍ଟରରେ ଚାକିରି କରୁଥିବା ୩୨ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏଭଳି ମନୋଭାବ ପରିଲକ୍ଷିତ ହୋଇଥାଏ। ଚାକିରି କ୍ଷେତ୍ରରେ ସଂଘର୍ଷକୁ ନେଇ ଜଣେ ପ୍ରାଥମିକ ସ୍କୁଲ ଶିକ୍ଷକ କୁହନ୍ତି, ଶିକ୍ଷକତା କ୍ଷେତ୍ରରେ କୌଣସି ଟାର୍ଗେଟ୍ ପୂରଣ କରିବାକୁ ନ ଥିବାରୁ ସମସ୍ତେ ଏହାକୁ ସରଳ ଚାକିରି ବୋଲି ଭାବନ୍ତି। କିନ୍ତୁ ଏହା ସତ ନୁହେଁ। ଅନେକ ସମୟରେ ଶାନ୍ତିରେ ଖାଇ ହୁଏନି। ବେଳେବେଳେ କ୍ଲାସ୍ ରୁମ୍‌ରେ ଖାଇବାକୁ ପଡ଼େ। ଶୌଚାଳୟ ଯିବାକୁ ବି ସମୟ ହୁଏନି। ନାମଲେଖା ଓ ଖାତାଦେଖା ସମୟରେ ବହୁତ ଚାପରେ କାମ କରିବାକୁ ହୁଏ। ଶିକ୍ଷକ ଜୀବନ ସେତେ ସରଳ ନୁହେଁ, ଯାହା ଦେଖାଯାଏ। ଅନେକ ଅତ୍ୟଧିକ ଚାପଗ୍ରସ୍ତ ହୋଇ ଚାକିରି ଛାଡ଼ି ଦେଇଥାନ୍ତି ବୋଲି ଅନ୍ୟଜଣେ ଶିକ୍ଷକ କହିଛନ୍ତି।

### କର୍ପୋରେଟ୍ କର୍ମଚାରୀଙ୍କଠାରୁ ଅଧିକ ଚାପରେ କାମ କରନ୍ତି ଶିକ୍ଷକ

## ବର୍ଜ୍ୟବସ୍ତୁରେ ଚରଖା



ନୋଏଡା: ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ୍, ପଲିଥିନଜାତ ସାମଗ୍ରୀ ଉପରେ ରୋକ୍ ଲଗାଯାଇଛି। ଏହି ପରିପ୍ରେକ୍ଷୀରେ ନୋଏଡାର ସେକ୍ଟର ୯୪ସ୍ଥିତ ମହାମାୟା ଫ୍ଲାଏ ଓଭରରେ ମଙ୍ଗଳବାର ଲୋକାର୍ପିତ ହୋଇଛି ପୃଥିବୀର ସର୍ବବୃହତ୍ ଚରଖା। ବର୍ଜ୍ୟବସ୍ତୁରୁ ନିର୍ମିତ ଏହି ଚରଖାର ଓଜନ ୧୬୫୦ କେଜି। ୧୪ଫୁଟ ଲମ୍ବା ଏବଂ ୮ ଫୁଟ ଚଉଡ଼ା ବିଶିଷ୍ଟ ଏହି ଚରଖାରେ ୧୨୫୦ କେଜିର ବର୍ଜ୍ୟସାମଗ୍ରୀ ବ୍ୟବହୃତ ହୋଇଛି।

# ସୁସ୍ଥ ଶରୀର ଲାଗି ରାତିରେ ଶୁଣନ୍ତୁ ସଙ୍ଗୀତ



**ଭିଏନା:** ଶରୀରକୁ ସୁନ୍ଦର ରଖିବା ପାଇଁ କେତେକ ଲୋକ ବିଭିନ୍ନ ଉପାୟ ଗ୍ରହଣ କରିଥାନ୍ତି। ତେବେ ନିୟମିତ ଅଭ୍ୟାସ କରି ରାତିରେ କିଛି ସମୟ ପାଇଁ ସଙ୍ଗୀତ ଶୁଣିଲେ ଶରୀର ସୁଡ଼ୋଳ ହୋଇଥାଏ। ଏନେଇ ଭିଏନା ବିଶ୍ୱ ବିଦ୍ୟାଳୟର ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବୋଲି ଗବେଷକ କହିଛନ୍ତି। ସଙ୍ଗୀତର ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଫଳରେ କେତେକ ଉପଯୋଗୀ ରାସାୟନିକ ପଦାର୍ଥ ସହିତ ଭିଟାମିନ୍-ଇ ଥିବା ହରମୋନ୍ କ୍ଷରଣ ହୁଏ। ଏସବୁ ଏଜିଂ ସମସ୍ୟାକୁ ଦୂର କରଥାଏ। ସାଧାରଣତଃ ବୟସ ବଢ଼ିବା ସହିତ ତ୍ୱଚାରେ ଭାଙ୍ଗ ସୃଷ୍ଟି ହୁଏ। ମାତ୍ର ଭିଟାମିନ୍-ଇ ତ୍ୱଚାରେ ଭାଙ୍ଗ ସୃଷ୍ଟି ହେବାକୁ ଦେଇ ନ ଥାଏ ଓ ମନକୁ ସବୁବେଳେ ପ୍ରଫୁଲ୍ଲ ରଖିଥାଏ। ସଙ୍ଗୀତରୁ ସୃଷ୍ଟି ହେଉଥିବା କମ୍ପନ ଶରୀରର ବିଭିନ୍ନ ଆଡ୍ରାନାଲିନ୍ ହରମୋନ୍ କ୍ଷରଣ ଉପରେ ପ୍ରଭାବ ପକାଇଥାଏ। ଫଳରେ ଶରୀର ସୁନ୍ଦର ଏବଂ ସୁଡ଼ୋଳ ହୋଇଥାଏ ବୋଲି ଏହି ରିପୋର୍ଟ ଦର୍ଶାଯାଇଛି।

# ମନରୁ ଦୂରେଇ ହେବ ଯନ୍ତ୍ରଣାଦାୟକ ସ୍ମୃତି



**ଲଣ୍ଡନ:** ମସ୍ତିଷ୍କର ସ୍ମୃତିରେ ଭଲ ଏବଂ ଖରାପ ଅନୁଭୂତି ରହିଥାଏ। ଭଲ ଅନୁଭୂତି ମନରେ ଆନନ୍ଦ ଆଣୁଥିବାବେଳେ ଖରାପ ଅନୁଭୂତି ମାନସିକ ଯନ୍ତ୍ରଣା ଆଣିଥାଏ । ଏଭଳି ସ୍ମୃତିକୁ ଦୂରେଇ ହେବ ବୋଲି କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମସ୍ତିଷ୍କରୁ ଅଯଥା କିଛି ବୈଜ୍ଞାନିକ ଏଭଳି ସ୍ମୃତିକୁ ଦୂରେଇବା ପାଇଁ ଏକ ପ୍ରକାର ରାସାୟନିକ ପଦାର୍ଥ ଉଦ୍‌ଭାବନ କରିଛନ୍ତି। ଏହି ରାସାୟନିକ ପଦାର୍ଥରେ ପ୍ରୟୋଗ ଦ୍ୱାରା ମାନସିକ ରୋଗୀଙ୍କ ମସ୍ତିଷ୍କରେ ସୃଷ୍ଟି ହେଉଥିବା ପୁରୁଣା କଷ୍ଟଦାୟକ ସ୍ମୃତିକୁ ଦୂରେଇ ଦେଇ ହେବ। ଅନେକଙ୍କଠାରେ ସେମାନଙ୍କର ମାନସିକ ଅବସ୍ଥାକୁ ନିୟନ୍ତ୍ରଣ କରିବାର ଶକ୍ତି ରହିଥାଏ। ତେବେ କିଛି ଲୋକ ଏହା କରିପାରି ନ ଥାନ୍ତି। ସେମାନଙ୍କର ମସ୍ତିଷ୍କ ଏସବୁ ସ୍ଥିତିରେ ସନ୍ତୁଳନ ରକ୍ଷା କରିବାକୁ ଅକ୍ଷମ ହୋଇଥାଏ। ତେବେ ପ୍ରସ୍ତୁତ ହୋଇଥିବା ଏହି ନୂତନ ରାସାୟନିକ ପଦାର୍ଥ ମସ୍ତିଷ୍କରେ ପ୍ରୟୋଗ କଲେ ଏଥିରୁ ମୁକ୍ତି ମିଳିବ। ମସ୍ତିଷ୍କରେ ଥିବା ଗାବା ନାମକ ରାସାୟନିକ ପଦାର୍ଥ ମସ୍ତିଷ୍କର ହିପ୍ପୋକ୍ୟାମ୍ପସ୍ ସହିତ ସଂଯୁକ୍ତ ହେଲେ ପୁରୁଣା ସ୍ମୃତି ମନେପଡିଥାଏ। ଏହି ରାସାୟନିକ ପଦାର୍ଥର କ୍ଷରଣ ବନ୍ଦ କରିବା ପାଇଁ କିଛି ଔଷଧର ପ୍ରୟୋଗ କରାଯାଇଥାଏ। ଏହାର କ୍ଷରଣ ବନ୍ଦ ହେଲେ ସ୍ମୃତି ଆଉ ମନେ ପଡ଼ି ନ ଥାଏ। ଏହାଉପରେ ପରୀକ୍ଷଣ ଜାରି ରହିଛି। ଏଥିରେ ସଫଳତା ମିଳିଲେ ଏହାକୁ ମନୁଷ୍ୟଙ୍କଠାରେ ପ୍ରୟୋଗ କରାଯିବ। ମ୍ୟାଗ୍ନେଟିକ୍ ରିନୋନ୍ସ ଇମେଜିଂ(ଏମଆରଆଇ) ସହାୟତାରେ ବୈଜ୍ଞାନିକ ମସ୍ତିଷ୍କକୁ ତନ୍ନ ତନ୍ନ ପରୀକ୍ଷା କରିବା ପରେ ମନରେ ଚିନ୍ତା ଉଦ୍ରେକ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସାୟନିକ ପଦାର୍ଥ ସମ୍ପର୍କରେ ଜଣାପଡ଼ିଛି। ଏହାର ସଫଳ ଉପଯୋଗ ଦ୍ୱାରା ସିଜୋଫେର୍ନିଆ ରୋଗୀଙ୍କ ଚିକିତ୍ସା ସହଜ ହୋଇପାରିବ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

WANTED
Experience Commerce Graduate/ Inter C/A knowledge in Accounting with (ERP9) tally. Experience above five year.
Diamond Polymers, Patia Bhubaneswar.
Contact after - 10.10.2019
Contact : 9337050073, 9437450073

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time / Full Time)
Contact: 9938676412

REQUIRED
Fashion Consultant for a Premium Multi-Designer Store.
Responsibilities and Duties.
1. Customer handling - understanding customer's requirements, suggesting right outfits, taking orders etc. 2. Working on the sales, promotions and marketing of the brand. 3. Interacting with designers for collaborations, placing orders and stock maintenance. 4. Maintaining sales reports and stock sheet.
Qualification and Skills : Adobe Photoshop, Fashion Designing and MS-Excel, Excellent command on English and Hindi. Job Types : Full-time Experience in work : 1 year, Education - Bachelor's (Preferred)
Send your Resume to - E-Mail Id : grisabhubaneswar@gmail.com

ସିକ୍ୟୁରିଟି ଗାର୍ଡ ଆବଶ୍ୟକ
GISS ଆବଶ୍ୟକ କରୁଛି ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ପାଇଁ ୬୫ ଜଣ ସିକ୍ୟୁରିଟି ଗାର୍ଡ।
Contact : 9861744455 9439167075

WANTED
Salesman for New Jewellery Showroom at Bhubaneswar, Send Bio-data to hwjjus@yahoo.com or SMS to.-
9437033691
Good Salary for right Candidate.

Kalinga NURSING SCHOOL BHUBANESWAR
KALINGA NURSING SCHOOL/COLLEGE
Kalinga Hospital campus, Nalco square.C.S. Pur. BBSR
Website- kalinganursingcollegebbsr.org
Applications are invited for admission to **GNM** and **Basic BSc Nursing Courses** for 2019-20 session. Application form & prospectus can be obtained from the Institution on payment of Rs.400/- by hand and Rs.450/- by post. Eligibility criteria for admission are as per Govt guidelines. Students may apply by 25th Oct'19.
Applications are also invited from qualified MSc/BSc candidates for **Lecturer/Tutor posts, Accountant, Driver & Warden.** *Interested candidates may apply by email/ in person within ten days.*
Tel – 0674-6665200 / Extn.- 632.
Mob. 7608924405 / 7064421192.
E-mail- kalinga.nursing04@gmail.com

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ସହସମ୍ପାଦକ
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to : recruitment@dharitri.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ପୂରଣ ହେବ ୬୦୬ ଅଧ୍ୟାପକ ପଦବୀ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)– ରାଜ୍ୟରେ ଥିବା ସରକାରୀ ଡିଗ୍ରୀ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ୬୦୬ ଅଧ୍ୟାପକ ପଦବୀ ପୂରଣ କରିବାକୁ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ(ଓପିଏସ୍‌ସି)କୁ ଚିଠି ଲେଖିଛି ଉଚ୍ଚଶିକ୍ଷା ବିଭାଗ। ପ୍ରାୟ ୨୦ ବିଭାଗରେ ଅଧ୍ୟାପକ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗର ଉପସଚିବ ସ୍ନିଗ୍ଧା ଚମ୍ପତିରାୟ ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ମଙ୍ଗଳବାର ଚିଠି ଲେଖି ଜଣାଇଛନ୍ତି। ନିଯୁକ୍ତ ହେବାକୁ ଥିବା ସମସ୍ତ ଅଧ୍ୟାପକ ସ୍ଥାୟୀ ତଥା ନିୟମିତ ପଦବୀରେ ନିଯୁକ୍ତି ପାଇବେ। ଖୁବ୍‌ଶୀଘ୍ର ଏନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ଏହି ଚିଠିରେ ଉଲ୍ଲେଖ କରାଯାଇଛି।

# ହଜାରେ କୋଟିର କ୍ୟୁନେଟ୍ ଚିଟ୍‌ଫଣ୍ଡ୍ ଠକେଇ

## ସଂସ୍ଥାର ୩ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ରାଜ୍ୟରେ ଆଉ ଏକ ବଡ଼ ଠକେଇ। ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇ ପାର୍ ହୋଇଛି କ୍ୟୁ-ନେଟ୍ ଓ ବିହାନ ଚିଟ୍‌ଫଣ୍ଡ୍ ସଂସ୍ଥା। ବୁଧବାର ସଂସ୍ଥାର ୩ଜଣ କର୍ମଚାରୀଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖ (ଇଓଡବ୍ଲ୍ୟୁ)। ସେମାନେ ହେଲେ ଭୁବନେଶ୍ୱର ବ୍ରହ୍ମେଶ୍ୱରପାଟଣାର ଶରତ କୁମାର ପରିଡା, ଚନ୍ଦ୍ରଶେଖରପୁରର ଦେବବ୍ରତ ହରିଚନ୍ଦନ ଓ ଜଗନ୍ନାଥ ବିହାରର ଚନ୍ଦନ କୁମାର ମଲ୍ଲିକ। ଚଢ଼ାଉବେଳେ ସେମାନଙ୍କ ଘରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମନି ରିସିଦ୍, କମ୍ପାନୀ ଆଇକାର୍ଡ, ଆଇଫୋନ୍, ଲାପ୍‌ଟପ ଓ ଜମାକାରୀଙ୍କ ତାଲିକା ଜବତ କରିଛି। ଦଫା ୪୦୬, ୪୨୦, ୪୬୭, ୪୬୮, ୪୭୧,୧୨୦(ବି)ରେ ମାମଲା (ନଂ.୧୭/୧୯) ରୁଜୁ କରି ଇଓଡବ୍ଲ୍ୟୁ ସେମାନଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଛି।

ସୂଚନା ଅନୁଯାୟୀ, କ୍ୟୁ-ନେଟ ଲିମିଟେଡ୍ ଓ ବିହାନ ଚିଟ୍‌ଫଣ୍ଡ ସଂସ୍ଥା ପାର୍ଟନରସିପ୍‌ରେ ଭୁବନେଶ୍ୱରରେ ଅଫିସ ଖୋଲି ଏଜେଣ୍ଟ ନିୟୋଜିତ କରିଥିଲା। ଏହି ଦୁଇ ସଂସ୍ଥା ଜମାକାରୀଙ୍କୁ ପ୍ରଲୋଭିତ କରିବା ପାଇଁ ବଡ଼ ସ୍କିମ ଆଣି ଏଜେଣ୍ଟ ଓ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ଆକର୍ଷିତ କରିଥିଲା। ୫ଲକ୍ଷ ଜମା କଲେ ୫ ବର୍ଷରେ ୫୦ କୋଟି ଟଙ୍କା ମିଳିବ ବୋଲି କୁହାଯାଉଥିଲା। ଏପରି ଜମାକାରୀଙ୍କଠାରୁ ହଜାର ହଜାର କୋଟି ଠକିନେବା ପରେ ସଂସ୍ଥା ହଠାତ୍ ଉଭାନ ହୋଇଯାଇଥିଲା। ଗିରଫ ହୋଇଥିବା ଉକ୍ତ ସଂସ୍ଥାର ୩ କର୍ମଚାରୀ ଶରତ, ଦେବବ୍ରତ ଓ ଚନ୍ଦନ ଜମାକାରୀ ଯୋଗାଡ଼ କରି କମିଶନ ପାଉଥିଲେ। ଠକେଇର ଶିକାର ଜମାକାରୀ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଏକ ମାମଲା କରି ତଦନ୍ତ କରୁଥିଲା। ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଚଢ଼ାଉ ଚାଲିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତସିଂହପୁର

No.47-F :-

**ବିଜ୍ଞାପନ**

ଏତଦ୍ଦ୍ୱାରା ବିଜ୍ଞାପନ ସଂଖ୍ୟା.୧୫୨୩ ତା.୨୦।୦୯।୧୯ରିଖକୁ ନିମ୍ନମତେ ସଂଶୋଧନ କରାଗଲା। ଏଥିନିମନ୍ତେ ସର୍ବୋଚ୍ଚ ବୟସ ସୀମା ୬୫ବର୍ଷ। ୬୫ବର୍ଷ ପରେ ପ୍ରାର୍ଥୀ ଏହି ପଦବୀରେ ରହିପାରିବେ ନାହିଁ। ପ୍ରାର୍ଥୀ ସଂଶୋଧିତ ବିଜ୍ଞାପନ ପ୍ରକାଶିତ ହେବାର ୧୦ଦିନ ମଧ୍ୟରେ ଆବେଦନ କରିପାରିବେ। ଏହି ନିଯୁକ୍ତି ଅସ୍ଥାୟୀ ଅଟେ ଏବଂ ଯେ କୌଣସି ସମୟରେ ରଦ୍ଦ କରାଯାଇପାରିବ। ପ୍ରାର୍ଥୀ ଚୟନ ସାଧାରଣ ପ୍ରଶାସନ ବିଭାଗର ରିଜୋଲ୍ୟୁସନ (ଗେଜେଟ ବିଜ୍ଞପ୍ତି) ନଂ.[23750-GAD-SC REMP-0002/2014/Gen] ତା.୨୭।୦୮।୨୦୧୪ରିଖ ଅନୁଯାୟୀ କରାଯିବ।

**ସ୍ୱା./-**

**24139/11/0005/1920 ଜିଲ୍ଲାପାଳ, ଜଗତସିଂହପୁର**


# ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ଲଗାଇବା ଅବଧି ମାସେ ଘୁଞ୍ଚିଲା

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ନୂଆଗାଡ଼ିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ(ଏଚ୍‌ଏସ୍‌ଆର୍‌ପି) ଯାଞ୍ଚ ଅବଧି ମାସେ ଘୁଞ୍ଚିଲା। ଆସନ୍ତା ନଭେମ୍ବର ପହିଲାରୁ ଯାଞ୍ଚ କଡ଼ାକଡ଼ି ହେବ। ଯାନବାହନ ନିର୍ମାତା ଏବଂ ଡିଲରଙ୍କ ସହ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସଟିଏ)କମିଶନର ସଞ୍ଜୀବ ପଣ୍ଡାଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ପାର୍ବଣ ଋତୁ ଚାଲିଥିବାରୁ ଲୋକମାନେ ନୂଆ ଯାନବାହନ କିଣିବେ। ଏହି ସମୟରେ ଧରପଗଡ଼ ହେଲେ ନୂଆ ଯାନବାହନ ବିକ୍ରିରେ ସମସ୍ୟା ଦେଖାଦେବ। ଏହା ମୋଟରଯାନ ବ୍ୟବସାୟ ଉପରେ ପ୍ରଭାବ ପକାଇବ। ଏହାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଏସ୍‌ଟିଏର ଜଣେ ଅଧିକାରୀ କହିଛନ୍ତି। ସେପ୍ଟେମ୍ବର ୩୦ରୁ ଏଚ୍‌ଏସ୍‌ଆର୍‌ପି ଯାଞ୍ଚକୁ କଡ଼ାକଡ଼ି କରିବାକୁ ଏସ୍‌ଟିଏ ପକ୍ଷରୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଥିଲା। ଗାଡି ନିର୍ମାତାମାନେ ଏଚ୍‌ଏସ୍‌ଆର୍‌ପି ଲଗାଇବାକୁ ରାଜ୍ୟରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରିନାହାନ୍ତି। ଫଳରେ ଡିଲରମାନେ ଗ୍ରାହକଙ୍କୁ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଗାଡି ଯୋଗାଇ ଦେବା ନେଇ ସମସ୍ୟା ଦେଖାଦେଉଛି। ଗାଡି ନିର୍ମାତା, ବିକ୍ରେତା ଏବଂ ଗ୍ରାହକମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଏସ୍‌ଟିଏ ପକ୍ଷରୁ କୁହାଯାଇଛି। ଏଥିସହିତ ଏଚ୍‌ଏସ୍‌ଆର୍‌ପି ପାଇବାର ୩୦ ଦିନ ମଧ୍ୟରେ ଅଣଏଚ୍‌ଏସ୍‌ଆର୍‌ପି ନମ୍ବର ପ୍ଲେଟକୁ ବଦଳାଇବା ପାଇଁ ଡିଲରମାନେ ଏକ ଅଣ୍ଡରଟେକିଂ ଦେବାକୁ କୁହାଯାଇଛି। ଯଦି ଏହି ସମୟ ମଧ୍ୟରେ ଡିଲରମାନେ ଏଚ୍‌ଏସ୍‌ଆର୍‌ପି ପ୍ଲେଟ ଲଗାଇବାରେ ସମର୍ଥ ହେବେ ନାହିଁ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରି କି ସେମାନଙ୍କର ଟ୍ରେଡ୍ ସାର୍ଟିଫିକେଟକୁ ରଦ୍ଦ କରି ଦିଆଯିବ ବୋଲି ଏସ୍‌ଟିଏ ପକ୍ଷରୁ ଡିଲରମାନଙ୍କୁ ଜଣାଇ ଦିଆଯାଇଛି।


## CUTTACK MUNICIPAL CORPORATION

**"e" PROCUREMENT NOTICE**

**Tender ID : 2019_ORULB_56079**

**Tender Call Notice No. 3560 (PW) Date. 01.10.2019**

Name & No of Works : Electrical Works
No of Works : 2 No
Bid Value : Rs. 3.26 to Rs. 5.47 Lakh
Period of Completion : One Calendar Month to Two Calendar Months
Date and Time schedule :

| Start | End | Opening |
|---|---|---|
| 11.00 AM on dt. 03.10.2019 | 5.00 PM on dt.18.10.2019 | 11.00 A.M. on dt. 23.10.2019 |

Tender Details : can be seen from the procurement portal : **www.tendersorissa.gov.in**

**Executive Engineer, City Div-I**

## DISTRICT OFFICE, PURI
**(SPORTS SECTION)**

**Tender call notice no. 340 / sports** **Date: 30.09.2019**

**TENDER NOTICE FOR PROCUREMENT OF SPORTS MATERIALS**

The District Sports Office, Puri invites sealed tenders from Authorized Dealer/ manufacturers/ Retailer/ Registered Firms for supply of the following Sports dress & Shoe materials of branded quality for use by the Trainees of Sports Hostel, Puri during the year 2019-20. The bid documents must be submitted with tender paper cost of rate Rs. 2,000/- (Rupees Two Thousand) only in shape of demand draft to be drawn in any Nationalized Bank in favour of District Sports Officer, Puri otherwise the bid will be rejected.

i) Track Suit
ii) Shorts & banion
iii) Warm up shoes
iv) Game shoes with socks (Wrestling, Gymnastics & Kabaddi
v) Kit Bag

The details terms and condition of the Tender shall be available in the District Sports Office, Puri or in the district website of Puri **www.puri.nic.in**.

**Sd./- District Sports Officer, Puri**


# ତଥାପି ଠିଆ ହୋଇପାରୁନି ହାତୀ

## ଚିନ୍ତାରେ ବନ ବିଭାଗ କର୍ମଚାରୀ



ନିଶ୍ଚଳ ହୋଇ ପଡ଼ିରହିଛି ଅସୁସ୍ଥ ହାତୀ।

କେନ୍ଦୁଝର, ୧।୧୦ (ସ୍ୱ.ପ୍ର.)–ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ଉପରସୁମଠ ଗ୍ରାମ ନିକଟ ଜଙ୍ଗଲରେ ଚିକିତ୍ସାଧୀନ ଥିବା ମାଈ ହାତୀର ରୋଗ ଚିହ୍ନଟ ହୋଇପାରୁନାହିଁ। ରକ୍ତ ନମୁନା ଯାଞ୍ଚ ପାଇଁ ଯାଇଥିଲେ ହେଁ ଅଦ୍ୟାବଧି ରିପୋର୍ଟ ଆସିନାହିଁ। ହାତୀଟି ଭଲ ଭାବେ ଖିଆପିଆ କରୁଛି। ଏଣୁ ହରପିସ୍ ସଂକ୍ରମିତ କାରଣ ନୁହେଁ ବୋଲି କେନ୍ଦୁଝର ବନଖଣ୍ଡ ଦାୟିତ୍ୱରେ ଥିବା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ ଅଜିତ ଶତପଥୀ ସୂଚନା ଦେଇଛନ୍ତି। ତେବେ ୪ ଦିନ ହେଲା ଚିକିତ୍ସା ଚାଲିଥିଲେ ହେଁ ହାତୀଟି ଉଠି ଠିଆ ହୋଇପାରୁନାହିଁ। ସେଥିଲାଗି ବନ ବିଭାଗ କର୍ମଚାରୀ ଚିନ୍ତାରେ ଅଛନ୍ତି। ହାତୀକୁ କଦଳୀ, ବୋଇତାଳୁ, ଆଖୁ, ଗୁଡ ଆଦି ଖାଦ୍ୟ ଦିଆଯାଉଛି। ପଡିଯିବାରୁ ପଛ ଗୋଡରେ ଆଘାତ ଲାଗିଥିବା ଜଣାପଡିଛି। ହାତୀଟି ଠିଆ ନ ହେଲେ ଅଧିକ ରୋଗଗ୍ରସ୍ତ ହୋଇ ପଡିବ। ଏଣୁ ହାତୀଟିକୁ ଠିଆ କରାଇବା ପାଇଁ ବନ ବିଭାଗ ତଥା ବନ୍ୟ ପ୍ରାଣୀ ଚିକିତ୍ସକ ଦଳ ଜୋରଦାର ଉଦ୍ୟମ କରୁଛନ୍ତି।


## The Odisha State Co-operative Milk Producers' Federation Limited
omfed
D-2, Sahid Nagar, Bhubaneswar, Phone : 0674-2546030, 2546121, 2540417, Fax No.: 0674-2540974, Website:www.omfed.com
www.omfed.com

**TENDER NOTICE FOR PURCHASE OF RAW MATERIAL AND PACKING MATERIAL**

OMFED invites Sealed Tender in Two Bid System from reputed Manufacturer, Valid authorised importer and valid authorised channel partner for :-**01.Glucono Delta Lactones(GDL), 02.HIP Cups 03- Packing Materials 04. Caustic Soda flakes 05. Detergent & Chemicals 06. Cattle Feed Raw Materials for supply to different Dairies and Cattle Feed Plants.** The bid document will be available in the website:**www.omfed.com** from **10.00AM of 02.10.2019 to 10.30 AM of 16.10.2019,** due for submission on or before **11.30AM** on the same day. Tender will be opened at schedule date and time as mentioned in tender documents at OMFED corporate office. Addendum /Corrigendum if any shalll only be published in the OMFED website. The management reserves the right to accept or reject any or all offers without assigning any reason thereof.

**Managing Director**

## GOVERNMENT OF ODISHA GENERAL ADMINISTRATION & PUBLIC GRIEVANCE DEPARTMENT
**QUOTATION CALL NOTICE**

No.70-T :- Sealed quotations in letter pad are invited from the intending Registered Firms / Suppliers located at Bhubaneswar having valid GSTN under OGST Act 2017 and Income Tax Clearance certificate for supply of Computer / Fax / Photocopier consumables for official use of G.A. & P.G. Department. Last date for submission of quotation is 21.10.2019 at 12.30 PM. For details please visit state Government website at **www.odisha.gov.in.**

**Sd./-**
**OSD-cum-Deputy Secretary to Government**

**09001/11/0020/1920**

## DSPL - 100

# ବନ୍ୟପ୍ରାଣୀ ସପ୍ତାହ – ୨୦୧୯

## ଚଳିତ ବର୍ଷ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ

ତା୦୪।୧୦।୨୦୧୯ରିଖ (ଶୁକ୍ରବାର), ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଜୟଦେବ ଭବନ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ।

ଏହି ଉତ୍ସବରେ
ଓଡ଼ିଶାର ମାନ୍ୟବର ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**

ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ, ଓଡ଼ିଶା

**ଡା. ମୋନା ଶର୍ମା, ଭା.ପ୍ର.ସେ.**

ଏବଂ

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀ ମୁଖ୍ୟ, ଓଡ଼ିଶା

**ଡଃ ସନ୍ଦୀପ ତ୍ରିପାଠୀ, ଭା.ବ.ସେ.**

ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିବେ।

ଉକ୍ତ ଉତ୍ସବରେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ ଆପଣଙ୍କୁ ବିନୀତ ଅନୁରୋଧ।

**ଡଃ ହରି ଶଙ୍କର ଉପାଧ୍ୟାୟ, ଭା.ବ.ସେ.**
**ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା**
**ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡ଼ିଶା, ଭୁବନେଶ୍ୱର**

08006/13/0010/1920


# ଗ୍ରାମାଞ୍ଚଳ କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ସ୍ୱୀକୃତି

ଭୁବନେଶ୍ୱର,୧।୧୦(ବ୍ୟୁରୋ): ଗ୍ରାମାଞ୍ଚଳରେ କୌଶଳ ବିକାଶ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗୁଣାତ୍ମକ ବିକାଶ ପାଇଁ ଅଭିନବ ଉପାୟ ଅବଲମ୍ବନ ନିମନ୍ତେ ଓଡ଼ିଶାକୁ ଜାତୀୟସ୍ତରରେ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଭାରତ ସରକାର ସ୍ୱୀକୃତି ଦେଇଛନ୍ତି। ଏହାସହ ଗୁଣାତ୍ମକ ବିକାଶ ଯୋଗୁ ରାଜ୍ୟକୁ ଜାତୀୟ ସାଧନ କେନ୍ଦ୍ର ଭାବେ କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି। ପ୍ୟାରିସ୍‌ରେ ଆୟୋଜିତ ଗ୍ଲୋବାଲ୍ ସ୍କିଲ୍ ମିଟ୍‌ରେ ମଧ୍ୟ ଓଡ଼ିଶାକୁ ଗ୍ରାମାଞ୍ଚଳରେ କୌଶଳ ବିକାଶ କ୍ଷେତ୍ରରେ ସର୍ବୋତ୍କୃଷ୍ଟ (ବେଷ୍ଟ ସ୍କିଲିଂ ଷ୍ଟେଟ୍ ଇନ୍ ରୁରାଲ୍ ସ୍କିଲ୍ ଡେଭଲପମେଣ୍ଟ) ଆନ୍ତର୍ଜାତିକ ମାନ୍ୟତା ମିଳିଛି। ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଓର୍‌ମାସ୍‌ର ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯିବା ପରେ ଏହି ସୂଚନା ଦିଆଯାଇଛି। ରାଜ୍ୟ ଲୋକସେବା ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ଦିନ୍ ଦୟାଲ୍ ଉପାଧ୍ୟାୟ ଯୋଜନାରେ ନିଯୁକ୍ତି ସଂଯୋଜିତ କୌଶଳ ବିକାଶ ଯୋଜନା କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ବୈଠକରେ ସମୀକ୍ଷା ହୋଇଛି। ଗ୍ରାମାଞ୍ଚଳରେ ୧୮ରୁ ୩୫ ବର୍ଷ ଯୁବତୀଯୁବକଙ୍କ ମଧ୍ୟରେ କୌଶଳ ବିକାଶ ପାଇଁ ଦୃଢ଼ ଅନୁପ୍ରେରଣା ସୃଷ୍ଟି କରିବା, ପ୍ରତି ଘରେ ଏହି ବାର୍ତ୍ତା ପହଞ୍ଚାଇବା ଏବଂ ତାଲିମ ସମୟରେ ଯେପରି କେହି ଅଧାରୁ ଛାଡି ଚାଲି ନ ଯାଆନ୍ତି ସେଥିପ୍ରତି ଯତ୍ନବାନ ହେବା ନିମନ୍ତେ ମୁଖ୍ୟ ଶାସନ ସଚିବ ଓରମାସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାରୁ ତାଲିମପ୍ରାପ୍ତ ଯୁବତୀଯୁବକଙ୍କ ନିମନ୍ତେ ନିଯୁକ୍ତି ପରବର୍ତ୍ତୀ ସହାୟତା ପାଇଁ ବଡବଡ ସହରଗୁଡିକରେ ୩ଟି ନୂଆ ସ୍ଥାନାନ୍ତର ସହାୟତା କେନ୍ଦ୍ର(ମାଇଗ୍ରେଶନ୍ ସପୋର୍ଟ୍ କେନ୍ଦ୍ର) ପ୍ରତିଷ୍ଠା କରିବାକୁ ବୈଠକରେ ସ୍ଥିର ହୋଇଛି। ହାଇଦ୍ରାବାଦ, ପୁଣେ ଏବଂ ଭୁବନେଶ୍ୱରଠାରେ ଏହି କେନ୍ଦ୍ର ଖୋଲିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।


## ADVERTISEMENT
## ODISHA CONSTRUCTION CORPORATION LTD.
**(A Government of Odisha Undertaking)**
**REGD. OFFICE : UNIT-VIII, GOPABANDHU NAGAR, BHUBANESWAR-751012 (ODISHA)**
E-mail : theoccltd@odishaconstruction.com, Website : www.odishaconstruction.com

**SPECIAL DRIVE FOR ST CANDIDATES**

Odisha Construction Corporation Limited, a state PSU invites application in prescribed form from eligible Scheduled Tribe category candidates for appointment of **03 (Three) Nos. of Accounts Clerk (Contract) (One post reserved for women candidate)** on contract basis with a consolidated monthly remuneration of ₹9,000/- (Rupees Nine thousand) only. The appointment is purely temporary in nature and terminable at anytime without assigning any reason thereof. Service contract may be renewed subject to satisfactory performance up to 6 (six) years. The selected applicants shall be posted to any unit of the Corporation located in the state of Odisha.
Applications in prescribed forms will be received upto **5.00 PM of 31.10.2019**
Details of advertisement and prescribed application format are available in the Corporation website : **www.odishaconstruction.com.**

Sd/-
MANAGING DIRECTOR

## अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post: Dumuduma, Bhubaneswar - 751 019

F.No. J-11011/015/AIIMSBBSR/T and EM/19-20 Date: 28-09-2019

**E-TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for in Two Bid System for the following.

| Sl. No. | Tender Ref. No | Tender Description | Date of Issue of Tender |
|---|---|---|---|
| 1 | 11029/017/AIIMSBBSR/TMBB/19-20/120 | Various Blood Bags & Leukofilters | 27/09/2019 |
| 2 | 11058/029/AIIMSBBSR/UROL/19-20/121 | Laparoscopic Advanced Instruments Set with Urological Suction Irrigation Device | 27/09/2019 |
| 3 | 11011/015/AIIMSBBSR/T and EM/19-20/122 | Various Equipment and Instruments for Trauma and Emergency OT | 27/09/2019 |
| 4 | AIIMS/BBSR/S&P/11048(058)/IV Fluids/123 | e-Tender for supply of IV Fluids on Rate Contract basis for One Year | 30/09/2019 |
| 5 | AIIMS/BBSR/S&P/11048(014)/Common Drugs/2019-20/124 | e-Tender for supply of Common Drugs on Rate contract Basis for One Year | 30/09/2019 |
| 6 | 11030/061/AIIMSBBSR/Anaesthesia/19-20/91/2nd | MRI Compatible Anaesthesia Machine | 01/10/2019 |
| 7 | 11033/028/AIIMSBBSR/Ortho/19-20/125 | Battery Operated Drill with Saw and reamer Facility | 01/10/2019 |
| 8 | 11016/011/AIIMSBBSR/Radiotherapy/19-20/126 | Thermoplastic Immobilizatic sheet on Rate contract basis | 01/10/2019 |
| 9 | 11030/068/AIIMSBBSR/Anaesthesia/19-20/127 | Partition screen for New ICUs | 01/10/2019 |

The e-tender document along with last date of submission of the tender can be viewed and downloaded from the official website **i.e. www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected. Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.

**Sd/-**
**Sr. Procurement-Cum Store Officer**
**AIIMS, Bhubaneswar**


# ଡ୍ୟାନ୍ସ ବାର୍‌କୁ ମିଳିଥିବା ଅଗ୍ନି ନିରାପତ୍ତା ଏନ୍‌ଓସି ରଦ୍ଦ

ଭୁବନେଶ୍ୱର,୧।୧୦(ବ୍ୟୁରୋ): ଡ୍ୟାନ୍ସ ବାର୍‌କୁ ମିଳିଥିବା ଅଗ୍ନି ନିରାପତ୍ତା ଏନ୍‌ଓସି (ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ)କୁ ମଙ୍ଗଳବାର ରଦ୍ଦ କରିଛନ୍ତି ଅଗ୍ନିଶମ ଡିଜି ବିଜୟ କୁମାର ଶର୍ମା। ତ୍ରୁଟିପୂର୍ଣ୍ଣଭାବେ ଅଗ୍ନି ନିରାପତ୍ତା ଏନ୍‌ଓସି ଦିଆଯାଇଥିବାରୁ ଏହାକୁ ରଦ୍ଦ କରାଯାଇଛି। ଡ୍ୟାନ୍ସ ବାର୍‌ଗୁଡ଼ିକ ପୁରୁଣା ଫର୍ମାଟରେ ଅଗ୍ନିନିରାପତ୍ତା ଏନ୍‌ଓସି ପାଉଥିବାରୁ ଏଥର ନିୟମରେ କେତେକ ପରିବର୍ତ୍ତନ କରାଯାଉଛି। ନୂଆ ନିୟମ ଅନୁଯାୟୀ, ଡ୍ୟାନ୍ସ ବାରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିଭଳି ରଖାଯିବ ସେନେଇ ମାଲିକଙ୍କୁ କୁହାଯିବ। ସେମାନେ ନୂଆ ଫର୍ମାଟରେ ଆବେଦନ କରିବା ପରେ ଅଗ୍ନିଶମ ବିଭାଗର ଟିମ୍ ଡ୍ୟାନ୍ସ ବାର୍‌କୁ ଯାଇ ଆବଶ୍ୟକ ଯାଞ୍ଚ କରିବେ। ନିୟମାନୁସାରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲେ ଲାଇସେନ୍ସ ମିଳିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ନିକଟରେ ୭ ଡ୍ୟାନ୍ସବାର୍‌କୁ ଅନୁମତି ଦିଆଯିବା ପରେ ସେମାନଙ୍କ ପାଇଁ କେତେକ ସର୍ତ୍ତ ରଖାଯାଇଛି। ସେଥିମଧ୍ୟରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅନ୍ୟତମ। ନିଆଁଲିଭା ସିଲିଣ୍ଡର, ଫାୟାର ସେଫ୍ଟିଆଲାର୍ମ, ଛାତ ଉପରେ ପାଣି ଟାଙ୍କି ଓ ବାଲି ଆଦି ରଖିବା ବ୍ୟବସ୍ଥା କରାଯିବ। ଏହାସହ ବାର୍ ଭିତରେ ଦହନଶୀଳ ପଦାର୍ଥ ନ ରଖିବା ଓ ଜରୁରୀକାଳୀନ ବାଟ ରଖିବା ଆଦି ନୂଆ ନିୟମରେ ରହିଛି।


## ZILLA SWASTHYA SAMITI, KEONJHAR
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
**(NCD CELL)**

**SHORT TENDER CALL NOTICE**

**Advt. No.2271** **Date: 30.09.19**

No.377-E :- Sealed tenders are invited from the registered supplier/firm for "Proposal for Printing & Supply of IEC/ BCC materials and KITs under UEHP & NHM" which are to used in District NCD cell and UEHP Programme, Keonjhar for the year 2019-20. The interested supplier/ firm having valid GST may apply. The term & condition along with list of items the tender may be downloaded from the website **www.kendujhar.nic.in.** The tender should reach to the office of the undersigned by 17.10.2019 at 3.50 P.M. through Speed Post/Regd. Post/ Courier and which will be opened on at 4.00 PM DTU Conference Hall NHM, Keonjhar. This office will not entertain any tender after the due date/time fixed for at any circumstances.

The undersigned reserves the right to reject any or whole tender without assigning any reason thereof.

**Sd./-**
**Chief District Medical & Public Health Officer, Keonjhar**

**10033/11/0018/1920**

## ପରିବର୍ତ୍ତିତ ଜଳବାୟୁ ଲାଗି...

# ଏନ୍ ଆର୍ ଆଇର ୩ ଧାନ କିସମ

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ତିନୋଟି ଅଧିକ ଅମଳକ୍ଷମ ଧାନ କିସମ ଓଡ଼ିଶାର ଚାଷୀଭାଇଙ୍କ ପାଇଁ ଉଦ୍‌ଭାବିତ ହୋଇଛି। ଏହି ତିନି କିସମ ଧାନ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବିକଶିତ କରାହୋଇଛି। ତନ୍ମଧ୍ୟରୁ ଗୋଟିଏ କିସମ ହେଲା- ସନ୍ଥଭୀମ(ସିଆର୍‌ଧାନ ୧୦୨), ଯାହାକି ଅଧିକ ଅମଳକ୍ଷମ ଓ ମରୁଡ଼ି ସହଣୀ ଶକ୍ତିସମ୍ପନ୍ନ ସଅଳ ଧାନ କିସମ। ଏହି କିସମଟି ସନ୍ଥ ଭୀମ ଭୋଇଙ୍କ ନାମରେ ନାମିତ କରାଯାଇଛି। ମରୁଡ଼ି ପ୍ରବଣ ଓ ଅତି ନିକୃଷ୍ଟ ଜମିରେ ମଧ୍ୟ ଏହି କିସମଟି ଅଧିକ ଅମଳ ଦେଇପାରିବ। ୧୧୦ଦିନ ମଧ୍ୟରେ ଅମଳ ହେଉଥିବା ଏହି କିସମର ବିଶେଷତ୍ୱ ହେଲା-ଫୁଲ ଆସିବା ତଥା ଗର୍ଭାବସ୍ଥା ସମୟରେ ଅନ୍ୟୂନ ୨୦ଦିନ ପର୍ଯ୍ୟନ୍ତ ବର୍ଷା ନ ହେଲେ ବି ଅମଳ ଉପରେ ପ୍ରଭାବ ପଡ଼େନାହିଁ। ଭଲ ପରିବେଶରେ ଏହି କିସମରୁ ହେକ୍ଟର ପିଛା ୭୦କୁଇଣ୍ଟାଲ ଅମଳ ମିଳିପାରେ। ଅଧିକ ମରୁଡ଼ି ପରିସ୍ଥିତିରେ ଏଥିରୁ ହେକ୍ଟର ପିଛା ୩୦ କୁଇଣ୍ଟାଲ ମଧ୍ୟ ଅମଳ କରିହେବ। ଏଥିରେ ଧାନର ମୁଖ୍ୟ ରୋଗ ପୋକ ସହଣି ଶକ୍ତି ମଧ୍ୟ ରହିଛି। ଅଳ୍ପ ବୃଷ୍ଟିପାତ ହେଉଥିବା ଜିଲା ଯଥା- କଳାହାଣ୍ଡି, ଫୁଲବାଣୀ, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ ପ୍ରଭୃତି ଜିଲା ପାଇଁ ଏହି କିସମ ଉପଯୁକ୍ତ। ବିକଶିତ ହୋଇଥିବା ଅନ୍ୟ ଏକ କିସମ ହେଲା- ସରୁମିନା(ସିଆରଧାନ-୨୧୦)।


ସନ୍ଥ ଭୀମ

ଅଳ୍ପ ପାଣିରେ କିପରି ଚାଷ କରି ହେବ ତାହାକୁ ଦୃଷ୍ଟିରେ ରଖି ଏହି କିସମଟିକୁ ଉଦ୍‌ଭାବନ କରାଯାଇଛି। ଅବଶ୍ୟ ଏହି କିସମର ଧାନ ଚାଷ କରି ଚାଷୀମାନେ ହାରାହାରି ୩୫ରୁ ୫୦ ପ୍ରତିଶତ ଜଳ ବଞ୍ଚାଇ ଅନ୍ୟ କାମରେ ଉପଯୋଗ କରିପାରିବେ। ସାଧାରଣତଃ ଏକ କେଜି ଧାନ ପାଇଁ ୫୦୦୦ଲିଟର ପାଣି ଦରକାର ହୋଇଥିବା ବେଳେ ସରୁମିନା କିସମ ପାଇଁ ୩୦୦୦ରୁ ୩୫୦୦ଲିଟର ପାଣି ଆବଶ୍ୟକ ହୋଇଥାଏ। ସରୁ ଲମ୍ବା ଚାଉଳ ଯୁକ୍ତ ଏହି କିସମ ୧୧୫ଦିନରେ ଅମଳ ହୁଏ। ଭଲ ପରିବେଶରେ ୬୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ କରିହେବ। ଏହା ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳ ପାଇଁ ଉପଯୁକ୍ତ। ତୃତୀୟ ଉଦ୍ଭାବିତ କିସମଟି ହେଲା-ମହାମଣି(ସିଆର୍ ଧାନ -୪୧୦)। ଉପକୂଳ ଜିଲାଗୁଡ଼ିକର ଖାଲୁଆ ଜମି ପାଇଁ ଏହାକୁ ବିକଶିତ କରାଯାଇଛି। ୧୪୦ ସେମି ଉଚ୍ଚଯୁକ୍ତ ଏହି କିସମ ୧୬୦ରୁ ୧୬୫ ଦିନରେ ଅମଳ ହୁଏ। ଏଥିରୁ ବାଲାମି ଚାଉଳ ପରି ସରୁ ଫାଇନ୍ ଚାଉଳ ମିଳିଥାଏ। ଦେଶୀ କିସମ ତୁଳନାରେ ଏହି କିସମର ସାର ବିନିଯୋଗ କ୍ଷମତା ଅଧିକ। ଏଥିରେ ମୁଖ୍ୟ ରୋଗପୋକ ଯଥା- କାଣ୍ଡବିନ୍ଧା, ପତ୍ରପୋଡ଼ା, ପତ୍ରଶଢ଼ା, ପତ୍ରଦାଗ ଆଦି ଲାଗି ସହଣି ଶକ୍ତି ରହିଛି। ଏହି କିସମଗୁଡ଼ିକ ୩ବର୍ଷ ପରୀକ୍ଷଣ ପରେ ବର୍ତ୍ତମାନ କଟକ ବିଦ୍ୟାଧରପୁର ସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର ଦ୍ୱାରା ବିହନ ଉତ୍ପାଦିତ ହୋଇଛି। ଆଗାମୀ ଋତୁରେ ଚାଷୀମାନଙ୍କ ପାଇଁ ଏହି କିସମଗୁଡ଼ିକର କ୍ଷେତ୍ରପ୍ରଦର୍ଶନୀ କରାହେବ। ନିର୍ଦ୍ଦେଶକ ଡ. ହିମାଂଶୁ ପାଠକଙ୍କ ପ୍ରୋତ୍ସାହନ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଶରତ କୁମାର ପ୍ରଧାନ ସୂଚୀତ କରିଛନ୍ତି।


ସରୁମିନା



ମହାମଣି

# ଏ ମାସର କୃଷିସୂଚନା

**ଧାନ** -ସଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ ।

-ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳ କରି ୨/୩ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

-ବିଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ଭାବେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।

-ଗନ୍ଧିପୋକ ଦମନ ପାଇଁ କିଆରିରେ ଡାଇକ୍ଲୋରୋଭସ୍ ୧ ମି.ଲି.କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ।

-କାଣ୍ଡବିନ୍ଧା ପୋକ ଦମନ ଲାଗି ଏକ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

-ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗ କଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ା ପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି। ଏହାଛଡ଼ା, ଫସଲରେ ୨ ଲିଟର କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ପ୍ରୋଫେନୋଫସ୍ ସାଇପରମେଥ୍ରିନ୍ ମିଶ୍ରିତ କୀଟନାଶକ ହେକ୍ଟର ପ୍ରତି ୧ ଲିଟର ସିଞ୍ଚନ କଲେ ଲେଡ଼ାପୋକ ଆକ୍ରମଣରୁ ରକ୍ଷା ମିଳେ।

## ଧାନରେ ମାଟିଆଗୁଣ୍ଡି ପୋକ ଦମନ

-ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରିପାରିବେ।

-ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ।

-ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଏବଂ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ।

-ନିମ୍ନଲିଖିତ କୀଟନାଶକକୁ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରି କୀଟକୁ ନିୟନ୍ତ୍ରଣ କରନ୍ତୁ।

| କ୍ର.ସଂ. | କୀଟନାଶକର ନାମ | ଏକର ପ୍ରତି ମାତ୍ରା | ଏକର ପ୍ରତି କୀଟନାଶକ ଦ୍ରବଣ | |
|---|---|---|---|---|
| | | | ହସ୍ତଚାଳିତ ସିଞ୍ଚନ ଯନ୍ତ୍ର | ଶକ୍ତିଚାଳିତ ସିଞ୍ଚନ ଯନ୍ତ୍ର |
| ୧. | ଡାଇକ୍ଲୋରୋଫସ୍ ୭୬% ଇ.ସି. | ୨୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| ୨. | ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. | ୬୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୩. | ଡାଇନୋଟିଫ୍ୟୁରନ୍ ୨୦% ଏସ୍.ଜି. | ୮୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୪. | ପାଇମୋଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୧୨୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୫. | ବୁପ୍ରୋଫେଜିନ୍ ୨୫% ଏସ୍.ସି. | ୩୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| ୬. | ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |

-କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ।

-ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ।

-ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରି କି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।

-ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ।

-କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ।



-ବୀଜାଣୁଜନିତ ପତ୍ରପୋଡ଼ା ଓ ପୋକ ଦମନ ସକାଶେ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ । ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩-୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ :** ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା:- ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ ।

**ଡାଲିଜାତୀୟ ଫସଲ**

**ମୁଗର ଉନ୍ନତ କିସମ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.-୦୨-୧୪, ଆଇ.ପି.ଏମ୍.-୦୨-୦୩ ।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ଜ୍ୱଳା, ଶେଖର-୨, ସାରଳା ।

-ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ ।

-ଜମି କିସମ ଦେଖି ପ୍ରାକ୍‌ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.-୩୦ ଓ ୩୫ ଚଳିତ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ ।

-ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ ।

-ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ ।

**ହରଡ଼**

-ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ଏକ ଲିଟର ପାଣିରେ ୨ ମି.ଲି. ଟ୍ରାଇଆଜୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ବୁଟ, ମସୁର, ମଟର**

*ଉନ୍ନତ କିସମ ବୁଟ :* ରାଧେ, ଆନେଗିରି-୧, ମୋତି ।

*ଉନ୍ନତ କିସମ ମସୁର :* ବି-୭୭, ପୁଷା-୮, କେ-୭୬ ।

*ଉନ୍ନତ କିସମ ମଟର :* ରଚନା, ଟି-୧୬୩, ଇସି-୩୩୮୬, ସ୍ୱର୍ଣ୍ଣରେଖା, ଅର୍କେଲ୍ ଇତ୍ୟାଦି ବିହନ ସଂଗ୍ରହ କରନ୍ତୁ।

**କୋଳଥ:** ଉର୍ମି, ଡି.ଏସ୍. ୧-୨, ଡି.ଏସ୍.୧-୨-୨, ନୟାଗଡ଼-୧ ଆଦି କିସମ ସଂଗ୍ରହ କରି ଚଳିତ ମାସ ୧୫ ତାରିଖ ସୁଦ୍ଧା ବୁଣାକାମ ଶେଷ କରନ୍ତୁ । ଜମି ପ୍ରସ୍ତୁତ କରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

**ତୈଳବୀଜ**

**ସୋରିଷ ସଅଳ କିସମ** (ତୋରିଆ)

- ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ ।

- ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ଲାଗି ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

-ଏମାସ ୧୦ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

**ଚିନାବାଦାମ:** ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇ ଥିଲେ ଅମଳ କରି ତିନି ଚାରୋଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

-ନଦୀ ପଠାଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୩୦ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟି.ଜି.-୩୮ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,ଓୟୁଏଟି, ଭୁବନେଶ୍ୱର*

## ପନିପରିବା ଚାଷ



-ଆଳୁ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କୁଇଣ୍ଟାଲ୍ ବିହନ ଦରକାର ହୁଏ । ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ।

-ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ସକାଶେ ୨୫ ଗ୍ରାମ୍ ବ୍ଲାଇଟକ୍ସ-୫୦ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

-ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

-ସହଳ କିସମ ଫୁଲକୋବିରେ ସଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।

-ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ଶୀତଦିନିଆ ପନିପରିବା, ଶାଗ ଓ ଧନିଆପତ୍ର ଚାଷ କରନ୍ତୁ ।

-ଜଳାଭାବ ସ୍ଥାନରେ ପ୍ରଚୁର ପରିମାଣରେ କୋଶଳା ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।

-ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

## ଫୁଲଚାଷ



-*ତରଳ ଖତ* - ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ସେଥିରେ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

-ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଏହି ମାସର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମ ଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି ।

-ସେବତୀ - ଗତ ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ।

-ଗୋଲାପ - ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡ଼ୋପେଷ୍ଟ ପ୍ରୟୋଗ କରନ୍ତୁ।

-ଗ୍ଲାଡ଼ିଓଲସ୍ - ଏହାର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ୨ ଗ୍ରାମ୍ ୧ ଲିଟର ପାଣି ପ୍ରତି ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ ।

# ମୂଷା ଉପଦ୍ରବର ନିରାକରଣ


ଡ. ବିଷ୍ଣୁ ଚରଣ ଜେନା

ମୂଷା ଏକ ମେରୁଦଣ୍ଡୀ ପ୍ରାଣୀ। ଏହା ଫସଲ କିଆରିରେ ଭିନ୍ନ ଭିନ୍ନ ଫସଲକୁ ନଷ୍ଟ କରିବା ସହିତ ଫସଲ ଅମଳ ପରେ ସେଗୁଡ଼ିକୁ ଭଣ୍ଡାର ଘରେ ସାଇତି ରଖିବା ସମୟରେ ଖାଦ୍ୟ ଶସ୍ୟକୁ ଖାଇ ନଷ୍ଟ କରେ। ପୃଥିବୀରେ ପ୍ରାୟ ୫୦୦ ପ୍ରଜାତିର ମୂଷା ରହିଛନ୍ତି। ଏମାନଙ୍କ ସଂଖ୍ୟା ପ୍ରାୟ ୨୬୦ କୋଟି। ଭାରତରେ ୧୦୦ ପ୍ରଜାତିର ମୂଷା ଦେଖାଯାଆନ୍ତି। ସେମାନଙ୍କ ମଧ୍ୟରେ ୧୪ ପ୍ରଜାତିର ମୂଷା ଜମିରେ ଫସଲକୁ ଆକ୍ରମଣ କରିବା ସହିତ ଭଣ୍ଡାର ଘରେ ଥିବା ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟକୁ ଖାଇ ନଷ୍ଟ କରନ୍ତି। କେତେକ ମୂଷା କୀଟ ପତଙ୍ଗମାନଙ୍କୁ ଖାଆନ୍ତି। ଆଉ କେତେକ ପ୍ରଜାତିର ମୂଷାଙ୍କୁ ସର୍ବଖିଆ କୁହାଯାଏ। ମୂଷାମାନେ ଖାଦ୍ୟଶସ୍ୟ ଓ ଖାଦ୍ୟଦ୍ରବ୍ୟକୁ ଖାଇବା ସହିତ ଅନେକ ପରିମାଣର ଖାଦ୍ୟଶସ୍ୟ ଓ ଖାଦ୍ୟ ଦ୍ରବ୍ୟକୁ ମୂଷା ଗାତରେ ସଞ୍ଚୟ କରି ରଖନ୍ତି। ମୂଷା ମଧ୍ୟ ଲୁଗାପଟା ଓ ଖାତା ବହିକୁ ଖାଆନ୍ତି। ଏହା ସହିତ ମୂଷାମାନେ କାଠ ନିର୍ମିତ ଆସବାବପତ୍ର, ରବର, ପ୍ଲାଷ୍ଟିକ, ନରମ ଧାତୁ, ବ୍ୟାଗ, କାଗଜ, ଚମଡ଼ା, ଧାନ, ଚାଉଳ, ମକା ମଞ୍ଜି, ମାଣ୍ଡିଆ, ଗହମ, ପନିପରିବା, ଧାନକେଣ୍ଡା, ଆଖୁ, ନଡ଼ିଆ, ଚିନାବାଦାମ, ବୁଟ, ମଟର, ବଗିଚାରେ ଥିବା ବିଭିନ୍ନ ଫଳ, ମୁଗ ଓ ବିରି ଆଦି ଖାଦ୍ୟଶସ୍ୟକୁ ଖାଆନ୍ତି।



**ମୂଷା ଆତଙ୍କର କେତେକ ଅନୁକୂଳ ପରିବେଶ:**

ଗୋଟିଏ ସ୍ତ୍ରୀ ମୂଷା ଥରକେ ୫ରୁ ୧୦ଟି ଛୁଆ ଜନ୍ମ କରେ। ବେଳେ ବେଳେ ୨୧ଟି ଛୁଆ ଜନ୍ମ କରିବାର ଦୃଷ୍ଟାନ୍ତ ରହିଛି। ଏକ ହଳ ସ୍ତ୍ରୀ ଓ ପୁରୁଷ ମୂଷା ୩ ବର୍ଷରେ ପ୍ରାୟ ୩୫୦ ନିୟୁତ ମୂଷା ସୃଷ୍ଟି କରିପାରନ୍ତି। ମୂଷାଙ୍କ ପାଟିରେ ଥିବା ଦାନ୍ତଗୁଡ଼ିକ ଅତି ମୁନିଆ। ଗୋଟିଏ ମୂଷା ବର୍ଷକୁ ପ୍ରାୟ ୧୦ କିଲୋଗ୍ରାମ ଖାଦ୍ୟଶସ୍ୟ ଖାଇଥାଏ। ମୂଷା ଛୋଟ ଛୋଟ ଗାତ ଭିତରେ ସହଜରେ ପଶିପାରେ।

ମୂଷାଙ୍କର ଆଘ୍ରାଣ ଶକ୍ତି ଅତି ପ୍ରଖର। ସେମାନେ ମଧ୍ୟ ପାଣିରେ ପହଁରିପାରନ୍ତି। ମୂଷାମାନେ ଦଳ ଭିତରେ ରୁହନ୍ତି। ମୂଷାଙ୍କୁ ମାରିବା ପାଇଁ ବ୍ୟବହୃତ ଥୋପକୁ ଏମାନେ ଜାଣିପାରନ୍ତି ନାହିଁ। କିନ୍ତୁ ଦଳ ଭିତରୁ ଜଣକୁ ମୃତ ଅବସ୍ଥାରେ ଦେଖିଲେ ସେମାନେ ଥୋପ ପ୍ରତି ସତର୍କ ହୁଅନ୍ତି। ମୂଷାମାନେ ସ୍ୱଭାବତଃ ନିଶାଚର। ମୂଷାମାନେ ଫସଲ କିଆରିରେ ଖାଦ୍ୟ ପାଇଲେ ବର୍ଷ ବର୍ଷ ରହିପାରନ୍ତି। ସେମାନେ ବାସଗୃହରେ ରହିବା ସହିତ, ଶସ୍ୟକ୍ଷେତ, ପନିପରିବାକ୍ଷେତ, ଫଳପୁଷ୍ପ ଉଦ୍ୟାନ ବଗିଚା, ଗୋଶାଳା, କୁକୁଡ଼ା ପାଳନ କେନ୍ଦ୍ର, ଚିକିତ୍ସାଳୟ, ବ୍ୟବସାୟ କେନ୍ଦ୍ର ଏବଂ ଖାଦ୍ୟ ପ୍ରକ୍ରିୟାକରଣ କଳ କାରଖାନାରେ କ୍ଷତି ଘଟାନ୍ତି।

**କ୍ଷତି କରିବାର ତରିକା:**

ମୂଷାମାନେ ଫସଲ କିଆରିରେ ମଞ୍ଜିର ଅଙ୍କୁରୋଦ୍‌ଗମ ପୂର୍ବରୁ ମଞ୍ଜିଗୁଡ଼ିକୁ ଖାଆନ୍ତି। ସେମାନେ ଉଦ୍ଭିଦର ଅଂଶ ଯଥା ପତ୍ର, କାଣ୍ଡ, ଚେର, ସବୁଜ ଏବଂ ପରିପକ୍ୱ ଫଳଗୁଡ଼ିକୁ ଖାଆନ୍ତି। ପ୍ରଚୁର ପରିମାଣର ଖାଦ୍ୟଶସ୍ୟ ଏବଂ ଖାଦ୍ୟଦ୍ରବ୍ୟ ଗାତ ଭିତରେ ସାଇତି ରଖନ୍ତି। (କ୍ରମଶଃ...)

*-ଅବସରପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ,କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ: ୯୭୭୬୪୦୪୪୦୬*

Dollar 71.07 (20) | Sensex 361.92 38,305.41 | Nifty 114.55 11,359.90 | Gold ₹58 38,140.00 | Silver ₹2360 47,580.00

“ସେପ୍ଟେମ୍ବରରେ ବଜାର ଆହ୍ୱାନପୂର୍ଣ୍ଣ ରହିଥିବା ବେଳେ ଅଗଷ୍ଟ ମାସ ତୁଳନାରେ ବିକ୍ରି ଉନ୍ନତ ରହିଛି। ପାର୍ବଣରେ ଭଲ ବିକ୍ରି ନେଇ ଅଶାବାଦୀ।
– ରାଜେଶ ଗୋଏଲ, ବରିଷ୍ଠ ଉପସଭାପତି ହୋଣ୍ଡା କାର୍ସ



“ଭାରତୀୟଙ୍କୁ ସୁଲଭରେ ଇଣ୍ଟରନେଟ ଏବଂ ଡିଜିଟାଲ ବିପ୍ଳବରେ ସାମିଲ କରିବା ସହ ପାର୍ବଣ ଲାଗି ଜିଓ ଫୋନକୁ ୬୯୯ ଟଙ୍କାରେ ଉପଲବ୍ଧ କରାଯାଉଛି।
– ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ



## ସଂକ୍ଷେପରେ

### ପ୍ରମୁଖ କମ୍ପାନୀଗୁଡ଼ିକର ଯାନ ବିକ୍ରି ହ୍ରାସ

ନୂଆଦିଲ୍ଲୀ,୧-୧୦: ସେପ୍ଟେମ୍ବର ମାସରେ ଦେଶର ପ୍ରମୁଖ ଯାନ ନିର୍ମାତାମାନଙ୍କ ବିକ୍ରି ହ୍ରାସ ଘଟିଛି। ଏହି କ୍ରମରେ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍‌ର ବିକ୍ରି ୩୭.୨୪% ହ୍ରାସ ଘଟିଛି। କମ୍ପାନୀ ସେପ୍ଟେମ୍ବରରେ ୯,୩୦୩ ୟୁନିଟ ଯାନ ବିକିଛି ଯାହା ଗତ ବର୍ଷ ସେପ୍ଟେମ୍ବରରେ ୧୪,୮୨୦ ୟୁନିଟ ରହିଥିଲା। ଏହି ସମୟରେ କମ୍ପାନୀ ବିଦେଶକୁ ୯୪୬ ୟୁନିଟ ଯାନ ରପ୍ତାନି କରିଛି। ସେହିଭଳି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଯାନ ବିକ୍ରି ୨୧% ହ୍ରାସ ଘଟି ୪୩,୩୪୩ ୟୁନିଟ ରହିଛି। ଏହାବାଦ ଅଶୋକ ଲେଲାଣ୍ଡ ବିକ୍ରିରେ ୫୫% ହ୍ରାସ ଘଟି ୮,୭୮୦କୁ ଖସିଛି।

### ପୁଞ୍ଜି ପ୍ରତ୍ୟାହାରରୁ ୧.୦୫ ଲକ୍ଷ କୋଟି ସଂଗ୍ରହ ଲକ୍ଷ୍ୟ

ନୂଆଦିଲ୍ଲୀ,୧-୧୦: ସରକାର ଚଳିତ ବର୍ଷ ବିଭିନ୍ନ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ଯୋଜନା ରଖିଛନ୍ତି। ଚଳିତ ଆର୍ଥିକ ବର୍ଷ ଏହି ଉଦ୍ୟୋଗଗୁଡିକର ଅଂଶଧନ ବିକ୍ରିରୁ ପ୍ରାୟ ୧.୦୫ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ପ୍ରସ୍ତାବ ରହିଛି। ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍) , ବିଇଏମ୍ଏଲ୍, କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆ (କନଙ୍କର), ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆର ଭଳି କମ୍ପାନୀର ଷ୍ଟ୍ରାଟେଜିକ ସେଲ୍‌କୁ ସଚିବଙ୍କ ସ୍ତରୀୟ ଗ୍ରୁପ ମଞ୍ଜୁରୀ ପ୍ରଦାନ କରିଛି। ଏହାବାଦ ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ଲାଗି ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ପ୍ରସ୍ତୁତ ହେଉଛି।

# ମିଶନ ଜିରୋ-ଏଫ୍‌କୁ ଖିମ୍‌ଜୀର ୧୫ ଲକ୍ଷ ଟଙ୍କା ସହାୟତା



ଭୁବନେଶ୍ୱର,୧-୧୦

ପ୍ରମୁଖ ଜୁଏଲେରି ଚେନ୍ ଷ୍ଟୋର ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ରାଜ୍ୟ ସରକାରଙ୍କ ମିଶନ ଜିରୋ-ଏଫ୍ କାର୍ଯ୍ୟକ୍ରମକୁ ୧୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଖିମ୍‌ଜୀର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଏଥି ସଂକ୍ରାନ୍ତ ଅର୍ଥରାଶିକୁ କଟକ ଜିଲାପାଳଙ୍କୁ ହସ୍ତାନ୍ତର କରିଥିଲେ। ଏକ ଦାୟିତ୍ୱବାନ ପଦକ୍ଷେପ ସ୍ୱରୂପ ରାଜ୍ୟର ଶିକ୍ଷା ସଂସ୍କାର ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଶୋ'ରୁମ୍ ପକ୍ଷରୁ କୁହାଯାଇଛି। କଟକ ଜିଲା ପ୍ରଶାସନ ପକ୍ଷରୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ୧୦୦% ସଫଳତା ନେଇ ଲକ୍ଷ୍ୟ ରଖାଯାଇଛି। ଗୁଣବତ୍ତା ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବା ଲାଗି ଏଭଳି ପଦକ୍ଷେପ ବିଶେଷ ଭାବେ ସହାୟକ ହେବ। ଅଧିକ ହାରରେ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଭ କରିବା ସହ ରାଜ୍ୟର ବିକାଶଧାରାରେ ଯୋଗଦାନ ରଖିପାରିବେ। ଆଜିର ଶିଶୁ କାଲିର ଭବିଷ୍ୟତ ହୋଇଥିବାରୁ ଗୁଣାତ୍ମକ ଶିକ୍ଷା ଦ୍ୱାରା ସେମାନଙ୍କ ବିକାଶ ଲାଗି ଖିମ୍‌ଜୀ ଏହାର ଯୋଗଦାନ ଜାରି ରଖିବ ବୋଲି ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି। ଏହି ଅବସରରେ ସେ ଜିଲା ପ୍ରଶାସନ ପକ୍ଷରୁ ସ୍କୁଲଗୁଡ଼ିକୁ ନେଇ ଆୟୋଜିତ ହୋଇଥିବା ମିଶନ ଜିରୋ କର୍ମଶାଳାରେ ଯୋଗଦେଇଥିଲେ। ଖିମ୍‌ଜୀ ଗ୍ରୁପ ପକ୍ଷରୁ ନିକଟରେ ଫନୀ ପ୍ରଭାବିତଙ୍କ ସହାୟତା ଲାଗି ୨୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବର୍ତ୍ତମାନ ଭୁବନେଶ୍ୱର, କଟକ, ରାଉରକେଲା ଏବଂ ବ୍ରହ୍ମପୁର ଭଳି ସହରରେ ଖିମ୍‌ଜୀ ଷ୍ଟୋର ରହିଛି।

# ଆର୍‌ବିଆଇ ମୁଦ୍ରାନୀତି କମିଟି ବୈଠକ ଆରମ୍ଭ

ନୂଆଦିଲ୍ଲୀ,୧-୧୦

ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି ବୈଠକ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବର୍ତ୍ତମାନ ଅର୍ଥନୀତିରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଦେଶର ଜିଡିପି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ରେପୋ ବା ସୁଧହାର ହ୍ରାସ କରିବା ନେଇ ସମ୍ଭାବନା ରହିଛି। ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥିବାରୁ ରିଜର୍ଭ ବ୍ୟାଙ୍କ ପୁଣି ଥରେ ସୁଧହାର ହ୍ରାସ କରିବା ନେଇ ପୂର୍ବରୁ ଗର୍ଭନର ଶକ୍ତିକାନ୍ତ ଆଭାସ ଦେଇଥିଲେ। ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଘୋଷଣା କରିଛନ୍ତି। କର୍ପୋରେଟ ଟିକସ ହ୍ରାସ, ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ଉପରେ ଲାଗୁ ହୋଇଥିବା ବର୍ଦ୍ଧିତ ସରଚାର୍ଜକୁ ଉଠାଇବା ଭଳି ନିଷ୍ପତ୍ତି ସରକାର ନେଇଛନ୍ତି। ଏହା ରିଜର୍ଭ ବ୍ୟାଙ୍କର ଚତୁର୍ଥ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକ ହୋଇଥିବା ବେଳେ ରେପୋ ସମ୍ପର୍କରେ ଶୁକ୍ରବାର(ଅକ୍ଟୋବର ୪)ରେ ଘୋଷଣା କରାଯିବ। ବୈଠକ ୩ ଦିନ ଧରି ଅନୁଷ୍ଠିତ ହେବ। ଅକ୍ଟୋବର ୨ରେ ଗାନ୍ଧୀ ଜୟନ୍ତି ପଡୁଥିବାରୁ ଏହି ଦିନ ବୈଠକ ହେବ ନାହିଁ।

# ସାଲୁ ଜିନ୍ଦଲଙ୍କୁ ମହାତ୍ମା ପୁରସ୍କାର

ନୂଆଦିଲ୍ଲୀ,୧-୧୦



ଜେଏସ୍‌ପିଏଲ୍ ଫାଉଣ୍ଡେଶନ ସହଅଧ୍ୟକ୍ଷା ସାଲୁ ଜିନ୍ଦଲଙ୍କୁ ମହାତ୍ମା ଆୱାର୍ଡ ଫର୍ ଲିଡରଶିପ ଇନ୍ କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି ସମ୍ମାନରେ ସମ୍ମାନିତ କରାଯାଇଛି। ଗୁରୁଗ୍ରାମଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପଦ୍ମଭୂଷଣ ରାଜଶ୍ରୀ ବିର୍ଲା ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳ ଲୋକଙ୍କର ବିକାଶ ନିମନ୍ତେ ନିଜର ଯୋଗଦାନ ଲାଗି ସାଲୁଙ୍କୁ ଏଭଳି ପୁରସ୍କାର ମିଳିଛି। ସେହିଭଳି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଉତ୍କର୍ଷ ଲାଗି ଜେଏସ୍‌ପିଏଲ୍ ଫାଉଣ୍ଡେଶନକୁ ମହାତ୍ମା ଆୱାର୍ଡ ଫର୍ ସିଏସ୍‌ଆର୍ ଏକ୍ସଲେନ୍ସ ଆଣ୍ଡ ସୋସିଆଲ ଗୁଡ୍ ସମ୍ମାନ ମିଳିଛି। ଏହି ପୁରସ୍କାରକୁ ଜେଏସ୍‌ପିଏଲ୍‌ର ଏକଜିକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ ତଥା ସିଏସ୍‌ଆର୍ ମୁଖ୍ୟ ପ୍ରଶାନ୍ତ ହୋତା ଗ୍ରହଣ କରିଥିଲେ। ଏଭଳି ପୁରସ୍କାର ଆଗକୁ ବଢ଼ିବା ଲାଗି ପ୍ରେରଣା ଯୋଗାଇବ ବୋଲି ସାଲୁ ଜିନ୍ଦଲ ଏହି ଅବସରରେ ସୂଚନା ଦେଇଛନ୍ତି। ୨ ନିୟୁତରୁ ଅଧିକ ଲୋକଙ୍କ ନିକଟରେ ସେବା ପହଞ୍ଚାଇ ପାରିଥିବାରୁ ଭଗବାନଙ୍କ ନିକଟରେ କୃତଜ୍ଞ ବୋଲି ସେ ପ୍ରକାଶ କରିଛନ୍ତି।


## ODISHA HYDRO POWER CORPORATION LIMITED

OHPC (A Government of Odisha Undertaking)
Regd. Office: Odisha State Police Housing & Welfare Corporation Building
Vanivihar Chouk, Janpath, Bhoinagar, Bhubaneswar-751022
Tel: 91-0674-2542983, 2542802, 2545526, Fax-2542102
CIN : U40101OR1995SGC003963
ISO 9001, 14001 & OHSAS 18001

### EXPRESSION OF INTEREST

**Ref. No.OHPC/AC/9/99/Vol-XXII/9251** **Date: 01.10.2019**

Sealed bids are invited in the following prescribed format for rate of interest for fixed deposit amounting to ₹ **85-115 Crores (approx.)** (Interest compounded quarterly) from Bhubaneswar based empaneled banks in line with GOO, Finance Dept. order No. 24705 dated 20.07.2019.

| Sl. No. | Period | (%) Rate of Interest per annum (Non-Callable) |
|---|---|---|
| 1 | One Year & Above | |

The Bid should be super scribed in red "Rate of Interest" & must reach the undersigned in sealed cover by Speed Post / Special Messenger on or before **11.30 AM** on dtd. **10.10.2019** and the same will be opened at **12.00 Noon** on the same day at OHPC's office, Bhubaneswar in the presence of the representative of the participating Banks. Interest offer of bank shall remain valid upto **11.10.2019.** The interest rate quoted by Bank is final & in no circumstances change of interest rate will be entertained. The decision of the Management with regard to investment will be final. **Bids should be submitted strictly in the above format only without any deviation to the tender condition. Bids not fulfilling the tender condition & submission of bid in other than the earmarked format is liable for rejection.**

**CGM(Finance)**

Detail can be viewed in OHPC official site: **www.ohpcltd.com** / Email:**ohpcltdinvestment@gmail.com/ohpc.co@gmail.com**

See Career Appointment on every Wednesday & Saturday



## GOVERNMENT OF ODISHA OFFICE OF THE DISTRICT PROJECT COORDINATOR SARVASIKHYA AVIYAN

**SAMBALPUR**
**E-Procurement Notice**
**BID IDENTIFICATION No.SSA/SBP/CIVIL/27/2019-20**
**E-mail - dpcsambalpur.opepa@nic.in**
**Phone/Fax- 0663-2410834**

**No.981 /CW** **Dated: 01.10.19**

1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Double cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of works : 01 (ONE)
3. Tender Cost : Rs.10,000/-
4. Class of Contractor : "B" Class or equivalent
5. Date and time available in Website & receipt of Bids : 12:00 hrs. of 04.10.2019 to 17:00 hrs. of 19.10.2019.
6. Date of Opening of Tender : 23.10.2019 at 11:30 hrs.
7. The Bidders have to participate in ONLINE bidding only. Further details can be seen from the Website **www.tendersodisha.gov.in only.**
8. Any Corrigendum / Addendum will be displayed in the website **www.tendersodisha.gov.in** only.

**Sd./-**
**District Project Coordinator**
**SSA, Sambalpur**



## OFFICE OF THE ALL INDIA COORDINATED RESEARCH PROJECT ON GOAT IMPROVEMENT

**Department of Animal Breeding and Genetics**
**College of Veterinary Science & Animal Husbandry**
**OUAT, Bhubaneswar-3**

**ADVERTISEMENT for Walk-in-Interview**

A walk-in interview will be conducted on 16th October 2019 at 10.30 AM in Committee room of the Office of the Dean of Research, OUAT, Bhubaneswar-751003 to fill up the post as given below. The candidates are requested to apply in plain paper as per the proforma with all certificates and ID proof and submit at 9.00 AM on same day. The candidates having required qualification and experience will be allowed to attend the interview. The posts are purely temporary and coterminus with the project.

**PROJECT : All India Coordinated Research Project on goat improvement (Ganjam Field Unit)**

**1. Name of the Post –** Young Professional-II
**No. of Vacancy -** 02
**Salary -** Rs. 25,000/- PM (Consolidated)
**Duration –** Till 31 March 2020 or may be extended for another years subject to the satisfactory performance in duty and need of the project.
**Qualification & Experience:** 1. B V Sc & AH
**Place of Posting:** Project site (Chhatrapur/Rambha/Khallikote/ Jirabadi field center or Head Quarter)

**Officer in Charge**

**PROFORMA FOR APPLICATION**

1. Name
2. Date of Birth
3. Post applied for
4. Mailing address
5. E-Mail and Telephone Number
6. Educational qualification / Division / Percentage
7. Experience (Attach Proof)

**Name and signature with date**



## GOVERNMENT COLLEGE OF ENGINEERING, KEONJHAR

(A Constituent College of BPUT, Rourkela)
At : Jamunalia, P.O. : Old Town, Dist : Keonjhar, Pin : 758002(Odisha)
Tel.: 06766-213180 (O), Website : www.gcekjr.ac.in, Mail Id : principal@gcekjr.ac.in

**No.1525** **Date: 01.10.2019**

**NOTICE INVITING TENDER**

Sealed Tenders are hereby invited in two bid system (i.e. Technical & Financial) from reputed original manufacturers / authorized dealers up to the date mentioned in the tenders for supply of equipment through speed post / registered post only for Department of Mechanical Engineering and Department of Civil Engineering. The tender bid documents with details of terms and conditions are to be downloaded from the College Website : **www.gcekjr.ac.in.**

**Sd/-**
**Principal**



## OFFICE OF THE MUNICIPAL COUNCIL, KEONJHARGARH

**email- keonjharm.hud@rediffmail.com**
**Invitation for Bids (IFB) "e" Procurement NOTICE**
**Bid Identification No.KGM-06/2019-20**

**Letter No.5125/KGM/** **Date: 30.09.2019**

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double cover system, through e-Procurement.

1- Nature of work- Civil work
2- No. of Work- 02 Nos.
3- Value of works : Rs.59,34,927/-
4- Date & Time of availability of Bid document in the portal : From 03.10.2019 at 11.00 A.M. upto 14.10.2019 at 5.00 P.M.
5- Last date & time of submission of bid in portal : upto 5 P.M. of 14.10.2019
6- Date of opening of bid in portal : 17.10.2019 at 11.00 A.M.
7- Name & address of the officer in inviting Bid-EO, Keonjhargarh Municipality.

Further details can be seen from Website : **www.tendersorissa.gov.in**

**Sd./- Executive Officer**
**Keonjhargarh Municipality**



## PANCHAYAT SAMITI OFFICE LAHUNIPARA, DIST- SUNDARGARH

**No. 2585** **Date: 30.9.2019**

The Block Development Officer, Lahunipara, Sundargarh invites sealed tender on behalf of Govt. of Odisha from intended registered and eligible contractor of the State P.W.D. (R&B)/ Water Resource/ Rural Works/ M.I./C.P.W.D. for the following works eventually to be drawn up in the PWDP-1 forms in conformity with the detail tender call notice. The bidders may submit bid for the following works.

| Sl. No. | Name of the Work | Estimated Cost | Tender value (In Rs.) | Cost of Tender Document (In Rs.) | EMD (In Rs.) | Time of completion | Class of contractor |
|---|---|---|---|---|---|---|---|
| 1 | Construction of AWC building at Sunadihi of Lahunipada GP | 1325156 | 1325156/- | 6000/- | 13250/ | 6 Calendar Months | 'C & D' |
| 2 | Const. of AWC building at Khendraposh of Kurda GP | 1435928 | 1435928/- | 6000/- | 14360/ | 6 Calendar Months | 'C & D' |
| 3 | Const. of AWC building at Mundagaon-I of Kurda GP | 1435928 | 1435928/- | 6000/- | 14360/ | 6 Calendar Months | 'C & D' |
| 4 | Construction of AWC building at Dhudi, Khuntagaon GP | 1474146 | 1474146/- | 6000/- | 14740/ | 6 Calendar Months | 'C & D' |
| 5 | Construction of AWC building at Belmara, Daleisara GP | 1468500 | 1468500/- | 6000/- | 14685/ | 6 Calendar Months | 'C & D' |
| 6 | Construction of AWC building at Raikelaposh-2, Kuliposh GP | 1405550 | 1405550/- | 6000/- | 14055/ | 6 Calendar Months | 'C & D' |
| 7 | Construction of AWC building at Matikhani, Daleisara GP | 1468500 | 1468500/- | 6000/- | 14685/ | 6 Calendar Months | 'C & D' |
| 8 | Construction of AWC building at Emlikucha of Sashyakela GP | 1355000 | 1355000/- | 6000/- | 13550/ | 6 Calendar Months | 'C & D' |
| 9 | Construction of AWC building at Barsuan of Sashyakela GP | 1330561 | 1330561/- | 6000/- | 13310/ | 6 Calendar Months | 'C & D' |

1. The last date of receipt of Tender papers is Dt.19.10.19 at 5.00 P.M.
2. The terms and conditions of the tender is available in the D.T.C.N. (Detailed Tender Call Notice) available in this office.
3. The Cost of Tender documents should be deposited in shape of Demand Draft in favour of Block Development Officer, Lahunipara, payable at S.B.I., Lahunipara.
4. Right to reject or cancel any or all the tender without assigning any reason thereof whatever may be reserved by the undersigned.

**Sd./- BLOCK DEVELOPMENT OFFICER**
**LAHUNIPARA**



## MCL ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (EPABX)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

### ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in)ରେ ପ୍ରକାଶିତ ହୋଇଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି। ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବସାଇଟଗୁଡ଼ିକୁ ଦେଖନ୍ତୁ।

| କ୍ର. ସଂ. | ଟେଣ୍ଡର ଆଇଡ଼ି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ ₹ |
|---|---|---|---|
| 1 | 2019_MCL_150696_1 | PROCUREMENT OF AUTOMATIC FIRE PROTECTION SYSTEM FOR DUMPER | 4033214.00 |
| 2 | 2019_MCL_150734_1 | Hiring of One(01) No. of Indigo or equivalent having minimum seating capacity of 5 (4plus1) for a period of Two years (i.e. 682 Days),12Hrs/Day, 100Km/Day for engagement at Personnel Department of Talcher Area. | 867504.00 |
| 3 | 2019_MCL_150658_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day duty for two years for GOCP at Basundhara Area (682 days).(2800km run per month).(D) | 906378.00 |
| 4 | 2019_MCL_150732_1 | Hiring of One (1) Car (Indigo/Swift Dzire /Etios or its equivalent) with AC fitted for 12 hrs per day duty for two years at Basundhara Area (682 days). (2800km per month run) | 861366.00 |
| 5 | 2019_MCL_150801_1 | Hiring of one no. AC running covered jeep (Bolero or equivalent) having seating capacity 6 plus 1 on 12 hrs duty basis with deployment of 01 no. of driver having staggered rest max run 2500 km/month for 02 yrs (682 days) for Safety department,LKPA | 921382.00 |
| 6 | 2019_MCL_150802_1 | Hiring of one no. shift bus (having seating capacity 32 plus 1 or more) on 24 hrs duty basis with deployment of two nos. of drivers having staggered rest, max run 2750 km/month for 02 years (682 working days) for Lakhanpur OCP, Lakhanpur Area, MCL | 2286064.00 |
| 7 | 2019_MCL_150867_1 | Hiring of 01 no Indigo/Swift Dezire/Ford Aspire or equivalent Car with AC fitted, Diesel driven for 12 Hrs. duty period per Day (3000 KM Max per Month) (4 plus 1 seater) for a period of two years(682 running days) for Central Work shop, IB Valley. | 676442.00 |
| 8 | 2019_MCL_150872_1 | Repairing and renovation of existing community shed and providing entry gate at Green grass stadium of Lingaraj OCP, Lingaraj Area. | 4499849.00 |
| 9 | 2019_MCL_150873_1 | Clearing of grass and bushes inside Water Treatment Plant and Intake at IWSS, Lingaraj Area (For a period of 730 days). | 315615.00 |
| 10 | 2019_MCL_150431_1 | Supply of antibiotic Disc for pathology Department,NSCH,Talcher. | 67103.00 |
| 11 | 2019_MCL_150904_1 | Hiring of one no. Pick-up Van having seating capacity 4 plus 1 on 24 hrs duty basis with deployment of three nos. of drivers, max run 3500 km/month for 02 years (682 working days) for Lakhanpur OCP, Lakhanpur Area, MCL | 1750694.00 |
| 12 | 2019_MCL_150905_1 | Hiring of one no. Pick-up Van having seating capacity 4 plus 1 on 24 hrs duty basis with deployment of three nos. of drivers, max run 3500 km/month for 02 years (682 working days) for Belpahar OCM, Lakhanpur Area, MCL | 1750694.00 |
| 13 | 2019_MCL_150974_1 | AMC for Providing Manpower for operation of DG set including sub-station attendant of 2 x 500 KVA sub-station at Extension colony of N.S.Nagar, BOCP for a period of 01 year(365 Days). | 452709.00 |
| 14 | 2019_MCL_151008_1 | Repairing and Replacement of 4 Nos. Segment and Welding of 96 Nos. of Pick holders of Crusher Roller of CHP, Bharatpur OCP, Bharatpur Area. | 431974.00 |
| 15 | 2019_MCL_150969_1 | Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 2500 Km run per month, 12 hrs duty for a period of two years (341 days per year) for LOCP, IB Valley Area. | 943956.00 |
| 16 | 2019_MCL_151038_1 | Annual maintenance contract for 01 no of 320 KVA DG set and 1 no of 500 KVA DG set running at Corporate office substation at MCL HQ, Burla | 54698.00 |
| 17 | 2019_MCL_150440_1 | Construction of Community Center at Nisha Bazar Chhak of Nisha village under CSR works of Hingula Area. | 798947.00 |
| 18 | 2019_MCL_150453_1 | Cleaning and up-keeping, operation of pump water supply of project Office/Transit camp and attached Canteen including operation of canteen at Hingula OCP under Hingula Area for a period of 730 days. | 3333637.00 |
| 19 | 2019_MCL_151036_1 | Maintenance of quarter no D2 at CWS colony CWS IBV allotted to The GM CWS IBV in case of change in occupancy | 258611.00 |
| 20 | 2019_MCL_150594_1 | Annual Up-keeping of Jagruti Vihar Colony for a period of Two Years (i.e. for 730 Days) | 20142340.00 |
| 21 | 2019_MCL_151066_1 | PROCUREMENT OF CAPACITOR UNIT FOR 132/33KV SUB STATION | 297360.00 |
| 22 | 2019_MCL_151086_1 | PROCUREMENT OF KIT FOR TOP ROLLERS AND BOTTOM ROLLERS | 1149910.00 |
| 23 | 2019_MCL_151087_1 | Fabrication of 250 Nos. Decking Plates for C-4, C-5, C-6 and C-7 conveyors of RLS, Bharatpur OCP, Bharatpur Area. | 1200809.00 |
| 24 | 2019_MCL_151096_1 | PROCUREMENT OF FLUORESCENT JACKET FOR EMPLOYEES | 472000.00 |
| 25 | 2019_MCL_151032_1 | AMC for operation,guarding,diesel dispensing of 4 no. 7.5 KVA trolley mounted DG set with lighting tower,2 no. 63 KVA DG,01 no. 500 KVA DG, receiving diesel from Lingaraj Area diesel depot and executing works as and when required in KOCP for 1 year | 1810835.00 |
| 26 | 2019_MCL_151107_1 | Upkeeping and cleaning of grass/bushes and surface dressing etc of colony area at CWS(X) Talcher for a period of two years | 6951903.00 |
| 27 | 2019_MCL_151079_1 | Providing profile sheet roof shed for open gallery and store room at VSS stadium under IB Valley Area. | 2396961.00 |
| 28 | 2019_MCL_151094_1 | Repairing of damaged security wall at Regional Store and STP of SOCP,IB Valley Area. | 595908.00 |
| 29 | 2019_MCL_150725_1 | Non Comprehensive Annual Maintenance Contract for environmental telemonitoring system of mine No. 1 and 2 of Orient Area, MCL, for a period of One year | 845206.00 |
| 30 | 2019_MCL_151018_1 | Fabrication of 01 no. 84 drum Pontoon and 01 no. 132 drum Pontoon for installation of H.T. pump at Lakhanpur OCP, Lakhanpur Area, MCL | 694951.00 |
| 31 | 2019_MCL_151152_1 | Annual maintenance contract of 03 nos of 320 KVA DG sets and 1 no of 500 KVA DG set running at both colonies substation at MCL HQ, Burla | 94323.00 |
| 32 | 2019_MCL_150572_1 | Annual Maintenance of Lawns, Gardens, Plantation area at Jagruti Vihar township including VIP enclave at MCL, HQ (For a period of Two Years i.e. for 730 days) | 27692181.00 |
| 33 | 2019_MCL_151208_1 | Supply and Installation of 2KWP Solar Power Plant for supplying power to upcoming In-Motion rail Weighbridge at NTPC Exchange Yard for Lingaraj Area | 330872.00 |
| 34 | 2019_MCL_151268_1 | PROCUREMENT OF 3 POLE AND 4 POLE MCCBS | 219150.00 |
| 35 | 2019_MCL_151232_1 | Tent house work in the occasion of celebration of vigilance awareness week and Coal India Foundation day for the year 2019 at MCL HQ | 405180.00 |
| 36 | 2019_MCL_151258_1 | Upgradation of Balram Guest House along with various development works under Hingula Area. | 9899105.00 |
| 37 | 2019_MCL_151173_1 | Annual cleaning and up keeping of 78 C type and 9 D type quarters at BIT of Lakhanpur Area. | 3460595.00 |
| 38 | 2019_MCL_151053_1 | Procurement of Undercarriage Assembly for TATA Hitachi 1200 Excavator (Part No. UC01200EX) | 7572550.00 |
| 39 | 2019_MCL_151249_1 | Hiring of one no. Mini Bus (seating capacity 32 plus 1 or more) on 12 hrs duty basis max run 130km/day with deployment of 01 driver/day(having staggered rest) for 01 yr (365 days) for attending passengers of MCL, LKP Area for train at JSG. | 1184060.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ.: 0663-2542695/2542264, ଇ-ମେଲ: hlp-eproc.mcl@coalindia.in) R-4942

ଆମର ଆପସ୍ ପାଇବା ପାଇଁ ଦେୟମୁକ୍ତ (ଟୋଲ୍ ଫ୍ରି) ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍ କଲ୍ କରନ୍ତୁ



“ ଯଦି ତୁମେ ନିଜେ ନିଜର ଯତ୍ନ ନେବନି ତା'ହେଲେ କେହି ତୁମକୁ ସାହାଯ୍ୟ କରିବେନି। ଭଲ ଭାବରେ ଶୋଇବା, ଟ୍ରେନିଂ କରିବା ମୋ ସଫଳତାର ରହସ୍ୟ।

– କ୍ରିଷ୍ଟିଆନୋ ରୋନାଲ୍ଡୋ, ପର୍ତ୍ତୁଗାଲ ଷ୍ଟାର୍ ଫୁଟ୍‌ବଲ ଖେଳାଳି



“ ଗତ ଆଇସିସି ବିଶ୍ୱକପ୍‌ରେ ଆମେ ଲଗାତର ୯ ମ୍ୟାଚ୍‌ରେ ଭଲ ଖେଳିଥିଲୁ। କିନ୍ତୁ ହଠାତ୍ ଆମକୁ ଟୁର୍ନାମେଣ୍ଟରୁ ବାହାର ହେବାକୁ ପଡ଼ିଥିଲା।

– ଯୁଜବେନ୍ଦ୍ର ଚହଲ, ଭାରତୀୟ କ୍ରିକେଟର୍

## ସଂକ୍ଷେପରେ

### ମାଉଣ୍ଟ ଏଲବୃଶ୍ ଆରୋହଣ ଅଭିମୁଖେ ଲିପିକା



**ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି):** ବରଗଡ଼ର ପର୍ବତାରୋହୀ ଲିପିକା ସେଠ୍ ୟୁରୋପ ମହାଦେଶର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବୃଶ୍ (୫,୬୪୨ ମିଟର/୧୮, ୫୧୦ ଫୁଟ) ଆରୋହଣ ଅଭିଯାନରେ ବାହାରିଛନ୍ତି। ସେ ସାଥୀ ପର୍ବତାରୋହୀଙ୍କ ସହ ନିଜର ସମସ୍ତ ଔପଚାରିକତା ପୂରଣ କରି ବେସ୍ କ୍ୟାମ୍ପ(୩,୮୦୦ ମିଟର)ରେ ପହଞ୍ଚିଛନ୍ତି। ଲିପିକାଙ୍କର ଏଲବୃଶ ଆରୋହଣ ୧୦ ଦିନଧରି ଚାଲିବ। ଲିପିକାଙ୍କ ଗାଇଡ୍‌ଙ୍କ କହିବା ଅନୁସାରେ ବର୍ତ୍ତମାନ ପାଗ ଭଲ ଅଛି। ତେଣୁ ଦଳ ୩ କିମ୍ବା ୪ ମଧ୍ୟରାତ୍ରରେ ଏଲବୃଶ ଆରୋହଣରେ ବାହାରିବ। ଏହି ଅଭିଯାନ ପାଇଁ ଲିପିକାଙ୍କୁ ବରଗଡ଼ ଜିଲାର ବିକାଶ ଇନ୍‌ଷ୍ଟିଚ୍ୟୁଟ ୫୦,୦୦୦ଟଙ୍କାର ଆର୍ଥିକ ସାହାଯ୍ୟ କରିଥିବାବେଳେ ଏସିଆ ପାସିଫିକ୍ ହାବିଟାଟ ସୋସାଇଟି(ଏପିଏଚ୍‌ଏସ୍)ର ସେକ୍ରେଟାରି ଜେନେରାଲ ଡ. ୱିଲିୟମ ହେନେଜ ଅଭିଯାନର ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଲିପିକା ରାଜ୍ୟର ଜଣେ ଉଦୀୟମାନ ପର୍ବତାରୋହୀ। ସେ ପୂର୍ବରୁ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ କିଲିମାଞ୍ଜାରୋ(୫,୮୯୫) କୁ ସଫଳତାର ସହ ଆରୋହଣ କରି ସାରିଛନ୍ତି।

# ବେଲଜିୟମକୁ ହରାଇଲା ଭାରତ

ଆଣ୍ଟୱେର୍ପ(ବେଲଜିୟମ), ୧।୧୦

ସମ୍ପ୍ରତି ବେଲଜିୟମ ଟୁର୍‌ରେ ଥିବା ଭାରତୀୟ ହକି ଦଳ ମଙ୍ଗଳବାର ଚମତ୍କାର ପ୍ରଦର୍ଶନ କରି ବିଶ୍ୱ ଏବଂ ୟୁରୋପିଆନ ଚାମ୍ପିୟନ ବେଲଜିୟମକୁ ୨-୧ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଏବଂ ସିମରନଜିତ ସିଂ ଏବଂ ବେଲଜିୟମ ପକ୍ଷରୁ ଅଧିନାୟକ ଫେଲିକ୍ସ ଡେନାୟେର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହାକୁ ମିଶାଇ ଭାରତ ଏହି ଟୁର୍‌ରେ କ୍ରମାଗତ ୪ର୍ଥ ବିଜୟ ହାସଲ କରିଛି।

ବିଶ୍ୱର ୫ ନମ୍ବର ଦଳ ଭାରତ ଏବଂ ୨ ନମ୍ବର ବେଲଜିୟମ ମଧ୍ୟରେ ମ୍ୟାଚ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଟୁର୍‌ର ୩ୟ ମ୍ୟାଚରେ ସ୍ପେନକୁ ୫-୧ ଗୋଲରେ ହରାଇଥିବା ଭାରତ ଦୃଢ଼ ଆତ୍ମବିଶ୍ୱାସର ସହ ବେଲଜିୟମକୁ ମୁକାବିଲା କରିଥିଲା। ବେଲଜିୟମକୁ ଏହାର ଘରୋଇ ପରିବେଶରେ କଡ଼ା ଟକ୍କର ଦେଇ ଆରମ୍ଭରୁ ଚାପରେ ରଖିଥିଲା ଭାରତ। ଭାରତୀୟ ଦଳକୁ ୧୦ମ ମିନିଟରେ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଅମିତ ଗୋଲରେ ପରିଣତ କରି ଭାରତକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ନିକଟ ଅତୀତରେ ଉତ୍ସାହୀ ପ୍ରଦର୍ଶନ କରି ଆସିଥିବା ବେଲଜିୟମ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲା। ପରିବର୍ତ୍ତିତ ରଣନୀତିରେ ଏହି ଦଳ ଭାରତୀୟ ଗୋଲପୋଷ୍ଟ ଉପରେ ଘନଘନ ଆକ୍ରମଣ କରିଥିଲା। ମାତ୍ର ଡିଫେଣ୍ଡରଙ୍କ ମିଳିତ ପ୍ରଦର୍ଶନ ଏବଂ ଗୋଲକିପର ପି.ଆର. ଶ୍ରୀଜେଶଙ୍କ ଚମତ୍କାର ଷ୍ଟପ୍ ଫଳରେ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ଅଗ୍ରଣୀ ରହିବାରେ ସଫଳ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ବେଲଜିୟମ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଶ୍ରୀଜେଶଙ୍କ ବଦଳ ଗୋଲକିପର କ୍ରିଷ୍ଣନ ବି. ପାଠକ ଚମତ୍କାର ସେଭ୍ କରି ଦ୍ୱିତୀୟ କ୍ୱାର୍ଟର ତଥା ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀକୁ ବଳବତ୍ତର ରଖିଥିଲେ।

ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟରେ ବେଲଜିୟମ ଆଉ ଏକ ପେନାଲ୍ଟି କର୍ନର ପାଇଥିଲା। ଅଧିନାୟକ ଫେଲିକ୍ସ ଡ୍ରାଗ୍ ଫ୍ଲିକ୍ ମାଧ୍ୟମରେ ଏହାକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ସ୍ଥିତି ୧-୧ରେ ବରାବର ରହିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ବିଜୟ ହାସଲ ପାଇଁ ଉଦ୍ୟମ ଜୋର୍‌ଦାର ହୋଇଥିଲା। ବିଶ୍ୱ ଚାମ୍ପିୟନ ବେଲଜିୟମ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲକିପର ପାଠକ ତାହାକୁ ଗୋଲରେ ପରିଣତ ହେବାକୁ ଦେଇ ନ ଥିଲେ। ଅନ୍ୟପକ୍ଷରେ ସୁଯୋଗ ଅପେକ୍ଷାରେ ଥିବା ଭାରତ ୫୨ତମ ମିନିଟରେ ଦଳଗତ ପ୍ରଦର୍ଶନ ଭିତ୍ତିରେ ସିମରନଜିତ ସିଂଙ୍କ ମାଧ୍ୟମରେ ଏକ ଗୋଲ ଦେଇ ପୁଣି ଅଗ୍ରଣୀ ହାସଲ କରିଥିଲା। ଅବଶିଷ୍ଟ ସମୟର ଖେଳ ଅତି ରୋମାଞ୍ଚକ ହୋଇଥିଲା। ବେଲଜିୟମ ପକ୍ଷରୁ ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋର୍‌ଦାର କରାଯାଇଥିଲେ ହେଁ ଭାରତୀୟ ଡିଫେଣ୍ଡରମାନେ ସଫଳତାର ସହ ତାହାକୁ ପ୍ରତିହତ କରିଥିଲେ। ଭାରତ ଓ ବେଲଜିୟମ ମଧ୍ୟରେ ଚଳିତ ଟୁର୍‌ର ଶେଷ ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ।



### ମନଦୀପ ସିଂଙ୍କ ୧୫୦ତମ ମ୍ୟାଚ

ମଙ୍ଗଳବାର ବେଲଜିୟମ ବିପକ୍ଷରେ କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ ମନଦୀପ ସିଂ। ମ୍ୟାଚ ପୂର୍ବରୁ କୋଚ୍ ଗ୍ରାହାମ ରିଡ୍ ତାଙ୍କୁ ୧୫୦ ନମ୍ବର ଲେଖାଥିବା ଜର୍ସି ପ୍ରଦାନ କରିଥିଲେ। ପଞ୍ଜାବ ଜଲନ୍ଧରର ମନଦୀପ ୨୦୧୩ରେ ନୂଆଦିଲ୍ଲୀଠାରେ ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ-୨ ଅବସରରେ ଜାତୀୟ ସିନିୟର ଦଳ ପକ୍ଷରୁ ପଦାର୍ପଣ କରିଥିଲେ। ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସଂସ୍କରଣରେ ଚମତ୍କାର ପ୍ରଦର୍ଶନ ଯୋଗୁ ସେ ଭାରତୀୟ ହକି ଦଳର ଫରୱାର୍ଡ ଲାଇନ୍‌ରେ ସ୍ଥାନ ପାଇଥିଲେ। ୨୪ ବର୍ଷୀୟ ମନଦୀପ ୨୦୧୬ରେ ଲଣ୍ଡନରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୮ରେ ବ୍ରେଡାଠାରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ସେହିବର୍ଷ ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୧୬ରେ ଜୁନିୟର ହକି ବିଶ୍ୱକପ ବିଜୟୀ ଭାରତୀୟ ଦଳର ସେ ଜଣେ ପ୍ରମୁଖ ସଦସ୍ୟ ଥିଲେ।

### ମହିଳା ହକି: ଭାରତ-ବ୍ରିଟେନ ମ୍ୟାଚ ଡ୍ର

ଇଂଲଣ୍ଡର ମାର୍ଲୋଠାରେ ଅନୁଷ୍ଠିତ ଭାରତ-ଗ୍ରେଟ୍ ବ୍ରିଟେନ ମହିଳା ହକି ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ଦୁଇ ଦଳ ମଧ୍ୟରେ ଚତୁର୍ଥ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

■ ସିବିଏସ୍‌ଇ କ୍ଲଷ୍ଟର ଆଥଲେଟିକ୍ ଚାମ୍ପିୟନଶିପ୍

# ଶ୍ରେଷ୍ଠ ପ୍ରଦର୍ଶନ ସହ ଆଂଶିକାଙ୍କୁ ସ୍ୱର୍ଣ୍ଣ ପଦକ



ପଦକ ସହ ଆଂଶିକା ରାଉତରାୟ ।

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ସିବିଏସ୍‌ଇ କ୍ଲଷ୍ଟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଆଂଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ସମ୍ପ୍ରତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନରତ ଆଂଶିକା ୧୨.୬୫ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରିଥିଲେ। ଏହା ଥିଲା ତାଙ୍କର କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୧୧.୮୪ ମିଟର ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଆଂଶିକାଙ୍କ ମା' ହେଉଛନ୍ତି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଏବଂ ପିତା ପରମାନନ୍ଦ ରାଉତରାୟ। ରାୟପୁର ଇଭେଣ୍ଟରେ ଆଂଶିକାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିଲେ ହ୍ଲାଦିନୀ ସାହୁ। ଛତିଶଗଡ଼ର ଆଦିତ୍ୟବିର୍ଲା ସ୍କୁଲରେ ଅଧ୍ୟୟନରତ ହ୍ଲାଦିନୀ ୯.୯୧ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗିଥିଲେ। ସେହିପରି ପଶ୍ଚିମବଙ୍ଗର ଜି.ଡି. ଗୋଏଙ୍କା ପବ୍ଲିକ୍ ସ୍କୁଲ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କୋମଲ ବଜାଜ ୮.୧୪ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ।




> ରୋହିତ୍ ଶର୍ମା ଟେଷ୍ଟ ଓପନର୍ ଭାବେ ବୀରେନ୍ଦ୍ର ସେହ୍ୱାଗଙ୍କ ସ୍ଥାନ ନେଇପାରିବେ ବୋଲି ମୋର ବିଶ୍ୱାସ ରହିଛି।
> – ବିରାଟ କୋହଲି, ଭାରତୀୟ ଦଳର ଅଧିନାୟକ



> ବୁଧବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜରୁ ଦକ୍ଷିଣ ଆଫ୍ରିକା ଯୁବ ଖେଳାଳିମାନେ ବହୁତ କିଛି ଶିଖିବାକୁ ପାଇବେ।
> – ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ



## ସଂକ୍ଷେପରେ

### ବୟସ ଜାଲିଆତି ରୋକିବାକୁ ବୋର୍ଡର ୨୪ ଘଣ୍ଟିଆ ହେଲ୍ପଲାଇନ୍

ନୂଆଦିଲ୍ଲୀ,୧।୧୦(ପି.ଟି.): କ୍ରିକେଟରେ ବୟସ ଜାଲିଆତି ଏବେ ଉତ୍କଟ ସମସ୍ୟା ରୂପେ ଉଭା ହୋଇଛି। ଏହାକୁ ରୋକିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ୨୪/୭ ହେଲ୍ପ ଲାଇନ୍ ଜାରି କରିଛି। ପୂର୍ବରୁ ବୋର୍ଡ ଆଣ୍ଟି ଡୋପିଂ ହେଲ୍ପ ଲାଇନ୍ ମଧ ଜାରି କରିଥିଲା। ବିସିସିଆଇ ଆଣ୍ଟି ଡୋପିଂ ଓ ଆଣ୍ଟି-କରପଶନ କ୍ରିକେଟକୁ କଳଙ୍କ ମୁକ୍ତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛି। ଏବେ ବୟସ ଜାଲିଆତିକୁ ରୋକିବା ପାଇଁ ମଧ ପ୍ରୟାସ ଆରମ୍ଭ ହୋଇଛି। ବିସିସିଆଇର ଆଗାମୀ ୨୦୧୯- ୨୦ ଘରୋଇ ସେସନରେ ମ୍ୟାଚ୍ ଖେଳାଯାଉଥିବା ଭେନ୍ୟୁଗୁଡିକର ଡ୍ରେସିଂ ରୁମ୍‌ରେ ହେଲ୍ପ ଲାଇନ୍ ନମ୍ବର ଲିଖିତ ଏକ ବ୍ୟାନର ଲଗାଯିବ। ବୟସ ଜାଲିଆତି ନେଇ ଯଦି କୌଣସି ଘଟଣା ସାମ୍ନାକୁ ଆସେ ତାହାଲେ ଯେକୌଣସି କ୍ରିକେଟର ବା ବ୍ୟକ୍ତି ଏହି ନମ୍ବର ମାଧମରେ ଯୋଗାଯୋଗ ରକ୍ଷା କରିପାରିବେ। ସୂଚନା ଦେଉଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବ ବୋଲି କୁହାଯାଇଛି।

### ବ୍ରାଥ୍‌ୱେଟଙ୍କୁ ଆଇସିସିର ସବୁଜ ସଙ୍କେତ



ଦୁବାଇ, ୧।୧୦ (ପି.ଟି.): ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କ୍ରେଗ୍ ବ୍ରାଥୱେଟ୍‌ଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ବୋଲିଂ କରିବା ପାଇଁ ସବୁଜ ସଙ୍କେତ ମିଳିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମଙ୍ଗଳବାର ବ୍ରାଥୱେଟ୍‌ଙ୍କ ବୋଲିଂ ଶୈଳୀ ତ୍ରୁଟିଶୂନ୍ୟ ଥିବା କହିଛି। କିଙ୍ଗ୍‌ଷ୍ଟନରେ ଗତ ସେପ୍ଟେମ୍ବର ୨ରେ ଭାରତ ବିପକ୍ଷ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ଅବସରରେ ୨୬ ବର୍ଷୀୟ ଏହି ସାମୟିକ ଅଫ୍-ସ୍ପିନରଙ୍କ ବୋଲିଂ ଶୈଳୀରେ ତ୍ରୁଟି ଥିବାନେଇ ଆଇସିସି ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ବ୍ରାଥୱେଟ୍ ଗତ ୧୪ରେ ବ୍ରିଟେନସ୍ଥିତ ଲାଉଗବର୍ଗରେ ତାଙ୍କ ବୋଲିଂ ଶୈଳୀର ପରୀକ୍ଷା କରିଥିଲେ। ଏହି ପରୀକ୍ଷାରେ ବ୍ରାଥ୍‌ୱେଟ୍ ଆଇସିସିର ଧାର୍ଯ୍ୟ ମାପଦଣ୍ଡ ଅନୁଯାୟୀ ବୋଲିଂ କରିଥିବା ସ୍ପଷ୍ଟ ହୋଇଥିଲା। ସ୍ପିନର ବୋଲର ବୋଲିଂ ସମୟରେ ୧୫ ଡିଗ୍ରୀ ପର୍ଯ୍ୟନ୍ତ କହୁଣି ବଙ୍କା କରିପାରିବେ ବୋଲି ଆଇସିସି ମାନଦଣ୍ଡରେ ଉଲ୍ଲେଖ ରହିଛି।

■ ବିଜୟ ହଜାରେ ଟ୍ରଫି

### ତାମିଲନାଡୁକୁ ଜିତାଇଲେ କାର୍ତ୍ତିକ

ଜୟପୁର, ୧।୧୦ (ପି.ଟି.): ବିଜୟ ହଜାରେ ଟ୍ରଫିର ୬ଷ୍ଠ ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ କର୍ଣ୍ଣାଟକ ୭୪ ରନରେ ବେଙ୍ଗଲକୁ ପରାସ୍ତ କରିଛି। ଜୟପୁର ବିଦ୍ୟାଳୟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ସି’ର ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାମିଲନାଡୁ ଅଧିନାୟକ ତଥା ଉଇକେଟ୍‌କିପର ଦିନେଶ କାର୍ତ୍ତିକ (୯୭ ରନ, ୬୨ ବଲ, ୮ଚୌକା, ୪ ଛକା)ଙ୍କ ବିସ୍ଫୋରକ ବ୍ୟାଟିଂ ସାଙ୍ଗକୁ ବିଜୟ ଶଙ୍କର (୪୧) ଓ ଶାହରୁଖ ଖାଁ (୬୯)ଙ୍କ ଉପଯୋଗୀ ଇନିଂସ ବଳରେ ୫୦ ଓଭରରେ ୭ ଉଇକେଟ୍ ହରାଇ ୨୮୬ ରନ କରିଥିଲା। ବେଙ୍ଗଲ ପକ୍ଷରୁ ଅଶୋକ ଦିଣ୍ଡା ଓ ଆକାଶ ଦୀପ୍ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ମଧକ୍ରମ ବ୍ୟାଟ୍ସମ୍ୟାନ ଶାହବାଜ ଅହମ୍ମଦ (୧୦୭)ଙ୍କ ଶତକ ସତ୍ତ୍ୱେ ବେଙ୍ଗଲ ୪୫.୩ ଓଭରରେ ୨୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ବାବା ଅପରାଜିତ, କ୍ରିଷ୍ଣାମୂର୍ତ୍ତି ବିଘ୍ନେଶ, ଟି. ନଟରାଜନ ଓ ମୁରୁଗାନ ଅଶ୍ୱିନ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଚତୁର୍ଥ ମ୍ୟାଚ୍‌ରୁ ୪ର୍ଥ ବିଜୟ ସହ ତାମିଲନାଡୁ ୧୬ ପଏଣ୍ଟ ପାଇ ଗ୍ରୁପ୍-ସି’ର ଶୀର୍ଷ ସ୍ଥାନରେ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ଗୁଜରାଟ ୭ ଉଇକେଟ୍‌ରେ ରାଜସ୍ଥାନ (୧୬ ପଏଣ୍ଟ)କୁ ହରାଇ ଏହି ଗ୍ରୁପ୍‌ରେ ୨ୟ ସ୍ଥାନ ଲାଭ କରିଛି।

# ଭାରତ–ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ଆଜିଠାରୁ

ବିଶାଖାପାଟଣା,୧।୧୦(ପି.ଟି.)

ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ୱାଇ.ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରଥମ ଟେଷ୍ଟ ମ୍ୟାଚ୍। ଏହି ମ୍ୟାଚ୍‌ରେ ଦୁଇଟି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ବଦଳରେ ଦଳରେ ଅଭିଜ୍ଞ ରିଦ୍ଧିମାନ ଶାହାଙ୍କୁ ସାମିଲ କରାଯାଇଛି। ସେହିପରି ସୀମିତ ଓଭର କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ତାରକା ଓପନର ରୋହିତ ଶର୍ମା ଟେଷ୍ଟରେ ପ୍ରଥମଥର ପାଇଁ ଇନିଂସ ଓପନ୍ କରି ନୂଆ ଜୀବନ ଆରମ୍ଭ କରିବେ। ଦୀର୍ଘ ୨୨ମାସ ପରେ ରିଦ୍ଧିମାନ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଅଧିନାୟକ ବିରାଟ କୋହଲି ପନ୍ତଙ୍କୁ ଦଳରୁ ବାଦ୍ ଦିଆଯାଇଛି ବୋଲି ଘୋଷଣା କରିବା ପରେ ରିଦ୍ଧିମାନ ଏହି ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଥିଲା। ଟେଷ୍ଟରେ ରୋହିତ ଦିନିକିଆ ସଫଳତାକୁ ଦୋହରାଇବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି। ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ରନ୍ ସଂଗ୍ରହ କରିବାରେ ବିଫଳ ହେବା ପରେ ଏହି ପରୀକ୍ଷା ନିରୀକ୍ଷା କାମରେ ଆସିବ ବୋଲି ଆଶା କରାଯାଉଛି। ଦିନିକିଆ ଓ ଟି୨୦ରେ ଦମ୍ ଦେଖାଇଥିବା ରୋହିତ ଏଠାରେ ଶତକ ହାସଲ କଲେ ସେଭଳି କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ଟେଷ୍ଟରେ ରୋହିତ ସଫଳ ହେବ ଓ ବହୁ ପରିମାଣରେ ରନ୍ ସଂଗ୍ରହ କରିବେ ବୋଲି ପୂର୍ବତନ କ୍ରିକେଟର ଯୁବରାଜ ସିଂ କହିଛନ୍ତି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ରୋହିତ ମିଡଲ ଅର୍ଡରରେ ବ୍ୟାଟିଂ କରିପାରି ନ ଥିଲେ। ତେବେ ଖରାପ୍ ଫର୍ମ କାରଣରୁ ଲୋକେଶ ରାହୁଲ ଦଳରୁ ବାଦ୍ ପଡିବା ପରେ ରୋହିତ୍‌ଙ୍କୁ ଇନିଂସ ଓପନ କରିବାର ସୁଯୋଗ ମିଳିଛି। ଏହି ନିଷ୍ପତ୍ତି ଭାରତ ପାଇଁ ଆଶୀର୍ବାଦ ସ୍ୱରୂପ ହେବ ବୋଲି ଆଶା କରାଯାଉଛି।

ନେଟ ସେସନରେ ରୋହିତଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା ଓ ମଧ ଭଲ ଅଭ୍ୟାସ କରିଛନ୍ତି। ୨୭ଟି ଟେଷ୍ଟ ଖେଳି ରୋହିତ ଏପର୍ଯ୍ୟନ୍ତ ୩୯.୬୨ ହାରରେ ୧୫୮୫ ରନ ସଂଗ୍ରହ କରିଛନ୍ତି। ତେବେ ସୀମିତ ଓଭରରେ ସେ ୧୦,୦୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିସାରିଛନ୍ତି। ରୋହିତଙ୍କୁ ବହୁତ ସୁଯୋଗ ଦିଆଯିବ ବୋଲି କୋହଲି ମ୍ୟାଚ୍ ପୂର୍ବରୁ କହିଛନ୍ତି। ସେ ରୋହିତଙ୍କୁ ସମର୍ଥନ ମଧ କରିଛନ୍ତି। ଯଦି ସେ ଓପନର ହିସାବରେ ସଫଳ ହୁଅନ୍ତି ତାହେଲେ ଟପ୍ ଅର୍ଡର ଆହୁରି ଶକ୍ତିଶାଳୀ ହେବ। ସ୍ୱାଭାବିକ ଖେଳ ପ୍ରଦର୍ଶନ କଲେ ସେ ସଫଳ ହେବେ ଓ ଭାରତୀୟ ବ୍ୟାଟିଂ ଅର୍ଡରର ରୂପ ବଦଳିଯିବ। ପନ୍ତ ଏବେ ଫର୍ମରେ ନ ଥିବାରୁ ରିଦ୍ଧିମାନଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଶାହା ଫିଟ୍ ଅଛନ୍ତି ଓ ସେ ବିଶ୍ୱର ଶ୍ରେଷ୍ଠ କିପର ବୋଲି କୋହଲି କହିଛନ୍ତି। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଧ ଦଳରେ ସାମିଲ ହୋଇଛନ୍ତି। ସେ ଗତ ଡିସେମ୍ବରରେ ଆଡିଲେଡ୍‌ରେ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ। ସେ ମଧ ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଦଳରେ ସାମିଲ ହୋଇ ନ ଥିଲେ। ଭାରତ ଦୁଇ ଜଣ ଲେଖାଏ ଦ୍ରୁତ ବୋଲର ଓ ସ୍ପିନରଙ୍କୁ ଦଳରେ ସାମିଲ କରିଛି। ଯଦି ବଲ୍ ଟର୍ନ କରେ ତାହାଲେ ତୃତୀୟ ସ୍ପିନର ଭାବେ ହନୁମା ବିହାରୀ ଦାୟିତ୍ୱ ତୁଲାଇବେ।



ନେଟ୍ସ ସେସନ୍‌ରେ ଚେତେଶ୍ୱର ପୂଜାରାଙ୍କୁ ବ୍ୟାଟିଂ ଟିପ୍ସ ଦେଉଛନ୍ତି ମୁଖ୍ୟ କୋଚ ରବି ଶାସ୍ତ୍ରୀ ।

### ଇନିଂସ ଓପନ୍ କରିବେ ରୋହିତ

ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତି ଦଳ ପାଇଁ ଝଟ୍‌କା ସଦୃଶ ହୋଇଛି। ତେବେ ଇଶାନ୍ତ ଶର୍ମା ଓ ମହମ୍ମଦ ସାମି ଏହା ସତ୍ତ୍ୱେ ଦାୟିତ୍ୱ ସମ୍ଭାଳିବେ। ରବୀନ୍ଦ୍ର ଜାଡେଜା ଓ ଅଶ୍ୱିନ୍ ସ୍ପିନ୍ ବିଭାଗରେ ଦାୟିତ୍ୱ ସମ୍ଭାଳିବେ।

ନବଗଠିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଏହି ସିରିଜରେ ଫେଭରାଇଟ୍ ବିବେଚିତ ହେଉଛି। ୪ବର୍ଷ ତଳରେ ଦକ୍ଷିଣ ଆଫ୍ରିକା ଭାରତ ଆସି ୩–୦ରେ ଟେଷ୍ଟ ସିରିଜ ପରାଜୟବରଣ କରିଥିଲା। ଅଧିନାୟକ ଫାଫ୍ ଡୁପ୍ଲେସିଙ୍କ ସମେତ ୫ଜଣ ଖେଳାଳି ଏହି ଦଳରେ ସଦସ୍ୟ ରହିଥିଲେ। ଅଭ୍ୟାସ ମ୍ୟାଚ୍‌ରେ ଓପନର ଏଡେନ ମାରକ୍ରାମ ଓ ଟେମ୍ବା ବଭୁମା ଭଲ ପ୍ରଦର୍ଶନ କରିଥିଲେ। ବଲ୍ ଟର୍ନ କଲେ ଏହି ଦୁଇ ବ୍ୟାଟ୍ସମ୍ୟାନ ଭଲ ଖେଳିବେ ବୋଲି ଆଶା କରାଯାଉଛି। ୩ ଦ୍ରୁତ ବୋଲର କାଗିସୋ ରାବାଡ଼ା, ଭର୍ନନ ଫିଲାଣ୍ଡର ଓ ଲୁନ୍‌ଗି ଏନ୍‌ଗିଡି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ଆକାଶ ମେଘୁଆ ରହିବା ସହିତ ବେଳକୁ ବେଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ୩ ଦ୍ରୁତ ବୋଲର ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି।

ଏହି ସିରିଜରେ ବାଜିମାରିଲେ ଭାରତ ଘରୋଇ ପରିବେଶରେ କ୍ରମାଗତ ୧୧ତମ ସିରିଜ ଜିତି ରେକର୍ଡ କରିବ। ଦକ୍ଷିଣ ଆଫ୍ରିକାର ଏହି ୩ ଦ୍ରୁତ ବୋଲରଙ୍କ ପ୍ରତି ଭାରତୀୟ ବ୍ୟାଟ୍ସମ୍ୟାନ ସତର୍କତା ଅବଲମ୍ବନ କରିବେ ବୋଲି ଆଶା କରାଯାଉଛି।

### ପନ୍ତ ବାଦ୍, ରିଦ୍ଧିମାନଙ୍କୁ ସୁଯୋଗ

ବିଶାଖାପାଟଣା, ୧।୧୦ (ପି.ଟି.)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ସ୍ଥାନୀୟ ଡ. ୱାଇ.ଏସ୍. ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମଠାରେ ଆରମ୍ଭ ହେବ। ଖରାପ ପ୍ରଦର୍ଶନ ଦେଇ ଗତି କରୁଥିବା ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ପ୍ରଥମ ଟେଷ୍ଟରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ବେଙ୍ଗଲର ରିଦ୍ଧିମାନ ଶାହ ପ୍ରଥମ ମ୍ୟାଚ୍‌ରେ ଖେଳିବେ ବୋଲି ଅଧିନାୟକ ବିରାଟ କୋହଲି ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଶାହଙ୍କୁ ଏହି ଅବସରରେ ବିଶ୍ୱର ‘ଶ୍ରେଷ୍ଠ ଉଇକେଟ୍‌କିପର’ ବୋଲି କୋହଲି ଅଭିହିତ କରିଛନ୍ତି। ୩୪ ବର୍ଷୀୟ ଶାହ ଆଘାତଜନିତ କାରଣ ଲାଗି ବହୁଦିନ ହେବ ଜାତୀୟ ଦଳରୁ ଦୂରେଇ ରହିଛନ୍ତି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ତାଙ୍କୁ ଦଳରେ ସ୍ଥାନ ମିଳିଥିଲା। କିନ୍ତୁ ଉଭୟ ମ୍ୟାଚ୍‌ରେ ଉଇକେଟ୍‌ରକ୍ଷଣ ଦାୟିତ୍ୱ ପନ୍ତଙ୍କୁ ମିଳିବାରୁ ଶାହଙ୍କୁ ନିରାଶ ହେବାକୁ ପଡ଼ିଥିଲା।

‘ହଁ ଶାହ ଫିଟ୍ ଓ ଫାଇନ୍ ରହିଛନ୍ତି। ଆମ ସହିତ ସେ ସିରିଜ ଆରମ୍ଭ କରିବେ। ତାଙ୍କ କିପିଂ ଦକ୍ଷତା ସମସ୍ତେ ଦେଖିଲା ଭଳି। ଯେତେବେଳେ ତାଙ୍କୁ ସୁଯୋଗ ମିଳିଛି ସେ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ଆଘାତଜନିତ ସମସ୍ୟା ଲାଗି ସେ ଦଳରୁ ବାଦ୍ ପଡ଼ିଥିଲେ। ମୋ ମତରେ ସେ ବିଶ୍ୱର ଶ୍ରେଷ୍ଠ ଉଇକେଟ୍‌କିପର’ ବୋଲି କୋହଲି ପ୍ରଥମ ଟେଷ୍ଟ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ଶାହ ୩୨ ଟେଷ୍ଟରୁ ୩୦.୬୩ ଆଭରେଜରେ ୧୧୬୪ ରନ୍ ସଂଗ୍ରହ କରିଛନ୍ତି। ଶେଷଥର ପାଇଁ ସେ ୨୦୧୮ ଜାନୁୟାରୀରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏହାପରେ ସେ କହୁଣିଜନିତ ଏବଂ ଆଙ୍ଗୁଠି ସମସ୍ୟା କାରଣରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ସୁଯୋଗ ପାଇଥିବା ଦିଲ୍ଲୀ ଉଇକେଟ୍‌କିପର ପନ୍ତ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଗୋଟିଏ ଲେଖାଏ ଶତକ ହାସଲ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ। ଏହାପରେ ୨୧ ବର୍ଷୀୟ ପନ୍ତ ଟେଷ୍ଟ ଫର୍ମାଟ୍‌ରେ ଭାରତ ପାଇଁ ପସନ୍ଦର ଉଇକେଟ୍‌କିପର ବନି ଯାଇଥିଲେ। କିନ୍ତୁ ନିକଟ ଅତୀତରେ ପନ୍ତଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି।



■ ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ରିଦ୍ଧିମାନ ଶାହା, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି ଓ ଇଶାନ୍ତ ଶର୍ମା।

■ ଦକ୍ଷିଣ ଆଫ୍ରିକା: ଫାଫ୍ ଡୁପ୍ଲେସି (ଅଧିନାୟକ), ଟେମ୍ବା ବଭୁମା, ଥେଉନିସ ଡି ବ୍ରୁଏନ, କ୍ୱିଣ୍ଟନ ଡି କକ୍, ଡିନ୍ ଏଲଗାର, ଜେବେର ହମ୍‌ଜା, କେଶବ ମହରାଜ, ଏଡେନ ମାରକ୍ରାମ, ସେନୁରାନ ମୁଥୁସାମି, ଲୁନ୍‌ଗି ଏନ୍‌ଗିଡି, ଅନରିଚ୍ ନୋର୍ଜ, ଭର୍ନନ ଫିଲାଣ୍ଡର, ଡେନ୍ ପିଟ୍, କାଗିସେ ରାବାଡ଼ା ଓ ରୁଡି ସେକେଣ୍ଡ।

ସମୟ: ୯.୩୦
ସ୍ଥାନ : ବିଶାଖାପାଟଣା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# ସଙ୍ଗକାରା ଏମ୍‌ସିସି ଅଧ୍ୟକ୍ଷ

ଲଣ୍ଡନ,୧।୧୦(ପି.ଟି.)

ପୂର୍ବତନ ଶ୍ରୀଲଙ୍କା ଅଧିନାୟକ କୁମାର ସଙ୍ଗକାରା ଐତିହାସିକ ମେରିଲବୋନ କ୍ରିକେଟ କ୍ଲବ୍ (ଏମ୍‌ସିସି)ର ଅଧକ୍ଷ ନିଯୁକ୍ତ ହୋଇଛନ୍ତି। ସେ ପ୍ରଥମ ଅଣ ବ୍ରିଟିଶ ବ୍ୟକ୍ତି ଭାବେ ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତି ପାଇଛନ୍ତି। ସେ ଆଗାମୀ ଏକ ବର୍ଷ ପାଇଁ ଏହି ପଦରେ ରହି ଦାୟିତ୍ୱ ନିର୍ବାହ କରିବେ। ଲଣ୍ଡନରେ ଗତ ମେ’ରେ ଅନୁଷ୍ଠିତ ଏମ୍‌ସିସି ବାର୍ଷିକ ସାଧାରଣ ବୈଠକରେ ଅଧକ୍ଷ ଆନ୍ଥୋନୀ ରେଫୋର୍ଡ ସାଙ୍ଗକାରାଙ୍କୁ ତାଙ୍କର ଉତ୍ତରାଧିକାରୀ ବୋଲି ଘୋଷଣା କରିଥିଲେ।

ଏହି ପଦରେ ନିଯୁକ୍ତ ହୋଇଥିବାରୁ ଆନନ୍ଦିତ ବୋଲି ସଙ୍ଗକାରା କହିଛନ୍ତି। କଠିନ ପରିଶ୍ରମ କରି ଏମ୍‌ସିସିର ମର୍ଯ୍ୟାଦା ଆହୁରି ବଢ଼ାଇବାକୁ ଚେଷ୍ଟା କରିବି ବୋଲି ସାଙ୍ଗକାରା କହିଛନ୍ତି। କ୍ରିକେଟର ପ୍ରଚାର, ପ୍ରସାର ପାଇଁ ଏମ୍‌ସିସି ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ମଧ ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ସଙ୍ଗକାରାଙ୍କ କାର୍ଯ୍ୟକାଳରେ ଇଂଲଣ୍ଡ ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ବିପକ୍ଷରେ ଦୁଇଟି ଲେଖାଏ ଟେଷ୍ଟ ଖେଳିବ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ମଧ ଦିନିକିଆ ସିରିଜ ଖେଳାଯିବ। ଏମ୍‌ସିସି ଅଧକ୍ଷ ପଦ ପାଇଁ ସାଙ୍ଗକାରା ହେଉଛନ୍ତି ଉପଯୁକ୍ତ ବ୍ୟକ୍ତି ବୋଲି ରେଫର୍ଡ କହିଛନ୍ତି। କ୍ରିକେଟକୁ ସେ ଭଲ ଭାବେ ବୁଝନ୍ତି ଓ କ୍ରିକେଟର ଶକ୍ତିକୁ ମଧ ସେ ଭଲ ଭାବେ ହୃଦୟଙ୍ଗମ କରନ୍ତି। ପ୍ରଥମ ଅଣ ବ୍ରିଟିଶ୍ ବ୍ୟକ୍ତି ଭାବେ ସେ ଏମ୍‌ସିସି ଅଧକ୍ଷ ପଦରେ ନିଯୁକ୍ତ ହୋଇଥିବାରୁ କ୍ରିକେଟରେ ଏକ ସକାରାତ୍ମକ ପ୍ରଭାବ ପଡିବ ବୋଲି ରେଫର୍ଡ ଆଶାବ୍ୟକ୍ତ କରିଛନ୍ତି। ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁଛି ବୋଲି ସେ ପଦ ଛାଡିବା ଅବସରରେ କହିଛନ୍ତି।

ଉଲ୍ଲେଖଥାଉ କି, ୪୧ ବର୍ଷୀୟ ସଙ୍ଗକାରା ୧୩୪ଟି ଟେଷ୍ଟ ଖେଳି ୧୨, ୪୦୦ ରନ ସଂଗ୍ରହ କରିଛନ୍ତି। ସେ ଏମ୍‌ସିସି ସହିତ ଦୀର୍ଘଦିନ ଧର ଜଡତ ରହିଆସିଛନ୍ତି। ଏହି କ୍ଲବ ବିପକ୍ଷରେ ସେ ୨୦୦୨ରେ ଖେଳିଥିଲେ। ପୁଣି ସେ ଏମ୍‌ସିସି ତରଫରୁ ୨୦୦୫ରେ ଅନ୍ତର୍ଜାତୀୟ ଏକାଦଶ ବିପକ୍ଷରେ ଲର୍ଡ୍ସରେ ଏକ ସୁନାମି ରିଲିଫ୍ ମ୍ୟାଚ୍ ମଧ ଖେଳିଥିଲେ। ୨୦୧୧ରେ ସେ ଏମ୍‌ସିସି ସ୍ପିରିଟ ଅଫ୍ କ୍ରିକେଟ କାଉଡ୍ରିରେ ଏକ ସୁନ୍ଦର ଭାଷଣ ଦେଇଥିଲେ। ୨୦୧୨ରେ ତାଙ୍କୁ ଏମ୍‌ସିସିର ସମ୍ମାନଜନକ ଲାଇଫ୍ ମେମ୍ବରଶିପ୍ ପ୍ରଦାନ କରାଯାଇଥିଲା। ଏହି ବର୍ଷ ମଧ ସେ ଏମ୍‌ସିସି ୱାର୍ଲ୍ଡ କ୍ରିକେଟ କମିଟିରେ ଯୋଗଦେଇଥିଲେ ଓ କ୍ଲବର ସକ୍ରିୟ ସଦସ୍ୟ ରହିଥିଲେ। ମଙ୍ଗଳବାର ଏମ୍‌ସିସିର ନୂଆ ଅଧକ୍ଷ ରୂପେ ସଙ୍ଗକାରା ଯୋଗ ଦେଉଥିବାରୁ ଆମେ ବହୁତ ଖୁସି। ଏମ୍‌ସିସିର ପ୍ରଥମ ଅନ୍ତର୍ଜାତୀୟ ଅଧକ୍ଷ ମନୋନୀତ କରିଥିବାରୁ ଆମେ ଆନ୍ଥୋନୀ ରେଫର୍ଡଙ୍କୁ କୃତଜ୍ଞତା ଜଣାଉଛୁ ବୋଲି ଏମ୍‌ସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସମ୍ପାଦକ ଗେ ଲାଭେଣ୍ଡ କହିଛନ୍ତି।



# କୋଲକାତାରେ ହେବ ଆଇପିଏଲ୍ ଖେଳାଳି ନିଲାମ

ନୂଆଦିଲ୍ଲୀ, ୧।୧୦ (ପି.ଟି.)

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣ ଲାଗି ଖେଳାଳି ନିଲାମ ପ୍ରକ୍ରିୟା କୋଲକାତାରେ ଡିସେମ୍ବର ୧୯ରେ ଅନୁଷ୍ଠିତ ହେବ। ପୂର୍ବ ଭାରତର ଏହି ବଡ଼ ସହର ପ୍ରଥମଥର ଲାଗି ଏହି ବ୍ୟୟବହୁଳ କ୍ରିକେଟ୍ ଲିଗ୍‌ର ଖେଳାଳି ନିଲାମ ପ୍ରକ୍ରିୟା ଆୟୋଜନ ପାଇଁ ସୁଯୋଗ ପାଇଛି। ପଶ୍ଚିମବଙ୍ଗର ରାଜଧାନୀ କୋଲକାତା ଆଇପିଏଲ୍ ଫ୍ରାଞ୍ଚାଇଜ୍ ‘କୋଲକାତା ନାଇଟ୍ ରାଇଡର୍ସ’ର ଘରୋଇ ସହର ହୋଇଥିବାବେଳେ ବଲିଉଡ୍ ସୁପର୍ ଷ୍ଟାର୍ ଶାହରୁଖ ଖାଁ ଏହାର ମାଲିକ ରହିଛନ୍ତି। ଆଇପିଏଲ୍ ଖେଳାଳି ନିଲାମ ପ୍ରକ୍ରିୟା ପ୍ରତିବର୍ଷ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଆସୁଥିଲା। ୨୦୧୯ ଖେଳାଳି ନିଲାମୀରେ ପ୍ରତି ଫ୍ରାଞ୍ଚାଇଜ୍‌କୁ ୮୨ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର ଅନୁମତି ପ୍ରଦାନ କରାଯାଇଥିଲା। କିନ୍ତୁ ୨୦୨୦ ସଂସ୍କରରେ ଏଥିରେ ବୃଦ୍ଧି ଘଟି ୮୫ କୋଟି ହୋଇଛି। ଫଳରେ ପ୍ରତି ଫ୍ରାଞ୍ଚାଇଜ ୮୫ କୋଟି ଟଙ୍କା ପର୍ଯ୍ୟନ୍ତ ଖେଳାଳି ନିଲାମୀ କରିପାରିବେ।




ଜାତୀୟ ସବ୍‌ଜୁନିୟର ଖୋଖୋ ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳ ।

### ୩ ଖେଳାଳିଙ୍କୁ ଫାଓ ପକ୍ଷରୁ ଆର୍ଥିକ ପୁରସ୍କାର

କଟକ ଅଫିସ,୧।୧୦

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୩ଜଣ ପ୍ରତିଭାବାନ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ମଙ୍ଗଳବାର ପ୍ରକାଶ କରାଯାଇଛି। ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଁ ୩ ଖେଳାଳିଙ୍କୁ ଫାଓ ପକ୍ଷରୁ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। କାଜାଖସ୍ତାନରେ ଅନୁଷ୍ଠିତ ୧୬ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ଶିବ ପ୍ରସାଦ, ରଞ୍ଜନ ସୋରେନ ଓ ୧୮ବର୍ଷରୁ କମ୍ ସାଫ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ଟଙ୍କଧର ବାଗ ଏହି ଆର୍ଥିକ ପୁରସ୍କାର ପାଇବେ ବୋଲି ଫାଓ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

# ଜାତୀୟ ସବ୍‌ଜୁନିୟର ଖୋଖୋ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ବୁଧବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ହେବାକୁଥିବା ୩୦ତମ ଜାତୀୟ ସବ୍‌ଜୁନିୟର ଖୋଖୋ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳ ଚୟନ ପାଇଁ ଓଡ଼ିଶା ଖୋଖୋ ଆସୋସିଏଶନ ପକ୍ଷରୁ ସପ୍ତାହେବ୍ୟାପୀ ପ୍ରଶିକ୍ଷଣ ଶିବିର ସେପ୍ଟେମ୍ବର ୨୪ରୁ ୩୦ ପର୍ଯ୍ୟନ୍ତ କେନ୍ଦୁଝର ଜିଲାର ନିଶାଗଡ଼ିଆ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ଓଡ଼ିଶା ବାଳିକା ଦଳ ଜାତୀୟ ପ୍ରତିଯୋଗିତାରେ ରନର୍ସଅପ୍ ହୋଇଥିବା ଓଡ଼ିଶା ଖୋଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ।

ଓଡ଼ିଶା ଦଳ(ବାଳିକା)– ଅନନ୍ୟା ପ୍ରଧାନ, ଅର୍ଚ୍ଚନା ପ୍ରଧାନ, ଇତିଶ୍ରୀ ଖଟୋଇ, ସ୍ମରଣିକା ସାହୁ, ମୋନିକା ନାୟକ, ଖ୍ୟାନପ୍ରଭା ନାୟକ, ଜୟସ୍ମିତା ତରେଇ, ଶିବାନୀ ଗମାଙ୍ଗୋ, ଅର୍ଚ୍ଚନା ମାଝି, ଶୁଭଶ୍ରୀ ସିଂ, କେନ୍ଦୁ ମୋନିକା, ଦାସମତୀ ଯୋଡ଼ିଆ। କୋଚ୍:ଦେବୀ ପ୍ରସାଦ ଦାସ, ମ୍ୟାନେଜର: କୁନମୁନ୍ ବେହେରା। ବାଳକ–ଦେବାଶିଷ ନାୟକ, ସନ୍ତୋଷ କୁମାର ଗୁରୁ, ସୁନୀଲ ପାତ୍ର, କୁନା ବେହେରା, ବସନ୍ତ ମୁଖୀ, ପପୁ ମାରାଣ୍ଡି, ବିଶାଲ ଓରାମ, ଛନ୍ଦା ଚରଣ ଶବର, ବାବୁଲି ତପନ, ସେକ୍ ତୋହିତ, ଚନ୍ଦନ ଗୌଡ଼, କ୍ଷୀରୋଦ ବିଶ୍ୱାଳ। କୋଚ୍: ଚିନ୍ତାମଣି ପ୍ରଧାନ, ମ୍ୟାନେଜର: ପ୍ରକାଶ କୁମାର ବେଜ୍।

### ଚିକରଡ଼ା ଗ୍ରାମରେ ଝାଡ଼ାବାନ୍ତି

# ଦୂଷିତ ପାଣି ପିଇ ପୁଣି ୧୦୦ ଆକ୍ରାନ୍ତ



ବୋରୱେଲ ନିକଟରେ ଆଲୋଚନା କରୁଛନ୍ତି ବିଧାୟକ, ସିଡିଏମଓ ଓ ନିର୍ବାହୀ ଯନ୍ତ୍ରୀ।

**ଗୋପାଳପୁର,୧।୧୦**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଚିକରଡ଼ା ଗ୍ରାମରେ ଦୂଷିତ ପାଣି ପିଇ ମଙ୍ଗଳବାର ପୁଣି ୧୦୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମରେ ୨ ଡାକ୍ତରୀ ଦଳ ପହଞ୍ଚି ଅସୁସ୍ଥଙ୍କ ଚିକିତ୍ସା କରିଥିଲେ। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ରାତିରେ ଏକ ଡାକ୍ତରୀ ଟିମ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିବେ ବୋଲି ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ କହିଛନ୍ତି। ଅପରପକ୍ଷରେ ଗ୍ରାମରେ ବ୍ଲିଚିଂ, ଓଆର୍‌ଏସ ବଣ୍ଟନ କରାଯାଉଛି।

ପୂର୍ବାହ୍ନରେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ସିଡିଏମଓ ବିଜୟ କୁମାର ପାଣିଗ୍ରାହୀ, ଆରଡବ୍ଲୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ମହାପାତ୍ର, ରଙ୍ଗେଇଲୁଣ୍ଡା ବିଡିଓ ଓ ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଗ୍ରାମରେ ପହଞ୍ଚି ଅସୁସ୍ଥଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ଏଥିସହ ଦୂଷିତ ଜଳ ପଶିଥିବା ବୋରୱେଲ ଦେଖିଥିଲେ। ପରେ ଏହି ଦୂଷିତ ପାଣିକୁ ପରୀକ୍ଷା କରାଯାଇଛି। ଆବଶ୍ୟକ ପଡ଼ିଲେ ପୁଣି ଏକ ନୂତନ ବୋରୱେଲ ଖୋଳାଯିବ ବୋଲି କୁହାଯାଇଛି।

ପ୍ରକାଶ ଯେ, ଗ୍ରାମର ବୋରୱେଲ ଖାଲୁଆ ସ୍ଥାନରେ ଥିବାରୁ ବର୍ଷା ପାଣି ସେଠାରେ ଜମି ରହିଥିଲା। ପରେ ଏହି ଦୂଷିତ ପାଣି ବୋରୱେଲ ଭିତରକୁ ପଶି ଯାଇଥିଲା। ଗ୍ରାମବାସୀ ଏହି ପାଣି ପିଇବା ଫଳରେ ରବିବାର ୩୦୦ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସୋମବାର ୩୦ ଜଣ ଗୁରୁତରଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ୨ ମାସ ହେଲା ଝିଅ ପତ୍ତା ମିଳୁନି

# ହତ୍ୟା ସନ୍ଦେହରେ ଥାନାରେ ଅଭିଯୋଗ କଲେ ମା’

**ବୁଗୁଡ଼ା,୧।୧୦(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ଝିଅଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ନେଇ ମା’ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ପୋଲିସ କହିଛି।

ବୁଗୁଡ଼ା ଥାନା ପୁରୁଣାପାଣି କେଶର ଗ୍ରାମର ଦୁଃଖୀ ଗୌଡ଼ଙ୍କ ଝିଅ ଶୁଭଶ୍ରୀ ସେପ୍ଟେମ୍ବର ୧୭ ତାରିଖରେ ଭଗବାନପୁର ଗ୍ରାମରେ ବିନା ଯୌତୁକରେ ବିବାହ ହୋଇଥିଲା। କିନ୍ତୁ ପରେ ତାଙ୍କ ଶ୍ୱଶୁର ଘର ଲୋକେ ୨ ଲକ୍ଷ ଟଙ୍କା ସହ ସୁନାମୁଦି ଓ ଚେନ ଦାବି କରି ବୋହୂ ଶୁଭଶ୍ରୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ତେଣୁ ଶୁଭଶ୍ରୀଙ୍କ ବାପା ଦୁଇ ମାସ ମଧ୍ୟରେ ଏସବୁ ଦେବେ ବୋଲି କହିଥିଲେ । କିନ୍ତୁ ଏଥିରେ ଶ୍ୱଶୁର ଘର ଲୋକେ ରାଜି ନ ହୋଇ ଶୁଭଶ୍ରୀଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ସେପ୍ଟେମ୍ବର ୧୮ ତାରିଖରେ ତୁମ ଝିଅ ୨ ମାସ ହେଲା କୁଆଡ଼େ ଚାଲି ଯାଇଛି ବୋଲି ଜ୍ୱାଇଁ ଫୋନରେ ଶୁଭଶ୍ରୀଙ୍କ ମା’ଙ୍କୁ କହିଥିଲେ। ଅନ୍ୟ ପଟେ ଶୁଭଶ୍ରୀ ତାଙ୍କ ମା’ଙ୍କୁ ଫୋନ କରୁନାହାନ୍ତି କି ଜ୍ୱାଇଁଙ୍କୁ ଫୋନ କଲେ ସେ ଉଠାଉ ନାହାନ୍ତି। ତେଣୁ ଝିଅକୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ସନ୍ଦେହ କରି ଶୁଭଶ୍ରୀଙ୍କ ମା’ ବୁଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି ।

# କାଠ ବୋଝେଇ ଟ୍ରାକ୍ଟର ଜବତ, ଜଣେ ଗିରଫ

**ଚନ୍ଦ୍ରଗିରି,୧।୧୦(ଡି.ଏନ.ଏ.)**

ମୋହନା ଥାନା କର୍ଚ୍ଚବାଡି ନିକଟ ଜଙ୍ଗଲରୁ କାଠ ଚୋରା ଚାଲାଣ ଅଭିଯୋଗରେ ମଙ୍ଗଳବାର ବନ ବିଭାଗ ଜଣଙ୍କୁ ଗିରଫ କରିଛି। ସେ ହେଲେ ଲୁଡ୍ରୁପଙ୍କା ଗ୍ରାମର ଓବେଦ ରଇତ। ତାଙ୍କ ନିକଟରୁ ୭୨ ଖଣ୍ଡ ଶାଳ କାଠ ସମେତ ଏକ ଟ୍ରାକ୍ଟର ଜବତ ହୋଇଛି। ପ୍ରକାଶ ଯେ, ସକାଳେ କର୍ଚ୍ଚବାଡି ନିକଟସ୍ଥ ରାଇସିଂ ଜଙ୍ଗଲରେ ପୂର୍ବରୁ କାଟି ରଖାଯାଇଥିବା କାଠ ଗାଡି ମାଲିକଙ୍କ ନିର୍ଦ୍ଦେଶରେ ନିଆଯାଉଥିଲା। ଖବର ପାଇ ମୋହନା ବନ ବିଭାଗ କର୍ମଚାରିମାନେ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରି ମୋହନା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଡ୍ରାଇଭରକୁ କୋର୍ଟ ଚାଲାଣ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶୀଘ୍ର ଧରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ